# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୧/୨୦୨୪ (୧୮ ପୃଷ୍ଠା) | Bhubaneswar, Friday, June 21/2024 | Page 18 | ₹ 7.00

୫୦ଶ ଭାଗ ୨୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 207 | ମୂଲ୍ୟ₹୭/-




**‘ମିର୍ଜାପୁର ୩’ ଟ୍ରେଲର ରିଲିଜ୍**

ଅଭିନେତା ପଙ୍କଜ ତ୍ରିପାଠୀଙ୍କ ‘ମିର୍ଜାପୁର ୩’ ୱେବ୍ ସିରିଜ୍‌ର ଟ୍ରେଲର ଗୁରୁବାର ରିଲିଜ୍ ହୋଇଛି।

୧୨

୧୫

**ସୂର୍ଯ୍ୟକୁମାରଙ୍କ ପ୍ରଭାବୀ ବ୍ୟାଟିଂ**

ଆଫଗାନିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ୍ ସୁପର-୮ ମ୍ୟାଚରେ ଭାରତର ସୂର୍ଯ୍ୟକୁମାର ଯାଦବ ପ୍ରଭାବୀ ବ୍ୟାଟିଂ ସହ ୫୩ ରନ କରିଛନ୍ତି।



# କେଜ୍‌ରିୱାଲଙ୍କୁ ମିଳିଲା ଜାମିନ



ଅରବିନ୍ଦ କେଜ୍‌ରିୱାଲ

**ନୂଆଦିଲ୍ଲୀ,୨୦।୬(ପି.ଟି.)**

ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଗୁରୁବାର ରାଉସ୍ ଆଭେନ୍ୟୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ତାଙ୍କୁ ୧ ଲକ୍ଷ ଟଙ୍କା ବ୍ୟକ୍ତିଗତ ବଣ୍ଡ ଜରିଆରେ ଜାମିନ ଦିଆଯାଇଛି। ସେ ଶୁକ୍ରବାର ତିହାର ଜେଲରୁ ବାହାରିପାରନ୍ତି। ରାୟକୁ ୪୮ ଘଣ୍ଟା ସ୍ଥଗିତ ରଖିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ନିବେଦନକୁ ବିଚାରପତି ନ୍ୟାୟ ବିନ୍ଦୁ ଅଗ୍ରାହ୍ୟ କରିଦେଇଥିଲେ। ରାୟ ପ୍ରକାଶ ପାଇବା ପରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ବାହାରେ ବାଣ ଫୁଟାଇ ଖୁସି ମନାଇଛନ୍ତି। ଏହା ସତ୍ୟର ବିଜୟ। ☞ପୃଷ୍ଠା-୮

# ଖରିଫରୁ ଧାନ କୁଇଣ୍ଟାଲ ୩୧୦୦ରେ କିଣାଯିବ

**ଭୁବନେଶ୍ୱର,୨୦।୬(ଅନିଲଦାସ)**

ସାଧାରଣ ନିର୍ବାଚନ-୨୦୨୪ରେ ଦଳର ଇସ୍ତାହାର ଘୋଷଣା ଅନୁଯାୟୀ, ଚାଷୀଙ୍କଠାରୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣାଯିବ। ଆସନ୍ତା ଖରିଫ ଋତୁରୁ ଚାଷୀଙ୍କଠାରୁ ବର୍ଦ୍ଧିତ ମୂଲ୍ୟରେ ଏହା କିଣାଯିବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ବୁଧବାର କେନ୍ଦ୍ର ସରକାର ଧାନ କୁଇଣ୍ଟାଲ ପ୍ରତି ୨୩୦୦ ଟଙ୍କା କରିବା ପରେ ରାଜ୍ୟ ସରକାରଙ୍କୁ ସୁବିଧା ହୋଇଛି। ନଚେତ୍ ସରକାରଙ୍କୁ କୁଇଣ୍ଟାଲ ପିଛା ୯୧୭ ଟଙ୍କା ଅଧିକ ଦେବାକୁ ପଡ଼ିଥାନ୍ତା। ଏବେ ୮୦୦ ଟଙ୍କା ଦେବାକୁ ପଡ଼ିବ। ଚାଷୀ ଧାନ ବିକ୍ରି କରିବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ପ୍ରାପ୍ୟ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପାଇଯିବେ। ଚାଷୀଙ୍କ ଧାନ କୌଣସି କଟନିଛଟନି କରାଯିବ ନାହିଁ। କଟନିଛଟନି କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ମିଲର ଚାଷୀଙ୍କୁ ହଇରାଣ କରିପାରିବେ ନାହିଁ। ଚାଷୀଙ୍କୁ ହଇରାଣ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଚାଷୀମାନେ ଦୀର୍ଘଦିନ ଧରି ଖରାବର୍ଷାରେ ମଣ୍ଡି ଆଗରେ ଧାନ ରଖି ବସିବେ ନାହିଁ। ସେମାନଙ୍କଠାରୁ ତୁରନ୍ତ ଧାନ ସଂଗ୍ରହ କରାଯିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି।





ଲୋକସେବା ଭବନଠାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରୁଛନ୍ତି।

## ଏଟିଏମ୍‌ରୁ ବାହାରିବ ଚାଉଳ

ଏହାବ୍ୟତୀତ ମନ୍ତ୍ରୀ କହିଛନ୍ତି ଟଙ୍କା ଭଳି ଏଟିଏମ୍‌ରୁ ଚାଉଳ ବାହାରିବ। ଏଭଳି ଚାଉଳ ଏଟିଏମ୍ ଭୁବନେଶ୍ୱରରେ ଖୋଲିବ। ରାଶନକାର୍ଡ ହିତାଧିକାରୀଙ୍କ ପାଇଁ ଭୁବନେଶ୍ୱରରେ ଚାଉଳ ଏଟିଏମ୍ ଖୋଲିବ। ହିତାଧିକାରୀଙ୍କୁ ଏଟିଏମ୍ କାର୍ଡ ଦିଆଯିବ। ମେଶିନରେ କାର୍ଡ ଭର୍ତ୍ତି କଲେ ଚାଉଳ ବାହାରିବ। ଆସନ୍ତା ସପ୍ତାହକ ମଧ୍ୟରେ ଭୁବନେଶ୍ୱରରେ ପରୀକ୍ଷାମୂଳକ ଭାବେ ଏହି ବ୍ୟବସ୍ଥା ଆରମ୍ଭ କରାଯିବ। ପରେ ରାଜ୍ୟର ସବୁ ଜିଲାରେ ଚାଉଳ ଏଟିଏମ୍ ଖୋଲିବ। ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ(ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ)ର ଅଧିକାରୀଙ୍କ ସହିତ ଏନେଇ ଆଲୋଚନା ହୋଇଛି। ସେମାନେ ଏ ନେଇ ବୈଷୟିକ ଜ୍ଞାନକୌଶଳ ଯୋଗାଇଦେବେ।

ଗୁରୁବାର ମନ୍ତ୍ରୀ ପାତ୍ର ଲୋକସେବା ଭବନସ୍ଥିତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପରିଦର୍ଶନ କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। କୃଷକ ଓ ଖାଉଟିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦରଦାମ୍ ନିୟନ୍ତ୍ରଣ ସହ ☞ପୃଷ୍ଠା-୮

# ସୁଧୁରୁଛି ବାଲେଶ୍ୱର ସହର ସ୍ଥିତି

## ସକାଳ ୬ରୁ ୧୨ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ

**ବାଲେଶ୍ୱର,୨୦।୬(ମାନସ ବିଶ୍ୱାଳ)**

ବାଲେଶ୍ୱର ସହର ସ୍ଥିତିରେ ସୁଧାର ଆସିଥିବାରୁ କର୍ଫ୍ୟୁ ଆଉ ୨ ଘଣ୍ଟା ଅଧିକ କୋହଳ କରାଯାଇଛି। ଗୁରୁବାର ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଥିଲା। ଏହି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ବଜାରରେ ଲୋକଙ୍କ ପ୍ରବଳ ଗହଳି ହେଉଥିବାରୁ ଏହାକୁ ନଜରରେ ରଖି ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କୋହଳ କରାଯାଇଛି। ଶୁକ୍ରବାରଠାରୁ ଏହି କଟକଣା ଲାଗୁ ହେବ। ସ୍କୁଲ, କଲେଜ ଆଉ ୨ଦିନ ବନ୍ଦ ରହିବ। ୨୨ତାରିଖ ପର୍ଯ୍ୟନ୍ତ ଇଣ୍ଟରନେଟ ସେବା ବନ୍ଦ ରଖାଯାଇଥିବା ବେଳେ ଅତ୍ୟାବଶ୍ୟକ କାମ ପାଇଁ ଲ୍ୟାଣ୍ଡଲାଇନ ସେବା ଯୋଗାଇ ଦିଆଯାଇଥିବା ଜିଲାପାଳ ଆଶିଷ ଠାକରେ କହିଛନ୍ତି। ଅନ୍ୟପକ୍ଷରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ସମ୍ପୃକ୍ତ ଥିବା ୪୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୫୦ରୁ ଅଧିକ ବ୍ୟକ୍ତିଙ୍କୁ କର୍ଫ୍ୟୁ ଆଇନ ଭଙ୍ଗ ଅଭିଯୋଗରେ ଅଟକ ରଖାଯାଇଛି। ଗିରଫଦାରିଙ୍କ ସଂଖ୍ୟା ବଢ଼ିପାରେ ବୋଲି ଏସ୍‌ପି ସାଗରିକା ନାଥ କହିବା ସହ କୌଣସି ବ୍ୟକ୍ତି ଆଇନକୁ ହାତକୁ ନ ନେବାକୁ ଅନୁରୋଧ କରିଛନ୍ତି।

ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୪୦ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। କର୍ଫ୍ୟୁ ସମୟରେ ଘରୁ ନ ବାହାରି ପୋଲିସକୁ ସହଯୋଗ କରିବାକୁ ଜନସାଧାରଣଙ୍କୁ ଅପିଲ କରାଯାଇଛି। ବାଲେଶ୍ୱରକୁ ସଂଯୋଗ କରୁଥିବା ସବୁ ରାସ୍ତା ସିଲ୍ ☞ପୃଷ୍ଠା-୮

**ଆଜିର ସମ୍ପାଦକୀୟ**

**ୟୁରୋପରେ ନବ-ଫାସିବାଦ**







## ସଂକ୍ଷେପରେ

### ରାମାୟଣ ଉପରେ ବ୍ୟଙ୍ଗ ନାଟକ: ଆଇଆଇଟି ବମ୍ବେର ୮ ଛାତ୍ର ଦଣ୍ଡିତ

ମୁମ୍ବାଇ,୨୦।୬

ରାମାୟଣକୁ ବ୍ୟଙ୍ଗକରି 'ରାହୋବନ' ନାମରେ ଏକ ବିବାଦୀୟ ନାଟକ ପରିବେଷଣ କରିଥିବା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି) ବମ୍ବେର ୮ ଜଣ ଛାତ୍ରଙ୍କୁ ଦଣ୍ଡିତ କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ୧.୨ ଲକ୍ଷ ଟଙ୍କା ଲେଖାଏ ଜରିମାନା କରାଯାଇଥିବାବେଳେ ଅନ୍ୟ ୪ ଜଣଙ୍କୁ ୪୦,୦୦୦ ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଏଥିସହିତ ଜିମ୍‌ଖାନା ଆୱାର୍ଡରୁ ସେମାନଙ୍କୁ ବ୍ୟାନ୍ କରାଯିବା ସହ ଜୁନିୟର ପିଲାମାନଙ୍କୁ ହଷ୍ଟେଲ ସୁବିଧାରୁ ବାଦ୍ ଦିଆଯାଇଛି। ଗତ ମାର୍ଚ୍ଚ ୩୧ରେ ଆଇଆଇଟିର ପର୍‌ଫର୍ମିଂ ଆର୍ଟସ୍ ଫେଷ୍ଟିଭାଲ (ପିଏଏଫ୍)ରେ ଗୋଟିଏ ଗୋଷ୍ଠୀ ଛାତ୍ର ଏହି ବ୍ୟଙ୍ଗ ନାଟକ ପରିବେଷଣ କରିଥିଲେ। ପବିତ୍ର ହିନ୍ଦୁ ପୁରାଣ ରାମାୟଣ ଉପରେ ଅସ୍ପଷ୍ଟ ଆଧାରିତ ଏହି ନାଟକରେ ହିନ୍ଦୁ ଧର୍ମବିଶ୍ୱାସ ଏବଂ ଦେବଦେବୀଙ୍କୁ ଅପମାନିତ କରାଯାଇଥିଲା। ଏହା ବିରୋଧରେ ଏକାଧିକ ଅଭିଯୋଗ ଆସିବା ପରେ ଶୃଙ୍ଖଳା କମିଟି ବୈଠକ ବସି ଉପରୋକ୍ତ ଦଣ୍ଡବିଧାନ କରାଯାଇଛି।

### ବିହାର ସରକାରଙ୍କ ୬୫% ସଂରକ୍ଷଣକୁ ରଦ୍ଦକଲେ ହାଇକୋର୍ଟ

ନୂଆଦିଲ୍ଲୀ,୨୦।୬

ବିହାର ସରକାର ସରକାରୀ ନିଯୁକ୍ତି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ଥାନ ସଂରକ୍ଷଣ ସୀମା ୬୫ ପ୍ରତିଶତକୁ ବଢ଼ାଇଥିବାବେଳେ ପାଟନା ହାଇକୋର୍ଟ ଗୁରୁବାର ଏହାକୁ ରଦ୍ଦ କରିଦେଇଛନ୍ତି। ପଛୁଆ, ଅତ୍ୟଧିକ ପଛୁଆ ବର୍ଗ ଏବଂ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ବିହାର ସରକାର ସଂରକ୍ଷଣ ସୀମା ୫୦ରୁ ୬୫ ପ୍ରତିଶତକୁ ବଢ଼ାଇଥିଲେ। କୋଟା ବୃଦ୍ଧିର ସାମ୍ବିଧାନିକ ବୈଧତାକୁ ୧୦ଟି ରିଟ୍ ପିଟିଶନ ଜରିଆରେ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ମୁଖ୍ୟ ବିଚାରପତି କେ. ବିନୋଦ ଚନ୍ଦ୍ରନ ଏବଂ ଜଷ୍ଟିସ୍ ହରିଶ କୁମାରଙ୍କ ଖଣ୍ଡପୀଠ ଗତ ମାର୍ଚ୍ଚରେ ପିଟିଶନଗୁଡ଼ିକର ଶୁଣାଣି ଶେଷ କରିବା ପରେ ରାୟ ସଂରକ୍ଷିତ ରଖିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବରରେ ବିହାର ସରକାର ସଂରକ୍ଷଣ ଆଇନରେ ପରିବର୍ତ୍ତନ କରି କୋଟା ସୀମାକୁ ୫୦ରୁ ୬୫ ପ୍ରତିଶତକୁ ବଢ଼ାଇଥିଲେ। ସଂଶୋଧିତ କୋଟା ଆଇନ ଉପରେ ନଭେମ୍ବର ୨୧ରେ ରାଜ୍ୟ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା କାର୍ଯ୍ୟକାରୀ ହେବା ଫଳରେ ବିହାରରେ ସଂରକ୍ଷଣ ସୀମା ସର୍ବାଧିକ ୭୫ ପ୍ରତିଶତରେ ପହଞ୍ଚିଥିଲା। ହାଇକୋର୍ଟଙ୍କ ରାୟକୁ ବିହାର ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ।

### ଦଲାଇଲାମା ତାଙ୍କ ରାଜନୈତିକ ବିଚାର ବଦଳାନ୍ତୁ: ଚାଇନା

ବେଜିଂ,୨୦।୬(ପି.ଟି.)

ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ସହ ଆଲୋଚନା କରିବାକୁ ହେଲେ ତାଙ୍କୁ ନିଜ ରାଜନୈତିକ ବିଚାରଧାରା ସମ୍ପୂର୍ଣ୍ଣ ସଂଶୋଧନ କରିବାକୁ ହେବ ବୋଲି ଗୁରୁବାର ଚାଇନା କହିଛି। କଠୋର ତିବ୍ବତ ଆଇନ ପ୍ରଣୟନ କରିବାକୁ ଯାଉଥିବା ଆମେରିକାକୁ ଏହି ପ୍ରସଙ୍ଗରେ ଚାଇନାର ସମ୍ବେଦନଶୀଳତା ଏବଂ ଗୁରୁତ୍ୱକୁ ସମ୍ମାନ ଜଣାଇବାକୁ ହେବ ବୋଲି ବେଜିଂ କହିଛି। ଚତୁର୍ଦ୍ଦଶ ଦଲାଇଲାମାଙ୍କ ସହ କେନ୍ଦ୍ରୀୟ ସରକାରଙ୍କ ଯୋଗାଯୋଗ ଏବଂ ଆଲୋଚନା ପାଇଁ ଚାଇନାର ନୀତି ସୁସଙ୍ଗତ ଏବଂ ସ୍ପଷ୍ଟ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି।




"ଆମ ଭବିଷ୍ୟତ ଅନ୍ଧାର ହୋଇଗଲା।"

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ଏନ୍‌ଟିଏକୁ ରଦ୍ଦ ଦାବିରେ ଗୁରୁବାର ନୂଆଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରୀଙ୍କୁ ପୋଲିସ ଅଟକାଉଛି।

# ଡାର୍କନେଟ୍‌ରେ ପ୍ରଶ୍ନପତ୍ର

ନୂଆଦିଲ୍ଲୀ,୨୦।୬

କେନ୍ଦ୍ର ସରକାର ପରୀକ୍ଷା ପରିଚାଳନାଗତ ବିଶ୍ୱସନୀୟତା ହରାଇଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ଆୟୋଜିତ ଗୋଟିଏ ପରେ ଗୋଟିଏ ପ୍ରବେଶିକା ପରୀକ୍ଷାରେ ବିଭ୍ରାଟ ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି।




**ଡାର୍କନେଟ୍ ହେଉଛି ଇଣ୍ଟରନେଟ୍‌ର ଅନ୍ଧାରୀ ଦୁନିଆ, ଯାହା ସମ୍ପର୍କରେ ଅଧିକାଂଶ ୟୁଜର୍ସ ଜାଣନ୍ତି ନାହିଁ। ପାରମ୍ପରିକ ସର୍ଚ୍ଚ ଇଞ୍ଜିନ୍‌ଗୁଡ଼ିକରେ ଖୋଜିଲେ ମଧ୍ୟ ଏହା ମିଳି ନ ଥାଏ। ସମ୍ପ୍ରତି ଡ୍ରଗ୍ସ ମାଫିଆ, ହ୍ୟାକର୍ସ ଓ ଅନ୍ୟ ସଂଗଠିତ ଅପରାଧୀମାନେ ଏହାକୁ ବ୍ୟବହାର କରି ବଡ଼ ସାଇବର ଅପରାଧ ଘଟାଉଛନ୍ତି।**

## ପ୍ରଘଟ ମାନିଲେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର
## ମାମଲା ରୁଜୁ କଲା ସିବିଆଇ




ଗତ ୧୮ ତାରିଖରେ ଅନୁଷ୍ଠିତ ୟୁଜିସି-ନେଟ୍ ପରୀକ୍ଷାରେ ବଡ଼ ଧରଣର ଦୁର୍ନୀତି ହୋଇଥିବା ସାମ୍ନାକୁ ଆସିଛି। ୧୧ ଲକ୍ଷ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିବାବେଳେ ଦିନକ ପରେ ଏଣ୍ଟ୍ରାନ୍ସକୁ ରଦ୍ଦ କରିଦିଆଯାଇଥିଲା। ନିରାଶ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ସହ ରାଜନୀତି ତେଜିବାରେ ଲାଗିଥିବାବେଳେ ପ୍ରଶ୍ନପତ୍ର ଡାର୍କନେଟ୍‌ରେ ପ୍ରଘଟ ହୋଇଥିବା ବିଷୟ ଖୋଦ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱୀକାର କରିଛନ୍ତି। ପ୍ରଶ୍ନପତ୍ର ଦୁର୍ନୀତିରେ ସମ୍ପୃକ୍ତ ଏନ୍‌ଟିଏ ଅଧିକାରୀ/ବ୍ୟକ୍ତିଙ୍କୁ ଧରିବା ପାଇଁ ଗୁରୁବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଏନ୍‌ଇଇଟି ପରେ ୟୁଜିସି-ନେଟ୍ ପରୀକ୍ଷାରେ ବିଭ୍ରାଟକୁ ନେଇ ଦେଶର ବିଭିନ୍ନ ଭାଗରେ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଲାଣି। ଏପରି କି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନ ଓ ଶିକ୍ଷା ମନ୍ତ୍ରଣାଳୟ ବାହାରେ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ଗୁରୁବାର ବିକ୍ଷୋଭ କରାଯାଇଛି। ବିବାଦ ଘନେଇବାରେ ଲାଗିଥିବାବେଳେ ଶିକ୍ଷାମନ୍ତ୍ରୀ ଏହା ଉପରେ ସ୍ପଷ୍ଟୀକରଣ ରଖିଛନ୍ତି। ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି, ଏକ ଉଚ୍ଚସ୍ତରୀୟ କମିଟି ଏନ୍‌ଟିଏର କାର୍ଯ୍ୟକାରିତା ଯାଞ୍ଚ କରିବ। ଏନ୍‌ଟିଏ ଅଧିକାରୀ ହୁଅନ୍ତୁ ବା ଅନ୍ୟ କେହି, ଅନିୟମିତତାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ଏନ୍‌ଟିଏ କାର୍ଯ୍ୟକାରିତାର ସମୀକ୍ଷା ସମ୍ପର୍କିତ ବିଜ୍ଞପ୍ତି ଖୁବ୍‌ଶୀଘ୍ର ପ୍ରକାଶ ପାଇବ। ତେବେ ଅସାଧୁ ଉପାୟ ଅବଲମ୍ବନର କିଛି ଘଟଣା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଅନେକ ଲକ୍ଷ ଛାତ୍ରୀଛାତ୍ରଙ୍କୁ ପ୍ରଭାବିତ କରିବା ଅନୁଚିତ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଉକ୍ତ ପ୍ରସଙ୍ଗରେ ରାଜନୀତି ନ କରିବାକୁ ସେ ଦଳଗୁଡ଼ିକୁ ଅନୁରୋଧ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି, ନିୟମିତତା ହୋଇଥିବା ବିଷୟ ସରକାରଙ୍କ ନଜରକୁ ଆସିଛି। ଡାର୍କନେଟ୍‌ରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିବା ପରେ ୟୁଜିସି-ନେଟ୍ ପରୀକ୍ଷାକୁ ରଦ୍ଦ କରିଦିଆଯାଇଛି। ବ୍ୟବସ୍ଥା ଉପରେ ଭରସା ରଖନ୍ତୁ। ସରକାର କୌଣସି ପ୍ରକାର ଅନିୟମିତତାକୁ ବରଦାସ୍ତ କରିବେ ନାହିଁ ସେ ଆଶ୍ୱାସନା ଦେଇଛନ୍ତି।

## ଫିଜିକ୍ସରେ ୮୫, କେମେଷ୍ଟ୍ରିରେ ୫

ପାଟନା,୨୦।୬

ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି) ପରୀକ୍ଷାଫଳ ବିଭ୍ରାଟକୁ ନେଇ ବିବାଦ ବଢ଼ିବାରେ ଲାଗିଥିବାବେଳେ ଦିନକୁ ଦିନ ଏସମ୍ପର୍କିତ ନୂଆ ତଥ୍ୟ ପ୍ରଘଟ ହେବାରେ ଲାଗିଛି। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ କରିବା ମାମଲାରେ ବିହାରର ୪ ଜଣ ଛାତ୍ର ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍କୋରକାର୍ଡ ପ୍ରଶ୍ନପତ୍ର ଲିକ୍‌ର କାହାଣୀ ବୟାନ କରୁଛି।

ପେପର ଲିକ୍ ମାମଲାରେ ଗିରଫ ବିହାରୀ ଛାତ୍ର ଅନୁରାଗ ଯାଦବ ପୋଲିସକୁ କହିଛନ୍ତି, ସେ ରାଜସ୍ଥାନର କୋଟାସ୍ଥିତ ଏକ ଏକ କୋଚିଂ ସେଣ୍ଟରରେ ମେଡିକାଲ ଏଣ୍ଟ୍ରାନ୍ସ ପାଇଁ ପ୍ରସ୍ତୁତ ହେଉଥିଲେ। ଗିରଫ ହୋଇଥିବା ଅନୁରାଗଙ୍କ ଦାଦା ସିକନ୍ଦର ଯାଦବେନ୍ଦୁ ତାଙ୍କୁ ପରୀକ୍ଷା ପାଇଁ ବ୍ୟବସ୍ଥା ହୋଇଯାଇଛି। ତେଣୁ ସମସ୍ତିପୁରକୁ ଫେରିଯିବାକୁ କହିଥିଲେ। ଅନୁରାଗ ଆହୁରି କହିଛନ୍ତି, ପରୀକ୍ଷା ପୂର୍ବ ରାତିରେ ତାଙ୍କ ପାଖକୁ କିଛି ପ୍ରଶ୍ନ ଆସିଥିଲା, ଯାହାର ଉତ୍ତର ସେ ରାତିରେ ଏକା ଖୋଜି ବାହାର କରିଥିଲେ। ମେ' ୫ରେ ପରୀକ୍ଷା ବେଳେ ପ୍ରଶ୍ନପତ୍ରରେ ସେହି ପ୍ରଶ୍ନଗୁଡ଼ିକ ରହିଥିଲା।

### ଗିରଫ ବିହାରୀ ପରୀକ୍ଷାର୍ଥୀଙ୍କ ମାର୍କ ହାର

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ଜାରି ସ୍କୋରକାର୍ଡରେ ଅନୁରାଗ ୭୨୦ରୁ ୧୮୫ ମାର୍କ ରଖିଥିଲେ। ତାଙ୍କ ମୋଟ ମାର୍କ ୫୪.୮୪ ପର୍ସେଣ୍ଟାଇଲ୍ ରହିଛି। କିନ୍ତୁ ବିଷୟଗୁଡ଼ିକୁ ଦେଖିଲେ ଅନୁରାଗ ଫିଜିକ୍ସରେ ୮୫.୮ ପର୍ସେଣ୍ଟାଇଲ୍ ରଖିଥିବାବେଳେ କେମେଷ୍ଟ୍ରିରେ ମାତ୍ର ୫ ପର୍ସେଣ୍ଟାଇଲ ରଖିଛନ୍ତି। ୨୨ ବର୍ଷୀୟ ଅନୁରାଗ ପରୀକ୍ଷା ପୂର୍ବରୁ ଫିଜିକ୍ସ ପ୍ରଶ୍ନପତ୍ର ପାଇଥିବାରୁ ଏତେ ମାର୍କ ରଖିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ସିକନ୍ଦର ପୋଲିସ ଆଗରେ କହିଛନ୍ତି, ଅମିତ ଆନନ୍ଦ ଓ ନୀତୀଶ କୁମାରଙ୍କ ସମେତ ୪ ଛାତ୍ରଙ୍କୁ ସେ ଯୋଗାଯୋଗ କରିଥିଲେ। ପ୍ରଶ୍ନପତ୍ର ପାଇଁ ଜଣ ପିଛା ୪୦ ଲକ୍ଷ ଟଙ୍କା ଦେବା ପାଇଁ ସେମାନେ ରାଜି ହୋଇଥିଲେ ବୋଲି ସିକନ୍ଦର କହିଛନ୍ତି।

## ଭାଜପା, ଆର୍‌ଏସ୍‌ଏସ୍ କବ୍‌ଜାରେ ଶିକ୍ଷାନୁଷ୍ଠାନ


ରାହୁଲ ଗାନ୍ଧୀ

ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକୁ ଭାଜପା ଏବଂ ଆର୍‌ଏସ୍‌ଏସ୍ ହାଇଜାକ୍ କରିନେଇଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷାରେ ଦୁର୍ନୀତି ଅଭିଯୋଗ ଆସିବାରେ ଲାଗିଥିବାବେଳେ ରାହୁଲ କହିଛନ୍ତି, 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ବେଳେ ତାଙ୍କ ସହ ଯୋଡ଼ିହୋଇଥିବା ବହୁ ଛାତ୍ରୀଛାତ୍ର ଭାରତରେ ନିରବଚ୍ଛିନ୍ନ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ଅଭିଯୋଗ ଆଣିଥିଲେ। ପ୍ରଧାନମନ୍ତ୍ରୀ କୁଆଡ଼େ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ବନ୍ଦ କରିଦେଇଥିଲେ। କିନ୍ତୁ ଦେଶ ଭିତରେ ଚାଲିଥିବା ପେପର ଲିକ୍‌କୁ ସେ କାହିଁକି ବନ୍ଦ କରିପାରୁନାହାନ୍ତି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଏନ୍‌ଟିଏର ଅପାରଗତା ପ୍ରସଙ୍ଗ ପାର୍ଲାମେଣ୍ଟରେ ଉଠାଇବେ ବୋଲି ରାହୁଲ କହିଛନ୍ତି।

## ଭର୍ତ୍ତୃହରି କାମଚଳା ବାଚସ୍ପତି

ନୂଆଦିଲ୍ଲୀ,୨୦।୬(ପି.ଟି.)



ଆସନ୍ତା ୨୪ରୁ ଅଷ୍ଟାଦଶ ଲୋକ ସଭାର ପ୍ରଥମ ଅଧିବେଶନ ଆରମ୍ଭ ହେଉଥିବାବେଳେ ଏହାକୁ ପରିଚାଳନା କରିବା ପାଇଁ ୭ ଥର ଏମ୍‌ପି ଥିବା ଭର୍ତ୍ତୃହରି ମହତାବଙ୍କୁ ଗୁରୁବାର କାମଚଳା ବାଚସ୍ପତି ନିଯୁକ୍ତ କରାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୯୫(୧) ଅନୁଯାୟୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକର ଭାଜପା ଏମ୍‌ପି ଭର୍ତ୍ତୃହରିଙ୍କୁ କାମଚଳା ବାଚସ୍ପତି ନିଯୁକ୍ତ କରିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ଭର୍ତ୍ତୃହରି ଲୋକ ସଭା ପରିଚାଳନା କରିବେ। ନବନିର୍ବାଚିତ ଏମ୍‌ପିମାନଙ୍କୁ କାମଚଳା ବାଚସ୍ପତି ଶପଥ ପାଠ କରାଇବେ।

## ରିଲ୍ସ ପାଇଁ ୧୦୦ ଫୁଟ ଉଚ୍ଚରୁ ଝୁଲିଲେ



ପୁଣେ, ୨୦।୬

ପୁଣେର ସ୍ୱାମୀ ନାରାୟଣ ମନ୍ଦିର ନିକଟସ୍ଥ ଏକ ବହୁତଳ ବିଲ୍ଡିଂ ଛାତରୁ ଜଣେ ଯୁବତୀ ବିପଦପୂର୍ଣ୍ଣ ଷ୍ଟଣ୍ଟ୍ କରୁଥିବାର ଭିଡିଓ ଗୁରୁବାର ସାମ୍ନାକୁ ଆସିଛି। ଯୁବତୀଜଣକ ସାଥୀ ଯୁବକଙ୍କ ହାତ ଧରି ୧୦୦ ଫୁଟ ଉଚ୍ଚରୁ ଝୁଲୁଥିବା ନଜର ଆସୁଛନ୍ତି। ସମ୍ପୃକ୍ତ ଯୁବତୀ ଓ ଯୁବକଙ୍କ ୨ ଜଣ ସାଙ୍ଗ ମୋବାଇଲରେ ସେମାନଙ୍କ ରିଲ୍ସ ରେକର୍ଡ କରୁଥିଲେ। ବିପଜ୍ଜନକ ଷ୍ଟଣ୍ଟ୍ କରୁଥିଲେ ମଧ୍ୟ ଏହି ଭିଡିଓରେ ଯୁବତୀଜଣକ ହସୁଥିବା ଲକ୍ଷ୍ୟ କରାଯାଇଛି। ରିଲ୍ସ ପାଇଁ ଏହି ପ୍ରୟାସକୁ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ସମାଲୋଚନା କରିଛନ୍ତି। ନିଜ ଜୀବନକୁ ବିପଦରେ ପକାଇ ରିଲ୍ସ କରୁଥିବାରୁ ଉଭୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଉଠିଛି। ବର୍ତ୍ତମାନ ସୁଦ୍ଧା ଏ ସଂକ୍ରାନ୍ତରେ କୌଣସି ମାମଲା ରୁଜୁ ହୋଇନାହିଁ।

## ୩୮ ଥର ଗୁଳି କରିଥିଲେ ବର୍ଗର କିଙ୍ଗ୍ ଶୁଟର

ନୂଆଦିଲ୍ଲୀ,୨୦।୬

ପଶ୍ଚିମ ଦିଲ୍ଲୀର ରାଜୌରୀ ଗାର୍ଡେନ୍ ଅଞ୍ଚଳରେ ଥିବା ଲୋକପ୍ରିୟ ଫାଷ୍ଟଫୁଡ୍ ଜଏଣ୍ଟ 'ବର୍ଗର କିଙ୍ଗ'ରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମଙ୍ଗଳବାର ରାତି ୯ଟା ୪୧ ମିନିଟ୍‌ରେ ୨୬ ବର୍ଷୀୟ ଅମନ୍ ଜଣେ ମହିଳାଙ୍କ ସହ ବର୍ଗର କିଙ୍ଗ୍ ମଧ୍ୟରେ ବସିଥିବାବେଳେ ପଛପଟୁ ୨ ଜଣ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଅମନ୍ ବିଲିଂ କାଉଣ୍ଟର ଆଡ଼କୁ ପଳାଇବାରୁ ଆକ୍ରମଣକାରୀମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ୩୮ ରାଉଣ୍ଡ ଗୁଳି ଚଳାଇଥିଲେ। ହତ୍ୟାକାଣ୍ଡ ପଛରେ ୨୧ ବର୍ଷୀୟ ହିମାଂଶୁ ଭାଉ ଓରଫ ଛୋଟା ଡନ୍ ଥିବା ଜଣାପଡ଼ିଛି। ଗ୍ୟାଙ୍ଗଷ୍ଟର ହିମାଂଶୁଙ୍କ ଘର ହରିୟାଣାର ରୋହତକ୍ ଅନ୍ତର୍ଗତ ରତାଉଲି ଗ୍ରାମରେ ହୋଇଥିବାବେଳେ ସେ ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ରହୁଥିଲେ। ହରିୟାଣାରେ ୨୦୨୦ରେ ହୋଇଥିବା ଏକ ହତ୍ୟାକାଣ୍ଡର ପ୍ରତିଶୋଧ ନେବାକୁ ଯାଇ ଅମନ୍‌ଙ୍କୁ ହତ୍ୟା କରାଯାଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି।

# ବିଷାକ୍ତ ମଦ ପିଇ ୪୦ ମୃତ

ଚେନ୍ନାଇ,୨୦।୬

ତାମିଲନାଡୁର କାଲ୍ଲାକୁରିଚି ଜିଲାରେ ବିଷାକ୍ତ ମଦ ପିଇ ୪୦ ଜଣଙ୍କ ଜୀବନ ଯାଇଛି। ଅନେକ ଅସୁସ୍ଥଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ବିରୋଧୀ ଏଆଇଏଡିଏମ୍‌କେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ ଇସ୍ତଫା ଦାବି କରିଛି।

ରାଜଧାନୀ ଚେନ୍ନାଇରୁ ୨୫୦ କି.ମି. ଦୂର କାଲ୍ଲାକୁରିଚିରେ କିଛିଦିନ ଧରି ବହୁ ଲୋକ ବିଷାକ୍ତ ମଦ ପିଇଛନ୍ତି। ସେମାନଙ୍କ ମଧ୍ୟରୁ ୬୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇପଡ଼ିଛନ୍ତି। ଇତିମଧ୍ୟରେ ୩୭ ଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଲାଣି। ୧୮ ଜଣଙ୍କୁ ପଣ୍ଡିଚେରୀର ଜେଆଇପିଏମ୍‌ଇଆର୍ ହସ୍ପିଟାଲ ଏବଂ ଅନ୍ୟ ୬ ଅସୁସ୍ଥଙ୍କୁ ସଲେମ୍ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଜଣକୁ ଗିରଫ କରିବା ସହ ଆଉ କେତେଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତମାନେ ବିଷାକ୍ତ ମିଥାନଲ ମିଶାଇ ମଦ ପ୍ରସ୍ତୁତ କରୁଥିଲେ ଏବଂ ତାକୁ ବୋତଲରେ ଭରି ବିକ୍ରି କରୁଥିଲେ ବୋଲି ଫରେନ୍‌ସିକ୍ ତଦନ୍ତରୁ ଜଣାପଡ଼ିଛି। ଇତିମଧ୍ୟରେ ରାଜ୍ୟ ସରକାର ଜିଲା ପୋଲିସ ମୁଖ୍ୟ ସମୟ ସିଂ ମୀନାଙ୍କୁ ଦାୟିତ୍ୱରେ ଅବହେଳା ପାଇଁ ନିଲମ୍ବନ କରିଛନ୍ତି। ଏଥିସହ ଉକ୍ତ ମାମଲାର ତଦନ୍ତ କ୍ରାଇମ୍ ବ୍ରାଞ୍ଚ-ସିଆଇଡିକୁ ହସ୍ତାନ୍ତର କରିଛନ୍ତି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ କହିଛନ୍ତି। ମାଡ୍ରାସ୍ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଏହାର ତଦନ୍ତ କରିବେ। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।


ହସ୍ପିଟାଲରେ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି ତାମିଲନାଡୁ ମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍।

# ଦିଲ୍ଲୀରେ ୪୮ ଘଣ୍ଟାରେ ୫୦ ଅଂଶୁଘାତ ମୃତ୍ୟୁ

ନୂଆଦିଲ୍ଲୀ,୨୦।୬

ରାଜଧାନୀ ଦିଲ୍ଲୀରେ ଗତ କିଛିଦିନ ହେଲା ପ୍ରଚଣ୍ଡ ଗ୍ରୀଷ୍ମଲହରି ଜାରି ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ସହରର ବିଭିନ୍ନ ଅଞ୍ଚଳରୁ ୫୦ ମୃତଦେହ ମିଳିଥିବା ପୋଲିସ କହିଛି। ସମସ୍ତ ମୃତକ ଆର୍ଥିକ ଦୁର୍ବଳ ଶ୍ରେଣୀର ହୋଇଥିବାବେଳେ ପାରିପାର୍ଶ୍ୱିକ ସ୍ଥିତିକୁ ଲକ୍ଷ୍ୟ କଲେ ସେମାନେ ଗ୍ରୀଷ୍ମଲହରରେ ପ୍ରାଣ ହରାଇଥିବା କୁହାଯାଉଛି। ସେଣ୍ଟର ଫର୍ ହୋଲିଷ୍ଟିକ୍ ଡେଭେଲପ୍‌ମେଣ୍ଟ ଏନ୍‌ଜିଓର ରିପୋର୍ଟ ଅନୁଯାୟୀ ଜୁନ୍ ୧୧ରୁ ୧୯ ମଧ୍ୟରେ ୧୯୨ ଜଣ ବାସହୀନଙ୍କ ମୃତ୍ୟୁ ଘଟିଛି।

ହସ୍ପିଟାଲଗୁଡ଼ିକର ରିପୋର୍ଟ ଅନୁଯାୟୀ ଗତ ୨ ଦିନରେ ଦିଲ୍ଲୀରେ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ଅତ୍ୟଧିକ ବଢ଼ିଛି। ଗତ ୨୪ ଘଣ୍ଟାରେ ରାମ ମନୋହର ଲୋହିଆ ହସ୍ପିଟାଲ, ସଫଦରଜଙ୍ଗ ଏବଂ ଲୋକନାୟକ ହସ୍ପିଟାଲରେ ୨୨ ଜଣଙ୍କର ମୃତ୍ୟୁ ହୋଇଛି। ସଫଦରଜଙ୍ଗ ହସ୍ପିଟାଲରେ ୩୩ ଅଂଶୁଘାତ ରୋଗୀ ଭର୍ତ୍ତି ହୋଇଥିବାବେଳେ ୨୪ ଘଣ୍ଟାରେ ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ରାମମନୋହର ଲୋହିଆ ହସ୍ପିଟାଲରେ ୨୨ ଅଂଶୁଘାତ ରୋଗୀଙ୍କ ମଧ୍ୟରୁ ୪ ଜଣ ଓ ଲୋକନାୟକ ହସ୍ପିଟାଲରେ ୧୭ ଜଣଙ୍କ ମଧ୍ୟରୁ ୨୪ ଘଣ୍ଟାରେ ୫ ଜଣଙ୍କ ଜୀବନ ଯାଇଛି। ଦିଲ୍ଲୀର ମୁଖ୍ୟ ଶ୍ମଶାନ ନିଗମବୋଧ ଘାଟରେ ଶବସତ୍କାର ସଂଖ୍ୟା ବୃଦ୍ଧି ପାଇଛି। ଦିଲ୍ଲୀରେ ସର୍ବାଧିକ ତାପମାତ୍ରା


ଦିଲ୍ଲୀର ଏକ ହସ୍ପିଟାଲ୍‌ରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା କରାଯାଉଛି।

୪୩.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି, ଯାହାକି ସ୍ୱାଭାବିକଠାରୁ ୪ ଡିଗ୍ରୀ ଅଧିକ। ରାଜଧାନୀରେ ରାତିର ସର୍ବାଧିକ ତାପମାତ୍ରା ୩୫.୨ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚିଛି, ଯାହାକି ଗତ ୫୫ ବର୍ଷ ମଧ୍ୟରେ ଜୁନ୍‌ର ସର୍ବାଧିକ ତାପମାତ୍ରା।

## ହଜ୍ ମୃତ୍ୟୁସଂଖ୍ୟା ୧୦୦୦ ଟପିଲା

ରିୟାଧ,୨୦।୬

ସାଉଦି ଆରବରେ ପ୍ରବଳ ଗ୍ରୀଷ୍ମଲହରି ଜାରି ରହିଥିବାବେଳେ ଚଳିତ ବର୍ଷ ହଜ୍ ଯାତ୍ରା ବେଳେ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ୧,୦୦୦ ଟପିଛି। ସେଠାକୁ ଆସିଥିବା ୧୦ ଦେଶର ତୀର୍ଥଯାତ୍ରୀଙ୍କ ମଧ୍ୟରୁ ୧୦୮୧ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ବିନା ପଞ୍ଜୀକରଣରେ ହଜ୍ ଯାତ୍ରାରେ ଆସିଥିଲେ। ଗୁରୁବାର ସେଠାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ମଧ୍ୟରୁ ୫୮ ଜଣ କେବଳ ଇଜିପ୍ଟ ନାଗରିକ। ଇଜିପ୍ଟରୁ ଯୋଗଦେଇଥିବା ହଜ୍ ଯାତ୍ରୀଙ୍କ ମଧ୍ୟରୁ ମୋଟ ୬୫୮ ଜଣ ପ୍ରାଣ ହରାଇଥିବାବେଳେ ସେମାନଙ୍କ ମଧ୍ୟରୁ ୬୩୦ ଜଣ ପଞ୍ଜୀକୃତ ହୋଇ ନ ଥିଲେ ବୋଲି ଜଣେ ଆରବ କୂଟନୀତିଜ୍ଞ କହିଛନ୍ତି। ମୃତକଙ୍କ ମଧ୍ୟରେ ୬୮ ଭାରତୀୟ ରହିଛନ୍ତି। ଚାନ୍ଦ୍ର ଇସ୍‌ଲାମୀୟ କ୍ୟାଲେଣ୍ଡର ଅନୁଯାୟୀ ହଜ୍ ସମୟ ଧାର୍ଯ୍ୟ ହୋଇଥାଏ। ଚଳିତ ବର୍ଷ ସାଉଦି ଆରବରେ ତତଲା ତାୱା ଭଳି ଗ୍ରୀଷ୍ମ ଅନୁଭୂତ ହେଉଥିବାବେଳେ ହଜ୍ ପଡ଼ିଥିଲା। ମକ୍କାର ଗ୍ରାଣ୍ଡ ମସ୍‌ଜିଦରେ ଚଳିତ ସପ୍ତାହର ସର୍ବାଧିକ ତାପମାତ୍ରା ୫୧.୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ ହୋଇଛି।

### ସାମିଲ ହୋଇଥିଲେ ୧୮.୩୩ ଲକ୍ଷ ଯାତ୍ରୀ

ଚଳିତ ବର୍ଷ ହଜ୍‌ରେ ୨୨ ଦେଶରୁ ମୋଟ ୧୮.୩୩ ଲକ୍ଷରୁ ଅଧିକ ଯାତ୍ରୀ ସାମିଲ ହୋଇଥିବା ସାଉଦି ଆରବର ସାଧାରଣ ପରିସଂଖ୍ୟାନ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି। ସେମାନଙ୍କ ମଧ୍ୟରୁ କେବଳ ମକ୍କା ଓ ମଦିନାରୁ ୨,୨୧,୮୫୪ ଜଣ ହୋଇଥିବାବେଳେ ବାହାର ଦେଶର ଯାତ୍ରୀ ସଂଖ୍ୟା ୧୬,୧୧,୩୧୦ ବୋଲି ଜଣାପଡ଼ିଛି। ପୁରୁଷ ଯାତ୍ରୀଙ୍କ ସଂଖ୍ୟା ୯,୫୮,୧୩୭ ହୋଇଥିବାବେଳେ ମହିଳା ଯାତ୍ରୀ ୮,୭୫,୦୨୭ ଯୋଗ ଦେଇଥିଲେ। ଅନ୍ତର୍ଜାତୀୟ ଯାତ୍ରୀଙ୍କ ମଧ୍ୟରୁ ଆରବ ଦେଶଗୁଡ଼ିକର ୨୨.୩% ଆସିଥିବାବେଳେ ଏସିଆର ଅଣଆରବ ଦେଶରୁ ୬୩.୩%, ଆଫ୍ରିକୀୟ ଅଣଆରବ ଦେଶରୁ ୧୧.୩% ଏବଂ ୟୁରୋପ, ଆମେରିକା, ଅଷ୍ଟ୍ରେଲିଆ ଓ ଅନ୍ୟ ଅଞ୍ଚଳରୁ ୩.୨% ଯାତ୍ରୀ ହଜ୍ ଯାତ୍ରାରେ ଆସିଥିଲେ। ଅନ୍ତର୍ଜାତୀୟ ଯାତ୍ରୀଙ୍କ ମଧ୍ୟରୁ ୧୫,୪୬,୩୪୫ ଜଣ ବିମାନଯୋଗେ ଆସିଥିବାବେଳେ ସ୍ଥଳପଥରେ ୬୦,୨୫୧ ଏବଂ ସମୁଦ୍ର ପଥରେ ୪,୭୧୪ ଯାତ୍ରୀ ଆସିଥିଲେ।

ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୧/୨୦୨୪ | Bhubaneswar, Friday, June 21/2024 | ପୃଷ୍ଠା-୧



ସୁରମା ପାଢ଼ୀ ବାଚସ୍ପତି ଭାବେ ଗୁରୁବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ପ୍ରମୁଖ ତାଙ୍କୁ ସ୍ୱାଗତ କରୁଛନ୍ତି। **(ରିପୋର୍ଟ: ପୃଷ୍ଠା-୧୦)**

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

## ତେଜିଲା ଏନ୍‌ଇଇଟି-ୟୁଜି, ୟୁଜିସି-ନେଟ୍ ବିବାଦ

**ନୂଆଦିଲ୍ଲୀ,୨୦।୬**

ଡାକ୍ତରୀ ପାଠ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜି ୨୦୨୪ ଆୟୋଜନରେ ଦୁର୍ନୀତି ଓ ଅନିୟମିତତା ଯୋଗୁ ୨୪ ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି। ତେଣୁ ଉକ୍ତ ପରୀକ୍ଷାକୁ ସମ୍ପୂର୍ଣ୍ଣ ରଦ୍ଦକରି ଅଦାଲତଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ କରାଯାଉ ବୋଲି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଖଲ ହୋଇଛି। ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାର ଏବଂ ପରୀକ୍ଷା ଆୟୋଜକ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ଏହା ଉପରେ ଜବାବ ମାଗିଛନ୍ତି। ଏଥିସହ ବିଭିନ୍ନ ହାଇକୋର୍ଟରେ ଦାଲଖ ହୋଇଥିବା ଏ ସମ୍ପର୍କିତ ପିଟିଶନଗୁଡ଼ିକର ଶୁଣାଣି ଉପରେ ମଧ୍ୟ ଶୀର୍ଷ ଅଦାଲତ ସ୍ଥଗିତାଦେଶ ଜାରି କରିଛନ୍ତି। ତେବେ ଇତିମଧ୍ୟରେ କାଉନ୍‌ସେଲିଂ ପ୍ରକ୍ରିୟା ଜାରି ରହିବ ବୋଲି ଦୁଇଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ଦେଶର ସରକାରୀ ଏବଂ ଘରୋଇ ଅନୁଷ୍ଠାନଗୁଡ଼ିକରେ ଏମ୍‌ବିବିଏସ୍, ବିଡିଏସ୍, ଆୟୁଷ ଓ ଅନ୍ୟ ସମ୍ପର୍କିତ ପାଠ୍ୟକ୍ରମରେ ନାମଲେଖା ପାଇଁ ନ୍ୟାଶନାଲ ଏଲିଜିବିଲିଟି-କମ୍-ଏଣ୍ଟ୍ରାନ୍ସ (ଏନ୍‌ଇଇଟି-ୟୁଜି) ପ୍ରବେଶିକା ପରୀକ୍ଷା ଗତ ମେ' ୫ରେ ଅନୁଷ୍ଠିତ ହୋଇଥିଲା। ☞ପୃଷ୍ଠା-୮



ନୂଆଦିଲ୍ଲୀସ୍ଥିତ ଶିକ୍ଷା ମନ୍ତ୍ରଣାଳୟ ଆଗରେ ଗୁରୁବାର ବିକ୍ଷୋଭରତ ଛାତ୍ରଙ୍କୁ ପୋଲିସ ଉଠାଇନେଉଛି। **(ଫଟୋ: ଚମନ ଗୌତମ)**

## ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ବାସଭବନ, ମନ୍ତ୍ରଣାଳୟ ସମ୍ମୁଖରେ ବିକ୍ଷୋଭ

**ନୂଆଦିଲ୍ଲୀ,୨୦।୬**

ଏନ୍‌ଇଇଟିରେ ଦୁର୍ନୀତି ଏବଂ ୟୁଜିସି-ନେଟ୍ ପରୀକ୍ଷା ବାତିଲ ପ୍ରତିବାଦରେ ଗୁରୁବାର ବହୁ ଛାତ୍ରୀଛାତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୂଆଦିଲ୍ଲୀସ୍ଥିତ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨ ଡଜନରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକ ରଖିଛି। କେନ୍ଦ୍ରୀୟ ଦିଲ୍ଲୀସ୍ଥିତ ଶିକ୍ଷାମନ୍ତ୍ରୀଙ୍କ ବାସଭବନ ସମେତ ଶିକ୍ଷା ମନ୍ତ୍ରଣାଳୟ ବାହାରେ ମଧ୍ୟ ବିକ୍ଷୋଭରତ ବିଭିନ୍ନ ଛାତ୍ର ସଙ୍ଗଠନର ସଦସ୍ୟମାନଙ୍କୁ ଅଟକ ରଖାଯାଇଛି। ଉଭୟ ସ୍ଥାନରୁ ଦିଲ୍ଲୀ ପୋଲିସ ଉଠାଇନେଇଥିବା ଛାତ୍ରୀଛାତ୍ରମାନେ ଷ୍ଟୁଡେଣ୍ଟ୍ସ ଫେଡେରେଶନ୍ ☞ପୃଷ୍ଠା-୮

## ୨୨ରୁ ସ୍ୱାଭାବିକ ସମୟରେ ସ୍କୁଲ

**ଭୁବନେଶ୍ୱର,୨୦।୬**
**(ଅନୁରାଧା ମହାରଣା)**

ପାଣିପାଗ ବିଭାଗର ସୂଚନାକୁ ଆଧାର କରି ରାଜ୍ୟ ସରକାର ଆଉ ଦିନକ ପାଇଁ ସ୍କୁଲ୍‌ଗୁଡ଼ିକୁ ସକାଳୁଆ କରିଛନ୍ତି। ଶୁକ୍ରବାର ରାଜ୍ୟର ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସକାଳୁଆ ପାଠପଢ଼ା ହେବ। ସକାଳ ୬ଟା ୩୦ରୁ ପୂର୍ବାହ୍ଣ ୧୦ଟା ୩୦ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରହିବ। ତେବେ ୨୨ ତାରିଖରୁ ☞ପୃଷ୍ଠା-୮

## ଫେବୃଆରୀ ୯ରେ ବାରବାଟୀରେ ଭାରତ-ଇଂଲଣ୍ଡ କ୍ରିକେଟ ମ୍ୟାଚ

**ଭୁବନେଶ୍ୱର,୨୦।୬(ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟପ୍ରେମୀଙ୍କ ପାଇଁ ଖୁସି ଖବର। ପାଖାପାଖି ୫ ବର୍ଷ ବ୍ୟବଧାନରେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁ ଯାଉଛି ୫୦ ଓଭର ବିଶିଷ୍ଟ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଗୁରୁବାର ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ୨୦୨୫ ଫେବୃଆରୀ ୯ରେ ଏହି ମ୍ୟାଚ ଖେଳାଯିବ। ୨୦୨୫ ପ୍ରାରମ୍ଭରେ ଭାରତ ଗସ୍ତରେ ଆସି ଇଂଲଣ୍ଡ ୫ଟି ଟି୨୦, ୩ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ। ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚର ମୂକସାକ୍ଷୀ ରହିବ ଐତିହାସିକ ବାରବାଟୀ ଷ୍ଟାଡିୟମ। ପ୍ରଥମ ଦିନିକିଆ ଫେବୃୟାରୀ ୬ରେ ନାଗପୁର ଏବଂ ତୃତୀୟ ତଥା ଅନ୍ତିମ ଦିନିକିଆ ୧୨ ତାରିଖରେ ଅହମଦାବାଦରେ ଅନୁଷ୍ଠିତ ହେବ। ଦିନିକିଆ ସିରିଜ ପୂର୍ବରୁ ୫ଟି ଟି୨୦ ଯଥାକ୍ରମେ ଚେନ୍ନାଇ, କୋଲକାତା, ରାଜକୋଟ, ପୁଣେ ☞ପୃଷ୍ଠା-୮

DSPL - 24



**ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ**
**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଯୋଗ ହେଉଛି ଭାରତୀୟ ଦର୍ଶନ ଓ ଜ୍ଞାନପୁଞ୍ଜର ଏକ ଅନୁଭୂତିସିଦ୍ଧ ବିଭବ । ପ୍ରାଚୀନ ଭାରତୀୟ ସଂସ୍କୃତିରୁ ଉଦ୍ଭବ ପତଞ୍ଜଳିଙ୍କ ଯୋଗସୂତ୍ର ହେଉଛି ବିଶ୍ୱ ମାନବ ସମାଜକୁ ଭାରତର ଏକ ମହାର୍ଘ ଅବଦାନ ।

ଭାରତୀୟ ସଂସ୍କୃତିର ଏହି ଅନନ୍ୟ ଐଶ୍ୱର୍ଯ୍ୟରେ ମାନବ ସମାଜକୁ ସମୃଦ୍ଧ କରିବା ପାଇଁ ଭାରତର ପ୍ରସ୍ତାବ କ୍ରମେ, ମିଳିତ ଜାତିସଂଘ ୨୦୧୫ ମସିହା ଠାରୁ ଜୁନ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ରୂପେ ପାଳନ କରିଆସୁଛନ୍ତି । ଏହା ଆମ ଭାରତୀୟ ମାନଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ।

ଚଳିତ ବର୍ଷ ଯୋଗ ଦିବସର ପ୍ରମୁଖ ଲକ୍ଷ୍ୟ ହେଉଛି "ନିଜ ପାଇଁ ଓ ସମାଜ ପାଇଁ ଯୋଗ" । ଆସନ୍ତୁ, ଏହି ଲକ୍ଷ୍ୟ ସାଧନ ନିମନ୍ତେ ଆମେ ସମସ୍ତେ ନିୟମିତ ଭାବେ ଯୋଗାଭ୍ୟାସରେ ବ୍ରତୀ ହୋଇ ନିଜର ତଥା ସମାଜର କଲ୍ୟାଣ ସାଧନ କରିବା ସହ ସାମାଜିକ ଜୀବନକୁ ସଂହତିପୂର୍ଣ୍ଣ ଓ ସମୃଦ୍ଧ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ**
**ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା**

୨୦୨୪ ମସିହା ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ସମସ୍ତ ଓଡିଶାବାସୀ ଭଉଣୀଭାଇମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଯୋଗ କେବଳ ଆସନ, ପ୍ରାଣାୟମ ଏବଂ ବ୍ୟାୟାମ ନୁହେଁ । ଏହା ଏକ ସୁସ୍ଥ ଓ ସମାହିତ ଜୀବନ ଶୈଳୀ । ଯୋଗ ବ୍ୟକ୍ତିର ମାନସିକ ଓ ଶାରୀରିକ ସନ୍ତୁଳନ ରକ୍ଷା କରିବା ସହ ତାର ରୋଗ ପ୍ରତିରୋଧକ ଶକ୍ତି ଓ କାର୍ଯ୍ୟଦକ୍ଷତା ବଢ଼ାଇଥାଏ । ପ୍ରତିକୂଳ ପରିସ୍ଥିତିରେ ସମତାପୂର୍ଣ୍ଣ ଜୀବନ ନିର୍ବାହ କରିବାର ରାସ୍ତା ଦେଖାଇଥାଏ ।

ଚଳିତ ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ପ୍ରମୁଖ ବିଷୟବସ୍ତୁ ହେଉଛି ମୋ ନିଜ ପାଇଁ ଏବଂ ସମାଜ ପାଇଁ ଯୋଗ ।

ଆସନ୍ତୁ, ଏହି ମହାମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଯୋଗ ମାଧ୍ୟମରେ ଆମେ ନିଜେ ସୁସ୍ଥ ରହିବା ସହ ସମୁଦାୟ ମାନବ ସମାଜକୁ ମହାଋଷି ପତଞ୍ଜଳି କୃତ ଯୋଗସୂତ୍ରରେ ଉଦ୍ଭାସିତ ଓ ବିକଶିତ କରିବା ।

(ଡ. ମୁକେଶ ମହାଲିଙ୍ଗ)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ, ଓଡ଼ିଶା

OIPR-10056/13/0001/2425




# କଳିଙ୍ଗ ଷ୍ଟାଡିୟମରେ ଯୋଗଦେବେ ମୁଖ୍ୟମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀ

**ଅନ୍ତର୍ଜାତୀୟ ଯୋଗ ଦିବସ**

ଭୁବନେଶ୍ୱର, ୨୦।୬(ସୁନିତ୍ ମିଶ୍ର)

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ସକାଳ ୭ଟା ସମୟରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ରାଜ୍ୟସ୍ତରୀୟ ମଣ୍ଡଳର ସଦସ୍ୟ ଗଣ, ସାଂସଦ ଓ ବିଧାୟକଗଣ ମଧ୍ୟ ଜିଲାସ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ଏନେଇ ଏକ ତାଲିକା ପ୍ରକାଶ ପାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ୍ୟ କଳିଙ୍ଗ ଷ୍ଟାଡିୟମରେ ଯୋଗଦେବେ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନୟାପଲ୍ଲିସ୍ଥିତ କସ୍ତୁରବା ସ୍କୁଲ ଫିଲ୍ଡ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଏମ୍‌ପି ସମ୍ବିତ ପାତ୍ର କୋଣାର୍କ, ବାଚସ୍ପତି ସୁରମା ପାଢ଼ୀ ନୟାଗଡ଼, ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବିଧାୟକ ଟଙ୍କଧର ତ୍ରିପାଠୀ ଝାରସୁଗୁଡ଼ା, ମନ୍ତ୍ରୀ ରବି ନାରାୟଣ ନାଏକ ସମ୍ବଲପୁର, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଏମ୍‌ପି ବଳଭଦ୍ର ମାଝି ନବରଙ୍ଗପୁର, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଏମ୍‌ପି ରୁଦ୍ରନାରାୟଣ ପାଣି ଢେଙ୍କାନାଳ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଖୋର୍ଦ୍ଧା, ମନ୍ତ୍ରୀ ମୁକେଶ ମହାଲିଙ୍ଗ ବଲାଙ୍ଗୀର, ବିଭୂତି ଭୂଷଣ ଜେନା ବ୍ରହ୍ମପୁର, ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ଛତ୍ରପୁର, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବାରିପଦା, ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ରାଇରଙ୍ଗପୁର, ଏମ୍‌ପି ଅଭିମନ୍ୟୁ ସେଠୀ ଏବଂ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଭଦ୍ରକ, ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏବଂ ଏମ୍‌ପି ରବିନାରାୟଣ ବେହେରା ଯାଜପୁର ଏହିଭଳି ଅନ୍ୟ ମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ଯୋଗ ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ।

# ଆଜି ପୂର୍ବାହ୍ନ ୧୧ ଯାଏ ମହାପ୍ରଭୁଙ୍କ ଦର୍ଶନ ବନ୍ଦ

ପୁରୀ, ୨୦।୬
(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୨୨ ତାରିଖରେ ସ୍ନାନଯାତ୍ରା। ଏହି ଅବସରରେ ଚତୁର୍ଦ୍ଧାବିଗ୍ରହ ଶ୍ରୀମନ୍ଦିର ରତ୍ନବେଦି ଛାଡ଼ି ସ୍ନାନବେଦିକୁ ବିଜେ କରିବେ। ଶ୍ରୀବିଗ୍ରହମାନେ ସ୍ନାନବେଦିରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଭକ୍ତଙ୍କୁ ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେବେ। ତେବେ ମହାପ୍ରଭୁ ସ୍ନାନବେଦିକୁ ପହଣ୍ଡି ହୋଇ ଯିବା ପୂର୍ବରୁ ସେନାପଟାଲାଗି ସମେତ ବିଭିନ୍ନ ଗୁପ୍ତ ନୀତି ଅନୁଷ୍ଠିତ ହେବ। ଏହି ନୀତିକୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଦଇତାପତି ସେବକମାନେ ସମ୍ପାଦନ କରିଥାନ୍ତି। ଏହି ଗୁପ୍ତ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥାଏ। ତେଣୁ ୨୦ ତାରିଖ ଅର୍ଥାତ୍ ଗୁରୁବାର ବଡ଼ସିଂହାର ଭୋଗ ଶେଷ ହେବା ପରେ ଆପାତତଃ ରାତ୍ର ୧୨ଟାରୁ ୨୧ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଗୁପ୍ତନୀତି ସମ୍ପାଦନ ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୦।୬
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଅଞ୍ଚଳର ୩ ମାଓବାଦୀ ଗୁରୁବାର ମାଲକାନଗିରି ଆରକ୍ଷୀ ଅଧୀକ୍ଷକଙ୍କ ପାଖରେ ଆତ୍ମସମର୍ପଣ କରିଛନ୍ତି। ଏମାନେ ଗାଁରେ ରହୁଥିଲେ ଓ ମାଓବାଦୀ ସଙ୍ଗଠନକୁ ସୂଚନା ଦେଉଥିଲେ। ତେବେ ସିଆରପିଏଫ୍ କ୍ୟାମ୍ପ ପ୍ରତିଷ୍ଠା ପରେ ସଙ୍ଗଠନଠାରୁ ଦୂରେଇ ଯାଇଥିଲେ।

ସୂଚନା ଅନୁଯାୟୀ, ଏମାନେ ଛତିଶଗଡ଼ର ମାଓବାଦୀ ସଂଗଠନର ଦକ୍ଷିଣବସ୍ତର ଡିଭିଜନରେ କାର୍ଯ୍ୟରତ ଥିଲେ। ଏମାନଙ୍କ ମଧ୍ୟରୁ ଦେବା ନାମକ ମାଓବାଦୀ ୨୦୨୦ରେ ମାଓବାଦୀ ସଂଗଠନର ଗ୍ରାମରକ୍ଷା ଦଳରେ ସାମିଲ ହୋଇଥିବା ବେଳେ ଆଡ଼ମା ମିଲିସିଆ ଭାବେ ୨୦୧୯ରେ ସାମିଲ ହୋଇଥିଲେ। ସେହିଭଳି ମୁକା ମିଲିସିଆ ଭାବେ ୨୦୧୮ରେ ସାମିଲ ହୋଇଥିଲେ। ବର୍ତ୍ତମାନ ଉଭୟ ରାଜ୍ୟର ପୋଲିସ ଦ୍ୱାରା ବ୍ୟାପକ କୋମ୍ବିଂ, ବିଏସ୍ଏଫ୍ କ୍ୟାମ୍ପ ପ୍ରତିଷ୍ଠା ସହ କ୍ୟାଡର ମାଓବାଦୀଙ୍କ ନିର୍ଯାତନା ଯୋଗୁ ଆତ୍ମସମର୍ପଣ କରିଥିବା ଆତ୍ମସମର୍ପଣକାରୀ ମାଓବାଦୀ ମାନେ ପୋଲିସ ନିକଟରେ କହିଛନ୍ତି।

# ଭୂସ୍ଖଳନ ଦୃଶ୍ୟ ଥିଲା ଭୟାନକ

**ସିକିମ୍‌ରେ ଫସିବା ଘଟଣା**

କେନ୍ଦୁଝର, ୨୦।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଦୀର୍ଘ ପ୍ରାୟ ୮ ଦିନ ଧରି ଆସାମର ବିଭିନ୍ନ ସ୍ଥାନରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଭୂସ୍ଖଳନ ହୋଇ ଗମନାଗମନ ବନ୍ଦ ହୋଇଯାଇଥିଲା। ଫଳରେ ସେଠାକୁ ବୁଲିବାକୁ ଯାଇଥିବା ମୟୂରଭଞ୍ଜ ଜିଲାର ୫ ପର୍ଯ୍ୟଟକଙ୍କ ସମେତ ରାଜ୍ୟ ତଥା ଦେଶର ବହୁ ପର୍ଯ୍ୟଟକ ଫସି ରହିଥିଲେ। ସ୍ଥିତି ସ୍ୱାଭାବିକ ହୋଇଥିବା ବେଳେ ଫେରିବା ବାଟରେ ଫୋନ ଯୋଗେ ଭୂସ୍ଖଳନ ଓ ଉଦ୍ଧାର ସମୟର ଭୟାନକ ଦୃଶ୍ୟ ବର୍ଣ୍ଣନା କରିଛନ୍ତି। ସେଠାରେ ଅଟକିଥିବା ବେଳର ଦୁର୍ଦ୍ଦଶା ବଖାଣିଛନ୍ତି। 'ଧରିତ୍ରୀ'ରେ ସେମାନେ ଫସି ରହିବା ଖବର ପ୍ରକାଶ ପାଇବା ପରେ ରାଜ୍ୟ ସରକାର ସେମାନଙ୍କ ଉଦ୍ଧାର ପାଇଁ ପଦକ୍ଷେପ ନେଇଥିଲେ। ଫଳରେ ସେମାନେ ସୁରକ୍ଷିତ ଉଦ୍ଧାର ହୋଇଥିବାରୁ ଧନ୍ୟବାଦ ଜଣାଇଛନ୍ତି।

ଉଦ୍ଧାର ହୋଇଥିବା ମୟୂରଭଞ୍ଜ ଜିଲା ବିଶୋଇ ଅଞ୍ଚଳର ତାପସ ବେହେରା କହିଛନ୍ତି, ପ୍ରାୟ ୮ ଦିନ ହେବ ସାଙ୍ଗଙ୍କ ପରିବାର ସହ ୫ ଜଣ ଅଟକିଥିଲେ। ଖବର ପ୍ରକାଶ ପାଇବା ପରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ଜଣେ ଅଧିକାରୀ ସେମାନଙ୍କୁ ଫୋନ କରିଥିଲେ। ସିକିମ୍ ସରକାରଙ୍କ ଜଣେ ଅଧିକାରୀଙ୍କ ଫୋନ ନମ୍ବର ଦେଇ ଯୋଗାଯୋଗ କରିବାକୁ କହିଥିଲେ। ଯୋଗାଯୋଗ ପରେ


ଫସିଥିବା ପର୍ଯ୍ୟଟକମାନେ ପାଦଚଲା ରାସ୍ତାରେ ଗନ୍ତବ୍ୟ ସ୍ଥଳକୁ ଯାଉଛନ୍ତି।

## ଅନୁଭୂତି ବଖାଣିଲେ ଓଡ଼ିଆ ପର୍ଯ୍ୟଟକ

ସେମାନଙ୍କୁ ଖାଦ୍ୟ ମିଳିବା ସହ ଉଦ୍ଧାର ହୋଇଥିଲେ। ପାଗ ଖରାପ ଯୋଗୁ ହେଲିକପ୍ଟର ଯୋଗେ ଉଦ୍ଧାର କାର୍ଯ୍ୟ ହୋଇ ନ ପାରିବାରୁ ମଙ୍ଗଳବାର ସକାଳେ ସିକିମ୍ ସରକାରଙ୍କ ପର୍ଯ୍ୟଟନ, ଜଙ୍ଗଲ, ପୋଲିସ ତଥା ସେନା ସହାୟତାରେ ସଡ଼କ ପଥରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ପର୍ଯ୍ୟଟନ ବସ୍‌ରେ ବସି ପ୍ରାୟ ୩୦ କି.ମି. ପରେ ଅଟକିଯାଇଥିଲେ। ସେଠାରୁ ଭୂସ୍ଖଳନ ଯୋଗୁ ରାସ୍ତା ଓ ପୋଲ କ୍ଷତିଗ୍ରସ୍ତ ହୋଇଥିବାରୁ ୭ କି.ମି. ପାଦରେ ଚାଲିବାକୁ ପଡ଼ିଥିଲା। ରାସ୍ତାରେ ଭଙ୍ଗା କାଠପୋଲରେ ସେନାଙ୍କ ସହାୟତାରେ ପାର ହୋଇ ପୁଣି ଗାଡ଼ିରେ ବସାଇ ନେଇଥିଲେ। ପୁଣି ୫ କି.ମି. ଯିବା ପରେ ଚାଲିଚାଲି ଭଙ୍ଗା ପୋଲରେ ପାରହୋଇ ଯିବାକୁ ପଡ଼ିଥିଲା। ସେଠାରୁ ପ୍ରାୟ ୧ କି.ମି. ଚାଲିବା ପରେ ପୁଣି ଏକ ଗାଡ଼ିରେ ବସି ମଙ୍ଗନ ସେନା କ୍ୟାମ୍ପରେ ପହଞ୍ଚି ବିଶ୍ରାମ ନେବାକୁ ପଡ଼ିଥିଲା। ଗ୍ୟାଙ୍ଗ୍‌ଟକରେ ପହଞ୍ଚିବା ପରେ ସେଠାରୁ ସିଲିଗୁଡ଼ି ଯାଇ ନିଜ ଗାଡ଼ିରେ ଗୁରୁବାର ସକାଳେ ଘରକୁ ଫେରିବାକୁ ବାହାରିଥିଲେ ବୋଲି ତାପସ କହିଛନ୍ତି। ରାସ୍ତାରେ ପାହାଡ଼ରୁ ଅତଡା ଖସିବା ବା ଭୂସ୍ଖଳନର ଭୟଙ୍କର ଦୃଶ୍ୟ, ପୋଲ ନଷ୍ଟ ହୋଇଯାଇଥିବା ବେଳେ ଅସ୍ଥାୟୀ ପୋଲରେ ପାହାଡ଼ିଆ ନଦୀନାଳ ଝରଣା ପାରହେବା ଅଭିଜ୍ଞତା ଯେତେ ଆନନ୍ଦଦାୟକ ସେତେ ଭୟଙ୍କର ଥିଲା। ମାଗଣାରେ ହୋଟେଲରେ ରହିବା ବ୍ୟବସ୍ଥା ଥିଲା, କିନ୍ତୁ ଖାଦ୍ୟ କିଣି ଖାଇବାକୁ ପଡୁଥିଲା। ଓଡ଼ିଶା ସରକାରଙ୍କ ହସ୍ତକ୍ଷେପ ପରେ ଖାଦ୍ୟ ବ୍ୟବସ୍ଥା ହୋଇଥିଲା ବୋଲି କହିଛନ୍ତି। ଗସ୍ତ ମନେ ରହିବ, କିନ୍ତୁ ଆଉ ଥରେ ଯିବା ନିଷ୍ପତ୍ତି ପାଇଁ ମନକୁ ସୁଦୃଢ଼ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ଚଢ଼ାଉ କରିବାକୁ ଯାଇ ପୋଲିସ ହଟହଟା

**ରାତିସାରା ଅଟକ ରଖିଲେ ଗ୍ରାମବାସୀ**

ଚାନ୍ଦବାଲି, ୨୦।୬ (କିଷାନ ପାତ୍ର)

ଏକ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ରାତିଅଧିଆ ଚଢ଼ାଉ କରିବାକୁ ଯାଇଥିବା ବେଳେ ବାଂଶଡ଼ା ପୋଲିସକୁ ହଟହଟା ହେବାକୁ ପଡ଼ିଛି। ଭୁଲ୍ ଘରେ ଚଢ଼ାଉ ସହ ଆକ୍ରମଣ ଅଭିଯୋଗ ଆଣି ଲୋକେ ପୋଲିସକୁ ରାତିସାରା ଅଟକ ରଖିଥିଲେ। ସୂଚନା ଅନୁଯାୟୀ, ବାଂଶଡ଼ା ଥାନା କରଞ୍ଜମାଳ ଫାଣ୍ଡି ଅଧୀନ କରଞ୍ଜମାଳ ଗାଁର ଜଣେ ହତ୍ୟା ମାମଲାର ଅଭିଯୁକ୍ତ ଘଣ୍ଟେଶ୍ୱର ଫାଣ୍ଡି ଅଧୀନ ବ୍ରହ୍ମଚିକ୍ରି ଗ୍ରାମର ମୁରଲୀ ବିଳାସଙ୍କ ଘରେ ବୁଧବାର ରାତିରେ ଲୁଚିଥିବା ପୋଲିସ ଖବର ପାଇଥିଲା। ବାଂଶଡ଼ା ଥାନା ଅଧିକାରୀ ଦେବରାଜ ଜେନାଙ୍କ ନିର୍ଦ୍ଦେଶରେ ଘଣ୍ଟେଶ୍ୱର ଫାଣ୍ଡି ଅଧିକାରୀ ସୂର୍ଯ୍ୟକାନ୍ତ ମହାନ୍ତି ଏବଂ ୧୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ମୁରଲୀଙ୍କ ଘରେ ରାତିଅଧିଆ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ କବାଟ ଝରକା ଭାଙ୍ଗିବା, ତାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ଟଙ୍କା ନେଇଯିବା, ଘରର ମହିଳା ଏବଂ ପୁରୁଷଙ୍କୁ ଆକ୍ରମଣ ଅଭିଯୋଗ ଆଣି ଗ୍ରାମବାସୀ ହୋହଲ୍ଲା କରିଥିଲେ। ଏଥିସହ ଦୁଇଜଣ ଏଏସ୍ଆଇ ଓ ୫ କନଷ୍ଟେବଲଙ୍କୁ ଗ୍ରାମବାସୀ ରାତିରେ ଅଟକ ରଖିଥିଲେ। ବୁଝାଶୁଝା ପରେ ଗୁରୁବାର ସକାଳେ ଗ୍ରାମବାସୀ ପୋଲିସକୁ ଛାଡ଼ିଥିଲେ। ଏ ସମ୍ପର୍କରେ ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ କହିଛନ୍ତି, ଦୁଇଦିନ ପୂର୍ବରୁ ଘଟିଥିବା ଏକ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ସେହି ଘରେ ଲୁଚିଥିବା ନେଇ ଖବର ମିଳିବାରୁ ଚଢ଼ାଉ କରାଯାଇଥିଲା। ତେବେ ଉକ୍ତ ଘରେ ପୋଲିସ ଭଙ୍ଗାରୁଜା କରିବା ଓ ଆକ୍ରମଣ ଅଭିଯୋଗ ମିଛ ବୋଲି ସେ କହିଛନ୍ତି।

# ସମ୍ବଲପୁରରେ ଜଣ୍ଡିସ୍ ଆତଙ୍କ, ୫୯ ଚିହ୍ନଟ

**ଜଳଯୋଗାଣ ପାଇପ୍ ବଦଳ ପାଇଁ ପଦକ୍ଷେପ**

ସମ୍ବଲପୁର, ୨୦।୬(ପ୍ରମୋଦ ବହିଦାର)

ସମ୍ବଲପୁର ସହରରେ ପୁଣିଥରେ ଦେଖାଦେଇଛି ଜଣ୍ଡିସ୍(କାମଳ ରୋଗ) ଆତଙ୍କ। ସହରର କୁମ୍ଭାରପଡ଼ା, ଶାଲିଆବଗିଚା ଓ ପେନସନପଡ଼ା ଅଞ୍ଚଳରେ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ଗତ ଏକମାସ ମଧ୍ୟରେ ୫୯ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ କୁମ୍ଭାରପଡ଼ାରେ ସର୍ବାଧିକ ୪୧ଜଣ, ଶାଲିଆ ବଗିଚାରୁ ୮ ଓ ପେନସନପଡ଼ାରେ ୧୦ଜଣ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ବୟସ ୧୪ରୁ ୨୦ବର୍ଷ ମଧ୍ୟରେ ବୋଲି ଜଣାପଡ଼ିଛି।

୨୦୧୩ ମସିହାରେ ଜଣ୍ଡିସ ରୋଗରେ ୨୪ ଜଣଙ୍କ ପ୍ରାଣହାନୀ ଘଟିଥିବା କୁହାଯାଉଥିବା ବେଳେ ସରକାରୀଭାବେ ଏହାର ସଂଖ୍ୟା ୧୭ କୁହାଯାଇଥିଲା। ଏହି ସମୟରେ ସହରର ୧ ହଜାରରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହେଇଥିଲେ। ତେବେ ବର୍ତ୍ତମାନ ସମ୍ବଲପୁରରେ ଚିହ୍ନଟ ହୋଇଥିବା ଜଣ୍ଡିସ ଆକ୍ରାନ୍ତମାନେ ଶୀତଳ ଷଷ୍ଠୀ ସମୟରେ ସଂକ୍ରମିତ ହୋଇଥିବା ଅନୁମାନ କରାଯାଉଛି। ଦୂଷିତ ପାଣି ବ୍ୟବହାର, ପାନୀୟ ଜଳରେ ଦୂଷିତ ନର୍ଦ୍ଦମାଜଳ ମିଶିବା ଆଦି କାରଣରୁ ସହରରେ ଜଣ୍ଡିସ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଆବର୍ଜନା ଜଳ ନିଷ୍କାସନ ପାଇଁ ରହିଥିବା ନାଳନର୍ଦ୍ଦମାର ଉପଯୁକ୍ତ ସଫେଇ ଅଭାବ ଜଣ୍ଡିସ ବ୍ୟାପିବାର ଅନ୍ୟ ଏକ କାରଣ ବୋଲି କୁହାଯାଉଛି। ତେବେ ସହରରେ ପାନୀୟ ଜଳ ଯୋଗାଣ ହେଉଥିବା ପାଇପ୍ ଅଧିକାଂଶ ସ୍ଥାନରେ ନାଳ ମଧ୍ୟ ଦେଇ ବିଛା ଯାଇଛି। କେତେକ ସ୍ଥାନରେ ନାଳ ମଧ୍ୟରେ ପାଇପଗୁଡ଼ିକ ଏଭଳି ବିଛା ଯାଇଛି ଯେ କୌଣସି ପ୍ରକାରେ ନାଳ ସଫେଇ କରିବା ସମ୍ଭବ ହୋଇ ପାରୁନାହିଁ। ଫଳରେ ପାନୀୟ ଜଳ ଯୋଗାଣ ପାଇଁ ବିଛା ଯାଇଥିବା ପାଇପ୍ ଗୁଡ଼ିକ ବିଭିନ୍ନ ସ୍ଥାନରେ ଫାଟି ନାଳରେ ପ୍ରବାହିତ ଦୂଷିତ ଜଳ ସଂସ୍ପର୍ଶରେ ଆସି ସଂକ୍ରମିତ ହେଉଛି। ଏହାକୁ ବ୍ୟବହାର କରି ଲୋକେ ମଧ୍ୟ ବିଭିନ୍ନ ରୋଗବ୍ୟାଧିରେ ଆକ୍ରାନ୍ତ ହେଉଛନ୍ତି। ଏଥିପ୍ରତି ଜନସ୍ୱାସ୍ଥ୍ୟ ବିଭାଗ ବା ମହାଗର ନିଗମ ପକ୍ଷରୁ ଆଦୌ ଦୃଷ୍ଟି ଦିଆଯାଉ ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣଙ୍କୁ ପଚାରିବାରୁ ସହରର କେତେକ ସ୍ଥାନରେ ଜଣ୍ଡିସ ବ୍ୟାପୁଥିବା ଖବର ମିଳିଛି। ତେଣୁ ସେହି ସ୍ଥାନଗୁଡ଼ିକରେ ଜଣ୍ଡିସ ନିରାକରଣ ପାଇଁ ବିଶେଷ ଧ୍ୟାନ ଦିଆଯାଇଛି। ସେହିପରି ଜଣ୍ଡିସ ଭୂତାଣୁ ବରଫ ଦ୍ୱାରା ବ୍ୟାପୁଥିବା ସନ୍ଦେହ ପ୍ରକାଶ ପାଇବାରୁ ସହରର କେତେକ ବରଫ ଫ୍ୟାକ୍ଟ୍ରିରେ ଚଢ଼ାଉ କରାଯାଇ ନମୁନା ସଂଗ୍ରହ କରାଯାଇଛି। ରାସ୍ତାକଡ଼ ଗୁପଚୁପ, ଚୁସ୍କି ଓ ଫାଷ୍ଟଫୁଡ୍ ଦୋକାନରେ ମଧ୍ୟ ଚଢ଼ାଉ କରାଯାଇ ଖାଦ୍ୟର ମାନ ପରୀକ୍ଷା କରାଯାଉଛି। କୁମ୍ଭାରପଡ଼ା, ଶାଲିଆବଗିଚା ଓ ପେନସନପଡ଼ାରେ ପୁରୁଣା ଓ କ୍ଷତିଗ୍ରସ୍ତ ପାଇପ୍ ବଦଳା ଯାଇ ଯୁଦ୍ଧକାଳୀନ ଭିତ୍ତିରେ ନୂତନ ପାଇପ ଲାଇନବିଛା କାମ ଆରମ୍ଭ ହୋଇଛି। ନୂତନ ପାଇପ୍ ଲାଇନବିଛା ସରିଲେ ପୁରୁଣା ପାଇପ୍ ଲାଇନ୍‌କୁ ବନ୍ଦ କରିଦିଆଯିବ ବୋଲି ସେ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ରାଣୀ ମିଶ୍ର କହିଛନ୍ତି, ସଂକ୍ରମିତ ଅଞ୍ଚଳ ଉପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ଏ ଯାଏ ୫୯ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ କେହି ଡାକ୍ତରଖାନାରେ ଭର୍ତ୍ତି ହୋଇନାହାନ୍ତି। ସେମାନଙ୍କୁ ସ୍ୱାସ୍ଥ୍ୟକର୍ମୀଙ୍କ ପକ୍ଷରୁ ଔଷଧ ବଣ୍ଟନ କରାଯାଇ ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଇଛି। ସ୍ୱାସ୍ଥ୍ୟକର୍ମମାନେ ପଡ଼ା ପଡ଼ା ବୁଲି ଜଣ୍ଡିସ ରୋଗର ନିରାକରଣ ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି। ହେଲୋଜେନ ବଟିକା ଓ ବ୍ଲିଚିଙ୍ଗ ପାଉଡର ଆଦି ଜଳ ବିଶୋଧକ ବିତରଣ କରୁଛନ୍ତି। ବିଭିନ୍ନ ସ୍ଥାନରୁ ପାଣିର ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ପାଇଁ ପଠାଯାଇଛି।

# ୨ ଜିଲାକୁ ଯୋଡୁଛି ବାଉଁଶପୋଲ

**ସ୍ଥାୟୀ ପୋଲ ନିର୍ମାଣ ଦାବି**

ଚମ୍ପୁଆ, ୨୦।୬(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତର କାଟୁଲିକନାଠାରେ ବୈତରଣୀ ନଦୀ ଉପରେ ନିର୍ମାଣ ହୋଇଥିବା ଅସ୍ଥାୟୀ ବାଉଁଶପୋଲ ୨ ଜିଲାକୁ ଯୋଡୁଛି। ପୋଲ ଉପରେ ୪ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଯାତାୟାତ କରୁଛନ୍ତି। ୨ ଜିଲାକୁ ଗମନାଗମନ ସମୟ ସାପେକ୍ଷ ହୋଇଥିବାରୁ ଏଠାରେ ଏକ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ଦାବି ହେଉଛି। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଓ କେନ୍ଦୁଝରର ଲାଇଫଲାଇନ ଭାବେ ପରିଚିତ ବୈତରଣୀ ନଦୀ। ୨ ଜିଲାକୁ କରଞ୍ଜିଆ ପଞ୍ଚାୟତର କାଟୁଲିକନାଠାରେ ଥିବା ବାଉଁଶପୋଲ ସଂଯୋଗ କରିଛି। ଏହି ପୋଲ ଉପରେ ଚମ୍ପୁଆ ବ୍ଲକ୍‌ର କରଞ୍ଜିଆ, ଚନ୍ଦ୍ରଶେଖରପୁର, ବଡ଼ନଇ ଓ ସରେଇ ଆଦି ପଞ୍ଚାୟତବାସୀଙ୍କ ସମେତ ମୟୂରଭଞ୍ଜ ଜିଲାର ଲୋକ ନିର୍ଭର କରିଆସୁଛନ୍ତି। ଉପରୋକ୍ତ ପଞ୍ଚାୟତର ଲୋକେ ମୟୂରଭଞ୍ଜକୁ ଯିବାକୁ ହେଲେ ଚମ୍ପୁଆ ଦେଇ ପ୍ରାୟ ୨୦ ରୁ ୨୨ କି.ମି. ବୁଲିଯିବାକୁ ପଡୁଛି। ମାତ୍ର ଉକ୍ତ ବାଉଁଶପୋଲ ଦେଇ ଗଲେ ଅଧା କି.ମି. ରାସ୍ତା କମିଯାଉଛି। ମୟୂରଭଞ୍ଜ ଓ କେନ୍ଦୁଝରର ସାଂସ୍କୃତିକ ସମନ୍ୱୟ ଓ ପାରମ୍ପରିକ ପ୍ରଥା ସମାନ ରହୁଥିବା ବେଳେ ୨ ଜିଲାବାସୀଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ମଧ୍ୟ ରହିଆସୁଛି। ଫଳରେ ଦୈନନ୍ଦିନ କାର୍ଯ୍ୟଠାରୁ ଆରମ୍ଭ କରି ମୟୂରଭଞ୍ଜ ଓ କେନ୍ଦୁଝର ଉପରେ ନିର୍ଭର କରୁଥିବା ଲୋକମାନେ ଏହି ବାଉଁଶ ପୋଲକୁ ଭରସା କରିଚାଲିଛନ୍ତି। କେବଳ ୨ ଚକିଆ ଯାନ ଓ ପାଦଚଲା ଭାବେ ଏହି ପୋଲ ବ୍ୟବହାର କରାଯାଉଛି। ଲୋକଙ୍କ ଯାତାୟାତ ସୁବିଧାକୁ ଲକ୍ଷ୍ୟକରି ପୋଲ ମରାମତି ନିମନ୍ତେ ସ୍ୱଳ୍ପ ଅର୍ଥ ଆଦାୟ କରାଯାଉଛି। ଚମ୍ପୁଆ ବ୍ଲକ୍‌ର ଚନ୍ଦ୍ରଶେଖରପୁର ସରପଞ୍ଚ ଜୟମଣି ନାଏକ, କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡାଙ୍କ କହିବା ଅନୁସାରେ, ଏଠାରେ ପୋଲ ନିର୍ମାଣ କଲେ ମୟୂରଭଞ୍ଜ ଅଞ୍ଚଳକୁ ଯାତାୟାତ ପାଇଁ ବହୁ ସୁବିଧା ହୁଅନ୍ତା। ପଞ୍ଚାୟତବାସୀ ଏହାର ସୁଫଳ ପାଇପାରିନ୍ତେ। ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଲୋକେ ଉପକୃତ ହୁଅନ୍ତେ ବୋଲି କହିଛନ୍ତି।


ପଞ୍ଚାୟତବାସୀ ନିର୍ଭର କରୁଥିବା ବାଉଁଶପୋଲ।

# ୨ଦିନରେ ୩ ଜୀବନ ନେଇଗଲେ ନାବାଳକ

- ୨୦ ଟଙ୍କା ନ ଦେବାରୁ ଆଈଙ୍କୁ ମାରିଦେଲେ
- ବୁଦାମୂଳରୁ ମିଳିଲା ମୃତଦେହ
- ମା' ଝିଅଙ୍କୁ ନିର୍ମମ ହତ୍ୟା

ଭଦ୍ରକ, ୨୦।୬(ସନାତନ ରାଉତ)

ଜଣେ ୧୫ ବର୍ଷୀୟ ନାବାଳକ ଦୁଇଦିନରେ ୩ଜଣଙ୍କ ଜୀବନ ନେଇଯାଇଛନ୍ତି। ପ୍ରଥମେ ନିଜ ଆଈଙ୍କୁ ମାରି ଦେବା ପରେ ଜଣେ ମହିଳା ଓ ତାଙ୍କ ଝିଅକୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଏଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗଣିଜାଙ୍ଗ ପଞ୍ଚାୟତରେ। ବୁଧବାର ମା' ଝିଅ ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତ ନାବାଳକ ଥାନାରେ ଅଟକ ଥିବାବେଳେ ଗୁରୁବାର ଏକ ବୁଦାମୂଳରୁ ତାଙ୍କ ଆଈଙ୍କ ମୃତଦେହ ମିଳିଛି। ପୋଲିସର ପଚରାଉଚରା ବେଳେ ସେ ନିଜ ଆଈଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ମଙ୍ଗଳବାର ସେ ଓ ତାଙ୍କ ଆଈ ମାମୁଘରୁ ଫେରୁଥିଲେ। ଉକ୍ତ ରାସ୍ତାରେ ସେ ତାଙ୍କୁ ୨୦ଟଙ୍କା ମାଗିଥିଲେ। କିନ୍ତୁ ସେ ନ ଦେବାରୁ ଯୁକ୍ତିତର୍କ ହୋଇଥିଲା। ଆଈ ପାଖରେ ୨ହଜାର ଟଙ୍କା ଥିବା ସେ ପୂର୍ବରୁ ଦେଖିଥିଲେ। ଟଙ୍କା ନ ଦେବାରୁ ସେ ରାଗିଯାଇ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ପୋଲିସ ଆଗରେ ମାନିଛନ୍ତି।

ପ୍ରକାଶ ଯେ, ଗଣିଜାଙ୍ଗ ପଞ୍ଚାୟତର ବଙ୍ଗାଳିସାହି ନିକଟସ୍ଥ ଏକ ବିଲ ମଝିରୁ ବୁଧବାର ଅପରାହ୍ନରେ ମା' ଝିଅଙ୍କ ମୃତଦେହ ମିଳିଥିଲା। ମହିଳାଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ବିଲ ମଝିରେ ପଡ଼ିଥିବା ବେଳେ ତାଙ୍କ ୬ବର୍ଷୀୟା ଝିଅର ମୃତଦେହ ଏକ ପୋଲ ତଳୁ ମିଳିଥିଲା। ଏହି ଘଟଣାରେ ଅଭିଯୁକ୍ତ ନାବାଳକଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଗୁରୁବାର ଉକ୍ତ ସ୍ଥାନରେ ବୁଦାମୂଳରୁ ଆଉ ଏକ ମୃତଦେହ ମିଳିବା ପରେ ଅଭିଯୁକ୍ତ ନାବାଳକଙ୍କ ଆଈ ଶ୍ରୀମତୀ ମୁଣ୍ଡା(୬୦) ବୋଲି ଜଣାପଡ଼ିଥିଲା। ନାବାଳକ ତାଙ୍କ ଆଈଙ୍କୁ ହତ୍ୟା କରିଥିବା ସ୍ୱୀକାର କରିବା ପରେ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା ଏବଂ ଗ୍ରାମାଞ୍ଚଳ ଥାନା ଅଧିକାରୀ ଅମିତାଭ ଦାଶ ତାଙ୍କୁ ସାଙ୍ଗରେ ନେଇ ଉକ୍ତ ସ୍ଥାନରୁ ମୃତଦେହ ଜବତ କରିଥିଲେ। ଅପରପକ୍ଷେ ମା' ଝିଅ ହତ୍ୟାକାଣ୍ଡ ଘଟଣାରେ ମୃତ ମହିଳାଙ୍କ ସ୍ୱାମୀ ରାଜୁ ମୁଣ୍ଡାଙ୍କ ଅଭିଯୋଗକ୍ରମେ ଗ୍ରାମାଞ୍ଚଳ ଥାନାରେ ଏକ ହତ୍ୟା ମାମଲା (ନଂ.୪୦୮/୨୪) ରୁଜୁ କରାଯାଇଛି। ମଜୁରି ଟଙ୍କାକୁ ନେଇ ରାଜୁଙ୍କ ସ୍ତ୍ରୀ ସୁକାନ୍ତି ଓ ନାବାଳକଙ୍କ ମଧ୍ୟରେ ପୂର୍ବରୁ ଝଗଡ଼ା ହୋଇଥିଲା। ବୁଧବାର ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ବେଳେ ସେମାନେ ମଦ ପିଇଥିଲେ। ପୂର୍ବ ଝଗଡ଼ାକୁ କେନ୍ଦ୍ରକରି ନାବାଳକ ଜଣକ ସୁକାନ୍ତି ଓ ତାଙ୍କ ଝିଅ ମିନିଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ନାବାଳକ ୩ଜଣଙ୍କୁ ହତ୍ୟା କରିଥିବା ବେଳେ ଏଥିରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ସେ ଦିଗରେ ଅଧିକ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ କହିଛନ୍ତି। ପ୍ରକାଶଥାଉ କି, ଗ୍ରାମାଞ୍ଚଳ ଥାନା ଅଧୀନ ଜଳଙ୍ଗାର ରାଜୁ ତାଙ୍କ ପରିବାର ସହ ଗଣିଜାଙ୍ଗ ପଞ୍ଚାୟତ ବଣିଆଗୁଡ଼ିରେ ରହି ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ତାଙ୍କ ସ୍ତ୍ରୀ ସୁକାନ୍ତି ଦିନମଜୁରିଆ ଭାବେ ସ୍ଥାନୀୟ ଅଞ୍ଚଳରେ କାମ କରୁଥିଲେ।

ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହେଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ- ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। -ଶ୍ରୀମା



# ୟୁରୋପରେ ନବ-ଫାସିବାଦ



ସ୍ଲାଭୋଜ୍ ଜିଜେକ୍

ଚଳିତ ମାସର ୟୁରୋପୀୟ ସଂସଦ ନିର୍ବାଚନରେ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା। ସମସ୍ତେ ଯେଉଁ ଫଳାଫଳ ଆଶା କରୁଥିଲେ ତାହା ହିଁ ପ୍ରକୃତରେ ଘଟିଲା। ମାର୍କ୍ସ ବ୍ରଦର୍ସ (ହାସ୍ୟ ଅଭିନେତା ଭାବେ ଅଭିନୟ କରିଥିଲେ)ଙ୍କ ଏକ ଦୃଶ୍ୟର ସଂକ୍ଷିପ୍ତ ବିବରଣୀ ହେଉଛି – ଚରମ ଦକ୍ଷିଣପନ୍ଥୀ ଆଡ଼କୁ ଗତି କରୁଛି ବୋଲି ୟୁରୋପ କହୁଥାଇପାରେ କିମ୍ବା କାର୍ଯ୍ୟ କରୁଥାଇପାରେ, କିନ୍ତୁ ସେଥିରେ ଆପଣ ବୋକା ହୋଇଯାଆନ୍ତୁ ନାହିଁ ; ୟୁରୋପ ପ୍ରକୃତରେ ଚରମ ଦକ୍ଷିଣପନ୍ଥୀ ଆଡ଼କୁ ଗତି କରୁଛି। ଆମେ କାହିଁକି ଏହି ଉପସ୍ଥାପନା ଉପରେ ଆଗ୍ରହ ପ୍ରକାଶ କରିବା ଉଚିତ ? କାରଣ ଅଧିକାଂଶ ମୁଖ୍ୟସ୍ରୋତର ଗଣମାଧ୍ୟମ ଏହାକୁ ନ୍ୟୂନ କରିବାକୁ ଚେଷ୍ଟା କରିଛନ୍ତି। ଆମେ ଶୁଣୁଥିବା ବାର୍ତ୍ତା ହେଉଛି: ନିଶ୍ଚିତ, ମରିନ ଲି ପେନ୍, ଜର୍ଜିଆ ମେଲୋନି ଏବଂ ଅଲଟରନେଟିଭ ଫର୍ ଡଏଚ୍‌ଲ୍ୟାଣ୍ଡ (ଏଏଫ୍‌ଡି) ଦଳ ବେଳେବେଳେ ଫାସିବାଦ ଢାଞ୍ଚା ପ୍ରଦର୍ଶନ କରନ୍ତି । କିନ୍ତୁ ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ, କାରଣ ସେମାନେ କ୍ଷମତାରେ ରହିଲେ ଗଣତାନ୍ତ୍ରିକ ନିୟମ ଏବଂ ବ୍ୟବସ୍ଥାକୁ ସମ୍ମାନ କରନ୍ତି। ତଥାପି ଚରମ ଦକ୍ଷିଣପନ୍ଥୀର ପ୍ରୟୋଗ ନିଶ୍ଚିତ ଭାବେ ଆମ ସମସ୍ତଙ୍କୁ ଅସୁବିଧାରେ ପକାଇବ। କାରଣ ଏହା ପାରମ୍ପରିକ ରକ୍ଷଣଶୀଳ ଦଳଗୁଡ଼ିକ ଦ୍ୱାରା ନୂତନ ଆନ୍ଦୋଳନ ସହ ଯିବାକୁ ପ୍ରସ୍ତୁତ ହେବାର ସଂକେତ ଦେଇଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ୟୁରୋପୀୟ ଗଣତନ୍ତ୍ରର ସ୍ୱୀକୃତ ସିଦ୍ଧାନ୍ତ'ଫାସିଷ୍ଟମାନଙ୍କ କୌଣସି ସହଯୋଗ ନାହିଁ'କୁ ସମ୍ପୂର୍ଣ୍ଣ ପରିତ୍ୟାଗ କରାଯାଇଛି। ଏହି ନିର୍ବାଚନର ବାର୍ତ୍ତାରୁ ଏହା ସ୍ପଷ୍ଟ ହୋଇଛି। ଅଧିକାଂଶ ୟୁରୋପୀୟ ଦେଶରେ ରାଜନୈତିକ ବିଭେଦ ମଧ୍ୟମାର୍ଗୀ ଦକ୍ଷିଣପନ୍ଥୀ ଏବଂ ମଧ୍ୟମାର୍ଗୀ ବାମପନ୍ଥୀ ମଧ୍ୟରେ ନାହିଁ, କିନ୍ତୁ ପାରମ୍ପରିକ ଦକ୍ଷିଣପନ୍ଥୀ ମଧ୍ୟରେ ରହିଛି, ଯାହା ବଡ଼ ବିଜେତା ୟୁରୋପିଆନ ପିପୁଲ୍ସ ପାର୍ଟି (ଖ୍ରୀଷ୍ଟିଆନ-ଡେମୋକ୍ରାଟ୍ସ, ଉଦାରବାଦୀ-ରୁଢ଼ିବାଦୀ ଏବଂ ପାରମ୍ପରିକ ରକ୍ଷଣଶୀଳଙ୍କୁ ନେଇ ଗଠିତ)ରେ ଦେଖାଯାଇଛି ଏବଂ ନବ-ଫାସିବାଦୀ ଦକ୍ଷିଣପନ୍ଥୀର ପ୍ରତିନିଧିତ୍ୱ କରୁଛନ୍ତି ଲି ପେନ୍, ମେଲୋନି, ଏଏଫ୍‌ଡି ଏବଂ ଅନ୍ୟମାନେ।

ବର୍ତ୍ତମାନ ପ୍ରଶ୍ନ ହେଉଛି, ୟୁରୋପିଆନ ପିପୁଲ୍ସ ପାର୍ଟି (ଇପିପି) ନବ-ଫାସିବାଦ ସହ ସହଯୋଗ କରିବ କି ନାହିଁ। ୟୁରୋପିଆନ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ଲିନ୍ ଉଭୟ ଚରମପନ୍ଥୀଙ୍କ ବିରୋଧରେ ଇପିପିର ଫଳାଫଳକୁ ଦର୍ଶାଉଛନ୍ତି, ତଥାପି ନୂତନ ସଂସଦରେ କୌଣସି ବାମପନ୍ଥୀ ଦଳ ଅନ୍ତର୍ଭୁକ୍ତ ହେବେ ନାହିଁ, ଯାହାର ଉଗ୍ରବାଦ ଚରମ ଦକ୍ଷିଣପନ୍ଥୀଙ୍କ ସହ ତୁଳନୀୟ । ଇୟୁର ବରିଷ୍ଠ ଅଧିକାରୀଙ୍କଠାରୁ ଏଭଳି ସନ୍ତୁଳିତ ଦୃଷ୍ଟିକୋଣ ଏକ ଅଶୁଭ ସଙ୍କେତ ଦିଏ। ଆଜି ଯେତେବେଳେ ଆମେ ଫାସିବାଦ ବିଷୟରେ କହୁଛୁ, ଆମେ ନିଜକୁ ବିକଶିତ ପାଶ୍ଚାତ୍ୟ ଦେଶରେ ସୀମିତ ରଖିବା ଉଚିତ ନୁହେଁ। ଗ୍ଲୋବାଲ ସାଉଥ( ବିକଶିତ ଦେଶଗୁଡ଼ିକ)ରେ ମଧ୍ୟ ସମାନ ପ୍ରକାର ରାଜନୀତି ବୃଦ୍ଧି ପାଇଛି। ଚାଇନାର ବିକାଶ ଉପରେ ତାଙ୍କର ଅଧ୍ୟୟନରେ, ଇଟାଲୀୟ ମାର୍କ୍ସବାଦୀ ଐତିହାସିକ ଡୋମେନିକୋ ଲୋସର୍ଡୋ ଅର୍ଥନୈତିକ ଏବଂ ରାଜନୈତିକ



ଶକ୍ତି ମଧ୍ୟରେ ଥିବା ପାର୍ଥକ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ 'ସୁଧାର'କୁ ଆଗକୁ ବଢ଼ାଇବା ସମ୍ପର୍କରେ ଡେଙ୍ଗ୍ ଜିଆଓପିଙ୍ଗ୍ ଦର୍ଶାଇଥିଲେ ଯେ,ଏକ ସମାଜର ଉତ୍ପାଦନକାରୀ ଶକ୍ତି ଆରମ୍ଭ କରିବାକୁ ପୁଞ୍ଜିବାଦର ତତ୍ତ୍ୱ ଆବଶ୍ୟକ। କିନ୍ତୁ ସେ କହିଥିଲେ , ରାଜନୈତିକ ଶକ୍ତି ଦୃଢ଼ ଭାବରେ ଚାଇନା କମ୍ୟୁନିଷ୍ଟ ପାର୍ଟି(ସିପିପି) ହାତରେ ରହିବା ଉଚିତ। ଏହି ଦୃଷ୍ଟିକୋଣ ପଛରେ ଗଭୀର ଐତିହାସିକ ଆଧାର ରହିଛି। ଏକବିଂଶ ଶତାବ୍ଦୀର ଶେଷ ଆଡ଼କୁ ପାଶ୍ଚାତ୍ୟ ସାମ୍ରାଜ୍ୟବାଦୀ ଆଧିପତ୍ୟ ଏବଂ ଶୋଷଣ ବିରୋଧରେ ପ୍ରତିକ୍ରିୟା ଭାବରେ ଉଭାହୋଇଥିବା ପାନ୍-ଏସିଆଜନିଜମ୍ ବା ଏସିଆର ରାଜନୈତିକ, ଅର୍ଥନୈତିକ ତଥା ସାଂସ୍କୃତିକ ବିଚାରଧାରର ଅନୁକରଣକୁ ଏକ ଶତାବ୍ଦୀରୁ ଅଧିକ ସମୟ ଧରି ଚାଇନା ଗ୍ରହଣ କରିଛି। ଐତିହାସିକ ବୀରେନ ମୂର୍ତ୍ତିଙ୍କ ମତରେ, ଏହି ପ୍ରୋଜେକ୍ଟ ସର୍ବଦା ପାଶ୍ଚାତ୍ୟ ପୁଞ୍ଜିବାଦକୁ ନୁହେଁ, ବରଂ ପାଶ୍ଚାତ୍ୟ ଉଦାରବାଦୀ ବ୍ୟକ୍ତିବାଦ ଏବଂ ସାମ୍ରାଜ୍ୟବାଦକୁ ପ୍ରତ୍ୟାଖ୍ୟାନ କରିଆସୁଛି। ପ୍ରାକ୍-ଆଧୁନିକ ପରମ୍ପରା ଏବଂ ବ୍ୟବସ୍ଥାଗୁଡ଼ିକୁ ଆଧାରକରି ଏସୀୟବାଦ ସମର୍ଥକମାନେ ଯୁକ୍ତି ବାଢ଼ିଥିଲେ ଯେ ପାଶ୍ଚାତ୍ୟ ଦେଶଠାରୁ ଅଧିକ ଗତିଶୀଳତା ହାସଲ କରିବାକୁ ଏସୀୟ ସମାଜଗୁଡିକ ନିଜସ୍ୱ ଆଧୁନିକୀକରଣକୁ ସଂଗଠିତ କରିପାରିବେ।

ଯେତେବେଳେ ହେଗେଲ ନିଜେ ବ୍ୟକ୍ତିବାଦକୁ ଅନୁମତି ଦେଉ ନ ଥିବା ଏସିଆକୁ କଠୋର ବ୍ୟବସ୍ଥାର ଏକ କ୍ଷେତ୍ର ଭାବରେ ଦେଖିଲେ , ସେତେବେଳେ ଏସୀୟବାଦର ସମର୍ଥକମାନେ ଏକ ନୂତନ ହେଗେଲିଆନ ବିଚାରଗତ ଢାଞ୍ଚା ପ୍ରସ୍ତାବ ଦେଇଥିଲେ। ପାଶ୍ଚାତ୍ୟ ବ୍ୟକ୍ତିବାଦ ପ୍ରଦାନ କରିଥିବା ସ୍ୱାଧୀନତା ଶେଷରେ ଶୃଙ୍ଖଳାକୁ ପ୍ରତ୍ୟାଖ୍ୟାନ କରିବା ଏବଂ ସାମାଜିକ ବିଚ୍ଛିନ୍ନତା ସୃଷ୍ଟି କରିବା ଯୋଗୁ ସେମାନେ ଯୁକ୍ତି କରିଥିଲେ ଯେ, ସ୍ୱାଧୀନତାକୁ ବଞ୍ଚାଇବାର ଏକମାତ୍ର ଉପାୟ ହେଉଛି ଏକ ନୂତନ ସାମୂହିକ ଏଜେନ୍ସି ମାର୍ଗରେ ସମାଜକୁ ନେଇଯିବା। ଏହି ମଡେଲର ଗୋଟିଏ ପ୍ରାରମ୍ଭିକ ଉଦାହରଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଜାପାନର ସାମରିକୀକରଣ ଏବଂ ଉପନିବେଶବାଦ ବିସ୍ତାରରେ ଦେଖିବାକୁ ମିଳିପାରିବ । କିନ୍ତୁ ଐତିହାସିକ ଶିକ୍ଷାକୁ ମଣିଷ ଶୀଘ୍ର ଭୁଲିଯାଏ । ଏସୀୟବାଦ ଏହାର ସମାଜବାଦୀ ଏବଂ ଫାସିବାଦୀ ଢାଞ୍ଚା ମଧ୍ୟରେ ରହିଲା ଏବଂ ଆମକୁ ମନେପକାଇଲା ଯେ 'ସାମ୍ରାଜ୍ୟବାଦ ବିରୋଧୀ' ବାହାରକୁ ଯେମିତି ଜଣାପଡୁଛି ତାହା ସେତିକି ସହଜ ନୁହେଁ। ବିଂଶଶତାବ୍ଦୀର ପ୍ରଥମାର୍ଦ୍ଧରେ, ଜାପାନ ଏବଂ ଜର୍ମାନୀ ଫାସିବାଦୀମାନେ ନିୟମିତ ଭାବରେ ନିଜକୁ ଆମେରିକୀୟ, ବ୍ରିଟିଶ ଏବଂ ଫରାସୀ ସାମ୍ରାଜ୍ୟବାଦ ବିରୋଧୀ ଭାବରେ ପ୍ରତିପାଦିତ କରିଥିଲେ ଏବଂ ବର୍ତ୍ତମାନ ୟୁରୋପିଆନ ପରିପ୍ରେକ୍ଷୀରେ ଦକ୍ଷିଣପନ୍ଥୀ ଜାତୀୟତାବାଦୀ ରାଜନେତା ସମାନ ଆଭିମୁଖ୍ୟ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି।

ଡେଙ୍ଗ୍‌ଙ୍କ ପରବର୍ତ୍ତୀ ଚାଇନାରେ ମଧ୍ୟ ସମାନ ଆଭିମୁଖ୍ୟ ଦୃଶ୍ୟମାନ ହୋଇଛି। ସେଥିପାଇଁ ଚାଇନାର ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ପ୍ରାଚୀନ କାଳର ଚାଇନାର ଇତିହାସକୁ ସୂଚାଇ ଦେଇଛନ୍ତି। ଜାତୀୟତାବାଦୀ ଯୋଜନାଗୁଡ଼ିକ ପାଇଁ ଅର୍ଥନୈତିକ ଉତ୍ସାହ ହାସଲ କରିବା ହେଉଛି ଫାସିବାଦର ସଂଜ୍ଞା ଏବଂ ସମାନ ରାଜନୈତିକ ଗତିଶୀଳତା ଭାରତ,ରୁଷିଆ, ତୁର୍କୀ ଏବଂ ଅନ୍ୟାନ୍ୟ ଦେଶରେ ମଧ୍ୟ ଦେଖିବାକୁ ମିଳେ । ଏହି ମଡେଲ କାହିଁକି ଗ୍ରହଣୀୟତା ହାସଲ କରିଛି ତାହା ବୁଝିବା କଷ୍ଟକର ନୁହେଁ । ସୋଭିଏତ୍ ୟୁନିୟନ ଏକ ବିଶୃଙ୍ଖଳିତ ବିଚ୍ଛିନ୍ନତା ସ୍ଥିତି ଭୋଗୁଥିବାବେଳେ ସିପିସି ଅର୍ଥନୈତିକ ଉଦାରୀକରଣକୁ ଅନୁସରଣ କରି କଡ଼ା ନିୟନ୍ତ୍ରଣ ବଜାୟ ରଖିଥିଲା। ତେଣୁ ଚାଇନା ପୁଞ୍ଜିକୁ କମ୍ ଗୁରୁତ୍ୱ ଦେଇଥିବାରୁ ଏହାକୁ ବାମପନ୍ଥୀମାନେ ଆମେରିକା ଏବଂ ୟୁରୋପୀୟ ବ୍ୟବସ୍ଥା ତୁଳନାରେ(ଯେଉଁଠାରେ ପୁଞ୍ଜି ସର୍ବୋଚ୍ଚ ଶାସନ କରେ) ଅଧିକ ପ୍ରଶଂସା କରନ୍ତି। କିନ୍ତୁ ନବ ଫାସିବାଦକୁ ଏବକାର ଧାରା ମଧ୍ୟ ସମର୍ଥନ କରୁଛି। ଲି ପେନ୍‌ଙ୍କ ପରେ ୟୁରୋପିଆନ ନିର୍ବାଚନରେ ଅନ୍ୟ ଜଣେ ବିଜୟୀ ହେଉଛନ୍ତି ଫିଡିୟାସ ପାନେୟୋଟୌ। ସେ ଜଣେ କ୍ରିପ୍ଟୋ ୟୁଟ୍ୟୁବର ଓ ଅତୀତରେ ଏଲନ୍ ମସ୍କଙ୍କୁ ଭେଟିଥିଲେ ଓ ମସ୍କ ତାଙ୍କୁ ଆଲିଙ୍ଗନ କରିଥିଲେ, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥଲା। ପରେ ସେ ୟୁରୋପିଆନ ପାର୍ଲାମେଣ୍ଟ ପାଇଁ ପ୍ରାର୍ଥିତ୍ୱ ଘୋଷଣା କରିଥିଲେ। ସ୍ୱାଧୀନ ଭାବେ ଲଢ଼ି ସେ ୧୯.୪% ପପୁଲାର ଭୋଟ ଜିତି ନିଜ ପାଇଁ ଗୋଟିଏ ସିଟ୍ ସୁରକ୍ଷିତ ରଖିପାରିଲେ।

ସମାନ ପ୍ରକାର ବ୍ୟକ୍ତିତ୍ୱ ଫ୍ରାନ୍ସ, ବ୍ରିଟେନ, ସ୍ଲୋଭେନିଆ ଏବଂ ଅନ୍ୟାନ୍ୟ ସ୍ଥାନରେ ଉଭା ହୋଇଛନ୍ତି। ସମସ୍ତେ ବାମପନ୍ଥୀ ଯୁକ୍ତିକୁ ଆଧାରକରି ସେମାନଙ୍କର ପ୍ରାର୍ଥିତ୍ୱକୁ ଯଥାର୍ଥ ବୋଲି କହିଥିଲେ । ସେମାନଙ୍କ ମତ ଥିଲା ଯେ, ଗଣତାନ୍ତ୍ରିକ ରାଜନୀତି ଏକ ପରିହାସରେ ପରିଣତ ହୋଇଥିବାରୁ ଜୋକରମାନେ ମଧ୍ୟ ନିର୍ବାଚନ ଲଢ଼ିପାରନ୍ତି। ଏହା ଏକ ବିପଜ୍ଜନକ ଧାରା ବା ବ୍ୟବସ୍ଥା । ଯଦି ଯଥେଷ୍ଟ ଲୋକ ସ୍ୱାଧୀନ ରାଜନୀତିକୁ ନିରାଶ କରନ୍ତି ତେବେ ନବ-ଫାସିବାଦ ପାଇଁ ରାଜନୈତିକ କ୍ଷେତ୍ର ବିସ୍ତାର ହେବ । ସେହି କ୍ଷେତ୍ରକୁ ପୁଣି ଫେରି ପାଇବା ପାଇଁ ଗମ୍ଭୀର, ଯୁକ୍ତିଯୁକ୍ତ ପଦକ୍ଷେପ ଦରକାର। ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ପଦକ୍ଷେପକୁ ନେଇ ମୁଁ ଅସହମତ ଥିଲି। କିନ୍ତୁ ମୁଁ ଭାବୁଛି, ନ୍ୟାଶନାଲ ଆସେମ୍ବ୍ଲିକୁ ଭଙ୍ଗକରି ନୂତନ ନିର୍ବାଚନ ଆହ୍ୱାନକରି ଫ୍ରାନ୍ସର ଚରମ ଦକ୍ଷିଣପନ୍ଥୀକୁ ଜବାବ ଦେଇ ସେ ଠିକ୍ ଥିଲେ। ତାଙ୍କର ଘୋଷଣା ପ୍ରାୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା ଏବଂ ଏହା ନିଶ୍ଚିତ ଭାବରେ ଥିଲା ବିପଦଜ୍ଜନକ। ଯଦିଓ ଲି ପେନ୍ ଜିତିଛନ୍ତି ଏବଂ ସ୍ଥିର କରିବେ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ କିଏ ହେବେ, ତଥାପି ମାକ୍ରଁ ରାଷ୍ଟ୍ରପତି ଭାବରେ ସରକାରଙ୍କ ବିରୋଧରେ ଏକ ନୂତନ ସଂଖ୍ୟାଗରିଷ୍ଠତା ସଂଗ୍ରହ କରିବାର କ୍ଷମତା ବଜାୟ ରଖିବେ। ଆମେ ନବ ଫାସିବାଦ ସହ ସେତିକି ଦୃଢ଼ଭାବେ ଯଥା ସମ୍ଭବ ଶୀଘ୍ର ଲଢ଼ିବାକୁ ପଡିବ।

**ପ୍ରଫେସର(ଫିଲୋଶଫି),**
**ୟୁରୋପିଆନ୍ ଗ୍ରାଜୁଏଟ ସ୍କୁଲ**

# ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି



ଡ. ଭବାନୀ ଶଙ୍କର ଦାଶ

ସ୍ୱାଧୀନତା ପ୍ରାପ୍ତିର ପଞ୍ଚସ୍ତରି ବର୍ଷ ବିତିଗଲାଣି। ଏଇ ପଞ୍ଚସ୍ତରି ବର୍ଷ ବିତିଗଲା ପିଠା କଳିରେ। ଚତୁର ଇଂରେଜମାନେ ସ୍ୱାଧୀନତା ନାମକ ଯେଉଁ ପିଠା ଭାରତୀୟଙ୍କ ସାମ୍ନାରେ ପକାଇ ଦେଲେ, ତାକୁ ଖାଇବା ପାଇଁ କଳିତକରାଳରେ ବିତିଗଲା ଏତେବର୍ଷ। ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ସାମାନ୍ୟତମ ଦୃଷ୍ଟିପାତ ପାଇଁ ଫୁରୁସତ ପାଇଲେ ନାହିଁ ଆମ ନେତୃଗଣ। ଫଳତଃ ଭାରତୀୟ ମାଟିରେ ଇଂରାଜୀ ଭାଷା, ସାହିତ୍ୟ ଓ ସଂସ୍କୃତି ପୂଜ୍ୟ ହୋଇପଡିଲା। ଇଂରେଜ ଜାତି ଜାଣିଥିଲା ଭାରତକୁ ନିଃଶେଷ କରିବାକୁ ହେଲେ ତା'ର ଭାଷା ସାହିତ୍ୟ ଓ ସଂସ୍କୃତିକୁ ପ୍ରଥମେ ଧ୍ୱଂସ କରିବାକୁ ହେବ। ତାହା ହିଁ ହେଲା। ପାକିସ୍ତାନ ଭାରତଠୁ ବିଭାଜିତ ହେଲା ପରେ ଭାରତରେ କ୍ଷମତା ପାଇଁ ଚାଲିଲା ରାଜନୀତିର ମହାଭାରତ। ଯେଉଁ ଭାରତୀୟ ଇଂଲିଶ୍ ଜାଣିଥିଲେ ଓ ଇଂରେଜ ସାହେବ ବା ସାହେବାଣୀଙ୍କ ସହ ସମ୍ପର୍କ ମଧୁର ରଖିଥିଲେ, ସେମାନେ ସହଜରେ ସିଂହାସନ ଦଖଲ କରିଲେ। ସେଇମାନଙ୍କ ଇଚ୍ଛାରୁ ବୋଧେ ଉଦ୍ଭବ ହୋଇଥିଲା ଭାରତୀୟ ସମ୍ବିଧାନ। ଏଥିରେ ଭାରତୀୟ ଗୁଣସୂତ୍ର ଅପେକ୍ଷା ଥିଲା ଆମେରିକା ଓ ଇଂଲଣ୍ଡର ଗୁଣସୂତ୍ର ଅଧିକ। ତାକୁ ଜାଣିବାକୁ ହେଲେ ଇଂଲିଶ୍ ଶିକ୍ଷିତ ହେବା ଜରୁରୀ ଥିଲା। ଏଇଠୁ ଭାରତରେ ଆରମ୍ଭ ହେଲା ଇଂଲିଶ୍ ଶିକ୍ଷା, ସଂସ୍କୃତି ଇତ୍ୟାଦିକୁ କାଖେଇ ବୁଲିବାର ପ୍ରତିଯୋଗିତା। ଏଣୁ ସାଧାରଣ ଜନତାଙ୍କୁ ଅନ୍ଧାରରେ ରଖିଦିଆଗଲା ଦୀର୍ଘ ବର୍ଷ। ପରୋକ୍ଷରେ ଏଇଠୁ ଭାରତୀୟ ଭାଷା ସାହିତ୍ୟ ଓ ସଂସ୍କୃତିକୁ ଇଂଲିଶ୍ ସାମ୍ନାରେ ନ୍ୟୂନ କରି ରଖିଦିଆଗଲା। ଉଦ୍ଦେଶ୍ୟ ଥିଲା ବଂଶାନୁକ୍ରମିକ ରାଜକୀୟ ଜୀବନଯାପନ ଓ କର୍ତ୍ତୃତ୍ୱ ଜାହିର କରିବା। ଓଡ଼ିଶା ସରକାର ଓଡ଼ିଆ ଭାଷା ସୁରକ୍ଷା ପ୍ରତି ଖୁବ୍ ସମ୍ବେଦନଶୀଳ ବୋଲି ସମ୍ମିଳନୀ ମାଧ୍ୟମରେ ବାର୍ତ୍ତା ଦେଲାବେଳେ ଐତିହ୍ୟସମ୍ପନ୍ନ ସୁସମୃଦ୍ଧ ଓଡ଼ିଆ ଭାଷାର ବୈଭବ ସମ୍ପର୍କରେ ବିଶ୍ୱକୁ ବାର୍ତ୍ତାଗଲା। ମାତ୍ର 'ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି' ନ୍ୟାୟରେ ଯାହା ଦେଖାଯାଉନାହିଁ, ତାହା ସମ୍ମିଳନୀର ଘୋଷିକାଙ୍କ କଣ୍ଠରେ ପ୍ରକାଶିତ ହୋଇଗଲା। 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା କଣ୍ଠକବି ଲକ୍ଷ୍ମୀକାନ୍ତ ବୋଲି ବିଶ୍ୱ ଜାଣିଲା। କହିବା କାହାକୁ, ଶୁଣିବ କିଏ ? ଯାହାକୁ କହିବ, ସିଏ ଇଂଲିଶ୍ କାଇଦାରେ ଦି'ଚାରିପଦ ଝାଡ଼ିଦବ। ଏଣୁ ନ କହିବା ଭଲ।

୨୦୧୪ରୁ ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଓଡ଼ିଆ ଭାଷାର ବ୍ୟବହାରକାରୀଙ୍କ ସଂଖ୍ୟା କମିକମି ଯାଉଛି ଇଂଲିଶ୍ ମୋହ ଓ ରାଜନୈତିକ ପୃଷ୍ଠପୋଷକତା ଅଭାବରୁ। ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଲେ ବିଶ୍ୱବିଦିତ ହୁଏ ଭାଷା। ବିଶ୍ୱବିଦିତ ଭାଷା ସଂସ୍କୃତ ସେଇ ନ୍ୟାୟରେ ଆଜି ଭାରତରେ କୋଣଠେସା ହୋଇ କେବଳ ପାଠ୍ୟକ୍ରମରେ ସୀମିତ ଅଛି। ଏଣୁ ପ୍ରକୃତ ଓଡ଼ିଆ ପୁଏ ସତର୍କ ରୁହ। ସତରେ କ'ଣ ଏଣିକି ଓଡ଼ିଶାର ଶିକ୍ଷିତଲୋକେ ନିଜ ପିଲାପରିବାର ସହ ହିନ୍ଦୀ, ଇଂଲିଶ୍ ନୁହେଁ, ଓଡ଼ିଆରେ କଥା ହେବେ ? ସତରେ କ'ଣ ସରକାରୀ କାମରେ ଓଡ଼ିଆ ଭାଷା ବ୍ୟବହାର କରିବା ପାଇଁ ଓଡ଼ିଶାରେ ଖୁନ୍ଦିହୋଇ ରହିଥିବା ଅଣ-ଓଡ଼ିଆବାବୁମାନଙ୍କୁ ମନେଇ ପାରିବେ ? ଏବେ ତ ଓଡ଼ିଆ ବାବୁ କହିଲେଣି ଯେ, ଇଂଲିଶ୍‌ରେ ଲେଖିବା ସହଜ, ମାତ୍ର ଓଡ଼ିଆରେ ଲେଖିବା କଷ୍ଟ। ସତେ ଯେମିତି ଇଂଲିଶ୍ ହୋଇଯାଇଛି ଓଡ଼ିଆଙ୍କ ମାତୃଭାଷା ଓ ଓଡ଼ିଆ ହୋଇଯାଇଛି ଉପଭାଷା। ଏଣୁ ସାବଧାନ ଓଡ଼ିଆଏ। ଇଂଲିଶ୍ ପ୍ରେମରେ ବିଲାତି ଓଡ଼ିଆମାନେ ବିନା ସଙ୍କୋଚରେ ଓଡ଼ିଆ ଭାଷାର ମୃତ୍ୟୁକୁ ସହ୍ୟ କରିଯିବେ, ମାତ୍ର ଇଂଲିଶ୍‌କୁ ନୁହେଁ। କାରଣ ଆଜି ବି ବିବାହ,ବ୍ରତ ଇତ୍ୟାଦି ପାଇଁ ନିମନ୍ତ୍ରଣ ପତ୍ର ଇଂଲିଶ୍‌ରେ ଲେଖିବା ବୁନିଆଦିର ନମୁନା ବୋଲି ଅନେକଙ୍କର ଧାରଣା ରହିଛି। ଅର୍ଥାତ୍ ଆମ ଅସ୍ଥିମଜାଗତ ହୋଇଯାଇଛି ଇଂଲିଶ୍। ଏବେ ବି ଭାରତୀୟମାନେ ଭାବନ୍ତି ଯେ ଇଂଲିଶ୍ ଜାଣିଥିବା ଲୋକଟି ଶିକ୍ଷିତ ଓ ନ ଜାଣିଥିବା ଲୋକଟି ମୂର୍ଖ। ତଦନୁସାରେ ଆମ ପରିବାର, ସମାଜ, ପ୍ରଥା ପରମ୍ପରା ଇତ୍ୟାଦି ଇଂଲିଶ୍ ସୁନାମି ଆଘାତରେ ବିପର୍ଯ୍ୟସ୍ତ ହୋଇପଡିଲାଣି। ଓଡ଼ିଆ ଲୋକେ ହିନ୍ଦୀ ଇଂଲିଶ୍ ମିଶା ଏକ ଅଦ୍ଭୁତ ହିଂଗ୍ରେଡିଆ କହିଲେଣି। ଯଦି ଏହି କ୍ରମ ବଜାୟ ରହେ ଓ ରାଜପୃଷ୍ଠପୋଷକତା ନାମରେ ଭାଷାକୁ ନେଇ ତୁଚ୍ଛା ରାଜନୀତି ଚାଲେ, ତେବେ ବୁଝିବାକୁ ହେବ ଯେ ବିଭବଶାଳୀ ଓଡ଼ିଆ ଭାଷାର ଶେଷଦିନ ଆଗତପ୍ରାୟ।

**ସରାଟ ଶାସନ, ବାଲିପାଟଣା, ଖୋର୍ଦ୍ଧା**
**ମୋ: ୮୯୧୭୬୨୪୩୮୬**

## ଏଇ ଭାରତରେ

ବେଙ୍ଗାଲୁରୁର ହାସନ ଚୈତନ୍ୟ ଏମ୍‌ବିଏରେ ଡିଗ୍ରୀ ହାସଲ କରି ଜୈବିକ କୃଷି କରୁଛନ୍ତି ଓ ଏହ ସହ ଜଡ଼ିତ କୃଷକଙ୍କ ପାଇଁ ମାର୍କେଟ ବ୍ୟବସ୍ଥା କରିଛନ୍ତି। ସେ ୨୦୨୧ରେ 'ଅର୍ଗାନିକ ଟ୍ୟାପ୍' ଷ୍ଟାର୍ଟଅପ୍ ଗଠନ କରି ତା' ମାଧ୍ୟମରେ ଜୈବିକ କୃଷକଙ୍କୁ ବିନା ମଧ୍ୟସ୍ଥରେ ସିଧାସଳଖ ଗ୍ରାହକଙ୍କ ସହ ଯୋଡ଼ିଛନ୍ତି। ଆପ୍ ମାଧ୍ୟମରେ ସିଧାସଳଖ କୃଷକମାନେ ଉତ୍ପାଦ ସମ୍ପର୍କରେ ଗ୍ରାହକମାନଙ୍କୁ ଅବଗତ କରୁଛନ୍ତି ଓ ସେମାନଙ୍କ ନିକଟରେ ତାହା ପହଞ୍ଚାଇ ଦିଆଯାଉଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ମାର୍କେଟ ଖୋଲାଯାଇଛି। ଗ୍ରାହକମାନେ ଅର୍ଡର ମୁତାବକ ତଟକା ଉତ୍ପାଦ ପାଇପାରୁଛନ୍ତି। ଚୈତନ୍ୟ କଲେଜରେ ପଢ଼ିବା ସମୟରେ ପରିବେଶ ସୁରକ୍ଷା ପାଇଁ ତାଙ୍କ ସାଙ୍ଗମାନଙ୍କୁ ନେଇ 'ମ୍ୟାନ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ' ଏନ୍‌ଜିଓ ଗଠନ କରିଥିଲେ । ପ୍ରତି ଗଣେଶ ପୂଜାରେ ସେମାନେ ପାଖାପାଖି ୫,୦୦୦ ମାଟିର ଗଣେଶ ମୂର୍ତ୍ତି ଲୋକମାନଙ୍କୁ ମାଗଣାରେ ବାଣ୍ଟୁଥିଲେ। ଶିକ୍ଷା ଶେଷ କରିବା ପରେ ତାଙ୍କ ପିତାଙ୍କ ପ୍ରେରଣାରେ ସେ ଜୈବିକ କୃଷି ଆରମ୍ଭ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୧ ଜୁନ୍ ୧୯୭୫

- କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଉପଦେଷ୍ଟା କମିଟି ପୁନର୍ଗଠିତ।
- ତୈଳ ଓ ବାଷ୍ପ ଅନୁସନ୍ଧାନ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଦେଶର ଖ୍ୟାତନାମା ଭୂତତ୍ତ୍ୱ ବୈଜ୍ଞାନିକମାନଙ୍କୁ ନେଇ ଏକ ପ୍ୟାନେଲ ଗଠନ କରିବା ଲାଗି କେନ୍ଦ୍ର ପେଟ୍ରୋଲିୟମ ଓ ରସାୟନ ମନ୍ତ୍ରଣାଳୟ ପକ୍ଷରୁ ତୈଳ ଓ ପ୍ରାକୃତିକ ବାଷ୍ପ କମିଶନଙ୍କୁ ପରାମର୍ଶ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 7 | 6 | 1 |
| 4 | | | | | | | | |
| | 9 | | 8 | | | 5 | | |
| | | 1 | 9 | | | 6 | | |
| | | | | 1 | | | 7 | |
| | 3 | | | | | | | 4 |
| 6 | | | | 7 | 9 | | | 3 |
| 5 | | | | | 2 | | | 6 |
| | 1 | 3 | | | 8 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 2 | 5 | 6 | 9 | 7 | 4 | 3 |
| 7 | 3 | 5 | 2 | 4 | 8 | 9 | 6 | 1 |
| 6 | 4 | 9 | 7 | 3 | 1 | 8 | 5 | 2 |
| 9 | 1 | 6 | 3 | 8 | 4 | 2 | 7 | 5 |
| 2 | 7 | 8 | 6 | 9 | 5 | 1 | 3 | 4 |
| 4 | 5 | 3 | 1 | 7 | 2 | 6 | 8 | 9 |
| 5 | 2 | 4 | 8 | 1 | 7 | 3 | 9 | 6 |
| 3 | 9 | 7 | 4 | 2 | 6 | 5 | 1 | 8 |
| 8 | 6 | 1 | 9 | 5 | 3 | 4 | 2 | 7 |

ଗତକାଲିର ଉତ୍ତର

# ଏକଲାପଣର ସମୟ



ଡା. ପ୍ରଫୁଲ୍ଲ କୁମାର ଦାସ

ଆଜିର ସମୟକୁ ଦେଖନ୍ତୁ, ପ୍ରାୟତଃ ସମସ୍ତଙ୍କ ହାତରେ କେବଳ ଫୋନ୍ ତ ନୁହଁ, ଅତ୍ୟାଧୁନିକ ସୂଚନା କୌଶଳ ଓ ସମସ୍ତ ତତ୍କାଳ ତଥ୍ୟ ରହୁଥିବା ମୋବାଇଲ ଆଉ ତାହା ସହ ସୋସିଆଲ ମିଡିଆ। ଫେସ୍‌ବୁକ୍, ହ୍ୱାଟ୍‌ସଆପ୍ ଓ ଇନ୍‌ଷ୍ଟା ଭଳି ଆପ୍ ମାଧ୍ୟମରେ ଆମେ ସବୁବେଳେ ଆମ ପରିବାର, ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କ ସହ ଯୋଡ଼ିହୋଇ ରହୁଛେ। ଏତେସବୁ ସୁବିଧା ସୁଯୋଗ ଓ ଦୁନିଆକୁ ନିଜ ହାତମୁଠାରେ କରିବା ସତ୍ତ୍ୱେ ମଣିଷ ଆଜି କାହିଁ ଏତେ ଏକୁଟିଆ ତାହା ଏକ ଆଲୋଚନାର ପ୍ରସଙ୍ଗ।

ମଣିଷ ଭିଡ଼ ଭିତରେ ଥାଇ ନିଜକୁ ନିଃସଙ୍ଗତା ଅଡୁଆଜାଲ ଭିତରୁ ମୁକୁଳାଇ ପାରୁନାହିଁ। ଅନ୍ୟମାନଙ୍କ ଦୃଷ୍ଟିରେ ବେଶ୍ ସହଜରେ ମିଶିପାରୁଥିବା ଲୋକଟି ଯେ ନେପଥ୍ୟରେ ନିଃସଙ୍ଗତାରେ ଜର୍ଜରିତ ହେଉଛି ତାହା ବୁଝିବା ସହଜ କଥା ନୁହେଁ। କେବଳ ଯୁବପିଢ଼ି ନୁହନ୍ତି, ବିଭିନ୍ନ ସମୀକ୍ଷାରୁ ଜାଣିବାକୁ ମିଳିଛି ଶିଶୁ ଓ ବୃଦ୍ଧମାନେ ମଧ୍ୟ ବିଭିନ୍ନ ଭାବେ ନିଃସଙ୍ଗତା ମହାମାରୀରେ ଆକ୍ରାନ୍ତ। ନିଃସଙ୍ଗ ଅନୁଭବ କରୁଥିବା ଲୋକ ଅଧିକାଂଶ ସମୟରେ ନିଜକୁ ଖାଲି, ଅଦରକାରୀ ଓ ଏକା ଅନୁଭବ କରିଥାନ୍ତି। ନିକଟରେ ପ୍ରକାଶିତ ହୋଇଛି ୟୁଜିଓଭି ଏକ ଇଣ୍ଟରନେଟ୍ ମାର୍କେଟ ରିସର୍ଚ୍ଚ କମ୍ପାନୀ ଦ୍ୱାରା ଏକ ସର୍ବେକ୍ଷଣ ରିପୋର୍ଟ, ଯେଉଁଥିରେ ଉଲ୍ଲେଖ ରହିଛି ୨୭ରୁ ୪୨ ବର୍ଷ ବୟସର ସମୁଦାୟ ଲୋକସଂଖ୍ୟାର ୩୦% ଲୋକ ଏକଲାପଣର ଶିକାର ହେଉଛନ୍ତି। ଏମାନଙ୍କ ମଧ୍ୟରେ ଅନେକଙ୍କର କୌଣସି ସାଙ୍ଗ, ଅନ୍ତରଙ୍ଗ ବନ୍ଧୁ ଓ ସମାସ୍କନ୍ଧ ନ ଥାନ୍ତି। ଏହି ବୟସର ଲୋକମାନଙ୍କ ମଧ୍ୟରେ ବଢ଼ୁଥିବା ଏକଲାପଣର ଅନ୍ୟତମ କାରଣ ଇଣ୍ଟରନେଟ୍ ନିଶା ବୋଲି ଅନୁଧ୍ୟାନରୁ ଜଣାପଡ଼ିଛି। ଇଣ୍ଟରନେଟ୍ ଯୋଗୁ ଲୋକମାନେ ଘରେ ରହିବାକୁ ପସନ୍ଦ କରୁଛନ୍ତି। ଅନ୍‌ଲାଇନ ବାର୍ତ୍ତାଳାପ ଏତେ ସହଜ ଓ ସୁଗମ ହୋଇଯାଇଛି ଯେ ସିଧାସଳଖ ଦେଖାହୋଇ କଥାବାର୍ତ୍ତା ହେବାକୁ ଲୋକମାନେ ପ୍ରାଧାନ୍ୟ ଦେଉନାହାନ୍ତି। ଏଭଳି ପରିବେଶରେ ବଢ଼ିଥିବା ପିଲାମାନେ ସାମାଜିକ ସମ୍ପର୍କ ଅପେକ୍ଷା ଏକୁଟିଆ ରହିବାକୁ ଅଧିକ ପସନ୍ଦ କରିଥାନ୍ତି।

ନିଜ ଚାରିପଟେ ଯେତେ ବନ୍ଧୁ, ଆତ୍ମୀୟ, ଶୁଭେଚ୍ଛୁଙ୍କ ଭିଡ଼ ଥାଉନା କାହିଁକି ଏସବୁ ଭିତରେ ଯେ ନିଜକୁ ଏକୁଟିଆ ଲାଗିବ ନାହିଁ, ଏମିତି ଧାରଣ ଠିକ୍ ନୁହେଁ ବୋଲି ଜଣାଉଛି ବିଭିନ୍ନ ସମୀକ୍ଷା। ଅଧିକାଂଶ ସମୟରେ ତରୁଣ ତରୁଣୀମାନେ ଏକାକିତ୍ୱ ସମସ୍ୟାରୁ ବଞ୍ଚିବା ପାଇଁ ସୋସିଆଲ ମିଡିଆରେ ବନ୍ଧୁତ୍ୱର ସନ୍ଧାନ କରୁଛନ୍ତି, ଅଥଚ ଅଜାଣତରେ ସେହି ସୋସିଆଲ ମିଡିଆ ସେମାନଙ୍କୁ ଆହୁରି ଦୂରକୁ ଠେଲି ନେଇଯାଉଛି ବାସ୍ତବ ଦୁନିଆରୁ। କିନ୍ତୁ ଏହି ସମସ୍ୟାରୁ କିଭଳି ଭାବେ ମୁକ୍ତି ମିଳିବ ? ଏହି ଧରଣର ସମସ୍ୟାରେ ସର୍ବପ୍ରଥମେ ନିଜ ମନକୁ ବୁଝିବାକୁ ହେବ ଆଉ ହାତର ପ୍ରିୟବନ୍ଧୁ ଯନ୍ତ୍ର ମୋବାଇଲଠାରୁ ନିଜ ଜାଗତିକ ଦୁନିଆର ବନ୍ଧୁମାନଙ୍କ ପାଇଁ ଅଧିକ ସମୟ କାଢ଼ନ୍ତୁ। ମାନସିକ ଭାବେ ଖୁସିରହି ସକାରାତ୍ମକ ଚିନ୍ତା ଭିତରେ କେବଳ ନିଜ ପାଇଁ ସଫଳତା ପାଇବା ନୁହେଁ, ଅନ୍ୟମାନଙ୍କ ସଫଳତା ଭିତରେ ଖୁସି ଅନୁଭବ କରନ୍ତୁ। ବୟସ ବାଧକ ନୁହେଁ, ଚିନ୍ତାଧାରା ଓ ମାନସିକତା ବଡ଼ ବାଧକ ସାଜିଥାଏ। ତେଣୁ ମନ ଗହନରେ କେଉଁଠି ଶାନ୍ତି, ଖୁସି, ଆତ୍ମସନ୍ତୋଷ ଲୁଚିରହିଛି ତାହାକୁ



ବାହାରକୁ ଆଣିବା ନିହାତି ଆବଶ୍ୟକ ବୋଲି ମନସ୍ତାତ୍ତ୍ୱିକମାନେ କହୁଛନ୍ତି। ଆଉ ଏହା ମଧ୍ୟ ବଡ଼ ସତ୍ୟ ଓ ଅନୁଭବର କଥା ଯେ, କରୋନା ମହାମାରୀ ଯୋଗୁ ଲୋକମାନଙ୍କ ମଧ୍ୟରେ ଏକଲାପଣ ଏକ ବିସ୍ଫୋରକ ରୂପ ନେଇଛି। ଅନ୍ୟପଟେ ଯୁବପିଢ଼ିଙ୍କ ମଧ୍ୟରେ ବଢୁଥିବା ଅବସାଦ ଓ ଆଙ୍ଗଜାଇଟିର ମୁଖ୍ୟ କାରଣ ହେଉଛି ତାଙ୍କ ଜୀବନର ଏକ ନୂଆ ପର୍ଯ୍ୟାୟର ଆରମ୍ଭ ସମୟର ସଂଘର୍ଷ।

ଜାତୀୟ ଅପରାଧ ନଥି ସଂସ୍ଥାର ତଥ୍ୟ ଅନୁସାରେ, ୨୦୨୧ରେ ଭାରତରେ ୧ଲକ୍ଷ ୬୪ହଜାର ଲୋକ ଆତ୍ମହତ୍ୟା କରିଛନ୍ତି। ଏଥିରୁ ଏହା ମଧ୍ୟ ସାମ୍ନାକୁ ଆସିଛି, ଜାତୀୟ ହାରଠାରୁ ଓଡ଼ିଶାରେ ଆତ୍ମହତ୍ୟା ହାର ଅଧିକ ରହୁଛି। ଓଡ଼ିଶାରେ ୨୦୨୧ରେ ୫୬୫୧ ଜଣ ଲୋକ ଆତ୍ମହତ୍ୟା କରିଛନ୍ତି। ବିଭିନ୍ନ କାରଣ ରହିଥିଲେ ବି ଏକୁଟିଆ, ଅଲୋଡ଼ା ଓ ଆଶାହୀନ ଆତ୍ମହତ୍ୟା ପଛର କାରଣ ବୋଲି କୁହାଯାଉଛି। ନିଃସଙ୍ଗତାଟି କେବଳ ଜୀବନକୁ ନିରୁତ୍ସାହିତ କରି ନ ଥାଏ, ଏହା ଅନେକ ସ୍ୱାସ୍ଥ୍ୟଗତ ଯନ୍ତ୍ରଣାକୁ ଆମନ୍ତ୍ରଣ କରିଥାଏ। ପ୍ରାୟତଃ ନିଃସଙ୍ଗ ଅନୁଭବୀ ବର୍ଗଙ୍କ ଭିତରେ ଅବସାଦ, ଅଲଜାଇମର୍ସ, ଡିମେନ୍ସିଆ, ଇମ୍ପାର୍ଡ କଗ୍ନିଟିଭ୍ ଫଙ୍କ୍‌ଶନ, ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗ ଭଳି ସମସ୍ୟା ଦେଖାଦେଇଥାଏ। ଏଥିସହ ଏକଲାପଣ ଯୋଗୁ ଅକାଳ ମୃତ୍ୟୁର ଆଶଙ୍କା ମଧ୍ୟ ରହିଥାଏ। ଆପଣ ଜାଣି ଆଶ୍ଚର୍ଯ୍ୟ ହୋଇପାରନ୍ତି ସୂଚନା ଓ ପ୍ରଯୁକ୍ତି ବିଦ୍ୟାରେ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ଜାପାନରେ ରୋବଟ୍ ଥେରାପି ରହିଛି। ଜାଣିଛନ୍ତି ଏହା କ'ଣ ? ଏକଲାପଣ ଦୂର ପାଇଁ ରୋବଟ୍ ଥେରାପି ଜାପାନରେ ଲୋକମାନେ ଏତେ ବ୍ୟସ୍ତ ଜୀବନଶୈଳୀ ବଞ୍ଚୁଛନ୍ତି ଯେ ସେମାନେ ନିଜ ମାତାପିତା ଓ ଜେଜେବାପା, ମା'ଙ୍କୁ ଏକଲାପଣରୁ ରକ୍ଷା କରିବାକୁ ରୋବଟ୍ ଥେରାପି ଦେବାକୁ ବାଧ୍ୟ ହେଉଛନ୍ତି। ଏହି ରୋବଟ୍ ଥେରାପିରେ କୁକୁର, ବିଲେଇ ଆଦି ଗୃହପାଳିତ ପଶୁଙ୍କ ଭଳି ଦେଖାଯାଉଥିବା ରୋବଟ୍ ସହ ସେମାନେ ରହିବା ସହିତ କଥାବାର୍ତ୍ତା ହୋଇ ସମୟ ଅତିବାହିତ କରୁଛନ୍ତି। ବୈଷୟିକ ଜ୍ଞାନ କ୍ଷେତ୍ରରେ ଜାପାନ ବହୁପଥ ଅତିକ୍ରମ କରିସାରିଥିଲେ ମଧ୍ୟ ଭାବଗତ ଏକତାରେ ଏହା କାହିଁ କେତେ ପଛରେ ପଡ଼ିଯାଇଛି।

ମାନସିକ ଅବସ୍ଥା ଭଲ ନ ରହିଲେ ଯେ ତାହାର କୁପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ ସେ କଥା ଚିକିତ୍ସକମାନେ ବହୁଦିନ ଧରି କହି ଆସୁଛନ୍ତି। କିନ୍ତୁ ଏକଲାପଣ ଯେ ବେଳେବେଳେ କର୍କଟ ଭଳି ମାରାତ୍ମକ ରୋଗର କାରଣ ସାଜିପାରେ ତାହା ଜାଣିବାକୁ ମିଳିଛି ସାଇକିଆଟ୍ରିକ୍ ରିସର୍ଚ୍ଚ ପତ୍ରିକାରେ ପ୍ରକାଶିତ ଏକ ଗବେଷଣାରୁ। ଅବସାଦର ଦୁନିଆ ଭିତରେ ରହିଥିବା ଲୋକମାନଙ୍କ ମଧ୍ୟରୁ ଏକ ବଡ଼ଅଂଶ ପ୍ରାଥମିକସ୍ତରରେ ନିଜକୁ ଖୁବ୍ ନିଃସଙ୍ଗ ଅନୁଭବ କରିଥାନ୍ତି। ଅଥଚ ସେମାନେ ବାସ୍ତବିକ ଏକା ନ ଥାନ୍ତି। ପରିବାର, ସାଙ୍ଗସାଥୀ ଗହଣରେ ରହି ମଧ୍ୟ ନିଜର ଭାବନା ବ୍ୟକ୍ତ କରି ନ ପାରିବାର ବ୍ୟର୍ଥତା ସେମାନଙ୍କୁ ଧୀରେ ଧୀରେ ନିଃସଙ୍ଗତା ଆଡ଼କୁ ଟାଣିନେଇଯାଏ। ଏହି ନିଃସଙ୍ଗତା କ୍ରମାଗତ ଭାବେ ସେମାନଙ୍କୁ ଅବସାଦ ଏବଂ ଅସହାୟତା ଆଡ଼କୁ ବାଟ କଢ଼ାଇନିଏ। ଭାବଗତ ଏକତା ଭିତରେ ଏହା ଏକ ଜୀବନ ମୂଲ୍ୟବୋଧ। ନିଃସଙ୍ଗତାକୁ ପଥଚ୍ୟୁତ କରିବାକୁ ପଡ଼ିବ।

**କନ୍‌ସଲ୍‌ଟାଣ୍ଟ ରେଡିଓଲୋଜିଷ୍ଟ,**
**ଏମ୍‌ଆର୍‌ଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ**
**ମେଡିକାଲ କଲେଜ, କଟକ**

## ଚିରନ୍ତନୀ

ଅସ୍ତଗାମୀ ରବି ସମ ନିବିଡ଼ ଏ ଅନ୍ଧାର ମୁଖରେ
ଚାଲିଛି ମୁଁ ଗୋଧୂଳିର ଶୀର୍ଣ୍ଣ କ୍ଳାନ୍ତ କ୍ଷୀଣ
ମୟୂଖରେ
ଶୀକର ପବନ ମୋର ଲାଗେ ଗଣ୍ଡେ ଲାଗେ
ଭାଲଦେଶେ
ଚାଲିଛି ମୁଁ ଆଜି ନିରୁଦ୍ଦେଶ୍ୟେ !
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପଦବୀ ପୂରଣ ହେଉ

ମହାଶୟ,

କଟକର କନ୍ଦରପୁରସ୍ଥିତ ଗ୍ରାମ୍ୟ ବ୍ୟାଙ୍କରେ ଅବ୍ୟବସ୍ଥାପ୍ରତି ଦୃଷ୍ଟି ଦିଆଯାଉ । ବ୍ୟାଙ୍କରେ ପଦବୀ ଖାଲି ପଡିଛି । କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହେଉଛି । ଦୀର୍ଘଦିନରୁ ପଦବୀ ଖାଲିସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ । ଫଳରେ ସୁବିଧାରେ ଲୋକେ ବ୍ୟାଙ୍କ ସେବା ପାଇପାରୁନାହାନ୍ତି। ଏଥିପ୍ରତି ବ୍ୟାଙ୍କର ଉଚ୍ଚ କର୍ତ୍ତପକ୍ଷଙ୍କ ପଦକ୍ଷେପ ଜରୁରୀ । ଦୈନନ୍ଦିନ ବ୍ୟାଙ୍କସେବାରେ ଅବହେଳା କରା ନ ଯାଉ । ସହଜ ଓ ସୁବିଧାରେ ଗ୍ରାହକମାନଙ୍କର ଜମା ପରିମାଣ ଖାତାରେ ଉଲ୍ଲେଖ ହେଉ । କେବଳ କମ୍ପ୍ୟୁଟରରୁ ଜଣାଇବା ସର୍ବଦା ଉଚିତ ନୁହେଁ । । ମହାପ୍ରବନ୍ଧକ ଏହି ସମସ୍ୟା ଉପରେ ଗୁରୁତ୍ୱାରୋପ କରି ସମସ୍ତଙ୍କୁ ସହଜ ଓ ସୁବିଧା ସେବା ଯୋଗାଇଦେବାର ବ୍ୟବସ୍ଥା କରନ୍ତୁ।

**-ରମେଶଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଶ୍ରୀକ୍ଷେତ୍ରରେ ପହଞ୍ଚିଲା ମହାପ୍ରଭୁଙ୍କ ପାଟବସ୍ତ୍ର, ସୂତା ଲୁଗା

ଖୋର୍ଦ୍ଧା,୨୦।୬(ପ୍ରଭାତ ପାଣିଗ୍ରାହୀ)

ଆଉ ଦିନ କେଇଟା ପରେ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା। ରଥଖଳାରେ ମହାପ୍ରଭୁଙ୍କ ତିନି ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ସ୍ନାନଯାତ୍ରା ଏବଂ ଅଣସର ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଚଳିତବର୍ଷ ରଥଯାତ୍ରା ଲାଗି ମହାପ୍ରଭୁଙ୍କ ସୂତା ଲୁଗା ଓ ପାଟବସ୍ତ୍ର ଗୁରୁବାର ଶ୍ରୀକ୍ଷେତ୍ରରେ ପହଞ୍ଚିଛି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ାର ବୁଣାକାରଙ୍କ ପକ୍ଷରୁ ଏହି ପାଟବସ୍ତ୍ର ଓ ସୂତା ଲୁଗା ଯୋଗାଇ ଦିଆଯାଉଛି। ଏନେଇ ବୁଣାକାର ଗୋପୀନାଥ ଦାସ କହିଛନ୍ତି, ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ତାଲିକା ପାଇବା ପରେ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତ କାମ ଠିକ୍ ସମୟରେ ସରିଛି।

ଚଳିତ ରଥଯାତ୍ରା ଲାଗି ଚେହେଲି ପାଟ, ବଡ଼ସିଂହାର ଲାଗି ଗୀତଗୋବିନ୍ଦ ପାଟ, ସାତବାର ଲାଗି ୭ ପ୍ରକାର ଖଣ୍ଡୁଆ ପାଟ, ସୂତାରେ ପ୍ରସ୍ତୁତ ଦୁଇ ପ୍ରକାର ଘୋଡ଼ଣୀ, ଦେବସ୍ନାନ ପୂର୍ଣ୍ଣମୀ ୧୦୮ଗରାବଡୁ ଜଳ ପାଇଁ ଗାମୁଛା, ମହାପ୍ରଭୁଙ୍କ ଗୁପ୍ତ ସେବା ଲାଗି ଲାଲ, ସବୁଜ ଓ ହଳଦିଆ ରଙ୍ଗର ଏକ ସେଟ୍ ଲେଖାଏ ଚେହେଲି ପାଟ ଯାଇଛି। ବଡ଼ସିଂହାର ବେଶ ଲାଗି (ଗୀତଗୋବିନ୍ଦ ବହିର ତୃତୀୟ ପୟାର ପ୍ରଥମ ଶ୍ଳୋକ) କଂସାରୀ ରପି ସଂସାର, ବାସନାବଦ୍ଧ ଶୃଙ୍ଖଳା, ରାଧାମାଧାୟ ହୃଦୟେ, ତ୍ୟୋଜ ବ୍ରଜସୁନ୍ଦରୀଃ ଲେଖାଥିବା ଗୀତଗୋବିନ୍ଦ ପାଟ ଠାକୁରଙ୍କ ନିତିଦିନିଆ ରାତି ବଡ଼ସିଂହାର ବେଶ ଲାଗି ପଠାଯାଇଛି।

# ଇନ୍‌ଭର୍ଟର ନିଆଁରୁ ଫ୍ଲାଟ୍ ଜଳିଗଲା



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

**ଆପାର୍ଟମେଣ୍ଟରେ ବଡ଼ଧରଣର ଅଗ୍ନିକାଣ୍ଡ**

- ଅନ୍ୟ ଫ୍ଲାଟ୍‌ରୁ ଲୋକଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ
- ଫାୟାର ସେଫ୍ଟି ବ୍ୟବସ୍ଥା ଠିକ୍ ନ ଥିବା ଅଭିଯୋଗ



ଭୁବନେଶ୍ୱର,୨୦।୬(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପଟିଆ ଛକ ନିକଟରେ ଥିବା କେ.କେ. ପ୍ଲାଜା ଆପାର୍ଟମେଣ୍ଟରେ ଗୁରୁବାର ସକାଳେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଆପାର୍ଟମେଣ୍ଟର ଅଷ୍ଟମ ମହଲାରେ ଥିବା ଫ୍ଲାଟ୍ ନଂ.୮୦୩ଟି ଜଳିଯାଇଛି। ଘଟଣା ସମୟରେ ଘରେ ତାଲା ପଡିଥିବାବେଳେ କେହି ନ ଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଫ୍ଲାଟ୍‌ରେ ଫସି ରହିଥିବା ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହ ପ୍ରାୟ ୨ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ଘରେ ଥିବା ଆସବାବପତ୍ର, ଟଙ୍କା, ସୁନା ଅଳଙ୍କାର ସହ ସମସ୍ତ ଜିନିଷପତ୍ର ପୋଡ଼ିଯାଇଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଘର ଭିତରେ ଥିବା ଇନ୍‌ଭର୍ଟରରୁ ନିଆଁ ବାହାରି ଏହି ଘଟଣା ଘଟିଥିବା ଫାୟାର ଡେପୁଟି ଅଫିସର ଅବନୀ ସ୍ୱାଇଁ କହିଛନ୍ତି।
ସ୍ଥାନୀୟ ଲୋକଙ୍କ ସୂଚନାନୁସାରେ, ଉକ୍ତ ଫ୍ଲାଟ୍ ବୁବୁ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ରହିଥିବାବେଳେ ସେ ଏହାକୁ ଭଡ଼ାରେ ଲଗାଇଛନ୍ତି। ଦେବାଶିଷ ନାମକ ଜଣେ ବ୍ୟକ୍ତି ଗତ ବର୍ଷେ ହେବ ଏଠାରେ ଭଡାରେ ରହୁଥିବାବେଳେ ଗତ ଦୁଇ ମାସ ହେବ ତାଲା ପକାଇ କୌଣସି କାମରେ ବାହାରକୁ ଯାଇଛନ୍ତି। ଗୁରୁବାର ଭୋର୍ ପ୍ରାୟ ୫ଟାରେ ଘର ଭିତରେ ନିଆଁ ଜଳିବା ସହ ବାହାରକୁ ଧୂଆଁ ବାହାରୁଥିବା ନେଇ ପାଖରେ ଥିବା ୮୦୧ ନମ୍ବର ଫ୍ଲାଟରେ ରହୁଥିବା ଜଣେ ମହିଳା ଦେଖିଥିଲେ। ସେ ତୁରନ୍ତ ଏ ସମ୍ପର୍କରେ ସିକ୍ୟୁରିଟି ଗାର୍ଡଙ୍କୁ ଜଣାଇଥିଲେ। ସୁରକ୍ଷା କର୍ମୀ ୧୧୨କୁ କଲ୍ କରି ଘଟଣା ବିଷୟରେ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିବାବେଳକୁ ଫ୍ଲାଟ୍‌ଟି ଜୋର୍‌ରେ ଜଳି ଉଠିବା ସହ ଚାରିଆଡୁ ଧୂଆଁ ଓ ନିଆଁ ବାହାରକୁ ବାହାରୁଥିଲା। ଭୋର୍ ହୋଇଥିବାରୁ ଆପାର୍ଟମେଣ୍ଟର ଅଧିକାଂଶ ଲୋକେ ଶୋଇଥିଲେ। ଆଉ କିଏ ମର୍ନିଂ ୱାକ୍‌ରେ ଯାଇଥିଲେ। ତେଣୁ ଅଗ୍ନିଶମ ଟିମ୍ ପ୍ରଥମେ ଡାକ ବାଜି ଯନ୍ତ୍ର ସାହାଯ୍ୟରେ ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ଦେବା ସହ ଉକ୍ତ ଫ୍ଲାଟ୍‌କୁ ଯାଇ ନିଆଁ ଲିଭା ଅଭିଯାନ ଆରମ୍ଭ କରିଥିଲେ। ଆପାର୍ଟମେଣ୍ଟର ୱାଟର ପଏଣ୍ଟ ଓ ନିଜେ ନେଇଥିବା ସରଞ୍ଜାମ ସହାୟତାରେ ପାଣି ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଆଉ କେତେଜଣ ସ୍ଥାନୀୟ ଲୋକଙ୍କ ସହ ଆଖପାଖ ଫ୍ଲାଟ୍‌ରେ ରହୁଥିବା ଲୋକଙ୍କ କବାଟ ବାଡେଇ ଡାକିବା ସହ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କାର୍ଯ୍ୟରେ ଲାଗିପଡିଥିଲେ। ଉଦ୍ଧାର ବେଳେ ଆପାର୍ଟମେଣ୍ଟରେ ପାଣି ଛିଞ୍ଚା ହୋଇଥିବାରୁ କାଳେ ଗୋଡ ଖସିଯିବ ସେନେଇ ସମସ୍ତଙ୍କୁ ସତର୍କତାର ସହ ଉଦ୍ଧାର କରାଯାଇଥିଲା। ଲୋକେ ଭୟଭୀତ ହୋଇ ନିଜ ପିଲାଛୁଆଙ୍କୁ ଧରି ତଳକୁ ଦୌଡୁଥିବା ଦେଖିବାକୁ ମିଳିଥିଲା। ତେବେ କେତେଜଣ ବୟସ୍କ ବ୍ୟକ୍ତି ଚାଲିପାରୁ ନ ଥିବାରୁ ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କୁ ଟେକି ଟେକି ସୁରକ୍ଷିତ ଭାବେ ତଳକୁ ଆଣିଥିଲେ। ତେବେ ନିଆଁ ଆୟତ୍ତ ହୋଇଥିଲେ ମଧ୍ୟ ଲୋକଙ୍କ ଅସନ୍ତୋଷ ଥମି ନ ଥିଲା। ଆପାର୍ଟମେଣ୍ଟରେ ଫାୟର ସେଫ୍ଟି ବ୍ୟବସ୍ଥା ଠିକ୍ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଅଗ୍ନିକାଣ୍ଡ ସମୟରେ ଲିଫ୍ଟ ବନ୍ଦ ରହିଥାଏ। ତେଣୁ ୮ ମହଲାରୁ ତଳକୁ ସୁରକ୍ଷିତ ଭାବେ ସମସ୍ତଙ୍କୁ ଉଦ୍ଧାର କରିଥିବାରୁ ଆପାର୍ଟମେଣ୍ଟବାସୀ ଅଗ୍ନିଶମ ଟିମ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ଆର୍ଯ୍ୟସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ବୈଦିକ ପୁସ୍ତକ ପ୍ରଦାନ

ଭୁବନେଶ୍ୱର, ୨୦।୬

ଆର୍ଯ୍ୟସମାଜ ଭୁବନେଶ୍ୱର ପକ୍ଷରୁ ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବୈଦିକ ପୁସ୍ତକ ପ୍ରଦାନ କରାଯିବା ସହ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସମସ୍ତ ବରିଷ୍ଠ ସଦସ୍ୟ ମିଳିତ ଭାବେ ମନ୍ତ୍ରପାଠ ପୂର୍ବକ ଆଶୀର୍ବାଦ ପ୍ରଦାନ କରି ମୁଖ୍ୟମନ୍ତ୍ରୀଙ୍କ ସଫଳତା ଓ ଦୀର୍ଘାୟୁ କାମନା କରିଥିଲେ। ସଭାପତି ତଥା ପ୍ରତିଷ୍ଠାତା ଇଂ. ପ୍ରିୟବ୍ରତ ଦାସ, ସହ ସମ୍ପାଦକ ଶନ୍ନୋ ଦେବୀ ସ୍ୱରଚିତ ପୁସ୍ତକ ପ୍ରଦାନ କରିବା ସହ ସମ୍ପାଦକ ବୀରେନ୍ଦ୍ର କର, ବରିଷ୍ଠ ସଦସ୍ୟ ଅନିରୁଦ୍ଧ ପଟ୍ଟନାୟକ ସ୍ୱଲିଖିତ ପୁସ୍ତକ ପ୍ରଦାନ କରିଥିଲେ। ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ 'ସତ୍ୟାର୍ଥ ପ୍ରକାଶ'ର ଓଡ଼ିଆ ଅନୁବାଦ ପୁସ୍ତକ ସହ ଇଂ. ବ୍ରଜବନ୍ଧୁ ପଣ୍ଡାଙ୍କ 'ବୈଦିକ ବନ୍ଦନ' ପୁସ୍ତକ ପ୍ରଦାନ କରାଯାଇଥିଲା। ଏଭଳି ଦୁର୍ଲଭ ପୁସ୍ତକ ପ୍ରକାଶନ ପାଇଁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହ ଆର୍ଯ୍ୟ ସମାଜର ସଂସ୍କାରମୂଳକ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଆର୍ଯ୍ୟସମାଜ ସଦସ୍ୟ ସୁଧାକର ପତ୍ରୀ, ସିଦ୍ଧାର୍ଥ ରଥ, ସୁପ୍ରିୟା ରଥ, ଡା. ଗୋପାଳଚନ୍ଦ୍ର ଦାଶ, ଜୟନ୍ତ କୁମାର ଦେ, ସୁନୀଲ କୁମାର ଦେ, ଡା. କାନନବାଳା ମହାନ୍ତି, ବନ୍ଦନା ମିଶ୍ର, ମନୋରଞ୍ଜନ ପଣ୍ଡା ଓ ଚିରଞ୍ଜନ ପଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଚନ୍ଦନ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ବିଧାୟକ ବାବୁ ସିଂ ମହାପ୍ରଭୁଙ୍କ ଫଟୋ ପ୍ରଦାନ କରୁଛନ୍ତି।

ପୁରୁଣା ଭୁବନେଶ୍ୱର,୨୦।୬
(ସୁବାସ ଚନ୍ଦ୍ର ପ୍ରଧାନ)

**ଚନ୍ଦନ, ମଲ୍ଲୀରେ ମହକିଲା ଗୁଆଝର**

ଶ୍ରୀଲିଙ୍ଗରାଜଙ୍କ ପ୍ରଚାର ସମିତି ଦ୍ୱାରା ଗୁରୁବାର କେଦାରଗୌରୀ ନିକଟ ଗୁଆଝର ପରିସରରେ ଚନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁଆଝରରେ ସ୍ନାନ କରିବା ସହ ଦେହରେ ସୁବାସିତ ଚନ୍ଦନ ଓ ବେକରେ ମଲ୍ଲିମାଳ ପକାଇ ଉତ୍ସବକୁ ଆଡ଼ମ୍ବରରେ ପାଳନ କରାଯାଇଥିଲା। ଗୁଆଝର ପୁଷ୍କରିଣୀକୁ ପଦ୍ମ ଫୁଲ ଓ ଆଲୋକରେ ସୁସଜ୍ଜିତ କରାଯାଇଥିଲା। ସନ୍ଧ୍ୟାରେ ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। ଅନୁଷ୍ଠାନର ଆବାହକ ତଥା ଏକାମ୍ର ବିଧାୟକ ବାବୁ ସିଂଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ବାବୁ ସିଂ ମୁଖ୍ୟମନ୍ତ୍ରୀଙ୍କୁ ଚନ୍ଦନ ଲଗାଇ ଦେଇଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ବିଧାୟକ ଆଶ୍ରିତ ପଟ୍ଟନାୟକ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ସଂଗ୍ରାମ ମାର୍ଥା, ନିରଞ୍ଜନ ମିଶ୍ର, ସୁରେନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ରଣସିଂହ, ଅରୁଣ ପୁରୋହିତ, ଦିଲ୍ଲୀପ ବେହେରା, ରାଜେନ୍ଦ୍ର ପଣ୍ଡା, ସୁଭାଷିନୀ ପୃଷ୍ଟି, ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମହାନଗର ନିଗମର ବହୁ କର୍ପୋରେଟରଙ୍କ ସମେତ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ଓଡ଼ିଶା ପ୍ରାଣୀ ବିକାଶ ସମିତି ପକ୍ଷରୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୦।୬ (ବନ୍ଦନା ସେଠୀ)

ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସାବିତ୍ ତଥା ଓଡ଼ିଶା ପ୍ରାଣୀ ବିକାଶ ସମିତି ପକ୍ଷରୁ ନୂତନ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ତାଙ୍କ ବାସଭବନରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମିତି ସଭାପତି ତଥା ସୋଆ ବିଶ୍ୱ ବିଦ୍ୟାଳୟ ପ୍ରାଧ୍ୟାପକ ଡ. ସୁଶାନ୍ତ କୁମାର ଦାଶ, ସମିତିର ସାଧାରଣ ସମ୍ପାଦକ ଡ. ବୀର କିଶୋର ପରିଡ଼ା, ଉପଦେଷ୍ଟା ଡ. ରୁଦ୍ର ନାରାୟଣ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଡ. ପି.କେ.ଦାସ, କୋଷାଧ୍ୟକ୍ଷ ଡ. ବିଚିତ୍ରାନନ୍ଦ ସାହୁ ପ୍ରମୁଖ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ କାର୍ଯ୍ୟକ୍ରମକୁ ଆହୁରି ସୁଦୂର ପ୍ରସାରି କରିବା ସହିତ ଅଧିକ ଲୋକାଭିମୁଖୀ କରିବା ଲାଗି ନୂତନ ପ୍ରାଣୀ ଚିକିତ୍ସା ବିଜ୍ଞାନ ବିଶ୍ୱ ବିଦ୍ୟାଳୟ ଏବଂ ଆଉ ଏକ ନୂତନ ପ୍ରାଣୀ ଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ ରଖିଥିଲେ। ଏନେଇ ଆଗକୁ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ଡ. ବୀର କିଶୋର ପରିଡ଼ା ତାଙ୍କ ଦ୍ୱାରା ଲିଖିତ ୫ଟି ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ସମ୍ପର୍କିତ ପୁସ୍ତକ ମନ୍ତ୍ରୀଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ।



ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବଡ଼ମ୍ବା ଜଙ୍ଗଲରୁ ଛୁଆହାତୀର ମୃତଦେହ ଜବତ



ବଡ଼ମ୍ବା,୨୦।୬(ମାୟାଧର ମଲ୍ଲିକ)

କଟକ ଜିଲା ବଡ଼ମ୍ବା ଅଞ୍ଚଳରେ ଏକ ଛୁଆହାତୀର ଗଳିତ ମୃତଦେହ ଗୁରୁବାର ଜବତ କରାଯାଇଛି। ବଡ଼ମ୍ବା ରେଞ୍ଜ ଅଧୀନ ତଳଚନ୍ଦ୍ରଗିରି କମ୍ପାର୍ଟମେଣ୍ଟ ୩ରୁ ମରି ପଡିଥିବା ଛୁଆହାତୀକୁ ଜବତ କରାଯାଇଛି। ତେବେ ହାତୀର କିପରି ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ଅସହ୍ୟ ଗରମ ଯୋଗୁ ଅଂଶୁଘାତଜନିତ ମୃତ୍ୟୁ ହୋଇଥାଇ ପାରେ ବୋଲି ଆଶଙ୍କା କରାଯାଉଛି। ଖବରପାଇ ଏସିଏଫ୍ ଚିଁଲିପି ବିଶ୍ୱାଳ, ବଡ଼ମ୍ବା ସଦର ଫରେଷ୍ଟର କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ବଡ଼ମ୍ବା ଓ ଗୋପପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ଛୁଆହାତୀର ବ୍ୟବଚ୍ଛେଦ କରି ସେହିଠାରେ ପୋତି ଦେଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ମୃତ ହାତୀର ବୟସ ୩ରୁ୪ ମାସ ହେବ ବୋଲି ଅନୁମାନ କରାଯାଉଛି। ଏହା ଏକ ମାଈ ହାତୀ ବୋଲି ଫରେଷ୍ଟର ସ୍ୱାଇଁ କହିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଏସିଏଫ୍ ବିଶ୍ୱାଳ କହିଛନ୍ତି।

## ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ବେଗୁନିଆ,୨୦।୬(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅଧୀନ ଗଡ଼ତରା ଗ୍ରାମ ଉଚ୍ଚ ବିଦ୍ୟାଳୟ ନିକଟ ପୋଖରୀରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଟିକାତାଳ ଗ୍ରାମର ସମୀର ନାୟକ(୧୯)। ସୂଚନା ମୁତାବକ, ସମୀର ଜଣେ ଟ୍ରାକ୍ଟର ଚାଳକ ହୋଇଥିବା ବେଳେ ବୁଧବାର ରାତିରେ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଖରୀରୁ ମୃତଦେହ ଉଦ୍ଧାର କରାଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭/୨୪) ରୁଜୁ କରି ତଦନ୍ତ ଚଳାଇଛି।

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଭେଟିଲା ଆୟୁଷ ଛାତ୍ର ସଂସଦ



ଭୁବନେଶ୍ୱର, ୨୦।୬ (ବନ୍ଦନା ସେଠୀ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ରାଜ୍ୟ ଆୟୁଷ ଛାତ୍ର ସଂସଦ ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ ସହ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସଂସଦ ସଭାପତି ଡା. ଶୁଭେନ୍ଦୁ କୁମାର ସାହୁ, ଉପସଭାପତି ଡା. ନଚିକେତ ଗୁପ୍ତା, ମିଡିଆ ପରାମର୍ଶଦାତା ଡା. ସୌରଭ ମହାରଣା, ଡା. ବିଭୁନନ୍ଦ ପ୍ରମୁଖ ଏହି ଟିମ୍‌ରେ ସାମିଲ ହୋଇ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ପୂର୍ବରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଆୟୁଷ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ସମୟରେ ସମସ୍ତ ଦାବିଗୁଡ଼ିକ ଉପରେ ସଚେତନ ଅଛନ୍ତି ବୋଲି ସୂଚନା ଦେବା ସହ ତାଙ୍କ ସରକାର ଆୟୁଷବିକାଶ ପାଇଁ କାର୍ଯ୍ୟକ୍ରମ ହାତକୁ ନେଉଥିବା ସୂଚନା ଦେଇଥିଲେ। ଜୁଲାଇ ୧ରେ ଭୁବନେଶ୍ୱରସ୍ଥିତ ଡା. ଅଭିନ ଚନ୍ଦ୍ର ହୋମିଓପ୍ୟାଥିକ ଭେଷଜ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମହଲିଙ୍ଗ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଛି।

## ଛାତ୍ରୀଛାତ୍ରଙ୍କ ଶିକ୍ଷା, ଆଦିବାସୀଙ୍କୁ ଅର୍ଥନୈତିକ ପ୍ରୋତ୍ସାହନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୦।୬(ଶର୍ମିଷ୍ଠା ପାଣିଗ୍ରାହୀ)



**ବିଭାଗୀୟ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୁରୁବାର ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାର ସମୀକ୍ଷା କରିଛନ୍ତି। ଯୁବବର୍ଗଙ୍କୁ ଚିହ୍ନଟ କରି ଜୀବିକା ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ବ୍ୟାପକ ସଚେତନତା କାର୍ଯକ୍ରମ କରିବା ପାଇଁ ମନ୍ତ୍ରୀ କହିଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଗଣ୍ଡ ଅଧିକାରୀଙ୍କୁ ୧୦୦ଦିନିଆ କାର୍ଯ୍ୟକ୍ରମ ଯୋଜନା ଓ ଦୂରଦୃଷ୍ଟିସମ୍ପନ୍ନ ଏକ ଦସ୍ତାବିଜ ପ୍ରସ୍ତୁତ କରି ବିଭାଗକୁ ଏକ ନୂତନସ୍ତରରେ ପହଞ୍ଚାଇବାକୁ କହିଥିଲେ। ଏହାସହିତ ଆଦିବାସୀ ପରିବାର ସଦସ୍ୟ, ଛାତ୍ରୀଛାତ୍ରଙ୍କ ରହିବା ଓ ଖାଇବା ପାଇଁ ରାଜ୍ୟବ୍ୟାପୀ ଆଦିବାସୀଙ୍କ ପାଇଁ ବହୁମୁଖୀ କମ୍ୟୁନିଟି ସେଣ୍ଟର, ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ସହରାଞ୍ଚଳ ଆବାସିକ ବ୍ୟବସ୍ଥା ନିର୍ମାଣ ପାଇଁ ଏକ ନୂତନ ଯୋଜନା ହାତକୁ ନେବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି। ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଅନ୍ୱେଷା ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଆହ୍ୱାନ ଦେବା ସହ ରାଜ୍ୟ ଯୋଜନା ମାଧ୍ୟମରେ ପଛୁଆବର୍ଗ ଛାତ୍ରୀଛାତ୍ରମାନେ କିଭଳି ଉଚ୍ଚଶିକ୍ଷା ପାଇପାରିବେ ସୁବିଧା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଦିବାସୀଙ୍କୁ ଅର୍ଥନୈତିକ ପ୍ରୋତ୍ସାହନ ଦେବା ପାଇଁ ଗ୍ରାମ ପଞ୍ଚାୟତ ସ୍ତରରେ ଲଘୁ ଜଙ୍ଗଲ ଜାତ ଦ୍ରବ୍ୟ (ଏମ୍‌ଏଫ୍‌ପି) କ୍ରୟ ବ୍ୟବସ୍ଥା କରିବା, ଗ୍ରାମ ପଞ୍ଚାୟତଗୁଡ଼ିକୁ କ୍ରୟ ୟୁନିଟ୍ ଭାବେ କାର୍ଯ୍ୟ କରିବାକୁ ଗଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ କମିଶନର ତଥା ସଚିବ ରୂପା ରୋଶନ ସାହୁ ଓ ଅନ୍ୟ ବରିଷ୍ଠ ଅଧିକାରୀ ବିଭାଗର ଯୋଜନା, କାର୍ଯ୍ୟକ୍ରମ ସମ୍ବନ୍ଧରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନାକୁ ଅଧିକ ଲୋକାଭିମୁଖୀ କରିବା ସହ ଗ୍ରାମ ପଞ୍ଚାୟତସ୍ତରରେ ଜିଲାସ୍ତରୀୟ ବୈଠକ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସେ ପରାମର୍ଶ ଦେଇଥିଲେ। ରାଜ୍ୟ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହାଅଭିଯାନ(ପିଏମ୍-ଜନମାନ) ମାଧ୍ୟମରେ ଅଧିକରୁ ଅଧିକ ଆଦିମ ଜନଜାତି ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରିବାକୁ କହିଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ର ଅଧୀନରେ ଥିବା ଅବ୍ୟବହୃତ ସରକାରୀ କୋଠାଗୁଡ଼ିକ ସରକାରୀ ରାଜକୋଷର ଅପଚୟ ବୋଲି ଦର୍ଶାଇ ରାଜ୍ୟବ୍ୟାପୀ ଏଭଳି ନିର୍ମାଣର ମାନଚିତ୍ର ପ୍ରସ୍ତୁତ କରି ଓଡ଼ିଶାର ଅନୁସୂଚିତ ଜାତି, ଜନଜାତି, ଓବିସି ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ହଷ୍ଟେଲ ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। କୋରାପୁଟ କଫିର ଗୁଣାତ୍ମକ ଏବଂ ଜୈବିକ ଉତ୍ପାଦକୁ ଉନ୍ନତ କରିବା ଦ୍ୱାରା ପ୍ରକ୍ରିୟାକରଣ ଏବଂ ଚାଷ ସହିତ ଜଡ଼ିତ ଆଦିବାସୀ ଗୋଷ୍ଠୀ ବେଶ୍ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଗଣ୍ଡ କହିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୬।୨୦୨୪

| | |
|---|---|
| ୫,୨୦,୦୯୩ ଟଙ୍କା | |
| ସୁନା | ୧ ଗ୍ରାମ୍ |
| ରୁପା | ୧୦.୩୫୦ ଗ୍ରାମ୍ |

## ସଂକ୍ଷେପରେ

### ନାବାଳିକା ଅପହରଣକାରୀ ଗିରଫ

ବଳଙ୍ଗା,୨୦।୬(କେଦାରେଶ୍ୱର ନନ୍ଦ)

ନାବାଳିକା ଅପହରଣ ମାମଲାରେ ବଳଙ୍ଗା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବଳଙ୍ଗା ଥାନା ଅଧୀନ କେତକୀପାଟଣା ଗ୍ରାମର ବିପିନ ନାୟକ(୨୦)। ଗତ ୨ ତାରିଖ ରାତିରେ ଏହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ହୋଇଥିବା ନେଇ ପରଦିନ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବାବେଳେ ନାବାଳିକାଙ୍କୁ ବିପିନ ଅପହରଣ କରିଥିବା ଜଣାପଡ଼ିଥିଲା। ବିପିନ ବୁଧବାର ରାତିରେ ଘରକୁ ଆସିଥିବା ପୋଲିସ ସୂଚନା ପାଇ କେତକୀପାଟଣାରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ନାବାଳିକାଙ୍କୁ ଉଦ୍ଧାର କରି ଗୁରୁବାର ଡାକ୍ତରୀ ମାଇନା କରାଯିବା ପରେ ବିପିନ୍ଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ନାବାଳିକାଙ୍କୁ ସିଡବ୍ଲୁସିରେ ଛଡ଼ାଯାଇଛି।

### ଦମ୍ପତିଙ୍କ ବୈବାହିକ ସମ୍ପର୍କ ସଜାଡ଼ିଲା ପୋଲିସ

ଯୋଗେଶ୍ୱରପୁର,୨୦।୬(ରଶ୍ମିରଞ୍ଜନ ସାହୁ)

ଦମ୍ପତିଙ୍କ ବୈବାହିକ ସମ୍ପର୍କରେ ଥିବା ଫାଟକୁ ନୟାହାଟ ପୋଲିସ ସମାଧାନ କରିଥିବାରୁ ତାଙ୍କୁ ଅଞ୍ଚଳରେ ପ୍ରଶଂସା କରାଯାଇଛି। ସ୍ୱାମୀଙ୍କ ଉପରେ ସ୍ତ୍ରୀଙ୍କ ସନ୍ଦେହ ରହୁଥିବାରୁ ଗତ ୨ ବର୍ଷ ହେଲା ସେ ତାଙ୍କ ୨ ପୁଅକୁ ନେଇ ବାପଘରେ ରହୁଥିଲେ। ନୟାହାଟ ଫାଣ୍ଡିରେ ମନୋଜ ମିଶ୍ରଙ୍କ ପରିବାର ଏନେଇ ଅଭିଯୋଗ କରିବା ପରେ ଫାଣ୍ଡି ଏଏସ୍ଆଇ ସନ୍ତୋଷ ସାହୁ ଉକ୍ତ ଗ୍ରାମର ୨ଜଣ ଭଦ୍ରଲୋକଙ୍କୁ ଡକାଇ ମନୋଜଙ୍କ ଚରିତ୍ରର ସତ୍ୟ ଘଟଣା ପରଦାଫାସ କରିଥିଲେ। ଯେଉଁଥିରେ ମନୋଜଙ୍କ ଉପରୁ ନମିତାଙ୍କ ସନ୍ଦେହ ହଟିଥିଲା। ନମିତା ଯାହା ଭାବୁଥିଲେ ତାହା ଭୁଲ୍ ବୋଲି ପ୍ରମାଣିତ ହୋଇଥିଲା। ନମିତା ଏବଂ ମନୋଜ ଏକାଠି ଘରକୁ ଯାଇଥିଲେ।

# ରଥଯାତ୍ରାରେ ଉତ୍ତମ ସେବା ଯୋଗାଇବାକୁ ଗୁରୁତ୍ୱ

### ପ୍ରଶାସନ- ସ୍ୱେଚ୍ଛାସେବୀ ସମନ୍ୱୟ ବୈଠକ

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)



ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଏବଂ ଅନ୍ୟ ଅଧିକାରୀମାନେ ।

ବିଗତ ବର୍ଷଗୁଡ଼ିକରେ ରଥଯାତ୍ରାରେ ସ୍ୱେଚ୍ଛାସେବୀମାନଙ୍କର ସେବା ଅନନ୍ୟ ଓ ପ୍ରଶଂସନୀୟ ରହିଥିଲା। ଚଳିତ ରଥଯାତ୍ରାରେ ମଧ୍ୟ ଅନୁରୂପ ଭାବେ ଉଲ୍ଲେଖନୀୟ ତଥା ଉତ୍ତମ ସେବା ଯୋଗାଇଦେବାକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଅନୁରୋଧ କରିଛନ୍ତି। ଗୁରୁବାର ଟାଉନ ହଲରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଆଗାମୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ ସ୍ୱେଚ୍ଛାସେବୀମାନଙ୍କ ସହିତ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ନାୟକ କହିଥିଲେ, ରଥଯାତ୍ରା ସମୟରେ ବିବିଧ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ହୋଇଥାଏ। ତେଣୁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସେମାନଙ୍କ ଅନୁଭବ ଓ ଅଭିଜ୍ଞତାରୁ ପ୍ରଭୁଙ୍କ କାର୍ଯ୍ୟରେ ବିଭିନ୍ନ ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ବିଗତ ବର୍ଷଗୁଡ଼ିକ ଭଳି ସ୍ୱେଚ୍ଛାସେବୀମାନେ ଉନ୍ନତ ସେବା ଯୋଗାଇଦେବାକୁ ଅନୁରୋଧ କରିବା ସହ ପ୍ରଶାସନ ପକ୍ଷରୁ ମଧ୍ୟ ଅନୁରୂପ ସହଯୋଗ ଯୋଗାଇ ଦେବାକୁ ସୂଚନା ଦେଇଥିଲେ। ଖାଦ୍ୟ ଓ ପାନୀୟ ଯୋଗାଉଥିବା ଅନୁଷ୍ଠାନଗୁଡ଼ିକ ସେମାନଙ୍କ ନିର୍ଦ୍ଧାରିତ ସ୍ଥାନରେ ଧାର୍ଯ୍ୟ ସମୟ ପୂର୍ବରୁ ପହଞ୍ଚିବା ସହ ଡଷ୍ଟବିନ ରଖିବା, ବ୍ୟବହାର କରାଯାଉଥିବା ସ୍ଥାନକୁ ପରିଷ୍କାର ରଖିବା, ଅଳିଆକୁ ନିୟମିତ ବ୍ୟବଧାନରେ ହଟାଇବା କିମ୍ବା ବଡ଼ ଅଖାରେ ରଖି କାର୍ଯ୍ୟ ସରିବା ପରେ ଅପସାରଣ କରିନେବାକୁ ପରାମର୍ଶ ଦିଆଯାଇଥିଲା। ଏହା ଏକ ସେବା କାର୍ଯ୍ୟ। ତେଣୁ ପରସ୍ପର ମଧ୍ୟରେ ସମନ୍ୱୟ ରଖି ସ୍ନାନଯାତ୍ରା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପ୍ରଭୁଙ୍କ କାର୍ଯ୍ୟରେ ନିଷ୍ଠାପର ଭାବେ ନିୟୋଜିତ ରହିବାକୁ ସମସ୍ତେ ମତ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଏସ୍ପି ସୁଶୀଲ କୁମାର ମିଶ୍ର, ଅତିରିକ୍ତ ଏସ୍ପି ଦେବବ୍ରତ ଚକ୍ର, ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ, ସିଟି ଡିଏସ୍ପି ପ୍ରଶାନ୍ତ କୁମାର ସାହୁ, ପୌରନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଭିମନ୍ୟୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ବିବିଧ ପ୍ରସ୍ତାବ ଦେଇଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ରଥଖଳାରୁ...

# ୩ ରଥରେ ଯୋକା ଫିଟିଂ ଶେଷ

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

ରଥଖଳାରେ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ମହାରଣା ସେବକମାନେ ଯୋକାଗୁଡ଼ିକରେ କାପ ଖୋଦେଇ ଶେଷ କରି ତାଳଧ୍ୱଜ ରଥର ୧୬, ଦର୍ପଦଳନ ରଥ ୧୨ ଏବଂ ନନ୍ଦିଘୋଷ ରଥରେ ୧୬ଟି ଯୋକା ଫିଟିଂ କରିବା ପରେ ଓଝା ସେବକଙ୍କ ଦ୍ୱାରା କଣ୍ଟା ବସିବା ଶେଷ ହୋଇଛି। ଏହି ଯୋକାଗୁଡ଼ିକ ରଥର ଚତୁଃପାର୍ଶ୍ୱ କୋଣରେ ଫିଟିଙ୍ଗ ହୋଇଛି। ଏହି ଯୋକା ରଥର ଅଖ, କୁଡୁକା, ବିରାଡ଼ି ଏବଂ ଗୟଳକୁ ବାନ୍ଧି ରଖିବା ପାଇଁ ଯୋକାଗୁଡିକରେ ମାପ ପ୍ରକାରେ କାପ ଖୋଦେଇ ପରେ କଣ୍ଟାବିନ୍ଧ କରାଯାଇ ବିନ୍ଧରେ କଣ୍ଟା ବାଡିଆ ଯାଇ ସେଟିଂ କରାଯାଇଛି। ସେହିପରି ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ତିନି ରଥର ଦ୍ୱିତୀୟ ଭୂଇଁ ଫ୍ରେମ୍ ସେଟିଂ ଆରମ୍ଭ ହୋଇଛି। ଏହି ଦ୍ୱିତୀୟ ଭୂଇଁ, ୧୬ ଫୁଟର ୪ଟି ଭୂଇଁ ଚଉତାକୁ ବର୍ଗାକାର ଭାବେ ପ୍ରତ୍ୟେକ ବାହୁ ସଂଯୋଗ ହୋଇ ତା'ର ଉଭୟ ପାର୍ଶ୍ୱରେ ୧୨ ଫୁଟର ଦୁଇଟି ଓରା ପକାଯାଇଛି। ତେବେ ଉକ୍ତ ଓରାରେ ୪ଟି ଲେଖାଏ ଖମ୍ବି ସଂଯୋଗ ହୋଇ ଏହାର ଚାରି ପାର୍ଶ୍ୱରେ ଚାରିଟି ଲେଖାଏ ୧୬ଟି ଛିଆଣ, ଭୂଇଁ ଖମ୍ବି ସଂଯୋଗ ହେବା ପରେ ଭୂଇଁ ଶେଣି ଉପରେ ମାଛ ପାତିଆ ଓ ସିଆଣ ସଂଯୋଗ ହୋଇ ପରୀକ୍ଷାମୂଳକ ଭାବେ ନିର୍ମାଣ ଶେଷ ପରେ ଭୂଇଁର ପ୍ରତ୍ୟେକ ଅଂଶ ନମ୍ବରିଂ ହୋଇ ଖୋଲାଯିବ ବୋଲି ମହାରଣା ସେବକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ତିନି ରଥର ୫ଟି ଲେଖାଏ ୨୦ ଫୁଟିଆ ଜଗତପୃଷ୍ଠ ସେଣି ଚଉପଟ କାର୍ଯ୍ୟ ସରିଛି। ରୂପକାର ସେବକମାନେ ତିନି ରଥର ଦୁଆର ବେଢ଼ା ପାଇଁ ୨୪ଟି ନାଟଗୋଡ଼ରେ ରାହୁ ରୂପ ଖୋଦେଇ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ତିନି ରଥର ପାର୍ଶ୍ୱ ଦେବଦେବୀ ମୂର୍ତ୍ତି, ସଖି, ଓଲଟ ଶୁଆ ଏବଂ ଦେବଦେବୀ ଆସ୍ଥାନ ଫ୍ରେମ୍ଗୁଡ଼ିକୁ ସଫା କରି ସାଇତିଛନ୍ତି। ଶୁକ୍ରବାରଠାରୁ ସେଥିରେ ଚିତ୍ରକାର ସେବକମାନେ ରଙ୍ଗ ଚିତ୍ର ଆରମ୍ଭ କରିବେ। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝାସେବକମାନେ ତିନି ଭୂଇଁ ପାଇଁ ବିଡିଆ କଣ୍ଟା ନିର୍ମାଣ ଶେଷ କରି ତିନି ରଥର ପୋଟଳ ପାଇଁ ପୋଟଳ ନଦା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।



ରୂପକାର ସେବକମାନେ ରଥର ସିଂହାସନ ଓ କନ୍ୟାପଟାରେ ବିଭିନ୍ନ ରୂପ ଖୋଦେଇ କରୁଛନ୍ତି ।

# ଜଗନ୍ନାଥ ସଂସ୍କୃତି ବିଶ୍ୱକୁ ଦିଗ୍ଦର୍ଶନ ଦେଉଛି




ଶ୍ରୀଜଗନ୍ନାଥ ଭକ୍ତ ସମାଜର ବାର୍ଷିକୋତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

### ଶ୍ରୀଜଗନ୍ନାଥ ଭକ୍ତ ସମାଜର ବାର୍ଷିକୋତ୍ସବ

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଭକ୍ତ ସମାଜର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ସଭାପତି ଶଙ୍କର୍ଷଣ ମଙ୍ଗରାଜ ଅଧ୍ୟକ୍ଷତା କରିଥିଲେ। ଡ. ବଳରାମ ଦାଶ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର କହିଥିଲେ, ଶ୍ରୀଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱକୁ ଦିଗ୍ଦର୍ଶନ ଦେବା ସହ ଭାଇଚାରା ସୃଷ୍ଟି କରି ସନାତନ ଧର୍ମର ମୂଲ୍ୟବୋଧ ପ୍ରତିଷ୍ଠା କରିପାରିଛି। ସମ୍ପାଦକ ଶଶିକାନ୍ତ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ ଯୋଗଦେଇ କହିଥିଲେ, ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଭକ୍ତ ଓ ଭଗବାନଙ୍କ ମହାମିଳନ ସହ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଭକ୍ତ କୋଟି ପୁଣ୍ୟ ଅର୍ଜନ କରିଥାଏ। ସମ୍ମାନିତ ଅତିଥି ରୂପେ ମହୀପ୍ରକାଶ ମଠର ମହନ୍ତ ସନ୍ଥ ଶୁଭାନନ୍ଦପୁରୀ, ଓଡ଼ିଆ ମଠର ମହନ୍ତ ବଂଶୀଧର ଦାସ ଗୋସ୍ୱାମୀ, ବାବା ବ୍ରଜବନ୍ଧୁ ଦାସ ଯୋଗଦେଇଥିଲେ। ଉପଦେଷ୍ଟା ଅଧ୍ୟାପକ ଡ. ବଳରାମ ଦାଶ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୁଷ୍ପିତା ପଟ୍ଟନାୟକ, ସଂଯୁକ୍ତା ମହାପାତ୍ର, ବିଜୟ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଦଶାବତାର ସଙ୍ଗୀତ ଜୟଦେବଙ୍କ ଗୀତଗୋବିନ୍ଦ ଗାନ କରାଯାଇଥିଲା। ବେଦଧ୍ୱନୀ ମଧ୍ୟରେ ପରିବେଶ ଜଗନ୍ନାଥମୟ ହୋଇଥିଲା। ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମହନ୍ତ ବଂଶୀଧର ଦାସ ଗୋସ୍ୱାମୀଙ୍କୁ ଗୋସେବା ସମ୍ମାନ, ପଣ୍ଡିତ ହରିହର କରଙ୍କୁ ଶ୍ରୀଜଗନ୍ନାଥ ସେବା ସମ୍ମାନ, ଡ. ବାବାଜୀ ଚରଣ ଦାସଙ୍କୁ ଭକ୍ତସେବା ସମ୍ମାନ, ପ୍ରତିମା ଭୋଳଙ୍କୁ ଆରକ୍ଷୀ ସେବା ସମ୍ମାନ ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗିରିଜା ଶଙ୍କର ପାଢୀ, ବିଭୂତି ଭୂଷଣ କର, ପଣ୍ଡିତ ଦୟାନିଧି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରମାବଲ୍ଲଭ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଶେଷ ପର୍ଯ୍ୟାୟରେ ସ୍ନାନଯାତ୍ରା ପ୍ରସ୍ତୁତି

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୨୨ତାରିଖରେ ସ୍ନାନଯାତ୍ରା। ମହାପ୍ରଭୁଙ୍କୁ ସ୍ନାନବେଦିରେ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବ। ଶୃଙ୍ଖଳିତ ଦର୍ଶନ ନେଇ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାର୍କେଟଛକ ନିକଟରୁ ଅସ୍ଥାୟୀ ବ୍ୟାରିକେଡ୍ କରାଯାଇଛି। ଭକ୍ତମାନେ ଉକ୍ତ ବ୍ୟାରିକେଡରେ ପ୍ରବେଶ କରି ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ଯେଉଁ ଭକ୍ତ ବଡଦାଣ୍ଡରେ ଠିଆହୋଇ ମହାପ୍ରଭୁଙ୍କ ସ୍ନାନ ଓ ହାତୀବେଶ ଦର୍ଶନ କରିବାକୁ ଚାହିଁବେ ସେମାନଙ୍କ ନିମନ୍ତେ ସିଂହଦ୍ୱାର ଥାନା ସମ୍ମୁଖରେ ଛାମୁଡିଆ ତିଆରି କରାଯାଇଛି। ଦୁଇଚକିଆ ଓ ତିନିଚକିଆ ଗାଡ଼ି ବଡଦାଣ୍ଡ ଆସିବା ଉପରେ କଟକଣା ଲାଗୁ କରାଯାଇଛି। ଭକ୍ତଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା ହୋଇଛି। ସ୍ନାନଯାତ୍ରା ପାଇଁ ୭୦ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ରହିବେ। ସମସ୍ତ ଭକ୍ତ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବେ ଓ ଅନ୍ୟ ତିନିଦ୍ୱାର ଦେଇ ପ୍ରସ୍ଥାନ କରିବେ। ମାର୍କେଟ ଛକରୁ ବ୍ୟାରିକେଡରେ ପ୍ରବେଶ କରି ଶ୍ରୀମନ୍ଦିର ଅଭିମୁଖେ ଆସିବେ। ଶ୍ରୀକୃଷ୍ଣ ସିନେମା ହଲ ଛକକୁ ଆସିବା ପରେ ଶ୍ରୀଜଗନ୍ନାଥ ଭକ୍ତ ଅଭ୍ୟର୍ଥନା କେନ୍ଦ୍ରକୁ ଯିବେ। ଟିକେଟ ଧାରୀମାନେ ପହଣ୍ଡି ଦର୍ଶନ ନିମନ୍ତେ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ଗୁରୁବାର ସନ୍ଧ୍ୟାରେ ଜିଲାପାଳ ସିଦ୍ଧାର୍ଥଶଙ୍କର ସ୍ୱାଇଁ ଏବଂ ଏସ୍ପି ପିନାକ ମିଶ୍ର ଶ୍ରୀମନ୍ଦିରକୁ ଯାଇ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି ।

# ଯୁବତୀଙ୍କୁ ଅପହରଣ କରି ୨ ଗିରଫ

ଅସ୍ତରଙ୍ଗ,୨୦।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

### ୨ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖିଥିଲେ

ଯୁବତୀଙ୍କୁ ଅପହରଣ ପରେ ୨ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖିଥିବା ୨ ଅଭିଯୁକ୍ତଙ୍କୁ ଅସ୍ତରଙ୍ଗ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ପାଣି (୨୫) (ବିବାହିତ) ଓ ସହଯୋଗୀ ବଳରାମ ନାୟକ (୧୯)। ଏନେଇ ପୋଲିସ ୧୪୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିବା ଥାନାଧିକାରୀ ରାଜେଶ ବଳିୟାରସିଂ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଅସ୍ତରଙ୍ଗ ଥାନା ଅଞ୍ଚଳର ୧୯ ବର୍ଷୀୟାଙ୍କୁ ଜଣେ ଯୁବକ ବୁଧବାର ରାତି ସମୟରେ ତାଙ୍କ ଘରୁ ଉଠାଇ ନେଇ ଏକ ନିଛାଟିଆ ଜଙ୍ଗଲରେ ଛାଡ଼ି ଆସିଥିଲେ। ଏଥିସହ ଯୁବତୀଙ୍କ ଘର ଲୋକଙ୍କୁ ଫୋନ ମାଧ୍ୟମରେ ୨ ଲକ୍ଷ ଟଙ୍କା ମାଗିଥିଲେ। ଯୁବତୀ ଜଣଙ୍କ ଚାଲି ଚାଲି ଜଙ୍ଗଲ ନିକଟବର୍ତ୍ତୀ ମନ୍ଦିରରେ ଆଶ୍ରୟ ନେଇଥିବାବେଳେ ସକାଳୁ ସ୍ଥାନୀୟ ଲୋକଙ୍କଠାରୁ ଫୋନ ମାଗି ଘର ସହ ଯୋଗାଯୋଗ କରିଥିଲେ। ପରିବାର ଲୋକେ ଯୁବତୀଙ୍କୁ ଉଦ୍ଧାର କରିବା ସହ ଅସ୍ତରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ପୂର୍ଣ୍ଣଚନ୍ଦ୍ର ଓ ବଳରାମଙ୍କୁ କାବୁ କରିଥିଲା।

# 'ରଥ ସାରଥିଙ୍କୁ ପରିଷ୍କାର କରି ରଖାଯାଉ'



ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ଦାବିପତ୍ର ଦେବାକୁ ଆସିଥିବା ରୂପକାର ସେବକମାନେ ।

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

### ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ଦାବିପତ୍ର ଦେଲେ ରୂପକାର ସେବକ

ଦାରୁଦିଅଁଙ୍କ ତିନିରଥରେ ଲାଗୁଥିବା ସାରଥି, ପାର୍ଶ୍ୱଦେବଦେବୀ, ଘୋଡ଼ା ପ୍ରତିମୂର୍ତ୍ତିଗୁଡ଼ିକୁ ପ୍ରଶାସନ ପକ୍ଷରୁ ଉପଯୁକ୍ତ ସ୍ଥାନରେ ପରିଷ୍କାର ପରିଚ୍ଛନ୍ନ ଅବସ୍ଥାରେ ରଖାଯିବାକୁ ରୂପକାର ସେବକମାନେ ଦାବି କରିଛନ୍ତି। ଏ ନେଇ ଗୁରୁବାର ରୂପକାର ସେବକମାନଙ୍କ ପକ୍ଷରୁ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ଏକ ଦାବିପତ୍ର ଦିଆଯାଇଛି। ରୂପକାର ସେବକମାନେ ଦର୍ଶାଇଛନ୍ତି ଯେ, ୩ ରଥରେ ୩ ଠାକୁରଙ୍କ ସାରଥି, ୧୨ଟି ଘୋଡ଼ା, ୨୭ ପାର୍ଶ୍ୱଦେବଦେବୀ ରହିଥାନ୍ତି। ମହାପ୍ରଭୁଙ୍କ ନବକଳେବର ସମୟରେ ରଥ ସାରଥି, ପାର୍ଶ୍ୱଦେବଦେବୀ ପ୍ରତିମୂର୍ତ୍ତି ଆଦିକୁ ରୂପକାରମାନେ ନିର୍ମାଣ କରିଥାନ୍ତି। କୋଇଲି ବୈକୁଣ୍ଠରେ ଶ୍ରୀବିଗ୍ରହଙ୍କ ପାତାଳି ସମୟରେ ପୁରୁଣା ଘୋଡ଼ା, ସାରଥି ପାର୍ଶ୍ୱଦେବଦେବୀ, ଓଲଟ ଶୁଆ ପ୍ରତିମୂର୍ତ୍ତି ଆଦିଙ୍କୁ ମଧ୍ୟ ପାତାଳି କରାଯାଇଥାଏ। ପୂର୍ବରୁ ପାର୍ଶ୍ୱଦେବଦେବୀଙ୍କ ପ୍ରତିମୂର୍ତ୍ତି ଶ୍ରୀମନ୍ଦିର ପାଣିଘରେ ରଖାଯାଉଥିଲା। ସମସ୍ତଙ୍କ ନିକଟରେ ପ୍ରତ୍ୟେକ ଦିନ ଖଇକୋରା ଭୋଗ କରାଯାଉଥିଲା। ରୂପକାର ସେବକମାନେ ଦେଖାରଖା କରୁଥିଲେ। ସାରଥିମାନଙ୍କୁ ରଥର ଚାଳକ ଭାବେ ବିବେଚନା କରାଯାଏ। ସାରଥିମାନେ ରୂପକାରଙ୍କ ଇଷ୍ଟ ଦେବତା। ସାରଥିମାନଙ୍କୁ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ବାହାରେ ଦୋଳବେଦିଠାରେ ରଖାଗଲା। ପରିକ୍ରମା ପ୍ରକଳ୍ପ ନିର୍ମାଣ ପରେ ବେଘର ହୋଇଛନ୍ତି ସାରଥୀ ଓ ପାର୍ଶ୍ୱଦେବଦେବୀ। ବ୍ରହ୍ମଦାରୁଙ୍କ ସାରଥୀ ଏବେ ବାଗେଡ଼ିଆ ଧର୍ମଶାଳା ସନ୍ନିକଟ ପାର୍କିଂସ୍ଥଳରେ ଏକ ସ୍ଥାନରେ ପଡ଼ିରହିଛନ୍ତି। ଏହି ସ୍ଥାନରେ ନିଶାଡ଼ିଙ୍କ ଆଡ୍ଡା ଜମୁଛି। ଖରା, ବର୍ଷା ଖାଇ ସାରଥିମାନଙ୍କ ଅବସ୍ଥା ନଷ୍ଟ ହେବାକୁ ବସିଲାଣି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ହେବା ପରେ ସାରଥିମାନଙ୍କ ରହିବା ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଏ ନେଇ ରୂପକାର ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ପୂର୍ବରୁ ଅନେକ ଥର ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଶ୍ରୀମନ୍ଦିର ପରିସରସ୍ଥ ଏକ ସ୍ଥାନରେ ସାରଥି, ପାର୍ଶ୍ୱଦେବଦେବୀଙ୍କୁ ସୁରକ୍ଷିତ ଭାବେ ରଖାଯାଉ, ଯେପରି ଭକ୍ତମାନେ ଦର୍ଶନ କରିପାରିବେ। ରୂପକାର ସେବକମାନେ ସାରଥିମାନଙ୍କ ରକ୍ଷଣାବେକ୍ଷଣ ସହ ପୂଜା କରିପାରିବେ ବୋଲି ନୀତି ପ୍ରଶାସକଙ୍କୁ ଦାବିପତ୍ର ମାଧ୍ୟମରେ ଜଣାଇଛନ୍ତି।

# ଅପରିଷ୍କାର ହୋଇପଡ଼ିଛି ମଙ୍ଗଳା ନଦୀ

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

### ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡ଼ିଲେ ଅଞ୍ଚଳବାସୀ

- ମଙ୍ଗଳା ନଦୀ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ଗଠିତ
- ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ



ନଦୀରେ ଅଳିଆ ଆବର୍ଜନା ଭାସୁଛି ।

ପୁରୀ ସଦର ବ୍ଲକ ସମଙ୍ଗରା ପଞ୍ଚାୟତ ଅନ୍ତର୍ଗତ ଖଡ଼ିପଦା ଗ୍ରାମର ମେଳଣ ପଡ଼ିଆରେ ଗୁରୁବାର ସମାଜସେବୀ ସୂର୍ଯ୍ୟନାରାୟଣ ରଥଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳା ନଦୀ ଅପରିଷ୍କାର ହୋଇପଡ଼ିଥିବାରୁ ଏହାର ପୁନରୁଦ୍ଧାର ପାଇଁ ବୈଠକରେ ଦାବି କରାଯାଇଛି। ନଦୀ ଉଭୟ ପାର୍ଶ୍ୱ ସଂଲଗ୍ନ ଗ୍ରାମଗୁଡ଼ିକର ଅଧିବାସୀମାନେ ଏକାଠି ହୋଇ ଏହି ଦାବି ଉଠାଇବା ସହ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରିଛନ୍ତି। ଶିକ୍ଷାବିତ ସୁକାନ୍ତ କୁମାର ମହାନ୍ତି ଉପସ୍ଥିତ ସଦସ୍ୟମାନଙ୍କୁ 'ମଙ୍ଗଳା ନଈ ବଞ୍ଚାଅ' ଅଭିଯାନକୁ ଆଗେଇନେବା ଦିଗରେ ପୂର୍ଣ୍ଣ ସହଯୋଗ ଅକ୍ଷୁଣ୍ଣ ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ବୈଠକରେ ଗଠନ ହୋଇଥିବା 'ମଙ୍ଗଳା ନଦୀ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି'ର ସଦସ୍ୟ ଭାବେ ସୂର୍ଯ୍ୟନାରାୟଣ ରଥ, ସୁକାନ୍ତ କୁମାର ମହାନ୍ତି, ସୁଧାଂଶୁ କୁମାର ଜେନା, ଚନ୍ଦନ ବାରିକ, ଦୀପକ ସ୍ୱାଇଁ, ମଧୁସୂଦନ ସାହୁ ଓ ଲୋକନାଥ ସାହୁଙ୍କୁ ମନୋନୀତ କରାଯାଇ ଆବଶ୍ୟକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ କୁହାଯାଇଛି।

ମଙ୍ଗଳା ନଦୀ ଅପରିଷ୍କାର ହୋଇ ପଡ଼ିଥିବା ନେଇ ବୈଠକରେ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେମାନେ କହିଥିଲେ ଯେ, ବହୁ ପୁରାତନ ମଙ୍ଗଳା ନଈ ଅପରିଷ୍କାର ହୋଇଥିବାରୁ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ପୁରୀ ସହରର ଡ୍ରେନ୍ ପାଣି ସବୁ ସ୍ୱେରେଜ ନାଳ ମାଧ୍ୟମରେ ଉକ୍ତ ନଈରେ ପଶୁଛି। ମୂଷା ନଈ ଭଳି ମଙ୍ଗଳା ନଈ ମଧ୍ୟ ଅନାବନା ଗଛଲତା ଓ ଦଳରେ ଭର୍ତ୍ତି ହୋଇଗଲାଣି। ନଈରେ ସର୍ପ ଓ ବିଭିନ୍ନ ରୋଗ ସୃଷ୍ଟିକାରୀ କୀଟ ସୃଷ୍ଟି ହେଲେଣି। ନଈପାଣି ବିଷାକ୍ତ ହୋଇଯାଇଛି। ଏଥିଯୋଗୁ ୫ ହଜାର ଲୋକ ପ୍ରଭାବିତ ହେଉଛନ୍ତି। ନଈର ଅନେକ ଜାଗା ଜବରଦଖଲ ହୋଇଛି। ଏ ସମ୍ପର୍କରେ ବିଭିନ୍ନ ଦଳର ନେତାଙ୍କୁ ଅଭିଯୋଗ ଜଣାଇ ମଧ୍ୟ ନିରାଶ ହେବାକୁ ପଡ଼ିଛି। ତେଣୁ ଏହି ଐତିହାସିକ ନଈର ପୁନରୁଦ୍ଧାର ପାଇଁ ଗ୍ରାମବାସୀ ଅଣ୍ଟା ଭିଡ଼ିଛନ୍ତି। ସଂସ୍କୃତି ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ମଙ୍ଗଳା ନଦୀ। କୃଷ୍ଣ ଜନ୍ମ ଦିବସ ପରଦିନ ଏହି ନଈକୂଳରେ ଯମୁନା ଗାଧୁଆ ଉତ୍ସବ ମହାସମାରୋହରେ ପାଳନ କରାଯାଏ। ଲୋକଙ୍କ ଯାତାୟାତ ପାଇଁ ପୁରୀର ପ୍ରଥମ ଏମ୍ପି ଲୋକନାଥ ମିଶ୍ର ଓ ସ୍ଥାନୀୟ ନେତା ରାମହରି ରଥଙ୍କ ଦ୍ୱାରା ମଙ୍ଗଳାଘାଟ ସେତୁ ନିର୍ମାଣ ହୋଇଥିଲା। ମଙ୍ଗଳା ନଈକୁ ସ୍ୱଚ୍ଛ ଓ ବ୍ୟବହାରଯୋଗ୍ୟ କରିବା ପାଇଁ ସରକାରଙ୍କ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଦାବି ଉପସ୍ଥାପନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।



ମଙ୍ଗଳାନଦୀର ପୁନରୁଦ୍ଧାର ସମ୍ପର୍କରେ ଅଞ୍ଚଳବାସୀ ଆଲୋଚନା କରୁଛନ୍ତି ।

## ସଂକ୍ଷେପରେ

### ସିଡିଏ ଡିଏଭିର ପ୍ରୀତୀଶ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ

**ନ୍ୟାଶନାଲ କ୍ରିକେଟ ଲିଗ୍ ମ୍ୟାଚ୍**


ପ୍ରୀତୀଶ ମିଶ୍ର।

କଟକ,୨୦।୬ (କାର୍ତ୍ତିକ ସାହୁ)

କୋଲକାତାରେ ଖେଳାଯାଇଥିବା ନ୍ୟାଶନାଲ କ୍ରିକେଟ ଲିଗ୍ (ଏନ୍‌ସିଏଲ୍)ର ଷ୍ଟେଟ ସିଲେକ୍ସନ ମ୍ୟାଚ୍‌ରେ ପ୍ରୀତୀଶ ମିଶ୍ର ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲର ବାମହାତୀ ବ୍ୟାଟ୍‌ସମ୍ୟାନ୍ ପ୍ରୀତିଶ ବିଭିନ୍ନ ବୟସ ବର୍ଗର ଖେଳାଳିଙ୍କୁ ପଛରେ ପକାଇ ବ୍ୟାଟିଂରେ ସର୍ବାଧିକ ରନ୍ କରିଛନ୍ତି। ଆସନ୍ତା ଜୁଲାଇରେ ଭୁବନେଶ୍ୱରଠାରେ ହେବାକୁ ଥିବା ଦ୍ୱିତୀୟ ରାଉଣ୍ଡ ଖେଳ ନିମନ୍ତେ ସେ ଚୟନ ହୋଇଛନ୍ତି। ପ୍ରୀତିଶ ୧୩ ବର୍ଷର ହୋଇଥିଲେ ମଧ୍ୟ ତାଙ୍କଠାରୁ ଊର୍ଦ୍ଧ୍ୱ ବୟସର ଖେଳାଳି ଯଥା ଅଣ୍ଡର ୧୬, ୧୯, ୨୩ ଖେଳାଳିଙ୍କ ବୋଲିଂକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ ଲିଡର ବୋର୍ଡରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶାରୁ ଅନ୍ୟ ଖେଳାଳିମାନେ ମଧ୍ୟ ଭାଗ ନେଇଥିଲେ। ସେଥିମଧ୍ୟରୁ ସିଡିଏ ଡିଏଭି ପବ୍ଲିକ ସ୍କୁଲର ଦିବ୍ୟାଂଶୁ ନାୟକ ବୋଲିଂରେ ୨ୟ ସ୍ଥାନରେ ଥିବାବେଳେ ଅସ୍ମିତ ଅଂଶୁମାନ ବ୍ୟାଟିଂରେ ୪ର୍ଥ ସ୍ଥାନରେ ଅଛନ୍ତି।

### ମା’ ଦୁଲାଦେଈଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଫୁଲନଖରା,୨୦।୬(ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ଜନ୍ମଜୟପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ଦୁଲାଦେଈଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୪ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଜଳାଧିବାସ, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ନୂତନ ବିଗ୍ରହ ସ୍ନାନ, ପ୍ରାଣ ପ୍ରତିଷ୍ଠା, ବିଗ୍ରହ ମନ୍ଦିରରେ ପ୍ରବେଶ, ନବଯୌବନ ଦର୍ଶନ ଓ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଯଜ୍ଞର କର୍ତ୍ତାକର୍ତ୍ତ୍ରୀ ଭାବେ ଅଜୟ କୁମାର ମହାନ୍ତି ଓ ତାଙ୍କ ସ୍ତ୍ରୀ ସରସ୍ୱତୀ ମହାନ୍ତି, ସୁବାସ ଚନ୍ଦ୍ର ଦାସ ଓ ତାଙ୍କ ସ୍ତ୍ରୀ କଳ୍ପନା ଦାସ ଦାୟିତ୍ୱ ସମ୍ପନ୍ନ କରିଥିଲେ। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟିଣ ଶେଡ୍ ତଳେ ଗରମରେ ଛଟପଟ ରୋଗୀ

କଟକ,୨୦।୬(ଶିଳ୍ପା ପ୍ରିୟଦର୍ଶିନୀ)

କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଅନୁଷ୍ଠାନର ୱାର୍ଡରେ ବେଡ୍ ନ ଥିଲେ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଟିଣ ଶେଡ୍ ବିଶ୍ରାମ କକ୍ଷ ପାଲଟିଛି। ଗ୍ରୀଷ୍ମପ୍ରବାହ ଯୋଗୁ ଅସହ୍ୟ ତାତି ଓ ଗୁଳୁଗୁଳି ହେଉଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଏଠାରେ ଛଟପଟ ହେଉଛନ୍ତି। ସେହିପରି ରକ୍ତ ନମୁନା ସଂଗ୍ରହ ଓ ମେଡିକାଲ ପରିସରରେ ଥିବା ନିରାମୟ କେନ୍ଦ୍ରରୁ ଔଷଧ କିଣିବା ପାଇଁ ରୋଗୀଙ୍କୁ ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡା ହେବାକୁ ପଡୁଛି। ରକ୍ତ ସଂଗ୍ରହ କରୁଥିବା ମେଡିକାଲ କର୍ମଚାରୀ ଏସିରେ ବସୁଥିବାବେଳେ ରୋଗୀମାନେ ଗୁଳୁଗୁଳିରେ ରହୁଛନ୍ତି। ଏହାସହ ରେଡିଓଥେରାପି, କେମୋଥେରାପିରେ ଚିକିତ୍ସିତ ହେଉଥିବା ରୋଗୀ ବହୁ ଦିନ ପର୍ଯ୍ୟନ୍ତ ମେଡିକାଲ ପରିସରରେ ଥିବା ଟିଣ ଶେଡ୍ ତଳେ ରହୁଛନ୍ତି।

ମେଡିକାଲ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଏହି ଅନୁଷ୍ଠାନରେ ୫୦୫ ବେଡ୍ ରହିଛି। ସେଥିମଧ୍ୟରେ ଆଇସିୟୁ ବେଡ୍ ୨୮ ଓ ଡେକେୟାର ସେଣ୍ଟରରେ ୩୦ଟି ବେଡ୍ ରହିଛି। ପ୍ରତିଦିନ ପ୍ରାୟ ୨୫୦ ରୋଗୀଙ୍କର ରେଡିଏଶନ ଓ ୨୦୦ରୁ ଅଧିକ ରୋଗୀଙ୍କର କେମୋଥେରାପି କରାଯାଉଛି। ମେଡିକାଲରେ ରୋଗୀ ସଂଖ୍ୟା ଅନୁଯାୟୀ ବେଡ୍ ସଂଖ୍ୟା କମ୍


ଟିଣ ଶେଡ୍ ତଳେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଗରମରେ ବିଶ୍ରାମ ନେଉଛନ୍ତି।

**ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ**

- ରକ୍ତ ନମୁନା ସଂଗ୍ରହ କେନ୍ଦ୍ର, ନିରାମୟ କେନ୍ଦ୍ରରେ ଲମ୍ବା ଧାଡ଼ି

ରହିଛି। ତେଣୁ ଡାକ୍ତର ଆବଶ୍ୟକ ଅନୁଯାୟୀ ଆଡ୍‌ମିଶନ କରୁଛନ୍ତି। ମେଡିକାଲ ପରିସର ଦୁଇଟି ସ୍ଥାନରେ ଅସ୍ଥାୟୀ ଟିଣ ଶେଡ୍ ତଳେ ରହିବା ବ୍ୟବସ୍ଥା କରାଯାଇଛି। ବାଲେଶ୍ୱର ଅଞ୍ଚଳର ମଣ୍ଟୁ କୁମାର କହିଛନ୍ତି, ମା’ଙ୍କ ଚିକିତ୍ସା ପାଇଁ ଆଚାର୍ଯ୍ୟ ହରିହର କର୍କଟ ରୋଗ ଅନୁଷ୍ଠାନକୁ ଆସିଛି। ଅସହ୍ୟ ଗରମରେ ଟିଣ ଶେଡ୍ ତଳେ ବହୁ କଷ୍ଟରେ ରହିବାକୁ ପଡୁଛି। ରକ୍ତ ନମୁନା ସଂଗ୍ରହ ଗୃହ ସମ୍ମୁଖରେ ବହୁ ସମୟ ହେବ ଧାଡିରେ ଛିଡା ହେବାକୁ ପଡୁଛି। ସେହିପରି ଯାଜପୁର ଅଞ୍ଚଳର ଶଙ୍କର ସାମଲ କହିଛନ୍ତି, ଭଣଜାର ଚିକିତ୍ସା ପାଇଁ ଏଠାକୁ ଆସିଛି। ରେଡିଓଲୋଜି ଚିକିତ୍ସା କରାଯାଉଛି। ପ୍ରାୟ ୧୫ ଦିନ ହେବ ଅସହ୍ୟ ଗୁଳୁଗୁଳିରେ ଏଠାରେ ରହିବାକୁ ପଡୁଛି। ମେଡିକାଲ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ଉଚିତ।

ମେଡିକାଲ ନିର୍ଦ୍ଦେଶକ ଡା. ଦୀପକ ରାଉତରାୟ କହିଛନ୍ତି, ପ୍ରବଳ ଖରାକୁ ଦୃଷ୍ଟିରେ ରଖି ମେଡିକାଲ ପରିସରରେ ଦୁଇଟି ଆଶ୍ରୟସ୍ଥଳୀ ବ୍ୟବସ୍ଥା କରାଯାଇଛି। ସେଠାରେ ଫ୍ୟାନ୍ ଓ ପାଣି ବ୍ୟବସ୍ଥା ହୋଇଛି। ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟକ୍ରମରେ କର୍କଟ କେନ୍ଦ୍ରର ନୂତନ ଭିତ୍ତିଭୂମି ନିର୍ମାଣ ଯୋଗୁ ଏହି ଆଶ୍ରୟସ୍ଥଳୀ ସଂଖ୍ୟା ବଢ଼ାଯାଇପାରୁନାହିଁ। ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ନୂତନ କୋଠାରେ ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

କଟକ,୨୦।୬(କାର୍ତ୍ତିକ ସାହୁ)

ନାବାଳିକା ବଳାତ୍କାର ମାମଲାରେ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଓ ୫୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ହେଲେ ଜଗତ୍‌ସିଂହପୁର ଜିଲା ବଡ ମୁଣ୍ଡିଲୋ ଅଞ୍ଚଳର ରାଜା ଓରଫ ଯୁଗଳ କିଶୋର ଭୋଇ(୩୦)।

୨୦୨୦ ଜୁଲାଇ ୬ରେ ନିଆଳି ଅଞ୍ଚଳର ଜଣେ ନାବାଳିକା ଘରୁ କେଉଁଆଡେ ଚାଲିଯାଇଥିଲେ। ସେ ଘରୁ ଯିବାବେଳେ ସୁନାଚେନ୍, ମୁଦି ଆଦି ନେଇଥିଲେ। ନାବାଳିକାଙ୍କ ବାପା ଏ ନେଇ ନିଆଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତବେଳେ ଜଗତ୍‌ସିଂହପୁର ଅଞ୍ଚଳର ଜଣେ ଯୁବକ ନାବାଳିକାଙ୍କୁ ଅପହରଣ କରି ନେଇଥିବା ଜଣାପଡିଥିଲା। ପରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ରାଜାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ଭଡାଘରେ ରଖି ବଳାତ୍କାର କରିଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରି ଚାର୍ଜଶିଟ ଦାଖଲ କରିଥିଲା। ଏହି ମାମଲାର ବିଚାରକରି ଆଡ୍‌ହକ୍ ଅତିରିକ୍ତ ସେସନ୍ସ ଜଜ-୨ ସବିତା ଦାସ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ୨୪ଜଣ ସାକ୍ଷୀ ଓ ପ୍ରମାଣକୁ ଆଧାରକରି ଅଦାଲତ ଅଭିଯୁକ୍ତଙ୍କୁ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ୍ ରାୟ ପରିଚାଳନା କରୁଥିଲେ।


କଟକ ମଙ୍ଗଳାବାଗ ମହାନଦୀ ରିଂରୋଡ୍‌ଠାରେ ଥିବା ତୁସି ମୋଟର୍ସ ସଭାଗୃହରେ ଗୁରୁବାର ଅନୁଷ୍ଠିତ ରକ୍ତଦାନ ଶିବିରରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଓ ଅନ୍ୟ ଅତିଥିମାନେ।


ଓଡ଼ିଶା ମେଡିକାଲ କଲେଜ ଟିଚର୍ସ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଫକୀରମୋହନଙ୍କ ଆତ୍ମଜୀବନୀ ଓଡ଼ିଆ ଜାତି ଇତିହାସର ଆତ୍ମକାହାଣୀ

ଭୁବନେଶ୍ୱର,୨୦।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଫକୀର ମୋହନ ଓଡ଼ିଆ ସାହିତ୍ୟର ଏଭଳି ଜଣେ ଉଜ୍ଜ୍ୱଳ ବ୍ୟକ୍ତି ଥିଲେ, ଯିଏ ଦେଶପ୍ରୀତି, ଭାଷାପ୍ରୀତି, ଜାତିପ୍ରୀତି, ସୃଜନପ୍ରୀତି ଓ ମନୁଷ୍ୟପ୍ରୀତି ଦୃଷ୍ଟିରୁ ଥିଲେ ଉତ୍ସର୍ଗୀକୃତପ୍ରାଣ। ସେ ଓଡ଼ିଆ ସାହିତ୍ୟ ଇତିହାସର ଆଧୁନିକ ଯୁଗର ପ୍ରବର୍ତ୍ତକ। ଆଧୁନିକ ଓଡ଼ିଆ ସାହିତ୍ୟ ପୂର୍ଣ୍ଣରୂପରେ ଆତ୍ମପ୍ରକାଶ କରିଛି କେବଳ ଫକୀରମୋହନଙ୍କ ସାହିତ୍ୟ ସାଧନାରେ। ଅନୁବାଦ କ୍ଷେତ୍ରରେ ସେ ମଧ୍ୟ ନିଜର ପାରଦର୍ଶିତା ଦେଖାଇଛନ୍ତି। କବିତା ରଚନାରେ ସେ ସିଦ୍ଧହସ୍ତ ହୋଇ ବ୍ୟାସକବି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତାଙ୍କର ଆତ୍ମଜୀବନୀ ଓଡ଼ିଆ ଜାତି ଇତିହାସର ଆତ୍ମକାହାଣୀ ବୋଲି ଅତିଥିମାନେ କହିଛନ୍ତି। ଗୁରୁବାର ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ରରେ ଏହି ମତ ପ୍ରକାଶ ପାଇଛି। ପୀତବାସ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ବିରଜା ଶତପଥୀ ଧନ୍ୟବାଦ ଦେଇଥିଲେ।

## ତୁରନ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ


ଏମ୍‌ପି ଭର୍ତ୍ତୃହରି ମହତାବ ଜାତୀୟ ରାଜପଥର ଉନ୍ନୟନମୂଳକ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

କଟକ,୨୦।୬ (କାର୍ତ୍ତିକ ସାହୁ)

**ଜାତୀୟ ରାଜପଥ କାର୍ଯ୍ୟ ଅନୁଧ୍ୟାନ କଲେ ଭର୍ତ୍ତୃହରି**

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ୧୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଗୁରୁବାର ସକାଳ ପ୍ରାୟ ୭ଟା ୧୫ ମିନିଟ୍‌ରେ ସେ ଫୁଲନଖରାଠାରେ ପହଞ୍ଚିଥିଲେ। ସେଠାରୁ ଗୋପାଳପୁର ପର୍ଯ୍ୟନ୍ତ ରାଜପଥର ବିଭିନ୍ନ ଅଂଶ ଅନୁଧ୍ୟାନ କରିଥିଲେ। ଜାତୀୟ ରାଜପଥ ପ୍ରାଧିକରଣର ଅଧିକାରୀମାନେ ଉପସ୍ଥିତ ରହି ଏମ୍‌ପିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ତେବେ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ତୁରନ୍ତ ଶେଷ କରିବା ନିମନ୍ତେ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ପିଙ୍କ ସହ ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ବିଜୟ କୁମାର ଦାସ ସାମିଲ ହୋଇଥିଲେ।

## କର୍ମଚାରୀଙ୍କ ବଦଳି ବିରୋଧରେ ସିଡିଏମ୍‌ଓଙ୍କୁ ଦାବିପତ୍ର

କଟକ, ୨୦।୬ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) କାର୍ଯ୍ୟାଳୟ ଓ ଜିଲା ମୁଖ୍ୟ ଚିକିତ୍ସାଳୟ (ସିଟି ହସ୍ପିଟାଲ)ରେ ଦୀର୍ଘବର୍ଷ ଧରି ଗୋଟିଏ ବିଭାଗରେ ରହି କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବଦଳି ହୋଇଛି। ଏହାକୁ ବିରୋଧ କରି ଉକ୍ତ କର୍ମଚାରୀମାନେ ଗୁରୁବାର ସିଡିଏମ୍‌ଓ ମକରନ୍ଦ ବେଉରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟତ୍ର ବଦଳି ନ କରି ଉକ୍ତ ସ୍ଥାନରେ କାର୍ଯ୍ୟ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏନେଇ ସିଡିଏମ୍‌ଓ ବେଉରା କହିଛନ୍ତି, କର୍ମଚାରୀଙ୍କ ଦାବି ଗ୍ରହଣଯୋଗ୍ୟ ନୁହେଁ। ସରକାରୀ ନିୟମ ଅନୁଯାୟୀ ୩ ବର୍ଷରେ ବଦଳି କରାଯାଏ। କିନ୍ତୁ ଏଠାରେ କିଏ ୧୫ ବର୍ଷ ତ ଆଉ କିଏ ୨୦ ବର୍ଷ ହେବ ଗୋଟିଏ ସ୍ଥାନରେ ରହି କାର୍ଯ୍ୟ କରୁଛନ୍ତି। ସେମାନଙ୍କ ନାମରେ ଅନେକ ଅଭିଯୋଗ ମଧ୍ୟ ରହିଛି। ଏହାକୁ ଆଧାର କରି ଏକକାଳୀନ ୩୪ ଜଣଙ୍କର ବିଭାଗ ଅଦଳବଦଳ କରାଯାଇଛି। ବରିଷ୍ଠ ଓ କନିଷ୍ଠ କିରାଣି, ଫାର୍ମାସିଷ୍ଟ, ରେଡିଓଗ୍ରାଫର, ପିଅନ ଆଦି ବିଭିନ୍ନ ବର୍ଗର କର୍ମଚାରୀଙ୍କ ବଦଳି କରାଯାଇଥିବା ବେଉରା କହିଛନ୍ତି।

## ଥଇଥାନ ପର୍ଯ୍ୟନ୍ତ ଫୁଟ୍‌ପାଥ୍‌ରେ ବେପାର ଅନୁମତି ଦିଆଯାଉ

କଟକ,୨୦।୬ (କାର୍ତ୍ତିକ ସାହୁ)

**ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ**

କଟକ ଉଠାଦୋକାନୀ ମହାସଂଘ ସହ ଅନୁବନ୍ଧିତ ବାଦାମବାଡ଼ି ଉଠାଦୋକାନୀ ସଂଘ ପକ୍ଷରୁ ବାଦାମବାଡ଼ି ପୁରୁଣା ବସ୍‌ଷ୍ଟାଣ୍ଡ (ଅନୁଗୋଳ ଓ ପାରାଦୀପ)ଠାରେ ଫୁଟପାଥ୍‌ରେ ଦୀର୍ଘବର୍ଷ ଧରି ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଗୁରୁବାର ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବସ୍‌ଷ୍ଟାଣ୍ଡ ଖାନ୍‌ନଗରକୁ ଉଠିଯାଇଥିବାରୁ ସେମାନଙ୍କ ଜୀବିକା ଉଜୁଡ଼ି ଯାଇଛି। ଏଣୁ ଥଇଥାନ ତଥା ଭେଣ୍ଡିଂ ଜୋନ୍ ଯୋଗାଇଦେବା ପର୍ଯ୍ୟନ୍ତ ଫୁଟ୍‌ପାଥ୍‌ରେ ପୂର୍ବଭଳି ବ୍ୟବସାୟ କରିବା ପାଇଁ ଅନୁମତି ଦେବାକୁ ସେମାନେ ଦାବି କରିଛନ୍ତି। କଟକ ଉଠାଦୋକାନୀ ମହାସଂଘ ସଭାପତି ଅମରେନ୍ଦୁ ମହାନ୍ତି, ବାଦାମବାଡ଼ି ଉଠାଦୋକାନୀ ସଂଘ ସମ୍ପାଦକ ଛବି ଖୁଣ୍ଟିଆ, ଉପସଭାପତି ନିତ୍ୟାନନ୍ଦ ନାୟକ, ସହ ସମ୍ପାଦକ ଶିବ ବେହେରା, ମହାସଂଘ ସମ୍ପାଦକ ଅକ୍ଷୟ ସାହୁ, ପ୍ରସନ୍ନ କୁମାର ମହାପାତ୍ର, ସଞ୍ଜୟ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଏଥିସହ ହାଇକୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ କରିବାକୁ ସେମାନେ ଏକ ଦାବିପତ୍ର ସିଏମ୍‌ସି କମିଶନରଙ୍କୁ ପ୍ରଦାନ କରିଛନ୍ତି। ନଚେତ୍ ଆଗାମୀ ଦିନରେ ସହରର ସମସ୍ତ ଉଠାଦୋକାନୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ବାଦାମବାଡ଼ି ଉଠାଦୋକାନୀ ସଂଘ ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

**ଆଜି ବିଶ୍ୱ ଯୋଗ ଦିବସ**

# ଯୋଗ କଲେ ଶରୀର ସୁସ୍ଥ ରୁହେ


ବାରବାଟୀ ଯୋଗ ଆସୋସିଏଶନର ଯୋଗ କେନ୍ଦ୍ରରେ ପିଲାମାନେ ଯୋଗ କରୁଛନ୍ତି।

କଟକ,୨୦।୬(ଶିଳ୍ପା ପ୍ରିୟଦର୍ଶିନୀ)

ଶରୀର ସୁସ୍ଥ ରଖିବା ପାଇଁ ଯୋଗ ଏକ ସହଜ ମାଧ୍ୟମ। ଯୋଗ ଦ୍ୱାରା ମନରେ ସ୍ଥିରତା ଆସିବା ସହ ମାନସିକ ଚାପ ଦୂର ହୋଇଥାଏ। ଏବେ ଧୀରେ ଧୀରେ ଯୋଗ ପ୍ରତି ଅଧିକାଂଶ ଲୋକ ଆଗ୍ରହୀ ହେଉଛନ୍ତି। ଏପରି କି ସହରରେ ଥିବା ଯୋଗକେନ୍ଦ୍ର, ପାର୍କରେ ସକାଳ ଏବଂ ସନ୍ଧ୍ୟାରେ ଲୋକମାନେ ଯୋଗ କରୁଥିବା ଦେଖିବାକୁ ମିଳୁଛି। ଯୋଗ ମଧ୍ୟରେ ସୁଖ୍ମା ଆସନ, ଜାମ୍‌ଶିରା ଆସନ, ପଶ୍ଚିମତାନା ଆସନ, ଉଷ୍ଟ୍ରା ଆସନ, ବାକ୍ରା ଆସନ, ନଟରାଜ ଆସନ, ଚକ୍ରାସନ, ସିଂହ ଆସନ, ବିଶ୍ୱମିତ୍ରା ଆସନ ଇତ୍ୟାଦି ରହିଛି। ଶୁକ୍ରବାର ବିଶ୍ୱ ଯୋଗ ଦିବସ ଉପଲକ୍ଷେ ସହରରେ ଥିବା ଯୋଗକେନ୍ଦ୍ର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି।

କଟକ ସହରର ବାରବାଟୀ ଯୋଗ ଆସୋସିଏଶନ୍ ସର୍ବପୁରାତନ ଯୋଗକେନ୍ଦ୍ର ଭାବେ ପରିଚିତ। ୧୯୯୦ ମସିହାରେ ସତ୍ୟବ୍ରତ ଷ୍ଟାଡିୟମ୍‌ରେ ଏହି ଯୋଗକେନ୍ଦ୍ର ଆରମ୍ଭ ହୋଇଥିଲା। ଏହା ପଞ୍ଜୀକୃତ ହେବା ପରେ ସତ୍ୟବ୍ରତ ଷ୍ଟାଡିୟମ ନିକଟରେ ନିଜସ୍ୱ କେନ୍ଦ୍ର ଖୋଲିଥିଲା। ଏଠାରେ ପ୍ରତିଦିନ ସକାଳ ୬ରୁ ୭ଟା, ୭ଟା ୩୦ରୁ ୮ଟା ୩୦, ୮ଟା ୩୦ରୁ ୯ଟା ୩୦, ଅପରାହ୍ନ ୪ଟାରୁ ୫ଟା, ୫ଟାରୁ ୬ଟା ପର୍ଯ୍ୟନ୍ତ ୫ଟି ବ୍ୟାଚ୍‌ରେ ଯୋଗ ଶିକ୍ଷା ଦିଆଯାଉଛି। ଏଠାରେ ୮ ଜଣ ଶିକ୍ଷକ ଯୋଗ ପାଇଁ ତାଲିମ ଦେଉଛନ୍ତି। ଏଠାରେ ଆସନ, ପ୍ରାଣାୟାମ, ଧ୍ୟାନ, ମୁଦ୍ରା ଇତ୍ୟାଦି ତାଲିମ ଦିଆଯାଉଛି। ସେହିପରି ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତି ପ୍ରାୟ ୧୦ ବର୍ଷ ହେବ ଶିଶୁଭବନ ନିକଟ ସାଇ ମନ୍ଦିର ପ୍ରାଙ୍ଗଣରେ ଯୋଗଶିକ୍ଷା ଦିଆଯାଉଛି। ସେହିପରି ମହିଳା ପତଞ୍ଜଳି ଯୋଗ ସମିତି ପକ୍ଷରୁ ମହାନଦୀ ବିହାର ଅଞ୍ଚଳରେ ଯୋଗ ଶିକ୍ଷା ଦିଆଯାଉଛି। ସକାଳ ୬ରୁ ୯ଟା ଓ ଅପରାହ୍ନ ୫ଟାରୁ ୭ଟା ପର୍ଯ୍ୟନ୍ତ ଏଠାରେ ଯୋଗ ଶିକ୍ଷା ଦିଆଯାଉଛି।

### ଯୋଗ କରିବା ନିହାତି ଆବଶ୍ୟକ



“ପ୍ରାୟ ୩୪ ବର୍ଷର ଏହି କେନ୍ଦ୍ରରେ ଯୋଗ ଶିକ୍ଷା ଦିଆଯାଉଛି। ଏଠାରେ ମୁଁ ତାଲିମ ଗ୍ରହଣ କରି ଏବେ ପିଲାଙ୍କୁ ତାଲିମ ଦେଉଛି। ଯୋଗ କଲେ ଶରୀର ସୁସ୍ଥ ରୁହେ। ସୁସ୍ଥ ଶରୀର ଗଠନରେ ଏହାର ଏକ ପ୍ରମୁଖ ଭୂମିକା ରହିଛି। ଶାନ୍ତ ମନ ଓ ଶୃଙ୍ଖଳିତ ଜୀବନ ଅତିବାହିତ କରିବାକୁ ହେଲେ ଯୋଗ କରିବା ନିହାତି ଆବଶ୍ୟକ। ଏହା ବିଭିନ୍ନ ରୋଗରୁ ମୁକ୍ତ କରାଇଥାଏ। ସମସ୍ତ ଜନସାଧାରଣ ଯୋଗ କରିବା ନିହାତି ଆବଶ୍ୟକ।

**ଦେବାଶିଷ ହଲଦାର, ଟ୍ରେନ୍‌ର, ବାରବାଟୀ ଯୋଗ ଆସୋସିଏଶନ୍**

### ଶରୀର ଓ ମନରେ ସନ୍ତୁଳନ ଆଣିଥାଏ



“୧୦ ବର୍ଷ ହେବ ଯୋଗ ଶିକ୍ଷା ଦେଇଆସୁଛି। ପୁରୁଷଙ୍କ ତୁଳନାରେ ଏବେ ମହିଳାମାନେ ବେଶୀ ମାତ୍ରାରେ ଯୋଗ ପ୍ରତି ଆଗ୍ରହୀ ହେଉଛନ୍ତି। ଯୋଗ ଦ୍ୱାରା ମନୁଷ୍ୟର ଶରୀର ଓ ମନ ମଧ୍ୟରେ ସନ୍ତୁଳନ ଆସିଥାଏ। ଏଥିସହ ମନକୁ ନିୟନ୍ତ୍ରଣ କରିବା ସହ ଜୀବନର ଉନ୍ନତି କ୍ଷେତ୍ରରେ ସହାୟକ ହୋଇଥାଏ।

**ସାଗରିକା ଜେନା, ଯୋଗ ଗୁରୁ, ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତି**

### ଆଜୀବନ ରୋଗ ମୁକ୍ତ କରିଥାଏ



“ମଣିଷ ଶରୀରରେ ଯୋଗ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ଯୋଗ ଦ୍ୱାରା ମଣିଷ ଆଜୀବନ ରୋଗ ମୁକ୍ତ ହୋଇଥାଏ। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଯୋଗ କରିବା ଦରକାର। ଏହାଦ୍ୱାରା ଶରୀର ଫୁର୍ତ୍ତି ରୁହେ। ସମସ୍ତ ଅନୁଷ୍ଠାନରେ ଯୋଗକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ରହିଛି।

**ଇତିଶ୍ରୀ ନନ୍ଦ, ଯୋଗ ଗୁରୁ, ମହିଳା ପତଞ୍ଜଳି ଯୋଗ ସମିତି**

## ସଂକ୍ଷେପରେ

### ସାପ କାମୁଡ଼ାରେ ଚାଷୀ ମୃତ

ବୋଲଗଡ଼,୨୦।୬(ଦେବବ୍ରତ ହୋତା)

ସାପ କାମୁଡ଼ାରେ ଗୁରୁବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ କନ୍ତାଇଲୋ ଗ୍ରାମ ଅନ୍ତର୍ଗତ ହରେକୃଷ୍ଣପୁର ମୌଜାର ନବ କିଶୋର ମଙ୍ଗରାଜ(୬୦)। ସୂଚନା ମୁତାବକ, ପୂର୍ବାହ୍ନରେ ନବ ଜମିକୁ ଯାଇଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ତାଙ୍କୁ ଚିକିତ୍ସା ପାଇଁ ପରିବାର ଲୋକେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲା।

### ଟାଙ୍ଗୀରେ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ କରାଯାଉ

ଟାଙ୍ଗୀ,୨୦।୬(ରଘୁନାଥ ସାହୁ)

ରାଜ୍ୟର ସମସ୍ତ ଜିଲା, ବ୍ଲକ ସଦର ମହକୁମାରେ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ହୋଇଛି। ତେବେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ସଦର ମହକୁମାରେ ଏହି ଇନ୍‌ଡୋର ଷ୍ଟାଡିୟମ ନାହିଁ। ସଭା ସହିତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଏକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମର ଆବଶ୍ୟକତା ରହିଛି। ଏହି ସୁବିଧା ନ ଥିବାରୁ ବୁଦ୍ଧିଜୀବୀମାନେ ଅନେକ ସମୟରେ ବିଭିନ୍ନ ମନ୍ଦିର ପରିସରରେ ବୈଠକ ତଥା ଆଲୋଚନାଚକ୍ର କରିଥାନ୍ତି। ତେଣୁ ଟାଙ୍ଗୀଠାରେ ଏକ ଶୀତତାପ ନିୟନ୍ତ୍ରିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରିବା ପାଇଁ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଂଯୋଜକ ବିଜୟ କୁମାର ରାଉତ ଦାବି କରିଛନ୍ତି।

### ପୁରୁଣା ସ୍ମୃତି ମନେପକାଇଲେ

ଜଟଣୀ,୨୦।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ନିକଟ ହରିରାଜପୁରସ୍ଥିତ ସୋମନାଥ ଦେବ ବିଦ୍ୟାପୀଠର ୧୯୭୮ ମସିହା ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତରଡ଼ା ଗ୍ରାମସ୍ଥିତ ମହାବୀର ମନ୍ଦିର ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ର ଯୋଗଦେଇ ପୁରୁଣା ସ୍ମୃତି ମନେପକାଇବା ସହ ଯୁବ ସମାଜକୁ ନିଶା କବଳରୁ ମୁକ୍ତ କରିବା ଦିଗରେ ସଚେତନତା କାର୍ଯ୍ୟକ୍ରମ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ପ୍ରଦୀପ ପଟ୍ଟନାୟକ, ଲକ୍ଷ୍ମୀଧର ପାତ୍ର, ପବିତ୍ର ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଦନ୍ତରୋଗ ବିଶେଷଜ୍ଞ ନିରଞ୍ଜନ ଶତପଥୀଙ୍କ ପରଲୋକ

କଟକ,୨୦।୬ (କାର୍ତ୍ତିକ ସାହୁ)- ବିଶିଷ୍ଟ ଦନ୍ତରୋଗ ବିଶେଷଜ୍ଞ ଡା. ନିରଞ୍ଜନ ଶତପଥୀଙ୍କ କଟକ ମହାନଦୀ ବିହାରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ବାସନ୍ତୀ ଶତପଥୀ, ବଡ଼ ପୁଅ ସମ୍ବିତ, ସାନ ପୁଅ ସଞ୍ଜିବ, ବୋହୂ ଇଂ. ଜୟଶ୍ରୀ ହୋତା ଓ ଡାକ୍ତର ଐଶ୍ୱର୍ଯ୍ୟା କର ପ୍ରମୁଖ ଉପସ୍ଥିତ ଥିଲେ। କଟକ କାଳିଆବୋଦାସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ସମ୍ବିତ ମୁଖାଗ୍ନି ଦେଇଥିଲେ।

# ଶ୍ରୀକ୍ଷେତ୍ରରେ ପହଞ୍ଚିଲା ମହାପ୍ରଭୁଙ୍କ ପାଟବସ୍ତ୍ର, ସୂତା ଲୁଗା



ଖୋର୍ଦ୍ଧା,୨୦।୬(ପ୍ରଭାତ ପାଣିଗ୍ରାହୀ)

ଆଉ ଦିନ କେଇଟା ପରେ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା। ରଥଖଳାରେ ମହାପ୍ରଭୁଙ୍କ ତିନି ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ସ୍ନାନଯାତ୍ରା ଏବଂ ଅଣସର ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଚଳିତବର୍ଷ ରଥଯାତ୍ରା ଲାଗି ମହାପ୍ରଭୁଙ୍କ ସୂତା ଲୁଗା ଓ ପାଟବସ୍ତ୍ର ଗୁରୁବାର ଶ୍ରୀକ୍ଷେତ୍ରରେ ପହଞ୍ଚିଛି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ାର ବୁଣାକାରଙ୍କ ପକ୍ଷରୁ ଏହି ପାଟବସ୍ତ୍ର ଓ ସୂତା ଲୁଗା ଯୋଗାଇ ଦିଆଯାଉଛି। ଏନେଇ ବୁଣାକାର ଗୋପୀନାଥ ଦାସ କହିଛନ୍ତି, ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ତାଲିକା ପାଇବା ପରେ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତ କାମ ଠିକ୍ ସମୟରେ ସରିଛି।

ଚଳିତ ରଥଯାତ୍ରା ଲାଗି ଚେହେଲି ପାଟ, ବଡ଼ସିଂହାର ଲାଗି ଗୀତଗୋବିନ୍ଦ ପାଟ, ସାତବାର ଲାଗି ୭ ପ୍ରକାର ଖଣ୍ଡୁଆ ପାଟ, ସୂତାରେ ପ୍ରସ୍ତୁତ ଦୁଇ ପ୍ରକାର ଘୋଡ଼ଣୀ, ଦେବସ୍ନାନ ପୂର୍ଣ୍ଣିମୀ ୧୦୮ଗରାବଡୁ ଜଳ ପାଇଁ ଗାମୁଛା, ମହାପ୍ରଭୁଙ୍କ ଗୁପ୍ତ ସେବା ଲାଗି ଲାଲ, ସବୁଜ ଓ ହଳଦିଆ ରଙ୍ଗର ଏକ ସେଟ୍ ଲେଖାଏ ଚେହେଲି ପାଟ ଯାଇଛି। ବଡ଼ସିଂହାର ବେଶ ଲାଗି (ଗୀତଗୋବିନ୍ଦ ବହିର ତୃତୀୟ ପୟାର ପ୍ରଥମ ଶ୍ଳୋକ) କଂସାରୀ ରପି ସଂସାର, ବାସନାବନ୍ଧ ଶୃଙ୍ଖଳା, ରାଧାମାଧାୟ ହୃଦୟେ, ତ୍ୟୋଜ ବ୍ରଜସୁନ୍ଦରୀଃ ଲେଖାଥିବା ଗୀତଗୋବିନ୍ଦ ପାଟ ଠାକୁରଙ୍କ ନିତିଦିନିଆ ରାତି ବଡ଼ସିଂହାର ବେଶ ଲାଗି ପଠାଯାଇଛି। ସେହିପରି ଚନ୍ଦନଚର୍ଚ୍ଚିତ ନୀଳକଳେବର ପୀତବସନ ବନମାଳୀ କେଳି ଚଳନ୍ମଣି କୁଣ୍ଡଳ ମଣ୍ଡିତ ଗଣ୍ଡଯୁଗ ସ୍ମିତଶାଳୀ ଲେଖାଥିବା ଠାକୁରଙ୍କ ବଡ଼ସିଂହାର ବେଶ ଲାଗି ଗୀତଗୋବିନ୍ଦ ପାଟ ପଠାଯାଇଛି। ସେହିପରି ସପ୍ତବିଗ୍ରହ ମାଧବ, ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଶ୍ରୀଦେବୀ, ଭୂଦେବୀଙ୍କ ଲାଗି ସୂତାର ୨ ପ୍ରକାର ଘୋଡଣୀ ସମେତ ମହାପ୍ରଭୁଙ୍କ ବର୍ଷସାରା ଅନ୍ୟ ସେବା ଲାଗି ୩୦ରୁ ୩୫ ପ୍ରକାର ଲୁଗା ନେତଫୁଟା, ବୋଇରାଣୀ, ପତନୀ, ଟଣାଖୋସା, ମଲମଲ, ଶ୍ରୀମୁଖ ଓଡା, ଗଦିଫୁଟା ଆଦି ବସ୍ତ୍ର ପଠାଯାଇଛି।

## ମହାପ୍ରଭୁ ପିନ୍ଧିବେ ସାତ୍ତ୍ୱିକ ପାଟ

ମହାପ୍ରଭୁ ଶ୍ରୀଜଗନ୍ନାଥ ପରିଧାନ କରିବେ ସାତ୍ତ୍ୱିକ ପାଟ (କରୁଣା ସିଲ୍କ)। ରାଜ୍ୟ ହସ୍ତତନ୍ତ୍ର ଓ ବୟନ ଶିଳ୍ପ ନିର୍ଦ୍ଦେଶାଳୟ ସହଯୋଗରେ ନୂତନ ଜ୍ଞାନ କୌଶଳ ଓ ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ହୋଇଛି ରେଶମ ବସ୍ତ୍ର। ରେଶମ ପୋକ କୁ ନ ମାରି ମହାପ୍ରଭୁଙ୍କ ପାଇଁ ପାଟବସ୍ତ୍ର ପ୍ରସ୍ତୁତ କରାଯାଉଛି। ବେଗୁନିଆ ରାଉତପଡ଼ାର ଗୋପୀନାଥ ଦାସଙ୍କ ପରିବାର ଏହି ପାଟବସ୍ତ୍ର ପ୍ରସ୍ତୁତ କରିଛନ୍ତି। ଗତବର୍ଷ ପ୍ରଥମ ପର୍ଯ୍ୟାୟରେ ୮୮ ମିଟର ଲମ୍ବର ଗୀତଗୋବିନ୍ଦ ପାଟ ବୁଣିଥିଲେ ଗୋପୀନାଥ। ଏହାକୁ ସାତ୍ତ୍ୱିକ ରେଶମ ବୋଲି ନାମ ଦିଆଯାଇଥିବା ବେଳେ ସରକାରୀ ସ୍ତରରେ ଏହାକୁ କରୁଣା ଶିଳ୍ପ ବୋଲି କୁହାଯାଇଥାଏ। ଗତବର୍ଷ ଜାତୀୟ ସ୍ତରରେ ଆୟୋଜିତ ଏକ୍ସପୋରେ କରୁଣା ଶିଳ୍ପର ଚାହିଦା ବଢ଼ିଥିଲା। ଏନେଇ ଗୋପୀନାଥ କହିଛନ୍ତି, ପୂର୍ବରୁ ଏହି ଗୀତଗୋବିନ୍ଦ ପାଟ ପ୍ରସ୍ତୁତ ପାଇଁ ୪ରୁ ୬ଲକ୍ଷ ପର୍ଯ୍ୟନ୍ତ ପୋକକୁ ମାରି ସୂତା ବାହାର କରାଯାଇ ବସ୍ତ୍ର ବୁଣା ହେଉଥିଲା। ଏବେ ରେଶମ ପୋକକୁ ନ ମାରି ପ୍ରସ୍ତୁତ ରେଶମ ବସ୍ତ୍ର ବ୍ୟବହାର କରାଯାଉଛି। ଫଳରେ ବିନା ଜୀବ ହତ୍ୟାରେ ପାଟବସ୍ତ୍ର ପ୍ରସ୍ତୁତ କରାଯାଉଛି। ଗତବର୍ଷ ପରି ଚଳିତବର୍ଷ ମଧ୍ୟ ମହାପ୍ରଭୁଙ୍କ ସାତ ଦିନ ପାଇଁ ସାତ ପ୍ରକାର ସାତ୍ତ୍ୱିକ ପାଟ ତଥା କରୁଣା ଶିଳ୍ପ ବା ଅହିଂସ ପାଟ ପରିଧାନ କରିବେ। ସାତ ବାରରେ ଶ୍ରୀବିଗ୍ରହ ସାତ ପ୍ରକାର ପାଟ ପରିଧାନ କରନ୍ତି। ଶ୍ରୀଜଗନ୍ନାଥ ୧୬ହାତ, ଶ୍ରୀବଳଭଦ୍ର ୧୪ ଏବଂ ଦେବୀ ସୁଭଦ୍ରାଙ୍କୁ ୧୨ ହାତି ବସ୍ତ୍ର ଲାଗି ହୋଇଥାଏ। ବିଜେ ପ୍ରତିମା ଶ୍ରୀଦେବୀ, ଭୂଦେବୀ, ଶ୍ରୀମଦନମୋହନ, ରାମକୃଷ୍ଣଙ୍କ ୩ହାତି ଆବଶ୍ୟକ ରହିଥାଏ। ଏହି ପାଟବସ୍ତ୍ର ବୁଣୁଥିବା ବୁଣାକାର ଅଶୋକ କହିଛନ୍ତି, ଦୀର୍ଘ ବର୍ଷ ହେବ ବୁଣାକାମ କରୁଛି। ମହାପ୍ରଭୁଙ୍କ ସେବା ସୁଯୋଗ ପାଇବା ପରେ ଏଥିରେ ମନୋନିବେଶ କରିଛି। ନୂତନ ପଦ୍ଧତିରେ ରେଶମ ପୋକ କୁ ନ ମାରି ବସ୍ତ୍ର ବୁଣା କାମ ପାଇଁ ଭାଇଙ୍କ ପରାମର୍ଶ ପରେ ବୁଣିବା କାମ ଆରମ୍ଭ କରିଥିଲି। ମହାପ୍ରଭୁଙ୍କ ଗୀତଗୋବିନ୍ଦ ପାଟ ବୁଣିବା ଏକ ନିଆରା ଅନୁଭୂତି। ତାଙ୍କ ସ୍ତୁତିଗାନ କରି ବୁଣିବା ସମୟରେ କେତେବେଳେ ସମୟ ଗଡିଯାଏ ଜଣାପଡ଼େନି।

୧୯୯୬ ଓ ୨୦୧୫ ନବକଳେବର ମହାପ୍ରଭୁଙ୍କ ଲାଗି ସୂତା ଓ ପାଟବସ୍ତ୍ର ପଠାଇବାର ସୁଯୋଗ ପାଇଥିବା ବୁଣାକାର ଗୋପୀନାଥ କହିଛନ୍ତି, ରାଉତପଡ଼ାର ଗ୍ରାମର ଅଧିକାଂଶ ପରିବାର ହେଉଛନ୍ତି ବୁଣାକାର। ବାପା ମଧୁସୂଦନ ଦାସଙ୍କ ଅମଳରୁ ଗତ ୧୯୯୩ ମସିହାରୁ କ୍ରମାଗତ ମହାପ୍ରଭୁଙ୍କ ରଥଯାତ୍ରା ଓ ବର୍ଷସାରା ପର୍ବପର୍ବାଣି ଲାଗି ସୂତାଲୁଗା ଓ ପାଟବସ୍ତ୍ର ଯୋଗାଇ ଆସୁଛନ୍ତି ଏହି ବୁଣାକାର। ଗୋପୀନାଥଙ୍କ ସମେତ ରାମଚନ୍ଦ୍ର ଦାସ, ଭଗବାନ ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ଦାସ, ରବୀନ୍ଦ୍ର କୁମାର ଦାସ, ଅଶୋକ ଦାସ, ନିମାଇଁ ଚରଣ କୁଣ୍ଡୁ, କାର୍ତ୍ତିକେଶ୍ୱର ପାତ୍ର ପ୍ରମୁଖ ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ଏହି ସେବାରେ ଅପୂର୍ବ ଆନନ୍ଦ ମିଳିଥାଏ ବୋଲି ଏମାନେ କହିଛନ୍ତି।

## ମହାପ୍ରଭୁଙ୍କ ସେବାରେ ୨୨ ପରିବାର

ଖୋର୍ଦ୍ଧା,୨୦।୬(ପ୍ରଭାତ ପାଣିଗ୍ରାହୀ)

ବେଗୁନିଆ ବ୍ଲକ ରାଉତପଡ଼ା ଗ୍ରାମର ଅଧିକାଂଶ ପରିବାର ବୁଣାକାର। ବର୍ଷସାରା ହସ୍ତତନ୍ତ ଲୁଗା, ଗାମୁଛା, ବାନ୍ଧେଣୀ ଶାଢ଼ି, ବିଭିନ୍ନ ପ୍ରକାର ପାଟ ଓ ସୂତା ଲୁଗା ବୁଣୁଛନ୍ତି। ରାଉତପଡ଼ା ସେବା ସମବାୟ ସମିତିରେ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ବୁଣାକାର ରହିଛନ୍ତି। ମହାପ୍ରଭୁଙ୍କ ଲାଗି ପାଟ ଓ ସୂତାଲୁଗା ଏଠାରୁ ଶ୍ରୀକ୍ଷେତ୍ରରୁ ଯାଉଥିବାରୁ ଏହି ଗ୍ରାମ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏନେଇ ବୁଣାକାର ଗୋପୀନାଥ ଦାସ କହିଛନ୍ତି, ବାପା ମଧୁସୂଦନ ୧୯୯୩ ମସିହାରେ ମହାପ୍ରଭୁଙ୍କ ଏହି ଅନନ୍ୟ ସେବା ପାଇବାର ସୁଯୋଗ ପାଇଥିଲେ। ଏହାପରଠାରୁ କ୍ରମାଗତ ଭାବେ ମହାପ୍ରଭୁଙ୍କ ରଥଯାତ୍ରା ଓ ବର୍ଷସାରା ପର୍ବପର୍ବାଣି ଲାଗି ସୂତାଲୁଗା ଓ ପାଟବସ୍ତ୍ର ଯୋଗାଇ ଆସୁଛନ୍ତି ଏହି ବୁଣାକାର ପରିବାର। ଏହି ସେବାରେ ତାଙ୍କ ପରିବାର ସମେତ ଗ୍ରାମର ୨୨ ପରିବାରର ସଦସ୍ୟ ରହିଛନ୍ତି।

## ସୂତା କାଟି ଯୋଗାଉଛନ୍ତି ୯୬ ବର୍ଷୀୟ ଆସେଳି



ବୟସ ୯୬ ଛୁଇଁଲାଣି, ଆଖିକୁ ଠିକ୍ ଭାବେ ଦେଖାଯାଉନାହିଁ। ତଥାପି ପରିବାର ସହ ମିଶି ମହାପ୍ରଭୁଙ୍କ ଏହି ସେବାରେ ଲାଗିଛନ୍ତି ବୁଣାକାର ଗୋପୀନାଥଙ୍କ ମା' ଆସେଳି। ଦୈନିକ ସକାଳେ ଉଠିବା ପରେ ଆସେଳି ଠାକୁର ପୂଜା ସାରି ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସୂତା କାଟିଥା'ନ୍ତି। କାର୍ଯ୍ୟରେ ସେ ବିମଗ୍ନ ରହିଥାନ୍ତି। ଗୋଟିଏ ଲକ୍ଷ୍ୟ ମହାପ୍ରଭୁଙ୍କ ଲାଗି ସୂତାଲୁଗା ବୁଣିବେ। ବୟସାଧିକ୍ୟ କାରଣରୁ ସେ ଚାଲି ପାରୁ ନ ଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଯାଇପାରୁନାହାନ୍ତି। ଏନେଇ ଆସେଳି କହିଛନ୍ତି, ପିଲାମାନେ ଲୁଗା ବୁଣୁଛନ୍ତି, ତାଙ୍କୁ ସୂତା କାଟି ଯୋଗାଉଛି। ମହାପ୍ରଭୁଙ୍କ ସେବାରେ ଆନନ୍ଦ ମିଳେ। ତାଙ୍କ ନାମ ସ୍ମରି ଜୀବନ ଅତିବାହିତ ହୋଇଯାଉଛି।

## ସେବାରେ ଦିବ୍ୟାଙ୍ଗ କାର୍ତ୍ତିକେଶ୍ୱର



ରାଉତପଡ଼ାର ବୁଣାକାର ଦିବ୍ୟାଙ୍ଗ କାର୍ତ୍ତିକେଶ୍ୱର ପାତ୍ର। ଜନ୍ମରୁ ସେ ପୋଲିଓ ଆକ୍ରାନ୍ତ। ମାଟ୍ରିକ୍ ପାସ କରିବା ପରେ ପରିବାର ସମସ୍ୟା ଯୋଗୁ ତାଙ୍କ ପାଠପଢ଼ାରେ ଡୋରି ବାନ୍ଧି ହୋଇଯାଇଥିଲା। ଛୋଟ ବୟସରେ ବାପାଙ୍କ ଦେହାନ୍ତ ପରେ ମାମୁ ବୁଣାକାର ଗୋପୀନାଥଙ୍କ ସଂସ୍ପର୍ଶରେ ଆସି ହସ୍ତତନ୍ତ ଲୁଗା ବୁଣିବା ଆରମ୍ଭ କରିଥିଲେ। ୧୫ବର୍ଷ ବୟସରେ ସେ ମହାପ୍ରଭୁଙ୍କ ଲାଗି ପାଟବସ୍ତ୍ର ବୁଣିବା ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ପରେ ମହାପ୍ରଭୁଙ୍କ ବଡ଼ସିଂହାର ବେଶ ଲାଗି ଗୀତଗୋବିନ୍ଦ ଲେଖାଥିବା ପାଟବସ୍ତ୍ର ସହ ବୁଣୁଛନ୍ତି। ଏନେଇ କାର୍ତ୍ତିକେଶ୍ୱର କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରୁ ଦୀର୍ଘ ୨୦ବର୍ଷ ହେବ ତାଙ୍କ ସେବାରେ ଲାଗିଛି। ତେଣୁ ନିଜକୁ ଧନ୍ୟ ମନେ କରିଥାଏ। ଜୀବନରେ ଶେଷବିନ୍ଦୁ ଥିବା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବା କରୁଥିବି।

# ଲୁକ୍କାୟିତ ପ୍ରତିଭା ବିକାଶିତ କରେ ମହୋତ୍ସବ

ଟାଙ୍ଗୀ,୨୦।୬(ରଘୁନାଥ ସାହୁ)

### ମା' ଉଗ୍ରତାରାଙ୍କ ପୀଠରେ ରଜ ମହୋତ୍ସବ ଉଦ୍‌ଯାପିତ

ମା' ଉଗ୍ରତାରାଙ୍କ ପୀଠରେ ୫ଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସମ୍ମାନିତ ଅତିଥି କୋରେଇ ବିଧାୟକ ଆକାଶ ଦାସ ନାୟକ ପ୍ରମୁଖ ଯୋଗଦେଇ ମହୋତ୍ସବ ମାଧ୍ୟମରେ ଭାଇଚାରା ସୃଷ୍ଟି ହେବା ସହ ବିଭିନ୍ନ ଅଞ୍ଚଳର ଲୁକ୍କାୟିତ ପ୍ରତିଭା ବିକଶିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହା ପରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ଯାତ୍ରା ପଡ଼ିଆରେ ପ୍ରବଳ ଜନସମାଗମ ହୋଇଥିଲା। ଟାଙ୍ଗୀ ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ପ୍ରକାଶ ଯେ, ପ୍ରତିବର୍ଷ ଏଠାରେ ରଜ ମହୋତ୍ସବ ୩ଦିନ ହେଉଥିବା ବେଳେ ବିଧାୟକ ଜଗଦ୍ଦେବ ଚଳିତବର୍ଷ ୫ଦିନ ମହୋତ୍ସବ ପାଳନ ହେବ ବୋଲି ପ୍ରସ୍ତୁତି ବୈଠକରେ ଘୋଷଣା କରିଥିଲେ।



ମା' ଉଗ୍ରତାରାଙ୍କ ପୀଠରେ ରଜ ମହୋତ୍ସବର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ବେଗୁନିଆ,୨୦।୬(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅଧୀନ ଗଡ଼ତରା ଗ୍ରାମ ଉଚ୍ଚ ବିଦ୍ୟାଳୟ ନିକଟ ପୋଖରୀରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଟିକାତାଳ ଗ୍ରାମର ସମୀର ନାୟକ(୧୯)। ସୂଚନା ମୁତାବକ, ସମୀର ଜଣେ ଟ୍ରାକ୍ଟର ଚାଳକ ହୋଇଥିବା ବେଳେ ବୁଧବାର ରାତିରେ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଖରୀରୁ ମୃତଦେହ ଉଦ୍ଧାର କରାଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭/୨୪) ରୁଜୁ କରି ତଦନ୍ତ ଚଳାଇଛି।

## ବେଗୁନିଆ କଲେଜରେ ବିଶ୍ୱ ରକ୍ତଶିକୁଳି ଦିବସ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଛାତ୍ରଛାତ୍ରୀ।

ବେଗୁନିଆ,୨୦।୬(ହର ପ୍ରସନ୍ନ ପଣ୍ଡା)

### ଚିହ୍ନଟ ପ୍ରକ୍ରିୟାକୁ ପ୍ରାଧାନ୍ୟ ଦେଲେ କମିବ ରୋଗୀ ସଂଖ୍ୟା

ବେଗୁନିଆ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ବିଶ୍ୱ ରକ୍ତଶିକୁଳି ଦିବସ ପାଳିତ ହୋଇଯାଇଛି। ସଭାଗୃହ ପରିସରରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥିଭାବେ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ବିଧୁଭୂଷଣ ରାଉତ, ଅଧ୍ୟାପକ ଉଦିତ୍ ନାରାୟଣ ପାଢ଼ୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବିଶ୍ୱ ରକ୍ତଶିକୁଳି(ସିକିଲସେଲ) ରୋଗ ସମ୍ପର୍କରେ କଲେଜର ୧୦୦ ଜଣ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ସାଧାରଣତଃ ବଂଶଗତ ଭାବେ ରକ୍ତଶିକୁଳି ରୋଗ ଜଣାଶୁଣା। ପେଟ ଯନ୍ତ୍ରଣା ଓ ମଳତ୍ୟାଗ କଲା ପରେ ଗୋଡ଼ବିନ୍ଧା ହେଲେ ରକ୍ତଶିକୁଳି ରୋଗର ଲକ୍ଷଣ ଦେଖାଦିଏ। ବିଶେଷକରି ଶରୀରରେ ଜଳୀୟ ଅଂଶ କମିଯିବା ଏକ ପ୍ରକାର କାରଣ। ସେହିପରି ଅମ୍ଳଜାନରେ ଚଳାଚଳ କରୁଥିବା ପ୍ରୋଟିନ ହିମୋଗ୍ଲୋବିନକୁ ପ୍ରଭାବିତ କରିଥାଏ, ଯାହାଦ୍ୱାରା ରୋଗୀଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଲକ୍ଷଣ ଦେଖାଦେଉଥିବା ରୋଗୀମାନଙ୍କୁ ପ୍ରଥମେ ସରକାରୀ ସ୍ତରରେ ଚିହ୍ନଟ ପ୍ରକ୍ରିୟାକୁ ପ୍ରାଧାନ୍ୟ ଦେଲେ ରୋଗୀସଂଖ୍ୟା କମିବ ବୋଲି ଅତିଥି ସେନାପତି ମତବ୍ୟକ୍ତ କରିଥିଲେ।

## ଜଗନ୍ନାଥ ସଂସ୍କୃତି ବିଶ୍ୱକୁ ଦିଗ୍‌ଦର୍ଶନ ଦେଉଛି

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

### ଶ୍ରୀଜଗନ୍ନାଥ ଭକ୍ତ ସମାଜର ବାର୍ଷିକୋତ୍ସବ

ଶ୍ରୀଜଗନ୍ନାଥ ଭକ୍ତ ସମାଜର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ସଭାପତି ଶଙ୍କର୍ଷଣ ମଙ୍ଗରାଜ ଅଧ୍ୟକ୍ଷତା କରିଥିଲେ। ଡ. ବଳରାମ ଦାଶ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର କହିଥିଲେ, ଶ୍ରୀଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱକୁ ଦିଗ୍‌ଦର୍ଶନ ଦେବା ସହ ଭାଇଚାରା ସୃଷ୍ଟି କରି ସନାତନ ଧର୍ମର ମୂଲ୍ୟବୋଧ ପ୍ରତିଷ୍ଠା କରିପାରିଛି। ସମ୍ପାଦକ ଶଶିକାନ୍ତ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ ଯୋଗଦେଇ କହିଥିଲେ, ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଭକ୍ତ ଓ ଭଗବାନଙ୍କ ମହାମିଳନ ସହ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଭକ୍ତ କୋଟି ପୂଣ୍ୟ ଅର୍ଜନ କରିଥାଏ। ସମ୍ମାନିତ ଅତିଥି ରୂପେ ମହୀପ୍ରକାଶ ମଠର ମହନ୍ତ ସନ୍ଥ ଶୁଭାନନ୍ଦପୁରୀ, ଓଡ଼ିଆ ମଠର ମହନ୍ତ ବଂଶୀଧର ଦାସ ଗୋସ୍ୱାମୀ, ବାବା ବ୍ରଜବନ୍ଧୁ ଦାସ ଯୋଗଦେଇଥିଲେ। ଉପଦେଷ୍ଟା ଅଧ୍ୟାପକ ଡ. ବଳରାମ ଦାଶ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୁଷ୍ପିତା ପଟ୍ଟନାୟକ, ସଂଯୁକ୍ତା ମହାପାତ୍ର, ବିଜୟ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଦଶାବତାର ସଙ୍ଗୀତ ଜୟଦେବଙ୍କ ଗୀତଗୋବିନ୍ଦ ଗାନ କରାଯାଇଥିଲା। ବେଦଧ୍ୱନୀ ମଧ୍ୟରେ ପରିବେଶ ଜଗନ୍ନାଥମୟ ହୋଇଥିଲା। ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମହନ୍ତ ବଂଶୀଧର ଦାସ ଗୋସ୍ୱାମୀଙ୍କୁ ଗୋସେବା ସମ୍ମାନ, ପଣ୍ଡିତ ହରିହର କରଙ୍କୁ ଶ୍ରୀଜଗନ୍ନାଥ ସେବା ସମ୍ମାନ, ଡ. ବାବାଜୀ ଚରଣ ଦାସଙ୍କୁ ଭକ୍ତସେବା ସମ୍ମାନ, ପ୍ରତିମା ଭୋଳଙ୍କୁ ଆରକ୍ଷୀ ସେବା ସମ୍ମାନ ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗିରିଜା ଶଙ୍କର ପାଢ଼ୀ, ବିଭୂତି ଭୂଷଣ କର, ପଣ୍ଡିତ ଦୟାନିଧି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରମାବଲ୍ଲଭ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଅଦରକାରୀ କାଗଜରେ ଆକର୍ଷଣୀୟ କାରୁକାର୍ଯ୍ୟ

ଖୋର୍ଦ୍ଧା,୨୦।୬(ପ୍ରଭାତ ପାଣିଗ୍ରାହୀ)

### ଅନ୍ୟ ପାଇଁ ପ୍ରେରଣା ପାଲଟିଛନ୍ତି ପ୍ରମୋଦ

ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ସଫଳତାର ଶୀର୍ଷରେ ପହଞ୍ଚାଇଥାଏ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଖୋର୍ଦ୍ଧା ବାଘମାରୀର ପ୍ରମୋଦ ପଣ୍ଡା। ନିଜସ୍ୱ ଉଦ୍ୟମରେ ଓଡ଼ିଶାର ପାରମ୍ପରିକ କଳା କାଗଜମୁଖା ପ୍ରସ୍ତୁତ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଅଦରକାରୀ କାଗଜରୁ ସେ ଭଳିକି ଭଳି ଆକର୍ଷଣୀୟ ବିଭିନ୍ନ ଦେବଦେବୀ, ପଶୁପକ୍ଷୀ ଏବଂ ଘରୋଇ ସାଜସଜ୍ଜା ପ୍ରସ୍ତୁତ କରୁଛନ୍ତି। ତାଙ୍କ ହାତ ତିଆରି କାଗଜମୁଖାର ବେଶ ଚାହିଦା ମଧ୍ୟ ରହିଛି। ଓଡ଼ିଶା କଳା ସଂସ୍କୃତିରେ କାଗଜମୁଖାର ସ୍ୱତନ୍ତ୍ରତା ରହିଛି। ହଜି ଯାଉଥିବା ଏହି କଳାକୁ ପ୍ରମୋଦ ବଞ୍ଚାଇ ରଖିବା ସହ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ବାଘମାରୀ ଅଞ୍ଚଳର ବହୁ ଯୁବକଙ୍କୁ ଏହାର ପ୍ରଶିକ୍ଷଣ ଦେଉଛନ୍ତି। ତାଙ୍କ ହାତ ତିଆରି କଳାର ଚାହିଦା ଓଡ଼ିଶା ତଥା ରାଜ୍ୟ ବାହାରେ ମଧ୍ୟ ରହିଛି।

ପ୍ରମୋଦ କହିଛନ୍ତି, ପିଲାବେଳୁ ଏହି କଳା ପ୍ରତି ଆଗ୍ରହ ରହିଥିଲା। କରଡ଼ଗାଡିଆ ଗ୍ରାମ କାଗଜମୁଖା ପାଇଁ ପରିଚୟ ରହିଛି। ବିଭିନ୍ନ ପର୍ବପର୍ବାଣି, ଅତ୍ରି ମେଳାରେ କରଡ଼ଗାଡିଆ ଗ୍ରାମର ଏକାଧିକ ଲୋକେ କାଗଜରେ ପ୍ରସ୍ତୁତ ବିଭିନ୍ନ କଳାକୃତି ବିକ୍ରି କରନ୍ତି। ଏହାକୁ ଦେଖି ମୋ ମନରେ ମଧ୍ୟ ଆଗ୍ରହଜାତ ହୋଇଥିଲା, ମୁଁ ମଧ୍ୟ ଏହାକୁ କରିବି। ପରେ ଘରେ ଅନାବନା କାଗଜକୁ ଏକାଠି କରିବା ଆରମ୍ଭ କରିଥିଲି। କଠିନ ପରିଶ୍ରମ ଏବଂ ବିଫଳତା ହିଁ ସଫଳତାର ମାପକାଠି ପରି ଏଥିରୁ ପରବର୍ତ୍ତୀ ସମୟରେ ସଫଳତା ମିଳିଥିଲା। ପରେ ଗୋଟିଏ ପରେ ଗୋଟିଏ କଳାକୃତି ପ୍ରସ୍ତୁତ କରିବାରେ ଲାଗିପଡିଥିଲି। ଏଥିଲାଗି ପାରମ୍ପରିକ ରଙ୍ଗର ବ୍ୟବହାର କରାଯାଇଥାଏ। ବଜାର ଚାହିଦା ଏବଂ ଲୋକଙ୍କ ଆଗ୍ରହକୁ ଦେଖି ବିଭିନ୍ନ ପ୍ରକାରର କଳାକୃତି ପ୍ରସ୍ତୁତ କରିଥାଏ। ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଷ୍ଟେଟ୍ କୋଅପରେଟିଭ ହ୍ୟାଣ୍ଡିକ୍ରାଫ୍ଟ ସୋସାଇଟିକୁ କଳାକୃତି ଦେଇଥାଏ। ତେବେ ପରିଶ୍ରମ ଅନୁସାରେ ପାଉଣା ମିଳି ନ ଥାଏ। ଦୀର୍ଘଦିନ ହେବ କରିଆସୁଛି, ଆତ୍ମତୃପ୍ତି ମିଳୁଛି। ଓଡ଼ିଶାରେ ଏହି କଳାର ଚାହିଦା ନାହିଁ, ତେବେ ବାହାର ରାଜ୍ୟ ଏବଂ ବିଦେଶରେ ଏହାର ବେଶ୍ ଆଗ୍ରହ ରହିଛି। କେତେଜଣ ବ୍ୟବସାୟୀ ଆସି ଘରୁ କିଣିନେଇ ବାହାର ରାଜ୍ୟ ଏବଂ ବିଦେଶକୁ ପଠାଉଛନ୍ତି। ଏହି କଳାର ପ୍ରସାର ପାଇଁ ବହୁ ଯୁବକଙ୍କୁ ପ୍ରଶିକ୍ଷଣ ଦେଉଛି। ଝିଅରୁ ଆର୍ଟ ଆଣ୍ଡ କ୍ରାଫ୍ଟରେ ମାଷ୍ଟର ଡ୍ରିଗୀ ହାସଲ କରିଛି। ଏହି କଳାକୁ ବଞ୍ଚାଇ ରଖିବା ପାଇଁ ଦୀର୍ଘଦିନ ହେବ ପ୍ରୟାସ ଜାରି ରଖିଛି। ଏହାର ପ୍ରଚାର, ପ୍ରସାର ପ୍ରତି ଗୁରୁତ୍ୱ ଦିଆଗଲେ କିମ୍ବା ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିଲେ ଏହାର ଚାହିଦା ବଢ଼ିବା ସହିତ ଅନେକଙ୍କ ପାଇଁ ରୋଜଗାର ପନ୍ଥା ହୋଇପାରିବ ବୋଲି ପ୍ରମୋଦ କହିଛନ୍ତି।



ଅଦରକାରୀ କାଗଜରେ ପ୍ରସ୍ତୁତ ବିଭିନ୍ନ ମୁଖା।



ପ୍ରମୋଦ ପଣ୍ଡା କାଗଜମୁଖା ପ୍ରସ୍ତୁତ କରୁଛନ୍ତି।

ଡ୍ରେନ୍‌ରେ ଭାସି ନାବାଳକଙ୍କ ମୃତ୍ୟୁ ଘଟଣା

# ବିଏମ୍‌ସି ଡ୍ରେନେଜ୍ ଡିଭିଜନ ସହକାରୀ ଯନ୍ତ୍ରୀ ନିଲମ୍ବିତ

## ରିପୋର୍ଟ ପାଇବା ପରେ କାର୍ଯ୍ୟାନୁଷ୍ଠାନ ନେଲେ ରାଜ୍ୟ ସରକାର

**ଭୁବନେଶ୍ୱର, ୨୦।୬ (ବନ୍ଦନା ସେଠୀ):** ରାଜଧାନୀ ଭୁବନେଶ୍ୱରରେ ଡ୍ରେନ୍‌ରେ ଭାସିଯାଇ ନାବାଳକଙ୍କ ମୃତ୍ୟୁ ଘଟଣାରେ ଗୁରୁବାର ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଘଟଣାର ତଦନ୍ତ ରିପୋର୍ଟ ହସ୍ତଗତ ହେବାପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଡ୍ରେନେଜ ଡିଭିଜନରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ଦାସଙ୍କୁ ନିଲମ୍ବନ କରାଯାଇଛି। ଏଥିସହ ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଛି। ମଙ୍ଗଳବାର ଭୁବନେଶ୍ୱରରେ ହୋଇଥିବା ପ୍ରବଳ ବର୍ଷାରେ ୟୁନିଟ-୩ ମସ୍‌ଜିଦ୍ କଲୋନୀର ନାବାଳକ ଅବୁ ବକର ଶାହ ଓରଫ ରାଜେଶ୍ ଘର ନିକଟ ୫ନଂ. ଖୋଲା ଡ୍ରେନ୍‌ରେ ଭାସି ଯାଇ ମୃତ୍ୟୁବରଣ କରିଥିଲେ। ବୁଧବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦେବାକୁ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଯେଉଁ ସ୍ଥାନରେ ପିଲାଟି ନାଳରେ ପଡି ଭାସି ଯାଇଥିଲେ, ସେହି ସ୍ଥାନରେ ବାଡ ଲଗାଯାଇ ନ ଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଏଭଳି ସମ୍ବେଦନଶୀଳ ସ୍ଥାନରେ ବାଡ ନ ଲଗାଇବା ପାଇଁ ୫ ନମ୍ବର ଡ୍ରେନ ଡିଭିଜନ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ସନ୍ତୋଷଙ୍କୁ ଦାୟୀ କରାଯାଇ ବିଏମ୍‌ସି ପକ୍ଷରୁ ରିପୋର୍ଟ ଦାଖଲ କରାଯାଇଥିଲା। ରିପୋର୍ଟ ହସ୍ତଗତ ହେବା ପରେ ଗୁରୁବାର ସରକାରଙ୍କ ପକ୍ଷରୁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଦୁର୍ଘଟଣା ସ୍ଥାନରେ ଲାଗିଲା ଲୁହା ବ୍ୟାରିକେଡ୍



ଖୋଲା ଡ୍ରେନ୍‌ରେ ଭାସି ନାବାଳକଙ୍କ ଜୀବନ ଯିବା ପରେ ବିଏମ୍‌ସିର ଚେତା ପଶିଛି। ଦୀର୍ଘ ଦେଢବର୍ଷ ହେବ ଅସୁରକ୍ଷିତ ଭାବେ ପଡ଼ି ରହିଥିବା ନାଳକୁ ଲୁହା ବ୍ୟାରିକେଡ୍ ଲଗାଇ ସୁରକ୍ଷିତ କରାଯାଇଛି। ଘଟଣା ଘଟିବାର ୪୮ଘଣ୍ଟା ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ଗୁରୁବାର ଏହି ବ୍ୟାରିକେଡ ଲଗା କାମ ଶେଷ ହୋଇଛି। ତେବେ ସମ୍ପୃକ୍ତ ସ୍ଥାନକୁ ସ୍ଥାୟୀ ଭାବେ ଆବଦ୍ଧ କରାଯିବା ପାଇଁ ମଧ୍ୟ

### ଜବରଦଖଲ ହଟାଇ ପାଚେରି କରାଯିବ: କମିଶନର

ବିଏମ୍‌ସି ଯୋଜନା କରୁଛି। ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି, ଏବେ ବର୍ଷା ନ ହେଲେ ମସ୍‌ଜିଦ କଲୋନୀବାସୀଙ୍କ ସହ ଆଲୋଚନା କରାଯାଇ ରେଲ୍‌ୱେ କ୍ୱାର୍ଟର୍ସ ପଟୁ ଆସୁଥିବା ନାଳକୁ ବିଏମ୍‌ସି ପକ୍ଷରୁ ଆବଦ୍ଧ କରାଯିବ। କଲୋନୀ ପଛଦେଇ ଆସିଥିବା ଅନ୍ତରୀଣ ନାଳର ବିକାଶ ଆପାତକାଳୀନ ସ୍ଥିତିରେ କରାଯିବ। ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଠାରେ ଡ୍ରେନ ନିର୍ମାଣ କରାଯିବ ଏବଂ ଆଭ୍ୟନ୍ତରୀଣ ଡ୍ରେନ ବିକାଶ ଶେଷ ହେବାପରେ ଏହାକୁ ସିଧାସଳଖ ମୁଖ୍ୟ ନାଳରେ ସଂଯୋଗ କରାଯାଇ ବାକି ଥିବା ପ୍ରାଚୀର କାମ ସମ୍ପୂର୍ଣ୍ଣ କରାଯିବ। ଆବଶ୍ୟକ ପଡିଲେ ଏନେଇ ରେଲୱେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ, ନଚେତ୍ ବିଏମ୍‌ସି ନିଜଆଡୁ ଜବରଦଖଲ ହଟାଇ ଡ୍ରେନ ବିକାଶ କରିବ। ବର୍ଷା ହେଲେ ଉକ୍ତ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସେଠାରୁ ହଟାଇ ଡ୍ରେନ ବିକାଶ କରିବା ସମ୍ଭବପର ନୁହେଁ। ପୁଣି ଡ୍ରେନ୍ ନିର୍ମାଣ ବିଳମ୍ବ ହେବାର ଆଶଙ୍କା ରହିଛି ବୋଲି କମିଶନର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମସ୍‌ଜିଦ କଲୋନୀର ଦୁର୍ଘଟଣା ଘଟିଥିବା ସ୍ଥାନରେ ବିଏମ୍‌ସି ତିଆରି କରିଥିବା ଲୁହା ବ୍ୟାରିକେଡ ବାବଦକୁ ପ୍ରାୟ ୫୦ହଜାର ଟଙ୍କା ଖର୍ଚ୍ଚ କରିଛି। ଏହି ବ୍ୟାରିକେଡ୍‌କୁ ଭୂମିରୁ ୩ ଫୁଟ ଯାଏ ପୋତାଯିବା ସହ ୱେଲ୍ଡିଂ ଜରିଆରେ ମଜଭୁତ କରାଯାଇଛି। ବୁଧବାର ବ୍ୟାରିକେଡ ଲଗାଇବା ଲାଗି କଣ୍ଟ୍ରାକ୍ଟର ଯାଇଥିବାବେଳେ ବିଳମ୍ବିତ ରାତି ପାଇଁ ଅଞ୍ଚଳବାସୀ ତାଙ୍କୁ କାମ କରାଇ ନ ଦେଇ ଫେରାଇ ଦେଇଥିଲେ। ଗୁରୁବାର ସକାଳୁ କାମ ଆରମ୍ଭ କରାଯାଇ ସନ୍ଧ୍ୟା ସୁଦ୍ଧା କାମ ଶେଷ ହୋଇଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ଟ୍ରେନ୍ ଧକ୍କାରେ ମହିଳା ଶ୍ରମିକଙ୍କ ମୃତ୍ୟୁ

ଭୁବନେଶ୍ୱର,୨୦।୬
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ରେଳ ଧାରଣା ପାରିହେବା ବେଳେ ଟ୍ରେନ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ଜଣକ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧନଗର ଭୋଇସାହିର କେ. ରାଧା (୪୫)। ଅପରାହ୍ନ ୫ଟାରେ ବମିଖାଲ ନିକଟ ରେଳ ଧାରଣାରେ ଏହି ଦୁର୍ଘଟଣା ଘଟିଛି। ମୃତା ରାଧା ଶ୍ରମିକ ଭାବେ ବାଲି ସିମେଣ୍ଟ କାମ କରନ୍ତି। ସେ ଶହୀଦନଗର ପଟୁ କାମ ସାରି ଘରକୁ ଫେରୁଥିଲେ। ଏକୁଟିଆ ରେଳ ଧାରଣାରେ ଚାଲି ଚାଲି ପାର ହେବାବେଳେ ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ରାଧାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଭୁବନେଶ୍ୱର ସରକାରୀ ରେଲୱେ ଥାନା (ଜିଆର୍‌ପି) ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୫/୨୦୨୪) ରୁଜୁ କରି ତଦନ୍ତ ଚଳାଇଥିବା ସୂଚନା ଦେଇଛି।




ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ସଚେତନତା ଉଦ୍ଦେଶ୍ୟରେ ଗୁରୁବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

## ଆକ୍ରମଣ: ଆଉ ୩ ଗିରଫ

ଭୁବନେଶ୍ୱର,୨୦।୬(ସୂର୍ଯ୍ୟକାନ୍ତ ବେହେରା): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଭିଏସ୍‌ଏସ୍ ନଗରସ୍ଥିତ ଏକ ଘରୋଇ ସ୍କୁଲ ସାମ୍ନାରେ ସଞ୍ଜୟ ରେଡ୍ଡୀ ନାମକ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଶହୀଦନଗର ଥାନା ପୋଲିସ ଆଉ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପଥରବସ୍ତି ଅଞ୍ଚଳର ରାକେଶ ନାୟକ, ଆକାଶ ନାୟକ ଓ ଚନ୍ଦୁ ଓରଫ ବି.କୁମାର ରାଓ। ଫଳରେ ଗିରଫ ସଂଖ୍ୟା ୬କୁ ବୃଦ୍ଧି ପାଇଛି। ଏହି ଘଟଣାରେ ସମ୍ପୃକ୍ତ ଆହୁରି ୮ ଯୁବକ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।

ତିର୍ତ୍ତୋଲ ନାବାଳିକା ଗଣବଳାତ୍କାର ମାମଲା

## ମୃତ୍ୟୁ ଦଣ୍ଡାଦେଶ ଆଜୀବନ କାରାଦଣ୍ଡରେ ପରବର୍ତ୍ତିତ

**କଟକ,୨୦।୬ (କାର୍ତ୍ତିକ ସାହୁ)**

ତିର୍ତ୍ତୋଲ ନାବାଳିକା ଗଣବଳାତ୍କାର ଓ ହତ୍ୟା ମାମଲାରେ ଜଗତ୍‌ସିଂହପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଦେଇଥିବା ମୃତ୍ୟୁ ଦଣ୍ଡାଦେଶ ଆଜୀବନ କାରାଦଣ୍ଡରେ ପରବର୍ତ୍ତିତ ହୋଇଛି। ମାମଲାର ୨ ଅଭିଯୁକ୍ତଙ୍କ ପକ୍ଷରୁ ହୋଇଥିବା ଆବେଦନକୁ ହାଇକୋର୍ଟ ବିଚାର କରି ଗୁରୁବାର ଏଭଳି ରାୟ ଶୁଣାଇଛନ୍ତି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ରାଧାକ୍ରିଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭିଯୁକ୍ତଦ୍ୱୟଙ୍କୁ ସ୍ୱାଭାବିକ ମୃତ୍ୟୁ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବାକୁ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ତିର୍ତ୍ତୋଲ ଥାନା ଅଞ୍ଚଳର ସେକ୍ ଆସିଫ୍ ଅଲି ଓ ସେକ୍ ଅକିଲ ଅଲି।

ସୂଚନା ଅନୁସାରେ, ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳର ଜଣେ ନାବାଳିକା ୨୦୧୪ ଅଗଷ୍ଟ ୨୧ ଅପରାହ୍ନ ପ୍ରାୟ ୨ଟାରେ ସମ୍ପର୍କୀୟ ଭାଇଙ୍କ ସହ ନିକଟସ୍ଥ ଦୋକାନକୁ ଚକୋଲେଟ କିଣିବାକୁ ଯାଇଥିଲେ। ଅପରାହ୍ନ ୩ଟା ସୁଦ୍ଧା ଘରକୁ ନ ଫେରିବାରୁ ତାଙ୍କ ମା' ଖୋଜାଖୋଜି କରିଥିଲେ। ତାଙ୍କ ସହ ଗ୍ରାମର କେତେଜଣ ଲୋକ ବିଭିନ୍ନ ଆଡ଼େ ଖୋଜାଖୋଜି କରିବା ପରେ ଶେଷରେ ଜଣେ ବ୍ୟକ୍ତିଙ୍କ ଘରର ତାଜା ଉପରୁ ନାବାଳିକାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଚିକିତ୍ସା ଲାଗି ତାଙ୍କୁ ତେଣ୍ଡାକୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତୁରନ୍ତ ତାଙ୍କୁ ଏସ୍‌ସିବି ମେଡିକାଲ ନେଇଯିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ରାସ୍ତାରେ ଯିବାବେଳେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟରୁ ତାଙ୍କୁ ଗଣବଳାତ୍କାର ପରେ ଗଳା ଚିପି ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ଏନେଇ ତିର୍ତ୍ତୋଲ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏହି ଘଟଣା ପରେ ଅଭିଯୁକ୍ତଦ୍ୱୟ ଫେରାର ହୋଇଯାଇଥିଲେ। ୨୦୧୪ ସେପ୍ଟେମ୍ବର ୫ରେ ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ଭୁବନେଶ୍ୱରରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜଗତ୍‌ସିଂହପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମାମଲାର ବିଚାର ହୋଇଥିଲା। କୋର୍ଟ ମାମଲାର ରାୟ ପ୍ରକାଶ କରି ୩୦୨ ଧାରାରେ ଅଭିଯୁକ୍ତଦ୍ୱୟଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ। ସ୍ୱତନ୍ତ୍ର କୋର୍ଟଙ୍କ ଏହି ରାୟ ବିରୋଧରେ ଅଭିଯୁକ୍ତଦ୍ୱୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ଗତ ମେ' ୧୪ ତାରିଖରେ ମାମଲାର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସେକ୍ ଜଫରୁଲ୍ଲା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ବିଭୁ ପ୍ରସାଦ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

## ଯୁଗଳ ଦେବତାଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'

ଭୁବନେଶ୍ୱର,୨୦।୬(ଶର୍ମିଷ୍ଠା ପାଣିଗ୍ରାହୀ)

ରିଲ୍‌ସ ଆଣ୍ଡ ରିଲ୍‌ସ ଓ ଅନୀଶ ଏଣ୍ଟରଟେନମେଣ୍ଟ ତରଫରୁ ଉତ୍କଳ ମଣ୍ଡପରେ ଗୁରୁବାର ତୃତୀୟ ଓଡ଼ିଆ ସିନେ ଆୱାର୍ଡସ୍ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସ୍ମିତ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଯୋଜକ ସବ୍ୟସାଚୀ ମହାପାତ୍ର, ସମ୍ମାନିତ ଅତିଥି ଏଡିଜି ସତ୍ୟଜିତ ନାୟକ, ବିଏମ୍‌ସି ଡେପୁଟି କମିଶନର ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ମଞ୍ଚରେ ଜୁରି ସଦସ୍ୟ ଗଦାଧର ପୁଟି, ସୂର୍ଯ୍ୟ ଦେଓ, ସୂର୍ଯ୍ୟ ରଥ ଉପସ୍ଥିତ ଥିଲେ। ଓଡ଼ିଆ ସିନେମା ପାଇଁ ନିଜର ଉତ୍ସର୍ଗୀକୃତ ଅବଦାନ ପାଇଁ ବିଶିଷ୍ଟ ଚିତ୍ରନାଟ୍ୟ ନିର୍ଦ୍ଦେଶକ ତଥା ପ୍ରଯୋଜକ ଯୁଗଳ ଦେବତାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ଓ ସ୍ୱର୍ଗତ ପିଣ୍ଟୁ ନନ୍ଦଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଗତ ୨ବର୍ଷ ଅର୍ଥାତ୍ ୨୦୨୨ ଓ ୨୦୨୩ ବର୍ଷ ପାଇଁ ଏହି ଉତ୍ସବରେ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୨୨ ପାଇଁ ଚଳଚ୍ଚିତ୍ର



ପ୍ରଯୋଜକ ଯୁଗଳ ଦେବତାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଉଛି।

ପ୍ରତୀକ୍ଷା ଓ ୨୦୨୩ ପାଇଁ ପୁଷ୍କରାକୁ ଶ୍ରେଷ୍ଠ ଚଳଚ୍ଚିତ୍ର ପ୍ରଦାନ କରାଯାଇଛି। ସେହିପରି ୨୦୨୨ ପାଇଁ ରାଇମୋହନ ପରିଡ଼ାଙ୍କୁ ମରଣୋତ୍ତର ସମ୍ମାନ, କ୍ଷୁଦ୍ର ଚଳଚ୍ଚିତ୍ରରେ ବ୍ୟାସେ ଶୁଣୁଛ, ଶ୍ରେଷ୍ଠ ନିର୍ଦ୍ଦେଶକ ଦେବୀପ୍ରସାଦ ଲେଙ୍କା ଓ ବିଶାଲ୍ ମୌର୍ଯ୍ୟ, ଶ୍ରେଷ୍ଠ ଅଭିନେତା ବାବୁସାନ ମହାନ୍ତି, ଅଭିନେତ୍ରୀ ଭୂମିକା ଦାଶ, ଶ୍ରେଷ୍ଠ ଶିଶୁ କଳାକାର ଲିପାକ୍ଷୀ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ୨୦୨୩ବର୍ଷ ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁଷ୍କରା, ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ସିନେମା, ଶ୍ରେଷ୍ଠ ନିର୍ଦ୍ଦେଶକ ସୁଧାଂଶୁ ସାହୁ, ଶ୍ରେଷ୍ଠ ଅଭିନେତ୍ରୀ ଏଲିନା ସାମନ୍ତରାୟ, ଅଭିନେତା ଅମ୍ଲାନ ଦାସ, ଶ୍ରେଷ୍ଠ ଶିଶୁ କଳାକାର ଆଦ୍ୟାଶା ପାଣିଗ୍ରାହୀ, ଶ୍ରେଷ୍ଠ ଖଳନାୟିକା ଏଲି ପାଢ଼ୀଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ଜୁରୀ ଆୱାର୍ଡସ୍ ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ର ଦମନ, ଶ୍ରେଷ୍ଠ ନିର୍ଦ୍ଦେଶକ ସୁଶାନ୍ତ ମଣି, ଶ୍ରେଷ୍ଠ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସ, ଶ୍ରେଷ୍ଠ ଅଭିନେତ୍ରୀ ଦିବ୍ୟାଦିଶା ମହାନ୍ତି, ଶ୍ରେଷ୍ଠ ସହାୟକ ଅଭିନେତା ଦୀପନ୍ୱିତ ଦାଶମହାପାତ୍ର, ଶ୍ରେଷ୍ଠ ସହାୟକ ଅଭିନେତ୍ରୀ ଅନନ୍ୟା ମିଶ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ୨୦୨୩ ବର୍ଷ ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ମାଇଣ୍ଡ ଗେମ୍ ଓ ଶଳା ବୁଢାର ବଦଳା ଚଳଚ୍ଚିତ୍ରକୁ ପୁରସ୍କୃତ କରାଯାଇଥିବାବେଳେ ଶ୍ରେଷ୍ଠ ନିର୍ଦ୍ଦେଶକ ଶିଶିର ଓ ପିନାକୀ, ଶ୍ରେଷ୍ଠ ଅଭିନେତା ସବ୍ୟସାଚୀ ମିଶ୍ର, ଶ୍ରେଷ୍ଠ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ଶ୍ରେଷ୍ଠ ସହାୟକ ଅଭିନେତା ସୁକାନ୍ତ ରଥ ଓ ଅଭିନେତ୍ରୀ ସାୟଲ ମୁଖାର୍ଜୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ୱେବ୍‌ସିରିଜ ଅଭିନେତା, ଅଭିନେତ୍ରୀ, କ୍ଷୁଦ୍ର ଚଳଚ୍ଚିତ୍ର, ସଙ୍ଗୀତ, ଗୀତିକାର ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା।

### ତୃତୀୟ ଓଡ଼ିଆ ସିନେ ଆୱାର୍ଡସ୍

- ୨୦୨୨ର ଶ୍ରେଷ୍ଠ ଅଭିନେତା ବାବୁସାନ, ଅଭିନେତ୍ରୀ ଭୂମିକା
- ୨୦୨୩ରେ ଅମ୍ଲାନ ଓ ଏଲିନା

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବବେନ୍ଦ୍ର



@ ଐଶ୍ୱର୍ଯ୍ୟା



@ ବର୍ଷା



@ ମୁଜାଫର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସେବା ଆରମ୍ଭ କଲେ ଦଇତାପତି



ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ଦଇତାପତି ପ୍ରବେଶ ନୀତି ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୨ରେ ସ୍ନାନଯାତ୍ରା ହେବାକୁ ଯାଉଛି। ସ୍ନାନବେଦିରେ ଭକ୍ତଙ୍କୁ ଦର୍ଶନ ଦେବେ ମହାପ୍ରଭୁ। ସ୍ନାନଯାତ୍ରାଠାରୁ ଆରମ୍ଭ କରି ନୀଳାଦ୍ରିବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଅନେକ ନୀତି ସମ୍ପାଦନରେ ଦଇତାପତିମାନଙ୍କର ବିଶେଷ ଭୂମିକା ରହିଥାଏ। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତନୀତି ସମ୍ପାଦନ କରିଥାନ୍ତି। ସ୍ନାନଯାତ୍ରା ପହଣ୍ଡି ପୂର୍ବରୁ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଖଣ୍ଟୁଆ ଓ ବାହୁଟକଣ୍ଟ ନୀତି ସମ୍ପାଦନ କରିବେ। ସେହିପରି ଶ୍ରୀବିଗ୍ରହମାନେ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ସହ ଭକ୍ତଙ୍କୁ ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେବେ। ୧୦୮ ଗରା ଜଳରେ ସ୍ନାନ କରି ଅସୁସ୍ଥ ହେବା ପରେ ମହାପ୍ରଭୁଙ୍କ ଅଣସର ନୀତି ଆରମ୍ଭ ହେବ। ଏହି ଅଣସର ଗୁପ୍ତ ନୀତିକୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ସମ୍ପାଦନ କରିବେ। ତେଣୁ ଶ୍ରୀମନ୍ଦିରରେ ଦଇତା ପ୍ରବେଶ ନୀତି ଅନୁଯାୟୀ ଗୁରୁବାର ଦଇତାପତି ସେବକମାନେ ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କ ଗୁପ୍ତ ନୀତି ଆରମ୍ଭ କରିଛନ୍ତି। ରାତ୍ର ବଡସିଂହାର ସରି ଶ୍ରୀମୁଖ ଖଣ୍ଟୁଆ ପଡ଼ିବା ପରେ ଦଇତାପତିମାନେ ଗର୍ଭଗୃହକୁ ଯାଇ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟ କଣ୍ଟ ନୀତି କରିଛନ୍ତି। ସେହିପରି ଚତୁର୍ଦ୍ଦଶୀ ଅର୍ଥାତ୍ ୨୧ ତାରିଖ ଶୁକ୍ରବାର ସକାଳେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଦଇତାପତିମାନେ ସେନାପଟାଲାଗି କରିବେ।

## ସଂକ୍ଷେପରେ

### ମହିଳାଙ୍କୁ ଅପହରଣ, କୋଟିଏ ଟଙ୍କାର ମୁଣ୍ଡ ଜାମିନ

**ବାପାଙ୍କ ଅଭିଯୋଗ ପରେ ପୋଲିସର ତନାଘନା**

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ବାରଙ୍ଗ, ୨୦।୬ (ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଚନ୍ଦକା ଥାନା ଅଞ୍ଚଳରେ ଜଣେ ୩୪ବର୍ଷୀୟ ମହିଳାଙ୍କୁ ଅପହରଣ କରାଯାଇଛି। ଏପରିକି ମୁଣ୍ଡ ଜାମିନ ରଖି କୋଟିଏ ଟଙ୍କା ଦାବି କରାଯାଉଥିବା ଅଭିଯୋଗ ହୋଇଛି। ମହିଳା ଜଣକ ବିବାହିତା ଥିବାବେଳେ ଗୋଠପାଟଣାସ୍ଥିତ ବାପଘରେ ରୁହନ୍ତି। ସେ ବୁଧବାର କୌଣସି କାମରେ ବାହାରକୁ ଯାଇ ନ ଫେରିବାରୁ ମହିଳାଙ୍କ ବାପା ଚନ୍ଦକା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପହର୍ତ୍ତାମାନେ ମୁଣ୍ଡ ଜାମିନ ରଖି କୋଟିଏ ଟଙ୍କା ଦାବି କରୁଥିବା ଏତଲାରେ ଉଲ୍ଲେଖ କରାଯାଇଛି। ମହିଳାଙ୍କ ଫୋନ୍‌ରୁ ଅଭିଯୁକ୍ତମାନେ କଲ୍ କରି ଟଙ୍କା ଦାବି କରିବା ପରେ ସୁଇଚ୍ ଅଫ୍ କରିଦେଇଥିବା ଅଭିଯୋଗକାରୀ ପୋଲିସକୁ ଜଣାଇଛନ୍ତି। ପୋଲିସ ଟିମ୍ ଆଖପାଖ ଅଞ୍ଚଳରେ ପଚରାଉଚରା କରିବା ସହ ସିସିଟିଭି ଯାଞ୍ଚ ଓ ଫୋନ ଟ୍ରାକ୍ କରି ସେମାନଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ ଚଳାଇଛି।

ମହିଳା ଜଣକ ୨୦୧୫ରେ ଭରତପୁର ଅଞ୍ଚଳରେ ବିବାହ କରିଥିଲେ। କୌଣସି କାରଣରୁ ଶାଶୁଘର ଲୋକଙ୍କ ସହ ବିବାଦ ପରେ ପ୍ରାୟ ୩ ବର୍ଷ ହେବ ସେ ବାପଘରେ ରହୁଥିଲେ। ଗୋଠପାଟଣାସ୍ଥିତ ଏକ ଆପାର୍ଟମେଣ୍ଟରେ ବାପା ଓ ଅନ୍ୟ ସଦସ୍ୟଙ୍କ ସହ ସେ ରହୁଥିଲେ। ସେ ବାଣୀବିହାରସ୍ଥିତ ସତ୍‌ସଙ୍ଗ ବିହାରକୁ ପ୍ରାୟ ସମୟରେ ଆସନ୍ତି। ଅଭିଯୋଗ ଅନୁଯାୟୀ, ମହିଳା ଜଣକ ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ଏକ ଅଟୋରେ ସତ୍‌ସଙ୍ଗ ବିହାରକୁ ଆସିବା ପାଇଁ ଘରୁ ବାହାରିଥିଲେ। ହେଲେ କିଛି ସମୟ ପରେ ଅଭିଯୁକ୍ତମାନେ ମହିଳାଙ୍କ ଫୋନ୍‌ରୁ ଟଙ୍କା ମାଗିଥିବା ବାପା ଅଭିଯୋଗ କରିଛନ୍ତି। ପୋଲିସ ସବୁଦିଗକୁ ନେଇ ଅନୁସନ୍ଧାନ କରିବା ସହ ଖୁବଶୀଘ୍ର ଘଟଣାର ପର୍ଦ୍ଦାଫାଶ କରିବାକୁ ଚେଷ୍ଟା କରୁଛି।

### ମଣ୍ଡପରେ ପୂଜା ପାଇଲେ ମା' ଦଶଭୁଜା

ଭୁବନେଶ୍ୱର, ୨୦।୬(ବନ୍ଦନା ସେଠୀ)

ଚନ୍ଦ୍ରଶେଖରପୁରସ୍ଥିତ ଡିଷ୍ଟ୍ରିକ୍ ସେଣ୍ଟର ଦୁର୍ଗାପୂଜା ମଣ୍ଡପରେ ପୁଣି ମା' ଅଷ୍ଟଭୁଜା ଦେବୀଙ୍କ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହୋଇଛି। ମଣ୍ଡପ ବନ୍ଦ କରି ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ନେଇଯାଇଥିବା ଚାବି ଫେରସ୍ତ କରିବା ପରେ ଗତ ପ୍ରାୟ ୯ମାସ ଧରି ଚାଲିଥିବା ବିବାଦର ଅନ୍ତ ଘଟିଛି। ୨୦୦୮ରେ ଅସ୍ଥାୟୀ ମଣ୍ଡପରେ ମା' ଅଷ୍ଟଭୁଜାଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଏହାପରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଦାନ ଅର୍ଥ ସହଯୋଗରେ ୨୦୧୧ରେ ଏହି ମଣ୍ଡପ ନିର୍ମାଣ କରାଯାଇଥିଲା। ସେହି ଦିନଠାରୁ ୨୦୨୩ ଅକ୍ଟୋବର ପର୍ଯ୍ୟନ୍ତ ପ୍ରତିଦିନ ସକାଳ ଏବଂ ସନ୍ଧ୍ୟାରେ ମା'ଙ୍କ ପୂଜାର୍ଚ୍ଚନା ହେଉଥିଲା। ଗତ ଦୁର୍ଗାପୂଜା ସମୟରେ ୨ଜଣ ଯୁବକ ମଣ୍ଡପର ଗ୍ରୀଲ ଭାଙ୍ଗି ଭିତରେ ପଶିଥିଲେ। ଏନେଇ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ପୋଲିସ ଏବଂ ଭୁବନେଶ୍ୱର ଭସାଣୀ କମିଟିକୁ ଲିଖିତ ଅଭିଯୋଗ କରାଯାଇଥିଲା। ପରେ ପୋଲିସ ଆସି ମଣ୍ଡପରେ ଚାବି ପକାଇଥିଲା। ଉକ୍ତ ଘଟଣା ପରଠାରୁ ମଣ୍ଡପ ବାହାରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଥିଲା। ଗତ ସୋମବାର ଆସୋସିଏଶନର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସ୍ଥାନୀୟ ପୋଲିସ ମଣ୍ଡପର ଚାବିକୁ ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକଙ୍କୁ ହସ୍ତାନ୍ତର କରିଥିଲେ।

# ଏ ଯାଏ ସରିଲାନି ଡ୍ରେନ୍ ସଫେଇ

ଭୁବନେଶ୍ୱର, ୨୦।୬ (ବନ୍ଦନା ସେଠୀ)

**ମେୟରଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ଏଜେନ୍ସି**

ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପହଞ୍ଚି ସାରିଥିବାବେଳେ ଏବେ ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ସମୟରେ ବର୍ଷା ହେଉଛି। ମାତ୍ର ଏଯାଏ ମୌସୁମୀ ବର୍ଷା ଓ ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ନ ଥିବା ଜଣାପଡିଛି। ବିଏମ୍‌ସିର ମାଲମାଲ ଯୋଜନା, ବୈଠକ ଓ ନିର୍ଦ୍ଦେଶ ପରେ ବି ପ୍ରତିବର୍ଷ ଜଳବନ୍ଦୀ ସମସ୍ୟା ଉପୁଜୁଛି। ଘରେ, ରାସ୍ତାରେ ଡ୍ରେନ୍ ପାଣି ଚାଲୁଛି। ଏପରିକି ଡ୍ରେନ୍‌ରେ ଭାସି ମୃତ୍ୟୁ ଘଟିବା ଭଳି ଘଟଣା ଘଟୁଛି। ଏବେ ବହୁ ଡ୍ରେନ୍‌ର ସଫେଇ କାମ ଆରମ୍ଭ ହୋଇ ନ ଥିବାବେଳେ ଆଉ କେତେକ ସ୍ଥାନରେ ଡ୍ରେନ୍‌ସଫା ପରେ ସେହିଠାରେ ମାଟି, ପଙ୍କ ଆଦି ଗଦା ହୋଇ ରହିଛି। ପୁଣି ସଫେଇ ପରେ ସ୍ଲାବ୍ ପକାଯାଇ ନ ଥିବାରୁ ଡ୍ରେନ୍ ମୁକୁଳା ପଡିଛି। ବିଏମ୍‌ସିର ଅବହେଳା ପାଇଁ ଜଣେ ନାବାଳକର ଜୀବନ ଯିବା ପରେ ମଧ୍ୟ ଡ୍ରେନ୍ ସଫେଇ ହେଉ କି ଡ୍ରେନ୍ ଉପରେ ସ୍ଲାବ୍ ପକାଇବା କାମ ହେଉ କୌଣସି କଥାକୁ ଗୁରୁତ୍ୱ ଦିଆଯାଉ ନ ଥିବା ଦେଖାଯାଇଛି। ଏପରିକି ଜୁନ୍ ୨୦ ସୁଦ୍ଧା ସହରର ସମସ୍ତ ଡ୍ରେନ୍ ସଫା କରିବା ପାଇଁ ମେୟର ସୁଲୋଚନା ଦାସ ଗତ ୭ ତାରିଖ ବୈଠକରେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଯାବତ୍ ତାହାକୁ ପାଳନ କରାଯାଇନାହିଁ। ଡ୍ରେନ୍ ସଫେଇ ପାଇଁ ୩୪ଟି ଏଜେନ୍ସିକୁ ନିୟୋଜିତ କରାଯାଇଥିବାବେଳେ ସେମାନେ ମେୟର, କମିଶନରଙ୍କ ନିର୍ଦ୍ଦେଶ ମାନୁ ନ ଥିବା ଏସବୁ ଘଟଣାରୁ ଜଣାପଡୁଛି।

ସହରରେ ଥିବା ମୋଟ୍ ୧୮୦୦ କି.ମି.ର ଡ୍ରେନ୍ ମଧ୍ୟରୁ କିଛି ବିଏମ୍‌ସ, ଏନ୍‌ଏଚ୍‌ଆଇ, ପିଡବ୍ଲ୍ୟୁଡି, ଇଡ୍‌କୋର ଡ୍ରେନ୍ ରହିଛି। ପ୍ରତିବର୍ଷ ବର୍ଷାଦିନ ଆସିଲେ ଡ୍ରେନ୍ ସଫେଇ ହୋଇ ନ ଥିବାରୁ ଜଳବନ୍ଦୀ ସମସ୍ୟା ଦେଖାଯାଏ। ସେତେବେଳେ ବିଏମ୍‌ସି, ଏନ୍‌ଏଚ୍‌ଆଇ ଏବଂ ଅନ୍ୟାନ୍ୟ ବିଭାଗ ଏଥିପାଇଁ ପରସ୍ପରକୁ ଦୋଷାରୋପ କରନ୍ତି। ତେଣୁ ଏହି ସମସ୍ୟାକୁ ଏଡାଇବା ପାଇଁ ଚଳିତ ବର୍ଷ ପ୍ରଥମ କରି ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ସମସ୍ତ ଡ୍ରେନ୍‌ର ସଫେଇ କାର୍ଯ୍ୟ ବିଏମ୍‌ସିକୁ ନିଜ ହାତକୁ ନେଇଥିଲା। ତେବେ ପୂର୍ବରୁ ଠିକ୍ ଭାବେ କାମ ଆରମ୍ଭ କରି ନ ଥିବାବେଳେ ବାହାଘର ବେଳେ ବାଇଗଣ ରୋଇବା ଭଳି ବର୍ଷା ଆସିବା ବେଳକୁ ଯଥାଶୀଘ୍ର କାମ ସାରିବା ପାଇଁ ସମୀକ୍ଷା ଏବଂ ତାଗିଦ୍ କରାଯାଇଥିଲା। ଏପରିକି ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ନ ସରିଲେ ସମ୍ପୃକ୍ତ ଏଜେନ୍ସି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ମେୟର ଚେତାବନୀ ଦେଇଥିଲେ। ମାତ୍ର କାଳା ଆଗରେ ମୂଳା ଚୋବାଇବା ପରି ଏଜେନ୍ସିମାନଙ୍କ ଉପରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ତାଗିଦ୍ କି ଚେତାବନୀର କୌଣସି ପ୍ରଭାବ ପଡୁନାହିଁ। ମିଳିଥିବା ସୂଚନା ଅନୁଯାୟୀ, ବିଏମ୍‌ସିର ନିଜସ୍ୱ ୧୩୮୦ କି.ମି. ଡ୍ରେନ୍ ମଧ୍ୟରୁ ୮୦% ସଫେଇ ହୋଇଥିବାବେଳେ, ପିଡବ୍ଲ୍ୟୁଡିର ୩୬୦କି.ମି. ଡ୍ରେନ୍ ମଧ୍ୟରୁ ୪୫% ସଫା ହୋଇଛି। ସେହିପରି ଏନ୍‌ଏଚ୍‌ଆଇ ଅନ୍ତର୍ଗତ ୩୪କି.ମି. ଡ୍ରେନ୍ ମଧ୍ୟରୁ ମାତ୍ର ୩୦% ସଫେଇ ହୋଇଛି। ସେହିପରି ୭୭କି.ମି. ବିଶିଷ୍ଟ ମୁଖ୍ୟ ନାଳ ମଧ୍ୟରୁ ୫୨କି.ମି. ସଫେଇ ହୋଇଛି। ସମ୍ପୂର୍ଣ୍ଣ ସଫେଇ କାମ ସାରିବା ପାଇଁ ଆଉ ସପ୍ତାହେ ସମୟ ଲାଗିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ସେହିପରି ବିଏମସି ଅଞ୍ଚଳରେ ମୋଟ୍ ୩୪ଟି ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇଥିବାବେଳେ, ୧୨ଟି ପ୍ରମୁଖ ସ୍ଥାନରେ ଜଳବନ୍ଦୀ ସ୍ଥିତି ଉପୁଜୁଛି। ସେହିପରି ୧୩୮୦ କି.ମି. ଡ୍ରେନ୍ ମଧ୍ୟରୁ ୨୭କି.ମି. ପର୍ଯ୍ୟନ୍ତ ଡ୍ରେନ୍‌ରେ ସ୍ଲାବ୍ ଭାଙ୍ଗି ଯାଇଥିବା ସୂଚନା ମିଳିଛି।


ବଡ଼ଗଡ଼ ବ୍ରିଟ୍ କଲୋନୀର ଖୋଲା ଡ୍ରେନ୍ ସଫେଇ ହୋଇନାହିଁ।


ବ୍ରହ୍ମେଶ୍ୱର ପାଟଣାରେ ଡ୍ରେନ୍‌ରୁ ପଙ୍କ ଓ ଆବର୍ଜନା କଢ଼ାଯାଇ ରାସ୍ତାରେ ଗଦା ହୋଇଛି।


ଶିବ ନଗରରେ ସ୍ଲାବ୍ ଉଠାଯାଇଥିବା ବେଳେ ଡ୍ରେନ୍ ମୁକୁଳା ପଡିଛି।

# ରତିକାନ୍ତଙ୍କୁ ଯାତ୍ରା ସନ୍ନ୍ୟାସୀ ଫକୀରମୋହନ ସାହାଣୀ ସ୍ମୃତି ସମ୍ମାନ

**ନୃତ୍ୟାଭିନୟ ଉତ୍ସବ ୨୦୨୪**

ଭୁବନେଶ୍ୱର,୨୦।୬(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟାଭିନୟ ଟ୍ରଷ୍ଟ ପକ୍ଷରୁ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ନୃତ୍ୟାଭିନୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରେନ ରାୟ, ବିଶିଷ୍ଟ ଓଡିଶୀ ଗୁରୁ ପ୍ରଣତି ମହାନ୍ତି ଏବଂ ବିଶିଷ୍ଟ ସାହିତ୍ୟିକା ବନ୍ଦନା ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ରତିକାନ୍ତ ମହାପାତ୍ରଙ୍କୁ ଯାତ୍ରା ସନ୍ନ୍ୟାସୀ ଫକୀର ମୋହନ ସାହାଣୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ତଥା ଅଭିନେତା ଚୌଧୁରୀ ସତ୍ୟବ୍ରତ ଦାସ ସଭା ପରିଚାଳନା କରିଥିଲେ। ଉଦ୍‌ଘାଟନ ପର୍ବ ପରେ ଶାସ୍ତ୍ରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ନୃତ୍ୟାଭିନୟର ଅଧକ୍ଷା ସ୍ୱାଗତିକା ସାହାଣୀଙ୍କ ପରିଚାଳନାରେ ଟ୍ରଷ୍ଟର ଛାତ୍ରୀଙ୍କ ଦ୍ୱାରା ଦଳଗତ ଓଡିଶୀ ନୃତ୍ୟରେ ଗଣେଶ ସ୍ତୁତି, ଗୁରୁ ବନ୍ଦନା ଓ ପଲ୍ଲବୀ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ଏକକ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ତୃତୀୟ ପର୍ଯ୍ୟାୟରେ ନୃତ୍ୟାଭିନୟର ଅଧକ୍ଷ ସତ୍ୟବ୍ରତ ଚୌଧୁରୀଙ୍କ ନିର୍ଦ୍ଦେଶିତ ତଥା ରଚିତ ବ୍ୟଙ୍ଗାତ୍ମକ ନାଟକ 'ହଟହଟା' ନୃତ୍ୟାଭିନୟ ପରିବେଷିତ ହୋଇଥିଲା। କଳାକାର କୈଳାଶ, ଭକ୍ତି, ଝୁମା, ଅନନ୍ୟା, ବର୍ଷ୍ଟି, ଜୟ ଏବଂ ଶିଶୁ କଳାକାର ଶ୍ରୀହାନ ଓ ଆହାନା ଏହି ନୃତ୍ୟାଭିନୟରେ ଅଭିନୟ କରିଥିଲେ। କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସମସ୍ତ କଳାକାର, କଣ୍ଠଶିଳ୍ପୀ ଓ ନୃତ୍ୟଶିଳ୍ପୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଦେବୀ ପ୍ରସାଦ ମିଶ୍ରଙ୍କ ଦ୍ୱାରା ଆଲୋକ ସଂଯୋଜନା କରାଯାଇଥିଲା।


ନୃତ୍ୟାଭିନୟ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ମାଳପ୍ରଭାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର,୨୦।୬ (ଅନୁରାଧା ମହାରଣା)

ଧର୍ମପ୍ରାଣା ମହିଳା ସ୍ୱର୍ଗତା ମାଳପ୍ରଭା ବେହେରାଙ୍କ ଏକାଦଶାହ ଉପଲକ୍ଷେ ଜଗତ୍‌ସିଂହପୁର ଜିଲା କୋଷ୍ଟିମଲ୍ଲିକାପୁର ଅନ୍ତର୍ଗତ ମାଲଣ୍ଡ ଗ୍ରାମରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଡେପୁଟି କଲେକ୍ଟର ସୁରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ଗୋଲେଖ ପଲାଇ, କ୍ଷୀରୋଦ ମହାନ୍ତି, ଦିଗମ୍ବର ରାଉତ, ଧ୍ରୁବଚନ୍ଦ୍ର ସେନାପତି, ବିଭୂତି ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତା ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ବେହେରାଙ୍କ ଦ୍ୱିତୀୟ ପୁତ୍ର ଅଧ୍ୟାପକ ସୁରେନ୍ଦ୍ର ବେହେରା ମା'ଙ୍କ ସମ୍ପର୍କରେ କହିଥିବାବେଳେ ଜ୍ୟେଷ୍ଠପୁତ୍ର ସଚ୍ଚିଦାନନ୍ଦ ବେହେରା ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭକ୍ତିସଂଗୀତ ପରିବେଷଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବ୍ୟାଟେରି ଗାଡ଼ି ପ୍ରକଳ୍ପ ବିରୋଧରେ ପଦଯାତ୍ରା



ବାରଙ୍ଗ,୨୦।୬(ଲିଙ୍ଗରାଜ ରାଉତ)

କିଛି ଦିନ ପରେ ଗୁରୁବାର ପୁଣି ରାଜ୍ୟ ସରକାରଙ୍କ ସହ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ କରିଥିବା ବ୍ୟାଟେରି ଗାଡ଼ି ପ୍ରକଳ୍ପ ଚୁକ୍ତିକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳବାସୀ ସ୍ୱଦେଶୀ ଜନଜାଗରଣ ପଦଯାତ୍ରା କରିଛନ୍ତି। ମା' ମଙ୍ଗଳା ଚାଷୀ ସଂଘର୍ଷ କମିଟି ଓ ସିଦ୍ଧେଶ୍ୱର ଆଞ୍ଚଳିକ ସୁରକ୍ଷା କମିଟି ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଏହି ପଦଯାତ୍ରା ଗୋଡ଼ିସାହିଠାରୁ ବାହାରି ମୁଣ୍ଡଳି ପର୍ଯ୍ୟନ୍ତ ଯାଇଥିଲା। ଯିବା ବାଟରେ ଚାଷୀମାନେ ବେଆଇନ ଜମି ଅଧିଗ୍ରହଣ ଚଳିବ ନାହିଁ, ଆମ ଜମି ଆମକୁ ଫେରାଇଦିଅ, ଇଡ୍‌କୋ ପ୍ରଶାସନ ହାଏ ହାଏ ନାରା ଦେଇ ଯାଇଥିଲେ। ଚାଷୀଙ୍କୁ ନେଇ ମୁଣ୍ଡଳୀଠାରେ ଏକ ସଭା ଆୟୋଜିତ କରାଯାଇଥିଲା। ଏଥିରେ ବକ୍ତାମାନେ କହିଥିଲେ, ରାମଦାସପୁର ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ ଥିବା ନରାଜ ମାର୍ଥାପୁର ଓ ମୁଣ୍ଡଳୀ ପଞ୍ଚାୟତ ମଧ୍ୟରେ ପ୍ରଥମେ ଟାଟା କମ୍ପାନୀ ପାୱାର ପ୍ରୋଜେକ୍ଟ ନିର୍ମାଣ ପାଇଁ ଇଡ୍‌କୋ ସହାୟତାରେ ୨୦୦୬ରେ ଚାଷୀଙ୍କଠାରୁ ପ୍ରାୟ ୮୦୦ ଏକର ଚାଷଜମି ଅଧିଗ୍ରହଣ କରିଥିଲା। ପରବର୍ତ୍ତୀ ସମୟରେ ଟାଟା ପାୱାର ତା'ର ସର୍ତ୍ତ ଖିଲାପ କରିବାରୁ ଚାଷୀମାନେ ପ୍ରୋଜେକ୍ଟକୁ ବିରୋଧ କରିବାରୁ ପ୍ରକଳ୍ପଟି ବନ୍ଦ ହୋଇଥିଲା। ଟାଟା କମ୍ପାନୀ ଚାଲିଯିବାରୁ ଚାଷୀ ସେମାନଙ୍କ ଜମି ଫେରି ପାଇବା ପାଇଁ ଦାବି କରିଥିଲେ। କିନ୍ତୁ ଚାଷୀଙ୍କୁ ଇଡ୍‌କୋ ଜମି ନ ଫେରାଇବାରୁ ସେମାନେ ବାଧ ହୋଇ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟ ଚାଷୀଙ୍କୁ ଜମି ଫେରେଇବାକୁ ଇଡ୍‌କୋକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଇଡ୍‌କୋ ଉକ୍ତ ଜମିରେ ଜୋରଜବରଦସ୍ତ ପାଚେରି ନିର୍ମାଣ କରିଥିଲା। ଏହାକୁ ଚାଷୀ ବିରୋଧ କରି ପୁନଶ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଅଦ୍ୟାବଧି ନ୍ୟାୟାଳୟରେ ମାମଲା ବିଚାରାଧୀନ ଥିବାବେଳେ ତତ୍କାଳୀନ ରାଜ୍ୟ ସରକାର ଜେଏସ୍‌ଡବ୍ଲ୍ୟୁ (ବ୍ୟାଟେରି ଗାଡ଼ି) କମ୍ପାନୀ ସହିତ କିପରି ଚୁକ୍ତିପତ୍ର ସ୍ୱାକ୍ଷର କଲେ ତାହାକୁ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ଏହି ପଦଯାତ୍ରାରେ ତଳଗଡ, ମାର୍ଥାପୁର, ନରାଜ, ସାନମୁଣ୍ଡଳି, ବଡମୁଣ୍ଡଳି, ଅରିଲୋ, ସାଧବାଣିପୁର, ନୂଆସାହି, ଗୋବିନ୍ଦପୁର, ବାଆଁରା, କୁଅମୋଡ଼ା, ଗୋଡିସାହି, ରାମଦାସପୁର ଆଦି ଗ୍ରାମର ଚାଷ ଜମି ହରାଇଥିବା ଚାଷୀ ସାମିଲ ହୋଇଥିଲେ।

# ଫକୀରମୋହନଙ୍କ ଆତ୍ମଜୀବନୀ ଓଡ଼ିଆ ଜାତି ଇତିହାସର ଆତ୍ମକାହାଣୀ

**ଓଡ଼ିଶା ଲେଖକ ସମବାୟ ସମିତିର ଆଲୋଚନାଚକ୍ର**

ଭୁବନେଶ୍ୱର,୨୦।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଫକୀର ମୋହନ ଓଡ଼ିଆ ସାହିତ୍ୟର ଏଭଳି ଜଣେ ଉଜ୍ଜ୍ୱଳ ବ୍ୟକ୍ତି ଥିଲେ, ଯିଏ ଦେଶପ୍ରୀତି, ଭାଷାପ୍ରୀତି, ଜାତିପ୍ରୀତି, ସୃଜନପ୍ରୀତି ଓ ମନୁଷ୍ୟପ୍ରୀତି ଦୃଷ୍ଟିରୁ ଥିଲେ ଉତ୍ସର୍ଗୀକୃତପ୍ରାଣ। ସେ ଓଡ଼ିଆ ସାହିତ୍ୟ ଇତିହାସର ଆଧୁନିକ ଯୁଗର ପ୍ରବର୍ତ୍ତକ। ଆଧୁନିକ ଓଡ଼ିଆ ସାହିତ୍ୟ ପୂର୍ଣ୍ଣରୂପରେ ଆତ୍ମପ୍ରକାଶ କରିଛି କେବଳ ଫକୀରମୋହନଙ୍କ ସାହିତ୍ୟ ସାଧନାରେ। ସମାଜ ସଂସ୍କାର ପାଇଁ ସେ ମଧ୍ୟ ତାଙ୍କର ଲେଖନୀର ଶୈଳୀକୁ କରିଛନ୍ତି ବ୍ୟଙ୍ଗାତ୍ମକ। ମହାଜନ ଓ ଜମିଦାରଙ୍କ ଶୋଷଣକୁ ନେଇ ସ୍ୱର ଉତ୍ତୋଳନ କରିବାରେ ସେ ହେଉଛନ୍ତି ଶ୍ରେଷ୍ଠ ସାହିତ୍ୟିକ। ଅନୁବାଦ କ୍ଷେତ୍ରରେ ସେ ମଧ୍ୟ ନିଜର ପାରଦର୍ଶିତା ଦେଖାଇଛନ୍ତି। କବିତା ରଚନାରେ ସେ ସିଦ୍ଧହସ୍ତ ହୋଇ ବ୍ୟାସକବି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତାଙ୍କର ଆତ୍ମଜୀବନୀ ଓଡ଼ିଆ ଜାତି ଇତିହାସର ଆତ୍ମକାହାଣୀ ବୋଲି ଅତିଥିମାନେ କହିଛନ୍ତି। ଗୁରୁବାର ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ରରେ ଏହି ମତ ପ୍ରକାଶ ପାଇଛି। ପୀତବାସ ରାଉତରାୟଙ୍କ ସଭାପତିତ୍ୱରେ ସ୍ୱାଗତ ଭାଷଣ ଦେଇଥିଲେ ପରିଚାଳକ ରମାକାନ୍ତ ମିଶ୍ର। ସଭାପତି ରାଉତରାୟ ଫକୀରମୋହନଙ୍କ ହାସ୍ୟ ଓ ବ୍ୟଙ୍ଗଗ୍ରନ୍ଥ ଉପରେ ଆଲୋକପାତ କରିଥିଲେ। ସମିତିର ସଭ୍ୟ ବିରଜା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

### ଏନ୍‌ବିଡବ୍ଲ୍ୟୁ ମାମଲା: ଅନୁଭବଙ୍କ ସମେତ ୨ ସହଯୋଗୀଙ୍କ ନାମରେ ଚାର୍ଜସିଟ୍

କଟକ,୨୦।୬ (କାର୍ତ୍ତିକ ସାହୁ)

ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ମାମଲାରେ ଅଭିନେତା ତଥା ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତି ଗୁରୁବାର କଟକ ଜେଏମ୍ଏଫ୍‌ସି (ଏମ୍‌ପି/ଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟ)ରେ ହାଜର ହୋଇଛନ୍ତି। ପରେ ତାଙ୍କ ନାମରେ ଚାର୍ଜଫ୍ରେମ୍ ହୋଇଛି। ସେହିପରି ଅନୁଭବଙ୍କ ଦୁଇ ସହଯୋଗୀଙ୍କ ନାମରେ ମଧ୍ୟ ଚାର୍ଜଫ୍ରେମ୍ ହୋଇଛି। ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପୁରୀଘାଟ ଥାନାରେ ଦେଇଥିବା ଏତଲା ଆଧାରରେ ହୋଇଥିବା ମାମଲାରେ ଅନୁଭବଙ୍କ ନାଁରେ ଚାର୍ଜଫ୍ରେମ୍ ହୋଇଛି। କୋର୍ଟରୁ ବାରମ୍ବାର ସମନ ହେବା ସତ୍ତ୍ୱେ ଅନୁଭବ ହାଜର ନ ହେବାରୁ ତାଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଥିଲା। ସ୍ୱତନ୍ତ୍ର କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ଜାରି ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁଭବଙ୍କ ଆବେଦନର ଶୁଣାଣି କରି ଏହି ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଥିଲେ। ଏଥିସହ ଅନୁଭବ ଆସନ୍ତା ୨୩ ତାରିଖ ମଧ୍ୟରେ ଜେଏମ୍ଏଫ୍‌ସି କୋର୍ଟରେ ହାଜର ହୋଇପାରିବେ ବୋଲି ହାଇକୋର୍ଟ ଆଦେଶ ଦେଇଥିଲେ।

ବର୍ଷାଙ୍କୁ ଅନୁଭବ ମାନସିକ, ଶାରୀରିକ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ଧମକ ଦେଉଥିଲେ। ଏ ନେଇ ସେ ୨୦୨୦ରେ ପୁରୀଘାଟ ଥାନାରେ ଏତଲା ଦେଇଥିଲେ। ଉକ୍ତ ଘଟଣାରେ ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଲାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁଙ୍କ ବିରୋଧରେ ମଧ୍ୟ ଅଭିଯୋଗ ହୋଇଥିଲା। ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କୋର୍ଟରେ ଡିସ୍‌ଚାର୍ଜ ପିଟିଶନ୍ ଦାଏର କରିଥିଲେ। ହେଲେ ବର୍ଷାଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ୍ ପାଇଁ ଯୁକ୍ତି ରଖାଯାଇଥିଲା।

# 'ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ଭାରତ ସରକାର ପଦକ୍ଷେପ ନିଅନ୍ତୁ'

ଭୁବନେଶ୍ୱର, ୨୦।୬ (ବନ୍ଦନା ସେଠୀ)

ବିଲୁପ୍ତପ୍ରାୟ ବିରଳ ପ୍ରଜାତିର ୪୫ଶହ ନିୟୁତ ବର୍ଷ ପୂର୍ବର ଜୀବ ନୀଳରକ୍ତ କଙ୍କଡାର ସୁରକ୍ଷା ଓ ବିକାଶ ପାଇଁ ଗୁରୁବାର ଅନ୍ତର୍ଜାତୀୟ ନୀଳରକ୍ତ କଙ୍କଡା ଦିବସ ପାଳିତ ହୋଇଯାଇଛି। ସାମାଜିକ ସଂଗଠନ ଅରଣ୍ୟକ ପକ୍ଷରୁ ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ନୀଳରକ୍ତ କଙ୍କଡା ଭାରତରେ କେବଳ ବଙ୍ଗୋପସାଗର ଉପକୂଳରେ ଧାମରା ବନ୍ଦରଠାରୁ ପଶ୍ଚିମବଙ୍ଗ ହଳଦିଆ ବନ୍ଦର ପର୍ଯ୍ୟନ୍ତ ଦେଖାଯାନ୍ତି। ଦେଶର ଅନ୍ୟ କୌଣସି ଉପକୂଳରେ ପ୍ରାୟତଃ ଏମାନେ ଦେଖାଯାଆନ୍ତି ନାହିଁ। ସେହିପରି ଆମେରିକା, ଚାଇନା, ଜାପାନ, ଇଣ୍ଡୋନେସିଆ, ମାଲେସିଆ, ବାଂଲାଦେଶର ଉପକୂଳରେ ମଧ୍ୟ ଏହି ବିରଳ କଙ୍କଡ଼ା ବାସକରନ୍ତି। ସମ୍ପୃକ୍ତ ଦେଶ ଏହା ଉପରେ ଗବେଷଣା କରି ବହୁ ସଫଳତା ଲାଭ କରୁଥିବାବେଳେ ଭାରତ ସରକାରଙ୍କର ଏ ବିଷୟରେ ଚିନ୍ତା କରିବାର ସମୟ ଆସିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଂଗଠନ ସଭାପତି ତଥା ମାନବାଧିକାର କର୍ମୀ ସୁଧାକର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଧୁସୂଦନ ଦାଶ, ମୁଖ୍ୟବକ୍ତା ଭାବେ ପ୍ରଫେସର ଅମିୟବାଳା ପରିଡା, ଡା.ଦୁର୍ଗାପ୍ରସାଦ ଦାସ, ମୁଖ୍ୟ ସଂଯୋଜକ ରାମଜୀବନ ଗୋଛାୟତ, ପରିବେଶବିତ୍ ଉପାସନା ପଟ୍ଟନାୟକ, କେନ୍ଦ୍ର ସଂଯୋଜକ ସାଗର ସୁନ୍ଦର ଦାସ ପ୍ରମୁଖ ଯୋଗଦେଇଥିଲେ। ସେହିପରି ପ୍ରଦୂଷଣ ଓ ମାଛ ଧରିବା ପାଇଁ ବ୍ୟବହୃତ ଜାଏଣ୍ଟ ନେଟ୍ ନୀଳରକ୍ତ କଙ୍କଡ଼ାଙ୍କ ପାଇଁ କାଳ ସାଜିଛି। ଲକ୍ଷାଧିକ ସଂଖ୍ୟାର ଏହି କଙ୍କଡ଼ା ଜାଲରେ ପଡି ମୃତ୍ୟୁମୁଖରେ ପଡୁଛନ୍ତି। ଅଲିଭ ରିଡ୍‌ଲେ କଇଁଛ ପରି ସମୁଦ୍ର ଉପକୂଳ ବିସ୍ତୀର୍ଣ୍ଣ ବାଲୁକାରାଶିକୁ ଅଣ୍ଡା ଓ ବଂଶବୃଦ୍ଧି ପାଇଁ ନୀଳରକ୍ତ କଙ୍କଡ଼ାମାନେ ଆସିଥାନ୍ତି। ମାତ୍ର ପ୍ରଦୂଷଣ ସହିତ ବିଲୁଆ, କୁକୁର ସେମାନଙ୍କ ଅଣ୍ଡା ନଷ୍ଟ କରିବା ସହ ଶାବକମାନଙ୍କୁ ମାରି ଖାଉଛନ୍ତି। ତେବେ ସଂଗଠନ ପକ୍ଷରୁ ଉପକୂଳରେ ୮ବର୍ଷରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବରେ ଲୋକଙ୍କୁ ସଚେତନ କରାଯାଉଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହେଉନାହିଁ। ତେଣୁ ସେମାନଙ୍କ ପାଇଁ ଅଭୟାରଣ୍ୟ ଘୋଷଣା ହେଲେ ଏହି ବିରଳ ପ୍ରଜାତିର ବହୁ ଔଷଧୀୟ ଗୁଣଧାରୀ ଜୀବର ସୁରକ୍ଷା ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ଏହି ଅବସରରେ ପୁସ୍ତକ 'ଦି ହର୍ଷୋ କ୍ରାବ୍ କ୍ରୋନିକଲ୍'ର କଭର୍ ପେଜ୍ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଗ୍ନେଶା ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପ୍ରମୋଦ କୁମାର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ପୁସ୍ତକ 'ଦି ହର୍ଷୋ କ୍ରାବ୍ କ୍ରୋନିକଲ୍'ର କଭର୍ ପେଜ୍ ଉନ୍ମୋଚନ କରୁଛନ୍ତି।

# ଅନୁଭବଙ୍କ ସମେତ ୨ ସହଯୋଗୀଙ୍କ ନାମରେ ଚାର୍ଜଫ୍ରେମ୍

## ଏନ୍‌ବିଡବ୍ଲ୍ୟୁ ମାମଲାରେ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର

କଟକ,୨୦।୬ (କାର୍ତ୍ତିକ ସାହୁ)

ଜାମିନ ବିହୀନ ଗିରଫ ପରଓ୍ୱାନା (ଏନ୍‌ବିଡବ୍ଲ୍ୟୁ) ମାମଲାରେ ଅଭିନେତା ତଥା ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତି ଗୁରୁବାର କୋର୍ଟରେ ହାଜର ହୋଇଛନ୍ତି। କଟକ ଜେଏମ୍‌ଏଫ୍‌ସି (ଏମ୍‌ପି/ଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟ)ରେ ଅନୁଭବ ହାଜର ହେବା ପରେ ତାଙ୍କ ନାମରେ ଚାର୍ଜଫ୍ରେମ୍ ହୋଇଛି। ଏଥିସହ ଅନୁଭବଙ୍କ ଦୁଇ ସହଯୋଗୀଙ୍କ ନାମରେ ମଧ୍ୟ ଚାର୍ଜଫ୍ରେମ୍ ହୋଇଛି। ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପୁରୀଘାଟ ଥାନାରେ ଦେଇଥିବା ଏତଲା ଆଧାରରେ ହୋଇଥିବା ମାମଲାରେ ଅନୁଭବଙ୍କ ନାଁରେ ଚାର୍ଜଫ୍ରେମ୍ ହୋଇଛି। କୋର୍ଟରୁ ବାରମ୍ବାର ସମନ ହେବା ସତ୍ତ୍ୱେ ଅନୁଭବ ହାଜର ନ ହେବାରୁ ତାଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଥିଲା। ସ୍ୱତନ୍ତ୍ର କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ଜାରି ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁଭବଙ୍କ ଆବେଦନର ଶୁଣାଣି କରି ଏହି ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଥିଲେ। ଏଥିସହ ଅନୁଭବ ଆସନ୍ତା ୨୩ ତାରିଖ ମଧ୍ୟରେ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହୋଇପାରିବେ ବୋଲି ହାଇକୋର୍ଟ ଆଦେଶ ଦେଇଥିଲେ।

ସୂଚନାଯୋଗ୍ୟ, ବର୍ଷାଙ୍କୁ ଅନୁଭବ ମାନସିକ, ଶାରୀରିକ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ଧମକ ଦେଉଥିଲେ। ଏ ନେଇ ସେ ୨୦୨୦ରେ ପୁରୀଘାଟ ଥାନାରେ ଏତଲା ଦେଇଥିଲେ। ଏପରିକି ଉକ୍ତ ଘଟଣାରେ ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଲାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁଙ୍କ ବିରୋଧରେ ମଧ୍ୟ ଅଭିଯୋଗ ହୋଇଥିଲା। ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କୋର୍ଟରେ ଡିସ୍‌ଚାର୍ଜ ପିଟିଶନ୍ ଦାଏର କରିଥିଲେ। ହେଲେ ବର୍ଷାଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ୍ ପାଇଁ ଯୁକ୍ତି ରଖାଯାଇଥିଲା। କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁଭବ କରିଥିବା ଆବେଦନକୁ ଗତ ମେ' ୮ ତାରିଖରେ ଖାରଜ କରିଦେଇଥିଲେ। ଏଥିସହ ମେ' ୧୦ ତାରିଖରେ ଚାର୍ଜଫ୍ରେମ୍ ପାଇଁ ଜେଏମ୍‌ଏଫ୍‌ସି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଦିନ ଅନୁଭବଙ୍କୁ ହାଜର ହେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅନୁଭବ କୋର୍ଟରେ ହାଜର ହୋଇ ନ ଥିଲେ। ବରଂ ତାଙ୍କ ଓକିଲଙ୍କ ମାଧ୍ୟମରେ କୋର୍ଟରେ ହାଜର ହେବା ପାଇଁ ଅଧିକ ସମୟ ମାଗିଥିଲେ। କୋର୍ଟ ଏହାକୁ ମଞ୍ଜୁର କରିଥିଲେ। ହେଲେ ପରବର୍ତ୍ତୀ ଶୁଣାଣି ୧୩ ତାରିଖରେ ବି ଅନୁଭବ ଉପସ୍ଥିତ ନ ରହି ତାଙ୍କ ଓକିଲ ମାଧ୍ୟମରେ ପୁଣି ସମୟ ନେଇଥିଲେ। ଫଳରେ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଥିଲା।

## ସଂକ୍ଷେପରେ

### ଦନ୍ତରୋଗ ବିଶେଷଜ୍ଞ ନିରଞ୍ଜନ ଶତପଥୀଙ୍କ ପରଲୋକ



କଟକ,୨୦।୬ (କାର୍ତ୍ତିକ ସାହୁ)

ବିଶିଷ୍ଟ ଦନ୍ତରୋଗ ବିଶେଷଜ୍ଞ ପ୍ରଫେସର ଡା. ନିରଞ୍ଜନ ଶତପଥୀଙ୍କ(୭୫)ଙ୍କ କଟକ ମହାନଦୀ ବିହାରସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ବାସନ୍ତୀ ଶତପଥୀ, ବଡ଼ ପୁଅ ଇଂ. ସସ୍ମିତ, ସାନ ପୁଅ ଡା. ସଞ୍ଜିବ, ବୋହୂ ଇଂ. ଜୟଶ୍ରୀ ହୋତା ଓ ଡାକ୍ତର ଐଶ୍ୱର୍ଯ୍ୟା କର ପ୍ରମୁଖ ଉପସ୍ଥିତ ଥିଲେ। କଟକ କାଳିଆବୋଦାସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ସସ୍ମିତ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଡା. ଶତପଥୀ କଟକସ୍ଥିତ ଏସ୍‌ସିବି ଡେଣ୍ଟାଲ କଲେଜର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ପରେ ଭୁବନେଶ୍ୱରସ୍ଥ ହାଇଟେକ୍ ଡେଣ୍ଟାଲ କଲେଜରୁ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ଜାତୀୟ ଦନ୍ତ ଚିକିତ୍ସକ ସମ୍ମିଳନୀରେ ଜୀବନବ୍ୟାପୀ ସାଧନା ନିମନ୍ତେ ପ୍ରଫେସର ଶତପଥୀ ସମ୍ମାନିତ ହୋଇଥିଲେ। ଡା. ରବି ରଞ୍ଜନ ସାହୁ, ପ୍ରଫେସର ଇନ୍ଦୁଭୂଷଣ କର, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫେସର ପି.କେ. ସାହୁ, ଡା. ତପନ ପାତ୍ର ପ୍ରମୁଖ ଶୋକ ପ୍ରକାଶ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଜଣାଇଛନ୍ତି।

### ସାମାଜିକ କର୍ମୀଙ୍କ ବିୟୋଗ

ମାହାଙ୍ଗା ୨୦।୬(ଯଯାତି ସିଂହ)

ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ଗୁଣ୍ଡୁପୁର ଗାଁର ତଥା ବସୁଧା ସମାଜ ସେବକ ସଂଘର କୋଷାଧ୍ୟକ୍ଷ ହେମନ୍ତ କୁମାର ସାହୁ (୬୨)ଙ୍କ ପରଲୋକ ଘଟିଛି। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ମଧୁମେହ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ସମୟରେ ମୃତ୍ୟୁ ହୋଇଛି। ସାହୁ ଜଣେ ମିଷ୍ଟଭାଷୀ, ପରୋପକାରୀ ଏବଂ ସାମାଜିକ ଅନୁଷ୍ଠାନ ସହ ଜଡିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଭ୍ରମଣ କରାଯିବା ପରେ ଶ୍ମଶାନରେ ସଂସ୍କାର କରାଯାଇଛି। ପୁତ୍ର ଶାନ୍ତନୁ ମୁଖାଗ୍ନି ଦେଇଥିଲେ। ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କର, ସାମାଜିକ କର୍ମୀ ରାକେଶ ସାହୁ, ଉଦୟଭାନୁ ଦାସ, କ୍ଷୀତିଶ ସାହୁ, ବିଚିତ୍ର ସାହୁ, ଅଭୟ ସାହୁ, ପ୍ରଫୁଲ୍ଲ ବେହେରା, ବିମଳ ସାହୁ, ବିପ୍ରବର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ।

# ଭାଜପା ସଙ୍ଗଠନକୁ ସୁଦୃଢ଼ କରାଯିବ



ଭାଜପା ନେତା ପ୍ରଫୁଲ୍ଲ ସ୍ୱାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସାଲେପୁର,୨୦।୬(ଅରବିନ୍ଦ ଭୂୟାଁ)

ନିର୍ବାଚନରେ ଭାଜପା ରାଜ୍ୟରେ ବାଜିମାତ୍ କରି ସରକାର ଗଠନ କରିଛି। ସାଲେପୁରରେ ସଙ୍ଗଠନ ଦୁର୍ବଳ ଥିବାରୁ ଏଠାରେ ଭାଜପା ବିଧାୟକ ପ୍ରାର୍ଥୀ ପରାଜୟ ବରଣ କରିଛନ୍ତି। ତେଣୁ ଟାଙ୍ଗୀ, ସାଲେପୁର ବ୍ଲକ୍‌ରେ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ସହ ରାଜ୍ୟରେ ନବ ଗଠିତ ଭାଜପା ସରକାରର ଜନହିତକର କାର୍ଯ୍ୟକୁ ଲୋକମାନଙ୍କ ସମ୍ମୁଖକୁ ଆଣିବାପାଇଁ ଭାଜପା ନେତା ପ୍ରଫୁଲ୍ଲ ସ୍ୱାଇଁ ଏବେ ଅଣ୍ଟା ଭିଡ଼ିଛନ୍ତି। ସାଲେପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଗସ୍ତ କରି ଭାଜପା କର୍ମୀମାନଙ୍କୁ ଏକତ୍ରିତ କରିବା ସହ କେନ୍ଦ୍ର ଓ ରାଜ୍ୟରେ ଭାଜପାର ବିକାଶ ପର୍ବକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଉଛନ୍ତି। ସ୍ୱାଇଁ ଭାଜପା କେନ୍ଦ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଏକାନ୍ତ ଅନୁଗତ ହୋଇଥିଲେ। ଏବେ ସାଲେପୁର ଅଞ୍ଚଳରେ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବାକୁ କର୍ମୀମାନଙ୍କୁ ଏକତ୍ରିତ କରୁଛନ୍ତି। ଏହି ଅବସରରେ ସ୍ୱାଇଁ କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ସରକାରଙ୍କ ଯୋଜନାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ନିବେଦନ କରିଥିଲେ।

# ତହସିଲ ପ୍ରଶାସନ ଗୃହ ନିର୍ମାଣ କାମ ବନ୍ଦ ପାଇଁ ନିର୍ଦ୍ଦେଶ

## ସରକାରୀ ଜମି ନଦୀ ପଠାରେ ଜୋର ଜବରଦସ୍ତ ଗୃହ ନିର୍ମାଣ ଘଟଣା

ମାହାଙ୍ଗା, ୨୦।୬(ଯଯାତି ସିଂହ)

ମାହାଙ୍ଗା ତହସିଲ ଅନ୍ତର୍ଗତ କଇଥା ପଞ୍ଚାୟତ ତ୍ରିନାଥପୁର ଗୁନିସାହି ଗ୍ରାମରେ ସରକାରୀ ନଦୀ ପଠା ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରିଥିଲେ। ଏହି ଜମି ଉପରେ ବ୍ୟକ୍ତି ଜଣକ ଗୃହ ନିର୍ମାଣ କରୁଥିଲେ। ଏହାକୁ ବିରୋଧ କରି ଗାଁର ଲୋକେ ତହସିଲରେ ଅଭିଯୋଗ କରିଥିଲେ। ତହସିଲ ପ୍ରଶାସନ ପକ୍ଷରୁ ଗୁରୁବାର ଗୃହ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

ତ୍ରିନାଥପୁର ଗୁନିସାହି ଗାଁର ରଜତ ଗାହାଣ ବେଆଇନ ଭାବେ ଗେଙ୍ଗୁଟୀ (ବାଇଁସିଆ) ନଦୀ ପାର୍ଶ୍ୱରେ ଏକ ଗୃହ ନିର୍ମାଣ କରୁଛନ୍ତି। ଏ ନେଇ ଏହି ଗ୍ରାମର ଅମୂଲ୍ୟ ଗାହାଣଙ୍କ ସହ ଗ୍ରାମବାସୀ ଗୃହ ନିର୍ମାଣକୁ ବିରୋଧ କରିବା ସହ ତହସିଲଠାରୁ ଆରମ୍ଭ କରି ଜିଲାପାଳ, ଉପଜିଲାପାଳ, ଜଳ ନିକାଶ ବିଭାଗଠାରେ ଅଭିଯୋଗ କରିଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ତହସିଲଦାର ସୁଶାନ୍ତ କୁମାର ମିଶ୍ର ଏବଂ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଗୃହ ନିର୍ମାଣ କରୁଥିବା ରଜତଙ୍କୁ କାମ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ତହସିଲଦାର ମିଶ୍ରଙ୍କୁ ପଚାରିବାରୁ ତଦନ୍ତ ସମୟରେ ଗୃହଟି ସରକାରୀ ଜମିରେ ନିର୍ମାଣ ହୋଇଥିବା ଜଣାପଡିଥିଲା। ଏଣୁ ଗୃହ ନିର୍ମାଣକାରୀଙ୍କୁ କାର୍ଯ୍ୟ ବନ୍ଦ କରିବାକୁ କହିଥିଲୁ। ଉଭୟପକ୍ଷଙ୍କୁ ନୋଟିସ ଜାରି କରାଯାଇ ଗୃହ ଭଙ୍ଗାଯିବ ବୋଲି କହିଥିଲେ।



ଗେଙ୍ଗୁଟୀ ନଦୀ ପାର୍ଶ୍ୱରେ ଗୃହ ନିର୍ମାଣ କରି କାର୍ ପାର୍କିଂ କରାଯାଇଛି।

# ମହିଳାଙ୍କୁ ଅପହରଣ, କୋଟିଏ ଟଙ୍କାର ମୁଣ୍ଡ ଜାମିନ

## ବାପାଙ୍କ ଅଭିଯୋଗ ପରେ ପୋଲିସର ତନାଘନା

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ବାରଙ୍ଗ, ୨୦।୬ (ଲିଙ୍ଗରାଜ ରାଉତ):

ଭୁବନେଶ୍ୱର ଚନ୍ଦକା ଥାନା ଅଞ୍ଚଳରେ ଜଣେ ୩୫ବର୍ଷୀୟ ମହିଳାଙ୍କୁ ଅପହରଣ କରାଯାଇଛି। ଏପରିକି ମୁଣ୍ଡ ଜାମିନ ରଖି କୋଟିଏ ଟଙ୍କା ଦାବି କରାଯାଉଥିବା ଅଭିଯୋଗ ହୋଇଛି। ମହିଳା ଜଣକ ବିବାହିତା ଥିବାବେଳେ ଗୋଠପାଟଣାସ୍ଥିତ ବାପଘରେ ରୁହନ୍ତି। ସେ ବୁଧବାର କୌଣସି କାମରେ ବାହାରକୁ ଯାଇ ନ ଫେରିବାରୁ ମହିଳାଙ୍କ ବାପା ଚନ୍ଦକା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପହର୍ତ୍ତାମାନେ ମୁଣ୍ଡ ଜାମିନ ରଖି କୋଟିଏ ଟଙ୍କା ଦାବି କରୁଥିବା ଏତଲାରେ ଉଲ୍ଲେଖ କରାଯାଇଛି। ମହିଳାଙ୍କ ଫୋନ୍‌ରୁ ଅଭିଯୁକ୍ତମାନେ କଲ୍ କରି ଟଙ୍କା ଦାବି କରିବା ପରେ ସୁଇଚ୍ ଅଫ୍ କରିଦେଇଥିବା ଅଭିଯୋଗକାରୀ ପୋଲିସକୁ ଜଣାଇଛନ୍ତି। ପୋଲିସ ଟିମ୍ ଆଖପାଖ ଅଞ୍ଚଳରେ ପଚରାଉଚରା କରିବା ସହ ସିସିଟିଭି ଯାଞ୍ଚ ଓ ଫୋନ ଟ୍ରାକ୍ କରି ସେମାନଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ ଚଳାଇଛି। ମହିଳା ଜଣକ ୨୦୧୫ରେ ଭରତପୁର ଅଞ୍ଚଳରେ ବିବାହ କରିଥିଲେ। କୌଣସି କାରଣରୁ ଶାଶୁଘର ଲୋକଙ୍କ ସହ ବିବାଦ ପରେ ପ୍ରାୟ ୩ ବର୍ଷ ହେବ ସେ ବାପଘରେ ରହୁଥିଲେ। ଗୋଠପାଟଣାସ୍ଥିତ ଏକ ଆପାର୍ଟମେଣ୍ଟରେ ବାପା ଓ ଅନ୍ୟ ସଦସ୍ୟଙ୍କ ସହ ସେ ରହୁଥିଲେ। ସେ ବାଣୀବିହାରସ୍ଥିତ ସତ୍‌ସଙ୍ଗ ବିହାରକୁ ପ୍ରାୟ ସମୟରେ ଆସନ୍ତି। ଅଭିଯୋଗ ଅନୁଯାୟୀ, ମହିଳା ଜଣକ ବୁଧବାର ଅପରାହ୍ଣ ପ୍ରାୟ ୩ଟାରେ ଏକ ଅଟୋରେ ସତ୍‌ସଙ୍ଗ ବିହାରକୁ ଆସିବା ପାଇଁ ଘରୁ ବାହାରିଥିଲେ। ହେଲେ କିଛି ସମୟ ପରେ ଅଭିଯୁକ୍ତମାନେ ମହିଳାଙ୍କ ଫୋନ୍‌ରୁ ଟଙ୍କା ମାଗିଥିବା ବାପା ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣା ପଛରେ ଅନ୍ୟ କିଛି ରହସ୍ୟ ରହିଥିବା ମଧ୍ୟ ଚର୍ଚ୍ଚା ହେଉଛି। ପୋଲିସ ସବୁଦିଗକୁ ନେଇ ଅନୁସନ୍ଧାନ କରିବା ସହ ଖୁବଶୀଘ୍ର ଘଟଣାର ପର୍ଦ୍ଦାଫାଶ କରିବାକୁ ଚେଷ୍ଟା କରୁଛି।

# ଫେରାର ଯୁବକଙ୍କୁ ଗାଁରେ କଟୁରିରେ ଆକ୍ରମଣ

- ପୁଣି ବେଲଅଣ୍ଟା ଗ୍ରାମରେ ୨ ଗୋଷ୍ଠୀ ମଧ୍ୟରେ ବିବାଦ
- ଗ୍ରାମରେ ପୋଲିସ ମୁତୟନ

ଟିଗିରିଆ,୨୦।୬(ଜାଫର ଖାଁ)

କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ଭୋଗଡା ପଞ୍ଚାୟତସ୍ଥିତ ବେଲଅଣ୍ଟା ଗ୍ରାମରେ ଗୁରୁବାର ପୁଣି ଅଶାନ୍ତ ହୋଇଉଠିଛି। ପୂର୍ବ ଶତ୍ରୁତାକୁ ନେଇ ବାରମ୍ବାର ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି। ବୋମାମାଡ଼ କରି ମୁଖ୍ୟ ଅଭିଯୁକ୍ତ କାବୁଲା ରାଉତ ଫେରାର ଥିବାବେଳେ ଗୁରୁବାର ଗାଁକୁ ଆସିଥିଲେ। ଏହି ଖବରପାଇ ବୋମାମାଡ଼ର ଶିକାର ହୋଇଥିବା ଗୋଷ୍ଠୀ ପକ୍ଷରୁ ଉକ୍ତ ଯୁବକଙ୍କୁ ଆକ୍ରମଣ କରାଯାଇଛି। ଏଥିରେ ଯୁବକ ଜଣକ ଆହତ ହୋଇଛନ୍ତି। ଏ ସମ୍ପର୍କରେ ଖବରପାଇ ପୋଲିସ ଘଟଣାସ୍ଥଳରୁ ଆହତ ଯୁବକଙ୍କୁ ଉଦ୍ଧାର କରିବା ସହ ପୂର୍ବ ବୋମାମାଡ଼ ଘଟଣାରେ କୋର୍ଟ ଚାଲାଣ କରିଥିବା ଆଇଆଇସି ସୁମନ୍ତ କିଷାନ ସୂଚନା ଦେଇଛନ୍ତି। ଏଥିସହିତ ଆକ୍ରମଣର ଶିକାର ହୋଇଥିବା ଯୁବକ ବେଲଅଣ୍ଟା ଗାଁର କାବୁଲି ରାଉତଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ପୋଲିସ ଏକ ମାମଲା ରୁଜୁ କରିଥିବା ଆଇଆଇସି କିଷାନ ସୂଚନା ଦେଇଛନ୍ତି। ଏ ନେଇ ବେଲଅଣ୍ଟା ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଆଠଗଡ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗ୍ରାମରେ ଶାନ୍ତି ଶୃଙ୍ଖଳା ବଜାଏ ରଖିବା ଲାଗି ପୋଲିସ ମୁତୟନ କରାଯାଇଛି।

ପ୍ରକାଶ ଯେ, ମେ ୨୬ ତାରିଖ ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଭୋଗଡା ପଞ୍ଚାୟତସ୍ଥିତ ବେଲଅଣ୍ଟା ଗ୍ରାମର କାବୁଲି ରାଉତ ଗ୍ରାମର ରାମ ମନ୍ଦିର ନିକଟରେ ଥିବା ଚପଳା ନାୟକଙ୍କ ସମେତ ଅନ୍ୟ କେତେଜଣଙ୍କ ଘର ଉପରେ ବୋମାମାଡ଼ କରିଥିଲେ। ଏ ନେଇ ଚପଳାଙ୍କ ଲିଖିତ ଅଭିଯୋଗ ପରେ ପୋଲିସ ନଂ. ୧୩୨/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇ ଥିଲା। ଘଟଣା ଘଟାଇବା ପରେ ଅଭିଯୁକ୍ତ କାବୁଲି ଗ୍ରାମରୁ ଫେରାର ହୋଇଯାଇଥିଲେ। ଦୀର୍ଘଦିନ ପରେ ଗୁରୁବାର ସକାଳେ କାବୁଲି ଗ୍ରାମକୁ ଫେରୁଥିବା ସୂଚନା ପାଇ ବୋମାମାଡ଼ର ଶିକାର ହୋଇଥିବା କେତେଜଣ ପରିବାରର ସଦସ୍ୟ କାବୁଲିଙ୍କୁ କାବୁ କରି କଟୁରିରେ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାବୁଲିଙ୍କୁ ଉଦ୍ଧାର କରି ହସ୍ପିଟାଲ ନେବା ସହିତ ତାଙ୍କୁ ଗିରଫ କରିଛି। କାବୁଲିଙ୍କୁ ଆକ୍ରମଣ ଘଟଣାରେ ବାପା କୈଳାସଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ. ୧୫୪/୨୪ ରେ ମାମଲା ରୁଜୁ କରିଛି। କୈଳାସଙ୍କ ଅଭିଯୋଗ ଅନୁଯାୟୀ, ସେ ନିଜ ପରିବାର ସହ ଘରେ ଥିବାବେଳେ ଗାଁର ସୁରେନ୍ଦ୍ର ମଲ୍ଲ ନିଜର ୧୫ରୁ ଅଧିକ ସହଯୋଗୀଙ୍କ ସହ ତାଙ୍କ ପରିବାରକୁ ଆକ୍ରମଣ କରିଥିଲେ। ସୁରେନ୍ଦ୍ରଙ୍କ କଟୁରି ଆକ୍ରମଣରେ କୈଳାସଙ୍କ ବାମ ହାତ କାଣୀ ଆଙ୍ଗୁଠିରେ ଗୁରୁତର ଆଘାତ ଲାଗିଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ବଡ଼ମ୍ବା ଜଙ୍ଗଲରୁ ଛୁଆହାତୀର ମୃତଦେହ ଜବତ



ମୃତ ହାତୀ ଛୁଆର ବ୍ୟବଚ୍ଛେଦ ଲାଗି ଯାଇଥିବା ପ୍ରାଣୀ ଚିକିତ୍ସକ ଓ ବନ କର୍ମଚାରୀ।

ବଡ଼ମ୍ବା,୨୦।୬(ମାୟାଧର ମଲ୍ଲିକ)

କଟକ ଜିଲା ବଡ଼ମ୍ବା ଅଞ୍ଚଳରେ ଏକ ଛୁଆହାତୀର ଗଳିତ ମୃତଦେହ ଗୁରୁବାର ଜବତ କରାଯାଇଛି। ବଡ଼ମ୍ବା ରେଞ୍ଜ ଅଧୀନ ତଳଚନ୍ଦ୍ରଗିରି କମ୍ପାର୍ଟମେଣ୍ଟ ୩ରୁ ମରି ପଡିଥିବା ଛୁଆହାତୀକୁ ଜବତ କରାଯାଇଛି। ତେବେ ହାତୀର କିପରି ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ଅସହ୍ୟ ଗରମ ଯୋଗୁ ଅଂଶୁଘାତଜନିତ ମୃତ୍ୟୁ ହୋଇଥାଇ ପାରେ ବୋଲି ଆଶଙ୍କା କରାଯାଉଛି। ଖବରପାଇ ଏସିଏଫ୍ ଚିଟିଲିପି ବିଶ୍ୱାଳ, ବଡ଼ମ୍ବା ସଦର ଫରେଷ୍ଟର କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ବଡ଼ମ୍ବା ଓ ଗୋପପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ଛୁଆହାତୀର ବ୍ୟବଚ୍ଛେଦ କରି ସେହିଠାରେ ପୋତି ଦେଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ମୃତ ହାତୀର ବୟସ ୩ରୁ୪ ମାସ ହେବ ବୋଲି ଅନୁମାନ କରାଯାଉଛି। ଏହା ଏକ ମାଈ ହାତୀ ବୋଲି ଫରେଷ୍ଟର ସ୍ୱାଇଁ କହିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଏସିଏଫ୍ ବିଶ୍ୱାଳ କହିଛନ୍ତି।

# ଏମ୍‌ପି, ବିଧାୟକଙ୍କୁ ନାଗରିକ ସମ୍ବର୍ଦ୍ଧନା




ନାଗରିକ ସମ୍ବର୍ଦ୍ଧନା ସଭାରେ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ସମେତ ଅନ୍ୟମାନେ।

କଟକ ସଦର, ୨୦।୬ (ସୁଶାନ୍ତ କୁମାର ଜେନା)

କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪୨ ମୌଜାସ୍ଥିତ ବ୍ରହ୍ମପୁରଠାରେ ଭାଜପା ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଶୋକ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିଭା ଶତପଥୀ, ମଣ୍ଡଳ ସଭାପତି ପୀୟୂଷ ରଞ୍ଜନ ପରିଡ଼ା, ଶୁଭନ୍ୟାସ ମହାନ୍ତି, କର୍ପୋରେଟର ରାକେଶ ସ୍ୱାଇଁ, ଅଶୋକ ସ୍ୱାଇଁ, ରଞ୍ଜିତ ପଣ୍ଡା ଓ ରାଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅପରପକ୍ଷରେ ୧୦ ଦଫା ସମ୍ବଳିତ ଦାବିପତ୍ର ଏମ୍‌ପି ଏବଂ ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା। ସମୀର ପଣ୍ଡା ଓ ସୁବାସ ଗୋଚ୍ଛାୟତ ସଭା ପରିଚାଳନା କରିଥିବାବେଳେ ଅଭିରାମ ଦଳାଇ ଧନ୍ୟବାଦ ଦେଇଥିଲେ।

# ସାଲେପୁର କଲେଜ ରୋଡ୍, ଶିଶୁ ମନ୍ଦିର ରାସ୍ତା ମରଣଯନ୍ତା

ସାଲେପୁର,୨୦।୬(ଅରବିନ୍ଦ ଭୂୟାଁ)

କଟକ-ଚାନ୍ଦବାଲି ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରାସ୍ତା ଓ କଲେଜ ରୋଡ୍ ବର୍ଷା ଋତୁ ଆରମ୍ଭରେ ମରଣଯନ୍ତା ପାଲଟିଛି। ଦୀର୍ଘବର୍ଷ ହେଲା ଏହି ରାସ୍ତା ୨ଟିର ନିର୍ମାଣ ଓ ରକ୍ଷଣାବେକ୍ଷଣ ଅଭାବରୁ ଖାଲ ଖମା ସୃଷ୍ଟି ହୋଇଛି। ଏହା ଉପରେ ନିର୍ଭର କରୁଥିବା ଏକାଧିକ ଶିକ୍ଷାୟତନ ଓ ଡାକ୍ତରଖାନାକୁ ଗମନାଗମନ କରୁଥିବା ଛାତ୍ରୀଛାତ୍ର, ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଏହି ୨ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଭାଜପା ନେତା ପ୍ରସନ୍ନ ମିଶ୍ର ଦାବି କରିଛନ୍ତି।

ପ୍ରକାଶ ଯେ, କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଶିଶୁ ମନ୍ଦିର ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ହୋଇ ସାମାନ୍ୟ ବର୍ଷାରେ ଜଳାର୍ଣ୍ଣବ ହୋଇଯାଉଛି। ଶିଶୁ ମନ୍ଦିରରେ ଅଧ୍ୟୟନ କରୁଥିବା ହଜାର ହଜାର ପିଲା ଏକମାତ୍ର ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହି ରାସ୍ତାରେ ଥିବା ଗର୍ତ୍ତରେ ପଡି ଅଧିକାଂଶ ସମୟରେ ପିଲାମାନେ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ପାର୍ଶ୍ୱରେ ଥିବା ଅଗ୍ନିଶମ, ଟେଲିକମ୍ କାର୍ଯ୍ୟାଳୟ ମଧ୍ୟ ରହିଅଛି। ବହୁ ବ୍ୟବସାୟ ପ୍ରତିଷ୍ଠାନ ଓ ଜନବସତି ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନ ରହିଛନ୍ତି। ସେହିପରି ସାଲେପୁର ସହରର ମଧ୍ୟ ଭାଗରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସଂଯୋଗ କରୁଥିବା କଲେଜ ରୋଡ୍ ଅବସ୍ଥା ନ କହିଲେ ଭଲ। ଏହି ରାସ୍ତାଟି କେନ୍ଦ୍ରାପଡ଼ା ମୁଖ୍ୟ କେନାଲ ରାସ୍ତା ଓ ମହାନଦୀ ଚିତ୍ରୋତ୍ପଳା ବିସ୍ତୃତ ଦ୍ୱୀପାଞ୍ଚଳକୁ ସଂଯୋଗ କରୁଛି। ଏହି ରାସ୍ତା ଉପରେ ସାଲେପୁର କଲେଜ, ରେଫରାଲ ହସ୍ପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଫାର୍ମାସୀ କଲେଜ, ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ପାନୀୟ ଜଳ ପରିମଳ ବିଭାଗ ଓ ଅବକାରୀ ବିଭାଗ ପ୍ରଭୃତି ଏକାଧିକ ସରକାରୀ କାର୍ଯ୍ୟାଳୟକୁ ସଂଯୋଗ କରୁଛି। ଦୀର୍ଘବର୍ଷ ହେଲା ରାସ୍ତା ମରାମତି କରା ନ ଯିବା ଓ କେତେକ ସ୍ଥାନରେ ରାସ୍ତା ଦବିଯିବା କାରଣରୁ ଯାତାୟାତରେ ବାଧାପ୍ରାପ୍ତ ହୋଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଲୋକପ୍ରିୟ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି।



ସାଲେପୁର କଲେଜ ରୋଡ୍‌ରେ ଖାଲଖମା ସୃଷ୍ଟି ହୋଇଛି।

**ସଂକ୍ଷେପରେ**

## ପିସି କାରବାରକୁ ବରଦାସ୍ତ କରାଯିବ ନାହିଁ : ପ୍ରଭାତୀ

**ନିମାପଡ଼ା,୨୦।୬(ବିଚିତ୍ରାନନ୍ଦ ସାହୁ)**

ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବେ କାର୍ଯ୍ୟାନୁଷ୍ଠାନ ମୁଡ଼ରେ ରହିଥିବାରୁ ନିମାପଡ଼ାରେ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀ, ସରକାରୀ ଅଫିସର, ଠିକାଦାରମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଗତ ୧୬ ତାରିଖରେ ପରିଡ଼ା ପ୍ରଥମ ଥର ଲାଗି ନିଜ ନିର୍ବାଚନମଣ୍ଡଳୀ ଗସ୍ତ କରିଥିବାବେଳେ ଫୋରଲେନ୍ ରାସ୍ତା ନିର୍ମାଣ କାର୍ଯ୍ୟର ତଦାରଖ ଓ ସମୀକ୍ଷା କରିଥିଲେ। ବୈଠକ ଅବସରରେ ନିମାପଡ଼ାରେ ଚାଲିଥିବା ଓ ଆଗକୁ ହେବାକୁ ଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଠିକ୍ ଭାବେ କରାଯିବା ସହ ନିର୍ମାଣ କାର୍ଯ୍ୟ ବାବଦରେ କୌଣସି ପିସି କାରବାର ହେବ ନାହିଁ କି ଏହାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ପରିଡ଼ା କହିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ଏଭଳି କଡ଼ା ପଦକ୍ଷେପକୁ ନିମାପଡ଼ାରେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ନିମାପଡ଼ାକୁ ୧ନଂ. ନିର୍ବାଚନମଣ୍ଡଳୀ ଭାବେ ଗଢି ତୋଳିବା ସହ ସାମଗ୍ରିକ ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସଂକଳ୍ପବଦ୍ଧ ବୋଲି ସେ କହିବା ସହ ନିର୍ବାଚନମଣ୍ଡଳୀବାସୀଙ୍କ ସହଯୋଗ କାମନା କରିଛନ୍ତି। ଅନ୍ୟପକ୍ଷରେ ନିମାପଡ଼ା ମେଡିକାଲର ବହୁବିଧ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ଓ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା କ୍ଷେତ୍ରରେ ସରକାରୀ କଳ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବ। ଏଥିସହ ସରକାର ଗଠନର ଶହେ ଦିନରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସମସ୍ୟାର ଆଶୁ ପ୍ରତିକାର କରାଯିବ ବୋଲି ପରିଡ଼ା କହିଛନ୍ତି।

## ଅନୁଭବଙ୍କ ସମେତ ୨ ସହଯୋଗୀଙ୍କ ନାମରେ ଚାର୍ଜଫ୍ରେମ୍

### ଏନ୍‌ବିଡବ୍ଲ୍ୟୁ ମାମଲାରେ ଜେଏମ୍ଏଫ୍‌ସି କୋର୍ଟରେ ହାଜର

**କଟକ,୨୦।୬ (କାର୍ତ୍ତିକ ସାହୁ)**

ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ମାମଲାରେ ଅଭିନେତା ତଥା ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତି ଗୁରୁବାର କୋର୍ଟରେ ହାଜର ହୋଇଛନ୍ତି। କଟକ ଜେଏମ୍‌ଏଫ୍‌ସି (ଏମ୍‌ପି/ଏମ୍‌ଏଲ୍ଏ ସ୍ୱତନ୍ତ୍ର କୋର୍ଟ)ରେ ଅନୁଭବ ହାଜର ହେବା ପରେ ତାଙ୍କ ନାମରେ ଚାର୍ଜଫ୍ରେମ୍ ହୋଇଛି। ଏଥିସହ ଅନୁଭବଙ୍କ ଦୁଇ ସହଯୋଗୀଙ୍କ ନାମରେ ମଧ୍ୟ ଚାର୍ଜଫ୍ରେମ୍ ହୋଇଛି। ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପୁରୀଘାଟ ଥାନାରେ ଦେଇଥିବା ଏତଲା ଆଧାରରେ ହୋଇଥିବା ମାମଲାରେ ଅନୁଭବଙ୍କ ନାଁରେ ଚାର୍ଜଫ୍ରେମ୍ ହୋଇଛି। କୋର୍ଟରୁ ବାରମ୍ବାର ସମନ ହେବା ସତ୍ତ୍ୱେ ଅନୁଭବ ହାଜର ନ ହେବାରୁ ତାଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଥିଲା। ସ୍ୱତନ୍ତ୍ର କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ଜାରି ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁଭବଙ୍କ ଆବେଦନର ଶୁଣାଣି କରି ଏହି ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଥିଲେ। ଏଥିସହ ଅନୁଭବ ଆସନ୍ତା ୨୩ ତାରିଖ ମଧ୍ୟରେ ଜେଏମ୍ଏଫ୍‌ସି କୋର୍ଟରେ ହାଜର ହୋଇପାରିବେ ବୋଲି ହାଇକୋର୍ଟ ଆଦେଶ ଦେଇଥିଲେ। ସୂଚନାଯୋଗ୍ୟ, ବର୍ଷାଙ୍କୁ ଅନୁଭବ ମାନସିକ, ଶାରୀରିକ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ଧମକ ଦେଉଥିଲେ। ଏ ନେଇ ସେ ୨୦୨୦ରେ ପୁରୀଘାଟ ଥାନାରେ ଏତଲା ଦେଇଥିଲେ। ଏପରିକି ଉକ୍ତ ଘଟଣାରେ ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଳାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁଙ୍କ ବିରୋଧରେ ମଧ୍ୟ ଅଭିଯୋଗ ହୋଇଥିଲା।

# ବିପଦସଙ୍କୁଳ ଅବସ୍ଥାରେ ବାଲିଘାଇ ସେତୁ

**ସାକ୍ଷୀଗୋପାଳ, ୨୦।୬(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଦାସବିଦ୍ୟାଧରପୁର ପଞ୍ଚାୟତରେ ଥିବା ବହୁ ପୁରାତନ ବାଲିଘାଇ ସେତୁ ଏବେ ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ସେତୁ କେତେବେଳେ ଭୁଶୁଡ଼ି କିଛି ଅଘଟଣ ଘଟିବା ଆଶଙ୍କାରେ ପଞ୍ଚାୟତ ବାସିନ୍ଦା ଆତଙ୍କିତ ହୋଇ ରହିଛନ୍ତି। ସେତୁ ମରାମତି କିମ୍ବା ନୂତନ ସେତୁ ନିର୍ମାଣ ପାଇଁ ସରପଞ୍ଚ ଓ ଗ୍ରାମବାସୀ ଅନେକ ଥର ବିଭାଗୀୟ ଅଧିକାରୀ ଏବଂ ଲୋକପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଯାବତ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ସେତୁ ଦେଇ ଦୈନିକ ଶତାଧିକ ଛାତ୍ରୀଛାତ୍ର



ବାଲିଘାଇ ସେତୁର ମଝି ପିଲର ଭାଙ୍ଗି ଦବିଯାଇଛି।

ସ୍କୁଲ, କଲେଜ ଯାଉଥିବାବେଳେ ଗାଡ଼ି ଚଳାଚଳ କରୁଛି। ସେତୁର ଦୁଇଟି ପିଲର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ କୌଣସି ସମୟରେ ଅଘଟଣ ଘଟିବାର

**ଜୀବନକୁ ବାଜି ଲଗାଇ ଯାଉଛନ୍ତି ଛାତ୍ରୀଛାତ୍ର**

ଆଶଙ୍କା ରହିଛି। ତୁରନ୍ତ ଏହି ସେତୁକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ବିପଦ ସଂକୁଳ ଘୋଷଣା କରିବା ସହ ନୂତନ ସେତୁ ନିର୍ମାଣ କରିବାକୁ ଦାସବିଦ୍ୟାଧରପୁର ସରପଞ୍ଚଙ୍କ ପ୍ରତିନିଧି ସତ୍ୟପ୍ରିୟ ସ୍ୱାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ମୁକ୍ତିକାନ୍ତ ପାଲ କହିଛନ୍ତି, ଏହି ସେତୁ ବହୁ ପୁରାତନ। ସେତୁ ସମ୍ବନ୍ଧୀୟ ଅଭିଯୋଗ ଆମ ପାଖରେ ପହଞ୍ଚିଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହାକୁ ପ୍ରାଥମିକତା ଦିଆଯାଇ ସମସ୍ୟାର ଶୀଘ୍ର ସମାଧାନ କରାଯିବ।



ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ୩ ଟପ୍ପରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ଅବସରରେ ଅତିଥି ଏବଂ ଛାତ୍ରୀଛାତ୍ର।

## ନିମାପଡ଼ା କଲେଜର ଯୁକ୍ତ ୩ ଶେଷ ବର୍ଷର ୩ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ନିମାପଡ଼ା, ୨୦।୬(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ପରୀକ୍ଷାଫଳ ଇତି ମଧ୍ୟରେ ପ୍ରକାଶ ପାଇଥିଲା। ଏହି ପରୀକ୍ଷାରେ ମୋଟରେ ୮୪ ପ୍ରତିଶତ ପାସ୍ ହାର ହୋଇଛି। କଲେଜରେ ଯୁକ୍ତ ୩ରେ କଳା, ବିଜ୍ଞାନ, ବାଣିଜ୍ୟ ଆଦି ବିଭାଗରେ ମୋଟରେ ୮୧୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୬୯୭ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। କଳା ବିଭାଗର ଛାତ୍ରୀ ସ୍ୱାଧୀନ ମହାନ୍ତି ଶତକଡ଼ା ୮୨. ୬୨ ପ୍ରତିଶତ, ବିଜ୍ଞାନ ବିଭାଗର ଛାତ୍ର ବିକାଶ ମିଶ୍ର ଶତକଡ଼ା ୮୭. ୩୮ ପ୍ରତିଶତ ଓ ବାଣିଜ୍ୟ ବିଭାଗର ଛାତ୍ର ଜିତେନ୍ଦ୍ର ସାହୁ ଶତକଡ଼ା ୭୬.୦୪ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ଏମାନେ ସଫଳତା ହାସଲ କରି ଚଳିତ ବର୍ଷ ପାଇଁ କଲେଜର ଶ୍ରେଷ୍ଠ ଗ୍ରାଜୁଏଟ୍ ହୋଇ କଲେଜର ଗୌରବ ଓ ସମ୍ମାନ ରକ୍ଷା କରିଛନ୍ତି। ବିଭିନ୍ନ ବିଭାଗରେ ଟପ୍ପର ହୋଇଥିବା କଲେଜକୁ ଗୌରବାନ୍ୱିତ କରିଥିବା ଟପ୍ପର ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ପକ୍ଷରୁ ମାନପତ୍ର, ଟ୍ରଫି, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ ବିଭାଗ ଓ ବିଷୟର ଅନର୍ସରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମାରୋହରେ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଜଗତ ପ୍ରସାଦ ସାବୁତ, ଅଧ୍ୟକ୍ଷା ପୁଷ୍ପିତା ରାଜଗୁରୁ, ପରୀକ୍ଷା ନିୟନ୍ତ୍ରକ ଦେବେନ୍ଦ୍ରନାଥ ଗାସ, ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ରନାଥ ପାଢ଼ୀ, ଅଧ୍ୟାପକ ପ୍ରଦୀପ ଦାଶ ପ୍ରମୁଖ ଯୋଗଦେଇ କଲେଜକୁ ଗୌରବାନ୍ୱିତ କରିଥିବା କୃତୀ ବିଦ୍ୟାର୍ଥୀଙ୍କୁ ସାଧୁବାଦ ଜଣାଇ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ସୁଧୁରୁନି ଚାରିଛକ ଅଞ୍ଚଳର ସମସ୍ୟା

**ଚାରିଛକ,୨୦।୬(ଶିଶିର ସ୍ୱାଇଁ)**

ନିମାପଡ଼ା ବ୍ଲକର ଚାରିଛକ ୨୧ ନମ୍ବର ଜିଲା ପରିଷଦ ଜୋନ୍‌ର ୬ଟି ପଞ୍ଚାୟତକୁ ନେଇ ଗଠିତ। ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ସମାଧାନ ଲାଗି ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପାଖେ ଦାବି ହେଉଛି। ଭୋଦର, କଳାପାଞ୍ଜଣ, ତୁଳସୀପୁର, ବାହାରଣା ଛଣିଜଙ୍ଗ, ତମ୍ପାଳ ପ୍ରଭୃତି ପଞ୍ଚାୟତକୁ ନେଇ ଗଠିତ ବଜାରରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଦୋକାନ କରିଛନ୍ତି। ବଜାରରେ ବହୁ ସମସ୍ୟା ଥିଲେ ମଧ୍ୟ ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆ ଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚାରିଛକ ବଜାର ଦେଇ ଦୈନିକ କଟକ, ପୁରୀ, ଭୁବନେଶ୍ୱର, କୋଣାର୍କ, ପାରାଦୀପ, ରାଉରକେଲା, କଲିକତା, ଅସ୍ତରଙ୍ଗ, କାକଟପୁର ପ୍ରଭୃତି ଅଞ୍ଚଳକୁ ଶହଶହ ଯାତ୍ରୀବାହୀ ବସ୍ ଯାତାୟାତ କରୁଛି। ଚାରିଛକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନିଗମାନନ୍ଦ ମହିଳା ମହାବିଦ୍ୟାଳୟ, ୨ଟି ବ୍ୟାଙ୍କ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଥିବାବେଳେ ଗୋଟିଏ ଯାତ୍ରୀ ବିଶ୍ରାମାଗାର ନାହିଁ। ଫଳରେ ଯାତ୍ରୀମାନେ ଖରା ବର୍ଷାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବଜାରରେ ଗୋଟିଏ ଶୌଚାଳୟ ନ ଥିବାରୁ ଛାତ୍ରୀ ଓ ଯାତ୍ରୀମାନେ ନାନାଦି ହଇରାଣ ହେଉଛନ୍ତି। ଚାରିଛକଠାରେ ଏକ ଦୈନିକ ହାଟ ଥିବାବେଳେ ବ୍ୟବସାୟୀ ରାସ୍ତା ଉପରେ ପାଲ ପକାଇ ବ୍ୟବସାୟ କରୁଥିବାରୁ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ଥାନା ପକ୍ଷରୁ ବଜାରରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରିବା ଲାଗି ପୋଲିସ ମୁତୟନ ଥିଲେ ମଧ୍ୟ ପର୍ବପର୍ବାଣି ସମୟରେ ଟ୍ରାଫିକ ସମସ୍ୟା ଗୁରୁତର ହୋଇ ପଡୁଛି, ଯାହାକି ପୋଲିସ୍ ମୁଣ୍ଡ ବିନ୍ଧାର କାରଣ ହୋଇଛି। ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ଆୟୁଷ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟ ସେବା ଚାଲିଛି, ସେ ପୁଣି ପାଳିରେ। ଏଠାରେ ପଶୁ ଡାକ୍ତରଖାନା ଥିବାବେଳେ ୨ ବର୍ଷ ହେବ ପଶୁ ନିରୀକ୍ଷକ ନ ଥିବାରୁ କାର୍ଯ୍ୟାଳୟରେ ତାଲା ପଡ଼ିଛି। ଉକ୍ତ କାର୍ଯ୍ୟାଳୟଟି ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ବଜାରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିଙ୍କ ପିଣ୍ଡି ଓ ତ୍ରିନାଥ ମଣ୍ଡପକୁ ୨ଟି ଗାଡ଼ି ଧକ୍କା ଦେଇ ଭାଙ୍ଗି ଦେଇଥିବାବେଳେ ମରାମତି କରାଯାଉ ନାହିଁ। ବଜାରରେ ଲାଇଟ ଜଳୁ ନ ଥିବାରୁ ଛୋଟ ଛୋଟ ଚୋରି ହେଉଛି। ବଜାରରେ ନଳକୂପ ଥିଲେ ମଧ୍ୟ ଅଚଳ ଅବସ୍ଥାରେ ଅଛି। ଚାରିଛକ ବଜାର ଦିନକୁ ଦିନ ଭୌଗୋଳିକ ଦୃଷ୍ଟିକୋଣରୁ ବୃଦ୍ଧି ପାଉଥିଲେ ମଧ୍ୟ ଉଠା ଦୋକାନୀମାନେ ରାସ୍ତା ଉପରେ ପାଲ ପକାଇ ବ୍ୟବସାୟ କରୁଥିବାରୁ ରାସ୍ତାରେ ଗାଡ଼ି ମୋଟର ଘଣ୍ଟା ଘଣ୍ଟା ଧରି ଅଟକି ରହୁଛି। ଏପରି କି ୧୦୮ ଆମ୍ବୁଲାନ୍ସ ମଧ୍ୟ ଅଟକି ରହୁଛି। ବାହାରୁ ଆସୁଥିବା ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୈନିକ ଅପରାହ୍ନ ୩ଟାରୁ ରାତ୍ରି ୮ଟା ପର୍ଯ୍ୟନ୍ତ ଗୋପ ଲାଇନରେ ଯାତାୟାତ ଲାଗି ବହୁ ଅସୁବିଧା ହେଉଛି।



ପୁରୀ ନୋଳିଆ ସାହିରୁ ମଦ ଦୋକାନ ସ୍ଥାନାନ୍ତର ପାଇଁ ପ୍ରଶାସନ ଉଦ୍ଦେଶ୍ୟରେ ଦାବିପତ୍ର ଦେବା ପାଇଁ ଆସିଥିବା ସାହିବାସିନ୍ଦା।

# ବୋଲେରୋ ପାଲଟିଲା ଭିଣ୍ଟେଜ



**ଅସ୍ତରଙ୍ଗ/କାକଟପୁର,୨୦।୬ (ପ୍ରଦୀପ୍ତ ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)**

ଇଞ୍ଜିନିୟରମାନେ ସର୍ବଦା କିଛି ନିଜ ନୂଆ ଜିନିଷ ଉଦ୍ଭାବନ କରିବାରେ ଲାଗି ପଡ଼ିଥାନ୍ତି। ଏପରି ଅସ୍ତରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ଆଳସାହି ଗ୍ରାମର ଜଣେ ଯୁବ ଇଞ୍ଜିନିୟର ଏକ ବୋଲେରୋକୁ ଭିଣ୍ଟେଜ ଆକୃତି ଦେଇ ଏବେ ଚର୍ଚ୍ଚାରେ ରହିଛନ୍ତି। ସେ ଉକ୍ତ କାର୍‌ର ନାମ ରଖିଛନ୍ତି, 'ଦୁଲହନ ଚଲି ଶଶୁରାଲ'। ପ୍ରଭାତ କୁମାର ଲେଙ୍କା (୪୨) ଇଞ୍ଜିନିୟରିଂ ସାରିବା ପରେ ଏକ ବୋଲେରୋ କିଣିଥିଲେ। ସେ ୟୁଟ୍ୟୁବରୁ ଗାଡ଼ିର ବିଭିନ୍ନ ଆକୃତି ଦେଖିଲା ପରେ ନିଜ ବୋଲେରା ଗାଡ଼ିକୁ ଭିଣ୍ଟେଜ ଆକୃତି ଦେବାକୁ ମନସ୍ଥ କରିଥିଲେ। ସେଥିନେଇ ଡାଇଗ୍ରାମ ପ୍ରସ୍ତୁତ କରି ନିଜ ଘରେ ଦୀର୍ଘ

**ଯୁବ ଇଞ୍ଜିନିୟରଙ୍କ ନିଆରା ପ୍ରୟାସ**

୪ ମାସର ଉଦ୍ୟମରେ ୭ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ କରି ବୋଲେରୋକୁ ଆମେରିକାର ୧୯୩୨ ମସିହାର ଭିଣ୍ଟେଜ ଆକୃତି ଦେଇପାରିଛନ୍ତି। ସେହି କାର୍‌ରେ ବିଭିନ୍ନ ରଙ୍ଗ ବେରଙ୍ଗର ଲାଇଟ୍ ଲଗାଇଛନ୍ତି। ସେହିଭଳି ଗାଡି ଆଗ ବନେଟ ଏବଂ ପଛ ପାର୍ଶ୍ୱରେ ସ୍ୱତନ୍ତ୍ର ଡିଜାଇନ କରିଛନ୍ତି। ଯାହା ଭିଣ୍ଟେଜର ଭ୍ରମ ସୃଷ୍ଟି କରୁଛି। ଆଗକୁ ବାହାଘର ତିଥି ଆସୁଥିବାରୁ ନିଶ୍ଚିତ ଯୁବ ପିଢିଙ୍କୁ ଏହା ବେଶ ପସନ୍ଦ ହେବ ବୋଲି ପ୍ରଭାତ ଆଶା ରଖିଥିବା କହିଛନ୍ତି। ଏହାକୁ ଦେଖିବାକୁ ଆଖପାଖ ଲୋକେ ମଧ୍ୟ ଆସୁଛନ୍ତି।

# ପତିତପାବନ ଦେବଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି



ରଥଯାତ୍ରା ପାଇଁ ଆୟୋଜିତ ପ୍ରସ୍ତୁତି ବୈଠକ।

**ପିପିଲି,୨୦।୬(ପ୍ରଭାତ କୁମାର ମହାପାତ୍ର)**

ମହାପ୍ରଭୁ ଶ୍ରୀଶ୍ରୀ ପତିତପାବନ ଦେବଙ୍କ ୪୦ତମ ରଥଯାତ୍ରା ମହୋତ୍ସବ ନିମନ୍ତେ ଗୁରୁବାର ପତିତପାବନ ଦେବ ମନ୍ଦିର ପ୍ରାଙ୍ଗଣରେ ରଥଯାତ୍ରା ପରିଚାଳନା କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନେଇ ସାରା ପିପିଲି ଓ ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇ ପଡ଼ିଥିବାବେଳେ ସମସ୍ତଙ୍କ ମୁହଁରେ ଆନନ୍ଦ, ଉଲ୍ଲାସ ଖେଳିଯାଇଛି। ହିନ୍ଦୁଙ୍କ ସମେତ ମୁସଲମାନ ଏବଂ ଖ୍ରୀଷ୍ଟିୟାନମାନେ ମଧ୍ୟ ଏହି ପର୍ବକୁ ଉତ୍କଣ୍ଠାର ସହ ପ୍ରତୀକ୍ଷା କରି ରହିଛନ୍ତି। ପୁରାତନ କମିଟିର କାର୍ଯ୍ୟକାଳ ପୂରି ଯାଇଥିବାରୁ ରାମଚନ୍ଦ୍ର ଦାଶଙ୍କ ପରିଚାଳନାରେ ରଥଯାତ୍ରାର ନୂତନ ପରିଚାଳନା କମିଟି ଗଠନ କରାଯାଇଛି। କମିଟିସଭାପତିଇଂ. ରମେଶ ଚନ୍ଦ୍ର ସତପଥୀ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ପିପିଲି ଅତିରିକ୍ତ ତହସିଲଦାର ନବକିଶୋର ପାତ୍ର, ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ପିପିଲି ଥାନା ଅଧିକାରୀଙ୍କ ପ୍ରତିନିଧି ଏସ୍ଆଇ ମମତା ବିଶ୍ୱାଳ, ଏନ୍ଏସି କାର୍ଯ୍ୟ ନିର୍ବାହୀଙ୍କ ପ୍ରତିନିଧି କାଳୀପ୍ରସାଦ ମିଶ୍ର, ପିପିଲି ବିଦ୍ୟୁତ୍ ବିଭାଗ ୨ଜଣ କନିଷ୍ଠ ଯନ୍ତ୍ରୀଙ୍କ ସହ ଅଞ୍ଚଳର ବହୁ ସରକାରୀ, ବେସରକାରୀ ଓ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ରଥଯାତ୍ରା ମହୋତ୍ସବର ୧୫ ଦିନର କାର୍ଯ୍ୟପନ୍ଥା ଉପରେ ଅତିଥିମାନେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ମହାପ୍ରଭୁ ଶ୍ରୀଜୀଉଙ୍କ ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନା ବେଶ ସହ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ରୀତିନୀତି ଅନୁଯାୟୀ ବହୁ ଆଡମ୍ବରରେ ରଥଯାତ୍ରା ପୂର୍ବ ପ୍ରସ୍ତୁତି ଅନୁସାରେ ପାଳନ କରାଯିବ ବୋଲି କମିଟି ସମ୍ପାଦକ ପ୍ରଭାତ ମହାପାତ୍ର କହିଛନ୍ତି। ବୈଠକରେ କମିଟି ଉପସଭାପତି ବାମଦେବ ମିଶ୍ର, ସହ ସମ୍ପାଦକ ରମେଶ ମହାପାତ୍ର, ଯୁଗ୍ମ ସମ୍ପାଦକ ମନୋଜ ପ୍ରଧାନ, କୋଷାଧ୍ୟକ୍ଷ ସୁରେନ୍ଦ୍ର ମହାପାତ୍ର, ସହ କୋଷାଧ୍ୟକ୍ଷ ରାଜେଶ ଅଗ୍ରୱାଲଙ୍କ ସହ ସମସ୍ତ ସଭ୍ୟମାନେ ଯୋଗଦେଇ ପ୍ରତ୍ୟକ୍ଷ ଆଲୋଚନାରେ ଭାଗ ନେଇଥିଲେ।

## ୧୭ ବର୍ଷର ସ୍ମୃତି ମନେପକାଇଲେ ଛାତ୍ରୀଛାତ୍ର

**ଅସ୍ତରଙ୍ଗ,୨୦।୬(ମମତା ଜେନା)**

ଗୋପୀକାନ୍ତପୁର ଉଚ୍ଚ ବିଦ୍ୟାଳୟର ୨୦୦୭ ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରଙ୍କ କୁତାମଚଣ୍ଡୀ ପୀଠରେ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁଭ ଦର୍ଶନ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବନ୍ଧୁମିଳନରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଦୀର୍ଘ ୧୭ ବର୍ଷ ପରେ ସମସ୍ତେ ଏକାଠି ହୋଇ ପୁରୁଣା ସ୍ମୃତିକୁ ମନେପକାଇ ନିଜ ନିଜ ଭିତରେ ଦୁଃଖ ସୁଖ ବାଣ୍ଟିଥିଲେ। ଦିବଂଗତ ୨ ବନ୍ଧୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ମୃତିରଞ୍ଜନ ପ୍ରଧାନ, ପ୍ରସନ୍ନଜିତ୍ ମହାପାତ୍ର, ଦୁର୍ଗାପ୍ରସାଦ ନାୟକ, ବିକାଶ କାଣ୍ଡି, ସାହାନାଜ୍ ଖାନ୍, ସୌରଭ ପାତ୍ର, ଖେତିସକାନ୍ତ ସାହୁ, ପ୍ରତିମା ସାହୁ, ସାଗରିକା ସାହୁ, ପ୍ରିୟଙ୍କା ସେନାପତି ପ୍ରମୁଖଙ୍କ ସହଯୋଗରେ ଭୋଜି ଭାତର ଆୟୋଜନ କରାଯାଇଥିଲା।

# ସିକଲସେଲ୍ ଏନେମିଆ ନିରାକରଣ ନେଇ ସଚେତନତା

**ବଳଙ୍ଗା,୨୦।୬(କେଦାରେଶ୍ୱର ନନ୍ଦ)**

କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ମୁତାବକ ତଥା ରାଜ୍ୟ ସରକାରଙ୍କର ନିର୍ଦ୍ଦେଶାନୁଯାୟୀ ବଳଙ୍ଗା ମହାବିଦ୍ୟାଳୟରେ ସିକଲସେଲ ଏନେମିଆ ରୋଗ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ ଏହାର ନେତୃତ୍ୱ ନେଇଥିଲେ। ଜୀବ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅନୁପମା ପ୍ରଧାନ, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ରାଜଲକ୍ଷ୍ମୀ ମହାପାତ୍ର, ରାଧାମୋହନ ମହାନ୍ତି ଯୋଗଦେଇଥିଲେ। ଉଭୟ ରୋଗର ସାମୟିକ ଚିହ୍ନଟ ପ୍ରକ୍ରିୟା, ଲୋହିତ ରକ୍ତ କଣିକାର ଗଠନ ପ୍ରଣାଳୀ, ପୂର୍ଣ୍ଣାଙ୍ଗ ରକ୍ତ କଣିକା ଗଠନ ପାଇଁ ଖାଦ୍ୟ ସାମଗ୍ରୀର ଚିଠା ପ୍ରଦାନ କରିବା ସହିତ ରୋଗର ସ୍ୱରୂପ ସଚିତ୍ର ପ୍ରଦର୍ଶିତ କରିଥିଲେ। ଅଧ୍ୟାପକ ହରମୋହନ ମହାନ୍ତି କହିଥିଲେ, ଭାରତର ୪୦ ବର୍ଷ ବୟସରୁ କମ୍ ୨ କୋଟି ଲୋକଙ୍କୁ ଏହି ରୋଗରୁ ଦୂରେଇ ରଖିବାକୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନର ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଷ୍ଟ୍ରର ସ୍ୱାଧୀନତାର ଏକ ଶତବାର୍ଷିକୀ (୨୦୪୭) ମଧ୍ୟରେ ଏହି ଦୁଃସାଧ୍ୟ ରୋଗର ନିରାକରଣରେ ସାମୂହିକ ସହଯୋଗ ଏକାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଉପସ୍ଥିତ ୨୦୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଓ କର୍ମଚାରୀଙ୍କୁ ଅଧ୍ୟକ୍ଷ ଏହି ପରିପ୍ରେକ୍ଷୀରେ ଆହାର, ବିହାର ଓ ଭୋଗବିଳାସରେ ସଂଯମତା ରକ୍ଷା କରି ଯୋଗ– ପ୍ରାଣାୟମ ସହ ଅଭ୍ୟାସ ପାଇଁ ସମସ୍ତଙ୍କୁ ପ୍ରେରିତ କରାଇଥିଲେ। ଯାହାକି ବାସ୍ତବରେ ମଣିଷ ପାଇଁ ଏହା ମହୌଷଧି ସ୍ୱରୂପ କାର୍ଯ୍ୟ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗୀୟ ମୁଖ୍ୟ ଡ. ପ୍ରଦୋଷ କୁମାର ପତି ସଞ୍ଚାଳନ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ୬ ମାସରେ ଉଠିଲା ପେଭର ବ୍ଲକ୍ ରାସ୍ତା

**ଗୋପ,୨୦।୬(ଭାରତୀ ଭୂଷଣ ଉପାଧ୍ୟାୟ)**

କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ କୁହୁରା– ମହଲପଡ଼ା ରାସ୍ତା ପାଲଟିଛି ମରଣଯନ୍ତା। ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ଚୁପ।

ପ୍ରକାଶ ଯେ, ଗୋପ– କୋଣାର୍କ ମୁଖ୍ୟରାସ୍ତାରୁ କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ କୁହୁରା– ମହଲପଡ଼ା ରାସ୍ତା ଯାଇଛି। ଏହି ରାସ୍ତା ଉପରେ ଗୋପ ବ୍ଲକ ଓ କାକଟପୁର ବ୍ଲକର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ହଜାର ହଜାର ଜନସାଧାରଣ ନିର୍ଭର କରନ୍ତି। କିନ୍ତୁ ପୂର୍ବରୁ କୋଟି କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରାଯାଇଥିବାବେଳେ ଏହି ରାସ୍ତା ଏବେ ଫାଟି ଆଁ କରିଛି। କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତାର କୁଣ୍ଡିଷ ଗାଁ ପୂର୍ବରୁ ସରକାରୀ ନିୟମକୁ





ଉଲ୍ଲଂଘନ କରାଯାଇ ଲକ୍ଷାଧିକ ଟଙ୍କାର ପେଭର ବ୍ଲକ ଇଟା ପକାଯାଇଥିଲା। କିନ୍ତୁ ବିଭାଗୀୟ ଯନ୍ତ୍ରୀ ଓ କାର୍ଯ୍ୟ କରୁଥିବା ଠିକାଦାରଙ୍କ ମଧ୍ୟରେ ସଲା ସୁତୁରାରେ ଏହି କାର୍ଯ୍ୟ ହୋଇଥିବାରୁ ଏବେ ୬ ମାସ ଭିତରେ ରାସ୍ତାରୁ ପେଭର ବ୍ଲକ ଇଟା ବାହାରିଗଲାଣି। ଫଳରେ ଦୈନନ୍ଦିନ ଦୁର୍ଘଟଣା ଘଟୁଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଏପରି ଅଭିଯୋଗ ଉଚ୍ଚ ପଦସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କ ନିକଟରେ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ମହଲପଡ଼ା ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ କହିଛନ୍ତି। ଏହି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ସହିତ କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆଉ କେତେକ ରାସ୍ତାକୁ ସଂଯୋଗୀକରଣ କରାଯାଇ କୋଟି କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ଅଳ୍ପ ଦିନ ଭିତରେ ଖରାପ ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ଉପରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି କରାଯାଉଛି। ଏପରି ଅଭିଯୋଗ ସମ୍ପର୍କରେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ସେକ୍ସନ ଯନ୍ତ୍ରୀ ନବୀନ ବେହେରାଙ୍କୁ ପଚାରିବାରେ, ଅଭିଯୋଗ ଉପରେ ଗୁରୁତ୍ୱ ଦେବେ ବୋଲି କହିବା ସହ ରାସ୍ତାରେ କେତେ ଟଙ୍କା ଖର୍ଚ୍ଚ କରାଯାଇଛି କହି ପାରି ନ ଥିଲେ।

## ସଂକ୍ଷେପରେ

### ଅନୁଭବଙ୍କ ସମେତ ୨ ସହଯୋଗୀଙ୍କ ନାଁରେ ଚାର୍ଜଫ୍ରେମ୍

**କଟକ,୨୦।୬ (କାର୍ତ୍ତିକ ସାହୁ):** ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ମାମଲାରେ ଅଭିନେତା ତଥା ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତି ଗୁରୁବାର କୋର୍ଟରେ ହାଜର ହୋଇଛନ୍ତି। କଟକ ଜେଏମ୍‌ଏଫ୍‌ସି (ଏମ୍‌ପି/ଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟ)ରେ ଅନୁଭବ ହାଜର ହେବା ପରେ ତାଙ୍କ ନାମରେ ଚାର୍ଜଫ୍ରେମ୍ ହୋଇଛି। ଏଥିସହ ଅନୁଭବଙ୍କ ଦୁଇ ସହଯୋଗୀଙ୍କ ନାମରେ ମଧ୍ୟ ଚାର୍ଜଫ୍ରେମ୍ ହୋଇଛି। ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପୁରୀଘାଟ ଥାନାରେ ଦେଇଥିବା ଏତଲା ଆଧାରରେ ହୋଇଥିବା ମାମଲାରେ ଅନୁଭବଙ୍କ ନାଁରେ ଚାର୍ଜଫ୍ରେମ୍ ହୋଇଛି। କୋର୍ଟରୁ ବାରମ୍ବାର ସମନ ହେବା ସତ୍ତ୍ୱେ ଅନୁଭବ ହାଜର ନ ହେବାରୁ ତାଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଥିଲା। ସ୍ୱତନ୍ତ୍ର କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ଜାରି ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁଭବଙ୍କ ଆବେଦନର ଶୁଣାଣି କରି ଏହି ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଥିଲେ। ଏଥିସହ ଅନୁଭବ ଆସନ୍ତା ୨୩ ତାରିଖ ମଧ୍ୟରେ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହୋଇପାରିବେ ବୋଲି ହାଇକୋର୍ଟ ଆଦେଶ ଦେଇଥିଲେ।

### ବଡ଼ମ୍ବା ଜଙ୍ଗଲରୁ ଛୁଆହାତୀର ମୃତଦେହ ଜବତ

**ବଡ଼ମ୍ବା,୨୦।୬(ମାୟାଧର ମଲ୍ଲିକ):** କଟକ ଜିଲା ବଡ଼ମ୍ବା ଅଞ୍ଚଳରେ ଏକ ଛୁଆହାତୀର ଗଳିତ ମୃତଦେହ ଗୁରୁବାର ଜବତ କରାଯାଇଛି। ବଡ଼ମ୍ବା ରେଞ୍ଜ ଅଧୀନ ତଳଚନ୍ଦ୍ରଗିରି କମ୍ପାର୍ଟମେଣ୍ଟ ୩ରୁ ମରି ପଡିଥିବା ଛୁଆହାତୀକୁ ଜବତ କରାଯାଇଛି। ତେବେ ହାତୀର କିପରି ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ଅସହ୍ୟ ଗରମ ଯୋଗୁ ଅଂଶୁଘାତଜନିତ ମୃତ୍ୟୁ ହୋଇଥାଇ ପାରେ ବୋଲି ଆଶଙ୍କା କରାଯାଉଛି।

### ଫେରାର ଥିବା ଯୁବକଙ୍କୁ ଗାଁରେ କଟୁରିରେ ଆକ୍ରମଣ

**ଟିଗିରିଆ,୨୦।୬(ଜାଫର ଖାଁ) :** କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ଭୋଗଡା ପଞ୍ଚାୟତସ୍ଥିତ ବେଲଅଣ୍ଡା ଗ୍ରାମରେ ଗୁରୁବାର ପୁଣି ଅଶାନ୍ତ ହୋଇଉଠିଛି। ପୂର୍ବ ଶତ୍ରୁତାକୁ ନେଇ ବାରମ୍ବାର ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି। ବୋମାମାଡ଼ କରି ମୁଖ୍ୟ ଅଭିଯୁକ୍ତ କାବୁଲା ରାଉତ ଫେରାର ଥିବାବେଳେ ଗୁରୁବାର ଗାଁକୁ ଆସିଥିଲେ। ଏହି ଖବରପାଇ ବୋମାମାଡ଼ର ଶିକାର ହୋଇଥିବା ଗୋଷ୍ଠୀ ପକ୍ଷରୁ ଉକ୍ତ ଯୁବକଙ୍କୁ ଆକ୍ରମଣ କରାଯାଇଛି। ଏଥିରେ ଯୁବକ ଜଣକ ଆହତ ହୋଇଛନ୍ତି। ଏ ସମ୍ପର୍କରେ ଖବରପାଇ ପୋଲିସ ଘଟଣାସ୍ଥଳରୁ ଆହତ ଯୁବକଙ୍କୁ ଉଦ୍ଧାର କରିବା ସହ ପୂର୍ବ ବୋମାମାଡ଼ ଘଟଣାରେ କୋର୍ଟ ଚାଲାଣ କରିଥିବା ଆଇଆଇସି ସୁମନ୍ତ କିଷାନ ସୂଚନା ଦେଇଛନ୍ତି। ଏଥିସହିତ ଆକ୍ରମଣର ଶିକାର ହୋଇଥିବା ଯୁବକ ବେଲଅଣ୍ଡା ଗାଁର କାବୁଲି ରାଉତଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ପୋଲିସ ଏକ ମାମଲା ରୁଜୁ କରିଥିବା ଆଇଆଇସି କିଷାନ ସୂଚନା ଦେଇଛନ୍ତି। ଏ ନେଇ ବେଲଅଣ୍ଡା ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଆଠଗଡ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗ୍ରାମରେ ଶାନ୍ତି ଶୃଙ୍ଖଳା ବଜାଏ ରଖିବା ଲାଗି ପୋଲିସ ମୁତୟନ କରାଯାଇଛି।

# ରଥଯାତ୍ରାରେ ଉତ୍ତମ ସେବା ଯୋଗାଇବାକୁ ଗୁରୁତ୍ୱ

**ପ୍ରଶାସନ- ସ୍ୱେଚ୍ଛାସେବୀ ସମନ୍ୱୟ ବୈଠକ**

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)



ସମନ୍ୱୟ ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବିଗତ ବର୍ଷଗୁଡ଼ିକରେ ରଥଯାତ୍ରାରେ ସ୍ୱେଚ୍ଛାସେବୀମାନଙ୍କର ସେବା ଅନନ୍ୟ ଓ ପ୍ରଶଂସନୀୟ ରହିଥିଲା। ଚଳିତ ରଥଯାତ୍ରାରେ ମଧ୍ୟ ଅନୁରୂପ ଭାବେ ଉଲ୍ଲେଖନୀୟ ତଥା ଉତ୍ତମ ସେବା ଯୋଗାଇଦେବାକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଅନୁରୋଧ କରିଛନ୍ତି। ଗୁରୁବାର ଟାଉନ ହଲରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଆଗାମୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ ସ୍ୱେଚ୍ଛାସେବୀମାନଙ୍କ ସହିତ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ନାୟକ କହିଥିଲେ, ରଥଯାତ୍ରା ସମୟରେ ବିବିଧ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ହୋଇଥାଏ। ତେଣୁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସେମାନଙ୍କ ଅନୁଭବ ଓ ଅଭିଜ୍ଞତାରୁ ପ୍ରଭୁଙ୍କ କାର୍ଯ୍ୟରେ ବିଭିନ୍ନ ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ବିଗତ ବର୍ଷଗୁଡ଼ିକ ଭଳି ସ୍ୱେଚ୍ଛାସେବୀମାନେ ଉନ୍ନତ ସେବା ଯୋଗାଇଦେବାକୁ ଅନୁରୋଧ କରିବା ସହ ପ୍ରଶାସନ ପକ୍ଷରୁ ମଧ୍ୟ ଅନୁରୂପ ସହଯୋଗ ଯୋଗାଇ ଦେବାକୁ ସୂଚନା ଦେଇଥିଲେ। ଖାଦ୍ୟ ଓ ପାନୀୟ ଯୋଗାଉଥିବା ଅନୁଷ୍ଠାନଗୁଡ଼ିକ ସେମାନଙ୍କ ନିର୍ଦ୍ଧାରିତ ସ୍ଥାନରେ ଧାର୍ଯ୍ୟ ସମୟ ପୂର୍ବରୁ ପହଞ୍ଚିବା ସହ ଡଷ୍ଟବିନ ରଖିବା, ବ୍ୟବହାର କରାଯାଉଥିବା ସ୍ଥାନକୁ ପରିଷ୍କାର ରଖିବା, ଅଳିଆକୁ ନିୟମିତ ବ୍ୟବଧାନରେ ହଟାଇବା କିମ୍ବା ବଡ଼ ଅଖାରେ ରଖି କାର୍ଯ୍ୟ ସରିବା ପରେ ଅପସାରଣ କରିନେବାକୁ ପରାମର୍ଶ ଦିଆଯାଇଥିଲା। ଏହା ଏକ ସେବା କାର୍ଯ୍ୟ। ତେଣୁ ପରସ୍ପର ମଧ୍ୟରେ ସମନ୍ୱୟ ରଖି ସ୍ନାନଯାତ୍ରା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପ୍ରଭୁଙ୍କ କାର୍ଯ୍ୟରେ ନିଷ୍ଠାପର ଭାବେ ନିୟୋଜିତ ରହିବାକୁ ସମସ୍ତେ ମତ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ପୌରନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅଭିମନ୍ୟୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ବିବିଧ ପ୍ରସ୍ତାବ ଦେଇଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

କଟକ,୨୦।୬(କାର୍ତ୍ତିକ ସାହୁ)

ନାବାଳିକା ବଳାତ୍କାର ମାମଲାରେ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଓ ୫୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ହେଲେ ଜଗତ୍‌ସିଂହପୁର ଜିଲା ବଡ ମୁଣ୍ଡିଲୋ ଅଞ୍ଚଳର ରାଜା ଓରଫ ଯୁଗଳ କିଶୋର ଭୋଇ(୩୦)।

୨୦୨୦ ଜୁଲାଇ ୬ରେ ନିଆଳି ଅଞ୍ଚଳର ଜଣେ ନାବାଳିକା ଘରୁ କେଉଁଆଡେ ଚାଲିଯାଇଥିଲେ। ସେ ଘରୁ ଯିବାବେଳେ ସୁନାଚେନ୍, ମୁଦି ଆଦି ନେଇଥିଲେ। ନାବାଳିକାଙ୍କ ବାପା ଏ ନେଇ ନିଆଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତବେଳେ ଜଗତ୍‌ସିଂହପୁର ଅଞ୍ଚଳର ଜଣେ ଯୁବକ ନାବାଳିକାଙ୍କୁ ଅପହରଣ କରି ନେଇଥିବା ଜଣାପଡିଥିଲା। ପରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ରାଜାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ଭଡାଘରେ ରଖି ବଳାତ୍କାର କରିଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରି ଚାର୍ଜଶିଟ ଦାଖଲ କରିଥିଲା। ଏହି ମାମଲାର ବିଚାରକରି ଆଡ୍‌ହକ୍ ଅତିରିକ୍ତ ସେସନ୍ସ ଜଜ-୨ ସବିତା ଦାସ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ୨୪ଜଣ ସାକ୍ଷୀ ଓ ପ୍ରମାଣକୁ ଆଧାରକରି ଅଦାଲତ ଅଭିଯୁକ୍ତଙ୍କୁ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ୍ ରାୟ ପରିଚାଳନା କରୁଥିଲେ।

# ୩ ରଥରେ ଯୋକା ଫିଟିଂ ଶେଷ



ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି

ରଥଖଳାରେ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ମହାରଣା ସେବକମାନେ ଯୋକାଗୁଡ଼ିକରେ କାପ ଖୋଦେଇ ଶେଷ କରି ତାଳଧ୍ୱଜ ରଥର ୧୬, ଦର୍ପଦଳନ ରଥ ୧୨ ଏବଂ ନନ୍ଦିଘୋଷ ରଥରେ ୧୬ଟି ଯୋକା ଫିଟିଂ କରିବା ପରେ ଓଝା ସେବକଙ୍କ ଦ୍ୱାରା କଣ୍ଟା ବସିବା ଶେଷ ହୋଇଛି। ଏହି ଯୋକାଗୁଡ଼ିକ ରଥର ଚତୁଃପାର୍ଶ୍ୱ କୋଣରେ ଫିଟିଙ୍ଗ ହୋଇଛି। ଏହି ଯୋକା ରଥର ଅଖ, କୁଡୁକା, ବିରାଡ଼ି ଏବଂ ଗୟଳକୁ ବାନ୍ଧି ରଖିବା ପାଇଁ ଯୋକାଗୁଡିକରେ ମାପ ପ୍ରକାରେ କାପ ଖୋଦେଇ ପରେ କଣ୍ଟାବିନ୍ଧ କରାଯାଇ ବିନ୍ଧରେ କଣ୍ଟା ବାଡିଆ ଯାଇ ସେଟିଂ କରାଯାଇଛି। ସେହିପରି ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ତିନି ରଥର ଦ୍ୱିତୀୟ ଭୂଇଁ ଫ୍ରେମ୍ ସେଟିଂ ଆରମ୍ଭ ହୋଇଛି। ଏହି ଦ୍ୱିତୀୟ ଭୂଇଁ, ୧୬ ଫୁଟର ୪ଟି ଭୂଇଁ ଚଉଡାକୁ ବର୍ଗାକାର ଭାବେ ପ୍ରତ୍ୟେକ ବାହୁ ସଂଯୋଗ ହୋଇ ତା'ର ଉଭୟ ପାର୍ଶ୍ୱରେ ୧୨ ଫୁଟର ଦୁଇଟି ଓରା ପକାଯାଇଛି। ତେବେ ଉକ୍ତ ଓରାରେ ୪ଟି ଲେଖାଏ ଖମ୍ବି ସଂଯୋଗ ହୋଇ ଏହାର ଚାରି ପାର୍ଶ୍ୱରେ ଚାରିଟି ଲେଖାଏ ୧୬ଟି ଛିଆଣ, ଭୂଇଁ ଖମ୍ବି ସଂଯୋଗ ହେବା ପରେ ଭୂଇଁ ଶେଣି ଉପରେ ମାଛ ପାଟିଆ ଓ ସିଆଣ ସଂଯୋଗ ହୋଇ ପରୀକ୍ଷାମୂଳକ ଭାବେ ନିର୍ମାଣ ଶେଷ ପରେ ଭୂଇଁର ପ୍ରତ୍ୟେକ ଅଂଶ ନମ୍ବରିଂ ହୋଇ ଖୋଲାଯିବ ବୋଲି ମହାରଣା ସେବକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ତିନି ରଥର ୫ଟି ଲେଖାଏ ୨୦ ଫୁଟିଆ ଜଗତପୃଷ୍ଠ ସେଣି ଚଉପଟ କାର୍ଯ୍ୟ ସରିଛି। ରୂପକାର ସେବକମାନେ ତିନି ରଥର ଦୁଆର ବେଢ଼ା ପାଇଁ ୨୪ଟି ନାଟଗୋଡ଼ରେ ରାହୁ ରୂପ ଖୋଦେଇ ଜାରି ରଖିଛନ୍ତି।

# କୁହୁଡ଼ି ରଜ ମହୋତ୍ସବ ଉଦ୍‌ଯାପିତ



ଟାଙ୍ଗୀ,୨୦।୬(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ କୁହୁଡ଼ି ପଞ୍ଚାୟତର ମା' ବ୍ୟାଘ୍ରଦେବୀ ସାଂସ୍କୃତିକ ପରିଷଦ ଏବଂ କୁହୁଡ଼ି ଗ୍ରାମବାସୀଙ୍କ ଦ୍ୱାରା ୬ଦିନ ଧରି ଚାଲିଥିବା ତୃତୀୟ ବାର୍ଷିକ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବିଭିନ୍ନ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଶରତ ଚନ୍ଦ୍ର ପଟ୍ଟନାୟକ, ସଭାପତି ଜୟଦେବ ବେହେରା, କାର୍ଯ୍ୟକାରୀ ସଭାପତି ମନୋଜ କୁମାର ମାନସିଂହ, ଉପଦେଷ୍ଟା ପବିତ୍ର ହରିଚନ୍ଦନ, ଜିଲା ପରିଷଦ ସଦସ୍ୟ ବିଜୟ କୁମାର ଜେନା, ସମ୍ପାଦକ ଲୁଲୁ ମହାପାତ୍ର, ସହସମ୍ପାଦକ ସଞ୍ଜୟ ସ୍ୱାଇଁ, କୋଷାଧ୍ୟକ୍ଷ ଟୁଟୁ ସାହୁ, ବାପୁ ଶ୍ରୀଚନ୍ଦନ, କୃଷ୍ଣ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୋପୀନାଥପୁର ଡ୍ୟାନ୍ସ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲା। ମୁକ୍ତ ମଞ୍ଚ ନାଟକ ଶେଷ ପରେ ବିଜୟୀ ପ୍ରତିଯୋଗିତାଙ୍କ ନାମ ଘୋଷଣା କରାଯାଇଥିଲା। ବରିଷ୍ଠ ନିର୍ଦ୍ଦେଶକ ରାଜଗୁରୁ ବିଜୟ ଦାସ ବିଚାରପତି ଭାବେ ରହି ଶ୍ରେଷ୍ଠ ଦଳ ମା' ମଙ୍ଗଳା ପପୀ ୟଙ୍ଗ୍ ଷ୍ଟାର ଗୋବିନ୍ଦପୁର, ପାରାଦୀପ ଦ୍ୱିତୀୟ ଓ ଦର୍ଶକ ମନୋନୀତ ଦଳ ଭାବେ ଈଶାନେଶ୍ୱର ନାଟ୍ୟ ସଂସଦ ନିମ୍ତିପୁର ବାଙ୍କୀକୁ ଘୋଷଣା କରିଥିଲେ। ରାତିରେ ସ୍ଥାନୀୟ ଅଞ୍ଚଳର ମା' ବ୍ୟାଘ୍ରଦେବୀ ଲୋକନାଟ୍ୟ ପକ୍ଷରୁ 'କୁହୁଡ଼ିକୁ ସପନ ଦେଖିବା ମନା' ନାଟକ ପରିବେଷଣ କରାଯାଇଥିଲା। ଏହା ଦର୍ଶକଙ୍କ ମନଛୁଇଁଥିଲା। କୁହୁଡ଼ି ଗ୍ରାମବାସୀଙ୍କ ସହଯୋଗରେ ଏହି ରଜ ମହୋତ୍ସବ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି।

# ଫ୍ଲାଟ୍ ଜାଳିଦେଲା ଇନ୍‌ଭର୍ଟର ନିଆଁ

ଭୁବନେଶ୍ୱର,୨୦।୬(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପଟିଆ ଛକ ନିକଟରେ ଥିବା କେ.କେ. ପ୍ଲାଜା ଆପାର୍ଟମେଣ୍ଟରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ଆପାର୍ଟମେଣ୍ଟର ଅଷ୍ଟମ ମହଲାରେ ଥିବା ଫ୍ଲାଟ୍ ନଂ.୮୦୩ଟି ଜଳିଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୨ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ଘରେ ଥିବା ଆସବାବପତ୍ର, ଟଙ୍କା, ସୁନା ଅଳଙ୍କାର ସହ ସମସ୍ତ ଜିନିଷପତ୍ର ପୋଡ଼ିଯାଇଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଘର ଭିତରେ ଥିବା ଇନ୍‌ଭର୍ଟରରୁ ନିଆଁ ବାହାରି ଏହି ଘଟଣା ଘଟିଥିବା ଫାୟାର ଡେପୁଟି ଅଫିସର ଅବନୀ ସ୍ୱାଇଁ କହିଛନ୍ତି। ସ୍ଥାନୀୟ ଲୋକଙ୍କ ସୂଚନାନୁସାରେ, ଉକ୍ତ ଫ୍ଲାଟ୍ ବୁବୁ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ରହିଥିବାବେଳେ ସେ ଏହାକୁ ଭଡ଼ାରେ ଲଗାଛନ୍ତି। ଦେବାଶିଷ ନାମକ ଜଣେ ବ୍ୟକ୍ତି ଗତ ବର୍ଷେ ହେବ ଏଠାରେ ଭଡାରେ ରହୁଥିବାବେଳେ ଗତ ଦୁଇ ମାସ ହେବ ତାଲା ପକାଇ କୌଣସି କାମରେ ବାହାରକୁ ଯାଇଛନ୍ତି। ଗୁରୁବାର ଭୋର୍ ପ୍ରାୟ ୫ଟାରେ ଘର ଭିତରେ ନିଆଁ ଜଳିବା ସହ ବାହାରକୁ ଧୂଆଁ ବାହାରୁଥିବା ନେଇ ପାଖରେ ଥିବା ୮୦୧ ନମ୍ବର ଫ୍ଲାଟରେ ରହୁଥିବା ଜଣେ ମହିଳା ଦେଖିଥିଲେ।

# ମହିଳାଙ୍କୁ ଅପହରଣ, କୋଟିଏ ଟଙ୍କାର ମୁଣ୍ଡ ଜାମିନ

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ବାରଙ୍ଗ, ୨୦।୬ (ଲିଙ୍ଗରାଜ ରାଉତ)

**ବାପାଙ୍କ ଅଭିଯୋଗ ପରେ ପୋଲିସର ତନାଘନା**

ଭୁବନେଶ୍ୱର ଚନ୍ଦକା ଥାନା ଅଞ୍ଚଳରେ ଜଣେ ୩୫ବର୍ଷୀୟ ମହିଳାଙ୍କୁ ଅପହରଣ କରାଯାଇଛି। ଏପରିକି ମୁଣ୍ଡ ଜାମିନ ରଖି କୋଟିଏ ଟଙ୍କା ଦାବି କରାଯାଉଥିବା ଅଭିଯୋଗ ହୋଇଛି। ମହିଳା ଜଣକ ବିବାହିତା ଥିବାବେଳେ ଗୋଠପାଟଣାସ୍ଥିତ ବାପଘରେ ରୁହନ୍ତି। ସେ ବୁଧବାର କୌଣସି କାମରେ ବାହାରକୁ ଯାଇ ନ ଫେରିବାରୁ ମହିଳାଙ୍କ ବାପା ଚନ୍ଦକା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପହର୍ତ୍ତାମାନେ ମୁଣ୍ଡ ଜାମିନ ରଖି କୋଟିଏ ଟଙ୍କା ଦାବି କରୁଥିବା ଏତଲାରେ ଉଲ୍ଲେଖ କରାଯାଇଛି। ମହିଳାଙ୍କ ଫୋନ୍‌ରୁ ଅଭିଯୁକ୍ତମାନେ କଲ୍ କରି ଟଙ୍କା ଦାବି କରିବା ପରେ ସୁଇଚ୍ ଅଫ୍ କରିଦେଇଥିବା ଅଭିଯୋଗକାରୀ ପୋଲିସକୁ ଜଣାଇଛନ୍ତି। ପୋଲିସ ଟିମ୍ ଆଖପାଖ ଅଞ୍ଚଳରେ ପଚରାଉଚରା କରିବା ସହ ସିସିଟିଭି ଯାଞ୍ଚ ଓ ଫୋନ ଟ୍ରାକ୍ କରି ସେମାନଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ ଚଳାଇଛି। ମହିଳା ଜଣକ ୨୦୧୫ରେ ଭରତପୁର ଅଞ୍ଚଳରେ ବିବାହ କରିଥିଲେ। କୌଣସି କାରଣରୁ ଶାଶୁଘର ଲୋକଙ୍କ ସହ ବିବାଦ ପରେ ପ୍ରାୟ ୩ ବର୍ଷ ହେବ ସେ ବାପଘରେ ରହୁଥିଲେ। ଗୋଠପାଟଣାସ୍ଥିତ ଏକ ଆପାର୍ଟମେଣ୍ଟରେ ବାପା ଓ ଅନ୍ୟ ସଦସ୍ୟଙ୍କ ସହ ସେ ରହୁଥିଲେ। ସେ ବାଣୀବିହାରସ୍ଥିତ ସତ୍‌ସଙ୍ଗ ବିହାରକୁ ପ୍ରାୟ ସମୟରେ ଆସନ୍ତି। ଅଭିଯୋଗ ଅନୁଯାୟୀ, ମହିଳା ଜଣକ ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ଏକ ଅଟୋରେ ସତ୍‌ସଙ୍ଗ ବିହାରକୁ ଆସିବା ପାଇଁ ଘରୁ ବାହାରିଥିଲେ। ହେଲେ କିଛି ସମୟ ପରେ ଅଭିଯୁକ୍ତମାନେ ମହିଳାଙ୍କ ଫୋନ୍‌ରୁ ଟଙ୍କା ମାଗିଥିବା ବାପା ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣା ପଛରେ ଅନ୍ୟ କିଛି ରହସ୍ୟ ରହିଥିବା ମଧ୍ୟ ଚର୍ଚ୍ଚା ହେଉଛି। ପୋଲିସ ସବୁଦିଗକୁ ନେଇ ଅନୁସନ୍ଧାନ କରିବା ସହ ଖୁବଶୀଘ୍ର ଘଟଣାର ପର୍ଦ୍ଦାଫାଶ କରିବାକୁ ଚେଷ୍ଟା କରୁଛି।

# ଫକୀରମୋହନଙ୍କ ଆତ୍ମଜୀବନୀ ଓଡ଼ିଆ ଜାତି ଇତିହାସର ଆତ୍ମକାହାଣୀ

ଭୁବନେଶ୍ୱର,୨୦।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଫକୀର ମୋହନ ଓଡ଼ିଆ ସାହିତ୍ୟର ଏଭଳି ଜଣେ ଉଜ୍ଜ୍ୱଳ ବ୍ୟକ୍ତି ଥିଲେ, ଯିଏ ଦେଶପ୍ରୀତି, ଭାଷାପ୍ରୀତି, ଜାତିପ୍ରୀତି, ସୃଜନପ୍ରୀତି ଓ ମନୁଷ୍ୟପ୍ରୀତି ଦୃଷ୍ଟିରୁ ଥିଲେ ଉତ୍ସର୍ଗୀକୃତପ୍ରାଣ। ସେ ଓଡ଼ିଆ ସାହିତ୍ୟ ଇତିହାସର ଆଧୁନିକ ଯୁଗର ପ୍ରବର୍ତ୍ତକ। ଆଧୁନିକ ଓଡ଼ିଆ ସାହିତ୍ୟ ପୂର୍ଣ୍ଣରୂପରେ ଆତ୍ମପ୍ରକାଶ କରିଛି କେବଳ ଫକୀରମୋହନଙ୍କ ସାହିତ୍ୟ ସାଧନାରେ। ସମାଜ ସଂସ୍କାର ପାଇଁ ସେ ମଧ୍ୟ ତାଙ୍କର ଲେଖନୀର ଶୈଳୀକୁ କରିଛନ୍ତି ବ୍ୟଙ୍ଗାତ୍ମକ। ମହାଜନ ଓ ଜମିଦାରଙ୍କ ଶୋଷଣକୁ ନେଇ ସ୍ୱର ଉତ୍ତୋଳନ କରିବାରେ ସେ ହେଉଛନ୍ତି ଶ୍ରେଷ୍ଠ ସାହିତ୍ୟିକ। ଅନୁବାଦ କ୍ଷେତ୍ରରେ ସେ ମଧ୍ୟ ନିଜର ପାରଦର୍ଶିତା ଦେଖାଇଛନ୍ତି। କବିତା ରଚନାରେ ସେ ସିଦ୍ଧହସ୍ତ ହୋଇ ବ୍ୟାସକବି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତାଙ୍କର ଆତ୍ମଜୀବନୀ ଓଡ଼ିଆ ଜାତି ଇତିହାସର ଆତ୍ମକାହାଣୀ ବୋଲି ଅତିଥିମାନେ କହିଛନ୍ତି। ଗୁରୁବାର ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ରରେ ଏହି ମତ ପ୍ରକାଶ ପାଇଛି। ପୀତବାସ ରାଉତରାୟଙ୍କ ସଭାପତିତ୍ୱରେ ସ୍ୱାଗତ ଭାଷଣ ଦେଇଥିଲେ ପରିଚାଳକ ରମାକାନ୍ତ ମିଶ୍ର। ସଭାପତି ରାଉତରାୟ ଫକୀରମୋହନଙ୍କ ହାସ୍ୟ ଓ ବ୍ୟଙ୍ଗଗ୍ରନ୍ଥ ଉପରେ ଆଲୋକପାତ କରିଥିଲେ। ସମିତିର ସଭ୍ୟ ବିରଜା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ରଥ ସାରଥିଙ୍କୁ ପରିଷ୍କାର କରି ରଖାଯାଉ'

**ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ଦାବିପତ୍ର ଦେଲେ ରୂପକାର ସେବକ**

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)



ଦାରୁଦିଅଁଙ୍କ ତିନିରଥରେ ଲାଗୁଥିବା ସାରଥି, ପାର୍ଶ୍ୱଦେବଦେବୀ, ଘୋଡ଼ା ପ୍ରତିମୂର୍ତ୍ତିଗୁଡ଼ିକୁ ପ୍ରଶାସନ ପକ୍ଷରୁ ଉପଯୁକ୍ତ ସ୍ଥାନରେ ପରିଷ୍କାର ପରିଚ୍ଛନ୍ନ ଅବସ୍ଥାରେ ରଖାଯିବାକୁ ରୂପକାର ସେବକମାନେ ଦାବି କରିଛନ୍ତି। ଏ ନେଇ ଗୁରୁବାର ରୂପକାର ସେବକମାନଙ୍କ ପକ୍ଷରୁ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ଏକ ଦାବିପତ୍ର ଦିଆଯାଇଛି। ରୂପକାର ସେବକମାନେ ଦର୍ଶାଇଛନ୍ତି ଯେ, ୩ ରଥରେ ୩ ଠାକୁରଙ୍କ ସାରଥି, ୧୨ଟି ଘୋଡ଼ା, ୨୭ ପାର୍ଶ୍ୱଦେବଦେବୀ ରହିଥାନ୍ତି। ମହାପ୍ରଭୁଙ୍କ ନବକଳେବର ସମୟରେ ରଥ ସାରଥି, ପାର୍ଶ୍ୱଦେବଦେବୀ ପ୍ରତିମୂର୍ତ୍ତି ଆଦିକୁ ରୂପକାରମାନେ ନିର୍ମାଣ କରିଥାନ୍ତି। କୋଇଲି ବୈକୁଣ୍ଠରେ ଶ୍ରୀବିଗ୍ରହଙ୍କ ପାତାଳି ସମୟରେ ପୁରୁଣା ଘୋଡ଼ା, ସାରଥି ପାର୍ଶ୍ୱଦେବଦେବୀ, ଓଲଟ ଶୁଆ ପ୍ରତିମୂର୍ତ୍ତି ଆଦିଙ୍କୁ ମଧ୍ୟ ପାତାଳି କରାଯାଇଥାଏ। ପୂର୍ବରୁ ପାର୍ଶ୍ୱଦେବଦେବୀଙ୍କ ପ୍ରତିମୂର୍ତ୍ତି ଶ୍ରୀମନ୍ଦିର ପାଣିଘରେ ରଖାଯାଉଥିଲା। ସମସ୍ତଙ୍କ ନିକଟରେ ପ୍ରତ୍ୟେକ ଦିନ ଖଇକୋରା ଭୋଗ କରାଯାଉଥିଲା। ରୂପକାର ସେବକମାନେ ଦେଖାରଖା କରୁଥିଲେ। ସାରଥିମାନଙ୍କୁ ରଥର ଚାଳକ ଭାବେ ବିବେଚନା କରାଯାଏ। ସାରଥିମାନେ ରୂପକାରଙ୍କ ଇଷ୍ଟ ଦେବତା। ସାରଥିମାନଙ୍କୁ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ବାହାରେ ଦୋଳବେଦିଠାରେ ରଖାଗଲା। ପରିକ୍ରମା ପ୍ରକଳ୍ପ ନିର୍ମାଣ ପରେ ବେଘର ହୋଇଛନ୍ତି ସାରଥୀ ଓ ପାର୍ଶ୍ୱଦେବଦେବୀ। ବ୍ରହ୍ମଦାରୁଙ୍କ ସାରଥୀ ଏବେ ବାଗେଡ଼ିଆ ଧର୍ମଶାଳା ସନ୍ନିକଟ ପାର୍କିଂସ୍ଥଳରେ ଏକ ସ୍ଥାନରେ ପଡ଼ିରହିଛନ୍ତି। ଏହି ସ୍ଥାନରେ ନିଶାଡ଼ିଙ୍କ ଆଡ଼ା ଜମୁଛି। ଖରା, ବର୍ଷା ଖାଇ ସାରଥିମାନଙ୍କ ଅବସ୍ଥା ନଷ୍ଟ ହେବାକୁ ବସିଲାଣି। ଏ ନେଇ ରୂପକାର ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ପୂର୍ବରୁ ଅନେକ ଥର ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ।

# ଟାଙ୍ଗୀ-କାଳୁପଡ଼ାଘାଟ ରାସ୍ତା ମରଣଯନ୍ତା

ଟାଙ୍ଗୀ,୨୦।୬(ରଘୁନାଥ ସାହୁ)



- ରାସ୍ତା ଦୁଇ ପାର୍ଶ୍ୱ ଖୋଳି ଭୁଲିଗଲେ
- ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା

ଟାଙ୍ଗୀ କାଳୁପଡ଼ାଘାଟ ପୂର୍ତ୍ତ ବିଭାଗ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଦୁଇ ମାସ ପୂର୍ବେ ଖୋଳାଯାଇଥିଲା। ତେବେ କାମ ବନ୍ଦ ରହିଥିବାରୁ ପ୍ରତିଦିନ ଖାଲରେ ପଡ଼ି ଲୋକେ ଆହତ ହେଉଛନ୍ତି। ଏନେଇ ସାଧାରଣରେ ଅବସନ୍ତୋଷ ପ୍ରକାଶ ପାଇଥିବା ବେଳେ ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ସୂଚନାଥାଉ କି, ଟାଙ୍ଗୀ ଟ୍ରାଫିକ ଛକଠାରୁ କାଳୁପଡ଼ାଘାଟ ଜେଟି ପର୍ଯ୍ୟନ୍ତ ଥିବା ୫.୫ ମିଟର ଚଉଡ଼ା ରାସ୍ତାକୁ ୭ ମିଟର ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କରିବା ପାଇଁ ୬ କୋଟି ଟଙ୍କା ମଞ୍ଜୁର ହୋଇସାରିଛି। ବିଭାଗୀୟ ଟେଣ୍ଡର ହେବା ପରେ ଜଣେ ଠିକାଦାର କାର୍ଯ୍ୟାଦେଶ ପାଇଛନ୍ତି। ରାସ୍ତାର ବାମପାର୍ଶ୍ୱ ୩ଫୁଟ ଚଉଡ଼ା ୨ଫୁଟ ଗଭୀରରେ ନିର୍ବାଚନ ପୂର୍ବରୁ କାମ କରିବା ପାଇଁ ଖୋଳାଯାଇଥିଲା। ତେବେ ଏହି ଗର୍ତ୍ତ ଏବେ ମରଣଯନ୍ତା ପାଲଟିଛି। ବ୍ୟାରିକେଡ୍ କିମ୍ବା କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ। କାର୍ଯ୍ୟ ବେଳେ ବିଭାଗୀୟ ଅଧିକାରୀ ମାନେ ଅନୁପସ୍ଥିତ ରହୁଥିବା ଜଣାପଡ଼ିଛି। ଏନେଇ ବାଲୁଗାଁ ପୂର୍ତ୍ତ ବିଭାଗ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ କହିଉନ୍ତି, ଶୀଘ୍ର କାମ ଆରମ୍ଭ କରିବା ପାଇଁ ଠିକାଦାରଙ୍କୁ ଚିଠି କରାଯାଇଛି। ନଚେତ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

**ନବନିର୍ବାଚିତ ବାଚସ୍ପତିଙ୍କୁ ଭାଜପା ରାଜ୍ୟ ସଭାପତିଙ୍କ ଶୁଭେଚ୍ଛା**

ଭୁବନେଶ୍ୱର(ସୁନିତ୍ ମିଶ୍ର): ରଣପୁର ବିଧାୟିକା ସୁରମା ପାଢ଼ୀ ଗୁରୁବାର ସର୍ବସମ୍ମତିକ୍ରମେ ଚଳିତ ବିଧାନସଭାର ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି । ଭାଜପା ବିଧାନସଭାରେ ପ୍ରଥମ ଥର ପାଇଁ ସଂଖ୍ୟାଗରିଷ୍ଠତା ହାସଲ କରିଥିବାବେଳେ ଦଳ ତରଫରୁ ଜଣେ ମହିଳାଙ୍କୁ ବାଚସ୍ପତି ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଦିଆଯାଇଥିଲା। ତେବେ ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ନବନିର୍ବାଚିତ ବାଚସ୍ପତି ସୁରମାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପରାଜୟ ପାଇଁ ଦଳୀୟ ଗୋଷ୍ଠୀ କନ୍ଦଳ ଦାୟୀ



ବୈଠକରେ ଯୋଗ ଦେଇଥିବା ବିଜେଡି ନେତା ଓ କର୍ମୀ।

## କୋରେଇ ବିଜେଡିର ସମୀକ୍ଷା ବୈଠକ

**ରସୁଲପୁର,୨୦।୬(ରଞ୍ଜିତ ରାଉତ)**

ଯାଜପୁର ଜିଲା କୋରେଇ ନିର୍ବାଚନମଣ୍ଡଳୀରେ ରସୁଲପୁର ବ୍ଲକରୁ ସାମିଲ ହୋଇଥିବା ୯ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ବିଜେଡିର ଛାମୁଆ କର୍ମୀଙ୍କୁ ନେଇ ଗୁରୁବାର କୁଆଖିଆ ଏସ୍‌କେ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସାଧାରଣ ନିର୍ବାଚନରେ କୋରେଇ ବିଜେଡି ବିଧାୟିକା ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସ ପରାଜୟ ବରଣ କରିଛନ୍ତି। ନିର୍ବାଚନ ଫଳ ପ୍ରକାଶର ୧୫ଦିନ ପରେ ଦଳ ପକ୍ଷରୁ ପ୍ରଥମଥର ପାଇଁ ବୈଠକ କରାଯାଇଛି। ପରାଜୟର କାରଣ ପାଇଁ ଦଳୀୟ ଗୋଷ୍ଠୀ କନ୍ଦଳକୁ ଦାୟୀ କରାଯାଇଛି। ଆଗକୁ ଭାଜପାର ସାଂଗଠନିକ ସ୍ଥିତିକୁ କିପରି ବଳ ନ ମିଳିବ, ସେଥିପ୍ରତି ଦଳର ପ୍ରତିଟି କର୍ମୀ ଧ୍ୟାନ ଦେବାକୁ ଆହ୍ୱାନ ଦିଆଯାଇଛି।

ଉକ୍ତ ୯ ପଞ୍ଚାୟତରେ ସମସ୍ୟା, ସାଂଗଠନିକ ସ୍ଥିତି ସଜାଡ଼ିବା, ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଆସନ୍ତା ଦିନରେ ସମସ୍ତ ନିର୍ବାଚନକୁ ସଫଳତାର ସହ ସମ୍ମୁଖୀନ ହେବା ପାଇଁ ଯାହାସବୁ ପଦକ୍ଷେପ ଆବଶ୍ୟକ ତାର ଦାୟିତ୍ୱ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନେବେ ବୋଲି ବୈଠକରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଣବଙ୍କ ସାନଭାଇ ଭବପ୍ରକାଶ ଦାସ ଏକଥା ପ୍ରକାଶ କରିଛନ୍ତି। ସେହିପରି ଆଗାମୀ ଦିନରେ ପଞ୍ଚାୟତୱାରୀ ରହିଆସୁଥିବା ସମସ୍ୟାକୁ ସମାଧାନ ପାଇଁ ପଦକ୍ଷେପ ନିଆଯିବ। କୁଆଖିଆ ବଜାରରେ ଦଳୀୟ କାର୍ଯ୍ୟାଳୟ ଖୋଲାଯିବା ସହ ପ୍ରତ୍ୟେକ ସପ୍ତାହରେ ବିଭିନ୍ନ ପଞ୍ଚାୟତର ସମସ୍ୟାକୁ ନେଇ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ। ବ୍ଲକ, ତହସିଲ, ଥାନା ଆଦି କାର୍ଯ୍ୟାଳୟରେ ବିଭିନ୍ନ ସମସ୍ୟାକୁ କିଭଳି ସୂଚାରୁରୂପେ ନିର୍ବାହ କରାଯିବ ତା' ଉପରେ ଗୁରୁତ୍ୱ ଦିଆଯିବ ବୋଲି ଦାସ ପ୍ରକାଶ କରିଛନ୍ତି। ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ବିଜେଡି ସମର୍ଥିତ ହୋଇଥିବାରୁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ବୈଠକରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ ରାଉତ ନିବେଦନ କରିଛନ୍ତି। ବୈଠକରେ ଯାଜପୁର ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, ବିଜେଡି ନେତା ଆଲେକଜାଣ୍ଡର ଦାସ, ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ମନୋଜ ରାଉତ, ଛାତ୍ର ବିଜେଡି ସଭାପତି ଚନ୍ଦ୍ରଶେଖର ସାମଲ, ପୂର୍ବତନ ସରପଞ୍ଚ ଅଶ୍ୱିନୀ ଦାସ ଓ ପରମାନନ୍ଦ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁବନେତା ପ୍ରଶାନ୍ତ ପଣ୍ଡା ବୈଠକ ପରିଚାଳନା କରିଥିଲେ।

# ବାଚସ୍ପତି ହେବି କଳ୍ପନା କରି ନ ଥିଲି : ସୁରମା

**ଭୁବନେଶ୍ୱର,୨୦।୬(ଅନିଲ ଦାସ)**

ରଣପୁର ବିଧାୟିକା ସୁରମା ପାଢ଼ୀ ଗୁରୁବାର ସପ୍ତଦଶ ବିଧାନସଭାର ବାଚସ୍ପତି ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଏଥିସହିତ ସେ କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ବିଧାନସଭା ଅଧିବେଶନ ଆରମ୍ଭ ହେବା ମାତ୍ରେ କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବାଚସ୍ପତି ନିର୍ବାଚନ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଗୃହରେ ଏକ ପ୍ରସ୍ତାବ ଆଗତ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ଏ ନେଇ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ସମର୍ଥନ ଜଣାଇଥିଲେ। ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ବାଚନିକ ମତରେ ଗୃହୀତ ହୋଇଥିଲା। କାମଚଳା ବାଚସ୍ପତି ସୁରମା ପାଢ଼ୀଙ୍କୁ ଆନୁଷ୍ଠାନିକ ଭାବେ ବିଧାନସଭାର ବାଚସ୍ପତି ଭାବେ ଘୋଷଣା କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ତାଙ୍କୁ ବାଚସ୍ପତିଙ୍କ ଆସନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଗୃହର ପରମ୍ପରା ଅନୁଯାୟୀ ସୁରମାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୨ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ଦଳ ନେତା ତାରା ପ୍ରସାଦ ବାହିନୀପତି, ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ କଂଗ୍ରେସ, ଭାଜପା ଓ ବିଜେଡିର ନେତାମାନେ ବାଚସ୍ପତିଙ୍କ ଆସନ ନିକଟକୁ ପାଛୋଟି ନେଇଥିଲେ।

ନୂଆ ବାଚସ୍ପତିଙ୍କୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦୁଇ ଉପ ମୁଖ୍ୟମନ୍ତ୍ରୀ କେଭି ସିଂଦେଓ ଓ ପ୍ରଭାତୀ ପରିଡ଼ା ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ, ସିପିଆଇ(ଏମ୍) ସଦସ୍ୟ ଏବଂ ବିଜେଡି ବିଧାୟକମାନେ ମଧ୍ୟ ନୂଆ ବାଚସ୍ପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଏହି ଅବସରରେ ଗୃହର ନେତା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବାଚସ୍ପତି ଏ ପବିତ୍ର ଗୃହର ଗରିମା,ପଦମର୍ଯ୍ୟାଦା ରଖିବା ସହ ନିରପେକ୍ଷ ଭାବେ ଦାୟିତ୍ୱ ତୁଲାଇବେ ବୋଲି ଆଶା। ଓଡ଼ିଶାର ବିକାଶ ଆମ ସମସ୍ତଙ୍କ ଲକ୍ଷ୍ୟ। ଆମେ ସମସ୍ତେ ବାଚସ୍ପତିଙ୍କୁ ସହଯୋଗ କରିବା ଓ ଗୃହର ପଦମର୍ଯ୍ୟାଦା ରଖିବାକୁ ସେ ଆହ୍ୱାନ ଦେଇଛନ୍ତି। ୨ ଉପ ମୁଖ୍ୟମନ୍ତ୍ରୀ ମଧ୍ୟ ବାଚସ୍ପତିଙ୍କୁ ସ୍ୱାଗତ କରିବା ସହ ଅଭିଜ୍ଞତାକୁ ଭିତ୍ତିକରି ଗୃହକୁ ଠିକ୍ ଭାବେ ଚଳାଇବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନୂଆ ବାଚସ୍ପତିଙ୍କୁ ସ୍ୱାଗତ କରିବା ସହ ନିଜର ଦାୟିତ୍ୱକୁ ଉତ୍ତମ ରୂପେ ସମ୍ପାଦନ କରିବେ ବୋଲି ଆଶାପ୍ରକଟ କରିଛନ୍ତି। ସେହିପରି କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ନୂଆ ବାଚସ୍ପତିଙ୍କୁ ସ୍ୱାଗତ କରିବା ସହ ଗୃହର ପରମ୍ପରା ଓ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ପଦର ସଦ୍‌ବ୍ୟବହାର କରିବେ ବୋଲି କହିଛନ୍ତି। ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ନୂଆ ବାଚସ୍ପତିଙ୍କୁ ସ୍ୱାଗତ କରିବା ସହ ଅଭିଜ୍ଞତାକୁ ଉପଯୋଗ କରି ଏ ଗୃହର ଗରିମା ରକ୍ଷା କରିବେ ବୋଲି କହିଛନ୍ତି।

ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସୁରମା କହିଛନ୍ତି ଯେ ସେ ଜଣେ ସାଧାରଣ ପରିବାରର ଝିଅ। ରାଜନୀତି କ୍ଷେତ୍ରରେ କାର୍ଯ୍ୟ କରିବା ଅବସରରେ ଏହି ପଦରେ ବସିବେ ବୋଲି ସେ କେବେ କଳ୍ପନା କରି ନ ଥିଲେ। ଏହା କହିବା ବେଳକୁ କଣ୍ଠରୋଧ ହୋଇଯାଉଛି। ଗୃହର ପଦମର୍ଯ୍ୟାଦା, ଗରିମା ରକ୍ଷା କରିବା ସହ ନିରପେକ୍ଷତା ଅବଲମ୍ବନ କରିବେ ସେ ବୋଲି କହିଛନ୍ତି। ଗୃହ ପରିଚାଳନା ପାଇଁ ସେ ସବୁ ଦଳର ସଦସ୍ୟଙ୍କ ସହଯୋଗ କାମନା କରିଛନ୍ତି।

ବୁଧବାର ବାଚସ୍ପତି ନିର୍ବାଚନ ପାଇଁ ସୁରମା ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କର କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି।

# ଉତ୍କୃଷ୍ଟ ସେବା ପ୍ରଦାନ ପାଇଁ ମନ୍ତ୍ରୀ ମୁକେଶଙ୍କ ପରାମର୍ଶ

**ଭୁବନେଶ୍ୱର,୨୦।୬(ଅନିଲ ଦାସ)**

ସୂଚନା ପ୍ରଯୁକ୍ତିବିଦ୍ୟାର ବହୁଳ ଉପଯୋଗ କରି ତୃଣମୂଳସ୍ତରରେ ଲୋକମାନଙ୍କୁ ଉତ୍କୃଷ୍ଟ ସେବା ପ୍ରଦାନ କରିବାକୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁବାର ବିଭାଗ ପରିଦର୍ଶନ କରିବା ସହ ଭୁବନେଶ୍ୱରସ୍ଥିତ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍)ଠାରେ ସେ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ସରକାରୀ ସେବାଗୁଡ଼ିକୁ ବୈଷୟିକ ରୂପାନ୍ତରଣ ମାଧ୍ୟମରେ ଜନସାଧାରଣଙ୍କ ପାଖକୁ ପହଞ୍ଚାଇବା କ୍ଷେତ୍ରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଭୂମିକା ବିଷୟରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନରେ ପରିଚାଳିତ ନିର୍ଦ୍ଦେଶାଳୟ ଯଥା ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ୍), ଓଡ଼ିଆ ଭର୍ଚୁଆଲ ଏକାଡେମୀ, ଆଇଆଇଆଇଟି ଭୁବନେଶ୍ୱର ଏବଂ ଓକେସିଏଲ୍ ଭୂମିକା ବିଷୟରେ ମନ୍ତ୍ରୀଙ୍କୁ ତଥ୍ୟ ପ୍ରଦାନ କରାଯାଇଥିଲା। ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଓକାକ୍ ସିଇଓ ତଥା ଅତିରିକ୍ତ ଶାସନ ସଚିବ ମନୋଜ ପଟ୍ଟନାୟକ,ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା, ଓକାକ୍ ମହାପ୍ରବନ୍ଧକ ମଧୁମିତା ରଥ, ଅତିରିକ୍ତ ଶାସନ ସଚିବ ଆଦିତ୍ୟ ମହାପାତ୍ର, ଯୁଗ୍ମ ସଚିବ ଜୟନ୍ତୀ ଦେଇ ଏବଂ ବିଭାଗର ଅନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ।

# ଜିଏସ୍‌ଟି କାଉନସିଲ୍ ବୈଠକ ପୂର୍ବରୁ ବିଚାରବିମର୍ଶ



ନୂଆଦିଲ୍ଲୀରେ ଜିଏସ୍‌ଟି କାଉନସିଲ ବୈଠକ ବସିବା ପୂର୍ବରୁ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ।

**ଭୁବନେଶ୍ୱର, ୨୦।୬(ସୁନିତ୍ ମିଶ୍ର)**

କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ରାଜ୍ୟ ଅର୍ଥମନ୍ତ୍ରୀଙ୍କର ପ୍ରାକ୍ ବଜେଟ ଓ ଜିଏସ୍‌ଟି କାଉନସିଲ ବୈଠକରେ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗଦେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟବ୍ୟସ୍ତତା ଯୋଗୁ ତାଙ୍କ ପରାମର୍ଶ ଅନୁଯାୟୀ ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କୁ ଏହି ବୈଠକରେ ଯୋଗଦେବେ। ଆସନ୍ତା ୨୨ ତାରିଖରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଏହି ବୈଠକ ହେବ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ନୂଆଦିଲ୍ଲୀରେ ବୈଠକ ବସିବା ପୂର୍ବରୁ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି।

# ଅଙ୍ଗନୱାଡି କର୍ମୀଙ୍କୁ ବୀମା ସୁବିଧା ଯୋଗାଇଦିଅ: ପ୍ରଭାତୀ

**ଭୁବନେଶ୍ୱର,୨୦।୬(ସୁନିତ୍ ମିଶ୍ର)**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହିଳା ଶିଶୁ ବିକାଶ ବିଭାଗ ପରିଦର୍ଶନକରି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ବୁଧବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ବିଭାଗୀୟ କାର୍ଯ୍ୟର ସଫଳତା, ଯୋଜନା ଓ ଆହ୍ୱାନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ତୃଣମୂଳସ୍ତରର ସମସ୍ୟା ପୁଙ୍ଖାନୁପୁଙ୍ଖ ଭାବେ ବୁଝିବା ସହ ବିଭିନ୍ନ ବିଭାଗର ସହଭାଗିତାରେ ସମସ୍ୟାର ସମାଧାନ ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିବା ନେଇ ଆଲୋଚନା କରିଛନ୍ତି। ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେଇ ଅଙ୍ଗନୱାଡି କର୍ମୀଙ୍କୁ ନିୟମିତ ତାଲିମ ଓ ବୀମା ସୁବିଧା ଯୋଗାଇଦେବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସୁଭଦ୍ରା ଯୋଜନାରେ ମାର୍ଗଦର୍ଶିକା ପ୍ରସ୍ତୁତକରି ୧୦୦ ଦିନରେ ଏହାକୁ କାର୍ଯ୍ୟକାରୀ କରିବାକୁ ବିଭାଗକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# କେନ୍ଦ୍ରୀୟ ପର୍ଯ୍ୟଟନ ଯୋଜନା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



ପର୍ଯ୍ୟଟନ ବିଭାଗ କାର୍ଯ୍ୟର ସମୀକ୍ଷା କରୁଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

**ଭୁବନେଶ୍ୱର,୨୦।୬ (ଶର୍ମିଷ୍ଠା ପାଣିଗ୍ରାହୀ)**

ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ପର୍ଯ୍ୟଟନ ବିଭାଗ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ପହଞ୍ଚିବା ପରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କ ସହ ଅନ୍ୟ ଅଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଶ୍ରୀଜଗନ୍ନାଥଙ୍କ ପଟଚିତ୍ର ଦେଇ ସ୍ୱାଗତ କରିଥିଲେ। ପରେ ଅନୁଷ୍ଠିତ ବୈଠକରେ ବିଭାଗର ବିଭିନ୍ନ ରୂପରେଖ ଓ କାର୍ଯ୍ୟଧାରା ସମ୍ପର୍କରେ ବରିଷ୍ଠ ଅଧିକାରୀମାନେ ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବିଶେଷକରି ଓଡ଼ିଶା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଦିଗରେ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ, ଜାରି ରହିଥିବା ସ୍ୱତନ୍ତ୍ର ପ୍ରକଳ୍ପ ଓ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିସହ କେନ୍ଦ୍ରୀୟ ଯୋଜନାରେ ପରିଚାଳିତ 'ପ୍ରସାଦ' ଏବଂ ସ୍ୱଦେଶ ଦର୍ଶନ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପକୁ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରିବା ସହ ଏହାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଓଡ଼ିଆ ଖାଦ୍ୟ ପରମ୍ପରାର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପରିଚାଳିତ ବିଭିନ୍ନ ଆଉଟ୍‌ଲେଟ୍‌ରେ ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ ଓ ଅନନ୍ତ ନାରାୟଣ ସିଂ ଲାଗୁରୀ, ଯୁଗ୍ମ ଶାସନସଚିବ ସରୋଜ କୁମାର ସ୍ୱାଇଁ, ବିତ୍ତ ପରାମର୍ଶଦାତା ରାଜକିଶୋର ପଲେଇ, ଓଟିଡିସିର ସାଧାରଣ ପରିଚାଳକ ଡ. ଲଲାଟେନ୍ଦୁ ସାହୁ, ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ଜଳ ନିଷ୍କାସନ ସମସ୍ୟା ଦୂରକର: କୃଷ୍ଣଚନ୍ଦ୍ର

**ଭୁବନେଶ୍ୱର, ୨୦।୬(ସୁନିତ୍ ମିଶ୍ର)**

ବର୍ଷାଋତୁରେ ସହରାଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳରେ କୃତ୍ରିମ ବନ୍ୟାକୁ ପ୍ରତିହତ କରିବା ସହ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା ସମୟରେ ମନ୍ତ୍ରୀ ମହାପାତ୍ର ଏହି ମର୍ମରେ ସହରାଞ୍ଚଳ ବିକାଶ ଉପରେ ପ୍ରାଥମିକତା ଦେବାକୁ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ବର୍ଷାଋତୁରେ ଭୁବନେଶ୍ୱର ପରି ସହରରେ ପାଣି ଜମିବା, ଜଳ ନିଷ୍କାସନରେ ଅବ୍ୟବସ୍ଥା ପରି ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ଦୂରକରିବା ଦରକାର। ସହରାଞ୍ଚଳରେ ବର୍ଷା/ବନ୍ୟା ଜଳ ପରିଚାଳନା ସମ୍ପର୍କରେ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇ ରାଜ୍ୟର ସମସ୍ତ ପୌର ଅଧିକାରୀଙ୍କୁ କଡ଼ାକଡ଼ି ଅନୁପାଳନ ନିମନ୍ତେ ପରାମର୍ଶ ଦିଆଯାଇଛି। ସମ୍ପ୍ରତି ସମ୍ବଲପୁରରେ କାମଳ ରୋଗ ଦେଖାଦେଇଥିବା ପରିପ୍ରେକ୍ଷୀରେ ସେଠାକାର ପାନୀୟ ଜଳର ଗୁଣବତ୍ତା ଆଦି ସମ୍ପର୍କରେ ତଦନ୍ତ କରିବାକୁ ୱାଟ୍‌କୋର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ମନ୍ତ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

ସେ ଆହୁରି କହିଛନ୍ତି, ବିକଶିତ ଓଡ଼ିଶା ପାଇଁ ମଧ୍ୟ ସହରାଞ୍ଚଳ ବିକାଶ ତାତ୍ପର୍ଯ୍ୟପୂର୍ଣ୍ଣ। ତେଣୁ ରାଜ୍ୟର ବିଭିନ୍ନ ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌର ନିଗମ ଓ ମହାନଗର ନିଗମଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବାକୁ ହେବ। ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ମଡେଲ ଭାବରେ ଗଢି ତୋଳିବା ସହ ସମଗ୍ର ରାଜ୍ୟର ସହରାଞ୍ଚଳଗୁଡ଼ିକର ଭିତ୍ତିଭୂମି ଓ ପାର୍ଶ୍ୱାଞ୍ଚଳ ଉନ୍ନତି ଉପରେ ଧ୍ୟାନଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିକାଶମୂଳକ କାର୍ଯ୍ୟ ସହ ଜନସାଧାରଣଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦେବାକୁ ହେବ। ଅଯଥା ବ୍ୟୟ ନ କରି ଯଥାର୍ଥ ଭାବେ ଅର୍ଥବ୍ୟୟ କରାଯିବ। ମେଟ୍ରୋ ପ୍ରକଳ୍ପକୁ ମଧ୍ୟ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବାକୁ ଉଦ୍ୟମ ହେବ। ଏହି ସମୀକ୍ଷା ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ୍ 'ସହରାଞ୍ଚଳ ବିକାଶରେ ସଫଳ ଯାତ୍ରା' ସମ୍ପର୍କରେ ଉପସ୍ଥାପନା କରି ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳତାର ବିବରଣୀ ଦେଇଛନ୍ତି।



ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବିଭାଗୀୟ ଅଧିକାରୀମାନଙ୍କ ସହ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରୁଛନ୍ତି।

# ଭାରତ ତୃତୀୟ ବୃହତ୍ ଘରୋଇ ବିମାନ ଚଳାଚଳ ବଜାର

**ନୂଆଦିଲ୍ଲୀ, ୨୦।୬**



ବିମାନ ଚଳାଚଳ କ୍ଷେତ୍ରରେ ଗତ ୧୦ ବର୍ଷ ମଧ୍ୟରେ ଦୃଢ଼ ଅଭିବୃଦ୍ଧି ହାର କାରଣରୁ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ବିମାନ ବଜାରରେ ପରିଣତ ହୋଇପାରିଛି। ୧୦ ବର୍ଷ ତଳେ ଘରୋଇ ବିମାନ କ୍ଷେତ୍ରରେ ୮୦ ଲକ୍ଷ ସିଟ୍ ସହ ଭାରତ ବିଶ୍ୱର ପଞ୍ଚମ ବୃହତ୍ ବିମାନ ବଜାର ଥିଲା। ସେତେବେଳେ ଆମେରିକା, ଚାଇନା, ବ୍ରାଜିଲ ଓ ଇଣ୍ଡୋନେସିଆ ଏହି ତାଲିକାରେ ଯଥାକ୍ରମେ ପ୍ରଥମରୁ ଚତୁର୍ଥ ସ୍ଥାନ ମଧ୍ୟରେ ରହିଥିଲେ। ତେବେ ବର୍ତ୍ତମାନ କେବଳ ଆମେରିକା ଓ ଚାଇନା ଘରୋଇ ବିମାନ ବଜାର କ୍ଷେତ୍ରରେ ଭାରତଠାରୁ ଆଗରେ ରହିଛନ୍ତି। ଅଗ୍ରଣୀ ବିମାନସେବା ସୂଚନା ପ୍ରଦାନକାରୀ ସଂସ୍ଥା ଓଆଗ୍‌ଜି ଡାଟାର ଏକ ରିପୋର୍ଟ ଅନୁଯାୟୀ, ଏପ୍ରିଲ ୨୦୨୪ରେ ୧ କୋଟି ୫୬ ଲକ୍ଷ ଘରୋଇ ବିମାନ ସିଟ୍ କ୍ଷମତା ସହ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ବିମାନ ବଜାର ହୋଇପାରିଛି। ଗତ ୧୦ ବର୍ଷ ମଧ୍ୟରେ ବାର୍ଷିକ ୬.୯% ହାରରେ ଭାରତରେ ଘରୋଇ ବିମାନର ସିଟ୍ ସଂଖ୍ୟା ବୃଦ୍ଧି ପାଇଛି। ସେହିପରି ଏହି ଅବଧି ମଧ୍ୟରେ ଚାଇନାରେ ଘରୋଇ ବିମାନ କ୍ଷେତ୍ରରେ ସିଟ୍ ଅଭିବୃଦ୍ଧି ହାର ୬.୩% ରହିଛି। ଆମେରିକା ଓ ଇଣ୍ଡୋନେସିଆରେ ଘରୋଇ ବିମାନ ବଜାରର ସ୍ଥିତି ଏହି ଅବଧି ମଧ୍ୟରେ ପ୍ରାୟ ସମାନ ଥିବା ଓଆଗ୍‌ଜି ଡାଟାର ଏହି ରିପୋର୍ଟରେ କୁହାଯାଇଛି।

# ସର୍ବୋଚ୍ଚ ବ୍ରିଜ୍‌ରେ ଗଡ଼ିଲା ଟ୍ରେନ୍

**ଜମ୍ମୁ, ୨୦।୬**

ବିଶ୍ୱର ସବୁଠାରୁ ଉଚ୍ଚା ଚେନାବ୍ ରେଳ ବ୍ରିଜ୍‌ରେ ଗୁରୁବାର ପ୍ରଥମଥର ପାଇଁ ଟ୍ରେନ୍ ଚଳାଚଳ କରିଛି। ଭାରତୀୟ ରେଲ୍‌ୱେ ଏହି ବ୍ରିଜ୍‌ରେ ୮ କୋଚ୍ ବିଶିଷ୍ଟ ଏକ ମେମୁ ଟ୍ରେନ୍ ଚଳାଇ ଟ୍ରାଏଲ ରନ୍ କରିଛି। ଏହି ମେମୁ ଟ୍ରେନ୍ ଜମ୍ମୁ-କଶ୍ମୀରର ରାମବନ ଜିଲା ସଙ୍ଗଲଦାନଠାରୁ ରେଆସିପର୍ଯ୍ୟନ୍ତ ୪୬ କିଲୋମିଟର ରାସ୍ତା ଅତିକ୍ରମ କରିଛି। ଏହି ସମୟରେ ଟ୍ରେନ୍‌ର ବେଗ ୪୦ କିମି ପ୍ରତି ଘଣ୍ଟା ରହିଥିବା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଭାରତୀୟ ରେଳର ସୂଚନା ଅନୁଯାୟୀ ଏହି ଟ୍ରେନ୍ ଗୁରୁବାର ଅପରାହ୍ନ ୧୨ଟା ୩୫ରୁ ସଙ୍ଗଲଦାନଠାରୁ ଚଳାଚଳ ଆରମ୍ଭ କରିଥିବାବେଳେ ଅପରାହ୍ନ ୨ଟା ୦୫ରେ ରେଆସିଠାରେ ପହଞ୍ଚିଥିଲା। ଏହି ସମୟ ମଧ୍ୟରେ ଟ୍ରେନ୍‌ଟି ୯ଟି ଟନେଲ ମଧ୍ୟରେ ଗତି କରିଥିଲା। ଏହି ଟନେଲଗୁଡ଼ିକର ସମୁଦାୟ ଲମ୍ବ ୪୦.୭୮୭ କିଲୋମିଟର ରହିଥିବାବେଳେ ଟି-୪୪ ଟନେଲର ଲମ୍ବ ସର୍ବାଧିକ ୧୧.୧୩ କିଲୋମିଟର ହୋଇଥିବା ରେଲ୍‌ୱେ ପକ୍ଷରୁ କୁହାଯାଇଛି।



ଚେନାବ୍ ବ୍ରିଜ୍‌ରେ ଭାରତୀୟ ରେଲ୍‌ୱେ ଏକ ମେମୁ ଟ୍ରେନ୍ ଚଳାଇ ଟ୍ରାଏଲ୍ ରନ୍ କରିଛି।

# ବନ୍ଦେ ଭାରତ ଟ୍ରେନ୍ ଖାଦ୍ୟରେ ଅସରପା

**ନୂଆଦିଲ୍ଲୀ, ୨୦।୬**



ଭାରତୀୟ ରେଳର ପ୍ରିମିୟମ ଟ୍ରେନ୍ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଖାଦ୍ୟରେ ମଲା ଅସରପା ପଡ଼ିଥିବା ଅଭିଯୋଗ ଆସିଛି। ବୁଧବାର ଭୋପାଳରୁ ଆଗ୍ରା ଯାଉଥିବା ଯାତ୍ରା ବେଳେ ଆଇଆର୍‌ସିଟିସି ପକ୍ଷରୁ ଦିଆଯାଇଥିବା ଖାଦ୍ୟରେ ମଲା ଅସରପା ପଡ଼ିଥିବା ଏକ ଦମ୍ପତି ଅଭିଯୋଗ ଆଣିବା ସହ ଏହାର ଏକ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ସେମାନେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ରେଳ ମନ୍ତ୍ରଣାଳୟକୁ ମଧ୍ୟ ଟ୍ୟାଗ କରିଛନ୍ତି।

## ODISHA CONSTRUCTION CORPORATION LIMITED
## BHUBANESWAR, ODISHA

Pin : 751012, Tel No. (0674) 2562020, e-mail: theoccltd@odishaconstruction.com
**GSTIN - 21AAACO2571K2ZM**
**1st Corrigendum**
**"e-Procurement Notice No - 06/OCCL/2024-25 (on-line)**

No.CAD-287: The Bid Security amount mentioned against Work Sl No.15 having Bid Identification no. OCCL-LSSP/03/2024-25 shall be read as Rs. 2,30,000/- in place of Rs. 2,23,000/-.
All other terms and conditions remain unaltered.
Further details can be seen from the e-procurement portal: https://www.tendersodisha.gov.in

OIPR-34176/11/0005/2425 **Sd./- Managing Director**

## DISTRICT PROJECT OFFICE
### SAMAGRA SHIKSHA, KEONJHAR

Ph. No - 06766 - 254103, Fax - 256420, Pin - 758001,
Email Id : dpckeonjharssa.opepa@nic.in

**TENDER CALL NOTICE FOR PRINTING AND SUPPLY OF MULTI-LANGUAGE EDUCATION TEXT BOOKS**

Notice No : 1398/TE/date : 20/06/2024

No.n-18: Seatled tenders under two bid system are invited in prescribed format from the intending registered Offset Printers/Firms having valid PAN, GST, Registration certificate & experience in printing of text books with TBPM-BBSR/DPO, Samagra Shiksha for printing & supply of Tribal Language Text Books for Samagra Shiksha, Keonjhar for the session 2024-25, on payment of Rs. 5000/- (Rupees five thousand) only as tender application cost. The tender paper/bid document containing details specification with term and condition in two part bidding system (application of technical bid in Part-A & application of finance bid in Part-B) which can be download in website www.opepa.odisha.gov.in & www.keonjhar.nic.in. The last date of receipt of sealed application is on 15/07/2024 up to 2.00/PM through registered / speed post only and the same will be opened on Dt 15.07.2024 at 4.30 PM.

By Order of the Collector-cum-Chairman,
RTE-SSA, Keonjhar

**Sd./- DEO-cum-DPC**
**SAMAGRA SHIKSHA, KEONJHAR**
OIPR-27120/11/0001/2425

## ODISHA STATE CIVIL SUPPLIES CORPORATION LTD.

(A Govt. of Odisha Undertaking)
REGISTERED OFFICE: C/2, NAYAPALLI, BHUBANESWAR-751012
CIN:U51211OR1980SGC000894
Tel:0674-2395391, Fax No.0674-2395291,Website:www.oscsc.in

OSCSC-ESTT-ESTT-0021-2024 No.7045, Date: 19.6.24

**SHORT TENDER CALL NOTICE**

**No.CAD-289:** Sealed tender in plain paper/letter pad in the prescribed format appended below are invited from the intending Registered Firms/ Suppliers located at Bhubaneswar having valid GST Registration Certificate and Income Tax Clearance Certificate for supply of Office Article/ Stationery etc. for official use in Odisha State Civil Supplies Corporation Ltd., BBSR. The details of these articles can be obtained from House Stock & Store of OSCSC Ltd. on any working day between Office Hours and from the website of OSCSC Ltd., Bhubaneswar. The tenderer should enclose earnest money of Rs.25,000.00 (Rupees Twenty Five Thousand) only in shape of Accounts Payee Bank Draft/ Pay Order drawn in favour of Managing Director, OSCSC Ltd., Bhubaneswar alongwith the tender which will be refunded to the unsuccessful bidders subsequently. The tenders should reach the undersigned only through Speed Post/ Registered Post superscribing the word "TENDER PAPER FOR SUPPLY OF STATIONERY ARTICLES" on the envelope containing Tender. Last date of receipt of tender is dtd.02.07.2024 upto 2.00 P.M., after which no tender shall be accepted. The tenders shall be opened on 02.07.2024 at 4.00 P.M. in the presence of tenderers or their authorized representatives in the chamber of FA & CAO, OSCSC Ltd., Bhubaneswar. The item wise short list shall be prepared basing on the lowest rate offered by the tenderers. The authority reserves the right to reject any or all tenders without assigning any reason thereof. The tenders received in incomplete shape or after the scheduled date & time shall be summarily rejected. For details, please refer to our website www.oscsc.in.

OIPR-07002/11/0003/2425 **Sd./-General Manager (Admn.)**

## OFFICE OF THE EXECUTIVE ENGINEER, R.W.S & S DIVISION, GAJAPATI, PARALAKHEMUNDI, ODISHA

No.O-39: E-mail:eerwssgjp@gmail.com, Ph.No.06815-224803

### Invitation of Bid Through E-Tendering
**Bid Identification No.EE/RWS&S/GPT/1 of year 2024-25**

1. The Executive Engineer, RWS&S Division, Gajapati on behalf of Governor of Odisha, invites percentage rate bids in single cover system in ONLINE MODE for Rural Piped Water Supply Projects as detailed in the DTCN to be hoisted in the website www.tenderorissa.gov.in. The eligible Class of Contractors may offer their bids for e-Procurement.
2. No. of works :- 2
3. Estimated Cost:- Ranging from approx Rs.8.30 Lakhs to 10.08 Lakhs
4. Period of Completion : 02 (Two) Months
5. Tender Cost : Rs.4000/- to Rs.6000/- as mentioned in the Annexure.
6. Class of Contractor : HT License Holder
7. Date & Time of availability of bid in the website: 21.06.2024 to 01.07.2024 upto 5 PM.
8. Last date & time for seeking Tender Clarification:29.06.2024 upto 5.00 PM.
9. Last date & time for receipt of bids: 01.07.2024 upto 5.00 PM.
10. Date & Time of Opening of Technical & Financial Bids: 02.07.2024 at 11.00 AM.
11. Further details can be had in the website www.tenderorissa.gov.in only.
12. The contractors who have been awarded with the work orders for execution of any work under this Division earlier, but, on some account or the other, have not successfully completed the same within the stipulated period and, have remained defaulter for considerable period of time are debarred from participating in the tender process.
13. The tenders should be accompanied with submission of EMD of 1% of the estimated cost in shape of savings bank account post office TD/NSC/KVP/Deposit receipt of any scheduled bank & duly pledged in favour of Executive Engineer, RWSS Division, Gajapati and self-attested copy of valied contractors license, PAN Card, GST Clearance etc. failing which the tender will be rejected.
14. The SC/ST contractors desirous of availing preference should submit an affidavit in support of caste/caste certificate otherwise tender will be liable for rejection. However, preference to SC/ST contractors for award of work depends upon the discretionary power of Authority.
15. Authority reserves the right to reject any or all the tenders without assigning any reason thereof.

Enclosed: The details of the works in annexure attached herewith for reference.

OIPR-25025/11/0001/2425 **Sd./- Executive Engineer**

## idco | ODISHA NEW OPPORTUNITIES

No.CAD-291

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

Tender Call Notice No.BBSR/ELECT-II/E-237/23-24/2705 Dt.19.06.2024

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply, Installation, testing and commissioning of HVAC system in the 1st Floor of Krushi Bhawan, Bhubaneswar.

| Procurement Officer | Bid Identification No. | Availability of Tender Online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID.No. BBSR/ELECT-II/ e-01/24-25 | 22.06.2024 at 12.00 Hrs. | 27.06.2024 at 16.00 Hrs. |

Further details can be seen from the e-Procurement portal: **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-Procurement portal** as well as in **IDCO website.**

**Sd./-Divisional Head (Elect-II), IDCO, Bhubaneswar**
OIPR-14003/11/0001/2425

See Career Appointment on every **Wednesday & Saturday**

## ODISHA CONSTRUCTION CORPORATION LTD.

(A Govt. of Odisha Undertaking) No.CAD-293
**CENTRAL WORKSHOP, RASULGARH,**
Bhubaneswar-751010 (0disha), Tel- 0674 : 2580107, Email : smppmcws@gmail.com
(GSTIN-21AAACO2571K2ZM)

**Tender call Notice No. OCC/CWS/PROC/KIP-08(Vol.II)/ 07/2024-25 dtd.20.06.2024.**

Type of work : SUPPLY OF CASTING MATERIALS FOR SERVICE GATE OF HEAD REGULATOR FOR KANUPUR IRRIGATION PROJECT.
Total No. of work : 01(One).
Period of supply : 45 days.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (Off-line mode) |
|---|---|---|---|---|
| Senior Manager (Mech.)-I, OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/KIP-08 (Vol.II) /07/ 2024-25 dtd.20.06.2024 | Rs.4720/- (Non-refundable) | 21.06.2024 10.00AM to 28.06.2024 1.00 PM | 21.06.2024 10.00AM to 28.06.2024 3.30 PM |

Date of opening of the Tender : 28.06.2024 at 4.00 P.M.
Further details can be seen from the website (www.odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).

**Sd./- Senior Manager (Mech.)-I**
**OCC Ltd., Bhubaneswar**
OIPR-34163/11/0003/2425

## DIRECTORATE OF TEACHER EDUCATION AND SCERT:ODISHA:BHUBANESWAR

### TENDER CALL NOTICE FOR ADMISSION PROCESS FOR THE SESSION 2024-2026 OF D.El.Ed. COURSES

**Notice No.2748** **Date:20.06.2024**

**No.n-** Request for Proposal (RFP) are invited from reputed agencies, both from State and National Level, for selection of Service Provider for Online Examination (Computer-based Test) for D.El.Ed. Course for the session, 2024-2026. The prospective bidders must meet the qualifying criteria mentioned in the RFP Terms of Referneee (Volume I and II). They should have capacity to design, undertake/execute Online Entrance Examination and examination process related work as prescribed in the RFP.

1. **Date of release of tenders : 21.06.2024**
2. **Last Date for submission of tender : 04.07.2024 (05.00 P.M.)**
3. **Pre-Bid Meeting : 29.06.2024 (11.00 A.M.)**

Detailed terms, conditions and schedules of activities and the RFP (Volume I and II) can be seen/ downloaded from the website i.e. www.scertodisha.nic.in/ www.sme.odisha.gov.in.

**Sd./-**
**Director**
**TE and SCERT,**
**Odisha, Bhubaneswar**
OIPR-27006/11/0001/2425

## Government of Odisha
## Higher Education Department

### Timeline for e-Admission into 3 Year LLB Course under SAMS in the Higher Education Institutions for the Academic Session 2024-25

No. N-30: It is for information of all concerned that admission into 3 years L.L.B. Courses at the below mentioned HEIs has been newly included under SAMS for the Academic Session: 2024-25. Accordingly, the candidates are hereby instructed to fill-up the Common Application Form by visiting the SAMS portal as per the timeline mentioned below. The Common Prospectus (CP) for the said courses are available on the SAMS portal. Please refer to the Common Prospectus before filling up the CAF. The key points for admission into 3 years L.L.B. Courses for the Current Academic Year 2024-25 are as follows.

1. The following HEIs have been included under SAMS for admission into 3 years LLB courses for the Academic Session: 2024-25.
   a) Madhusudan Law University, Cuttack - 120 Seats
   b) University Law College, Utkal University, Bhubaneswar - 60 Setas
   c) Lingaraj Law College, Berhampur - 180 Setas
2. The applicants who have successfully passed the +3 examination (Any stream) or any other equivalent examination from a recognized university in India shall be eligible for admission into 3 Year LL.B. Course. Applicants can choose minimum one (1) and maximum three (3) Nos. of HEIs as per his/her preference.
3. Provisional allotment of setas will be prepared through centralized selection process on the basis of the marks & reservation details provided in the CAF. No Entrance Examination will be held for admission into the said course.

Any changes in the timeline will be published in the newspapers as well as in the website **www.samsodisha.gov.in**.

| Sl # | Activities | Timeline |
|---|---|---|
| 1 | Availability of online Common Application Form (CAF) on the website: **www.samsodisha.gov.in** | 24 June 2024 (04.00 P.M.) |
| 2 | Last date for applying online CAF through **www.samsodisha.gov.in** | 11 July 2024 (11.45 P.M.) |
| 3 | Editing of the CAF in Online Mode (if required) for the CAF submitted earlier (No fresh CAF will be allowed on this day) | 12 July 2024 (11.00 A.M. to 11.45 P.M.) |
| 4 | Publication of Provisional Allotment of Seats (For First Round Selection) | 18 July 2024 (04.00 P.M.) |
| 5 | Selection of Slide/Freeze Option and Online payment of admission fees by the selected students through SAMS [Student's Account' portal | 18 July 2024 (07.00 P.M.) to 20 July 2024 (11.45 P.M.) |
| 6 | Reporting of the applicants at allotted Institutions for taking admission (for First Round Selection) | 19 July 2024 (09.00 A.M.) to 22 July 2024 (05.00 P.M.) (Except 21 July 2024) |
| 7 | Data updation of admitted students in the e-space by the respective Institutions (for First Round Admission) | 19 July 2024 (09.00 A.M.) to 22 July 2024 (07.00 P.M.) |
| 8 | Publication of Provisional Allotment of Seats (for Second Round Selection) | 26 July 2024 (04.00 P.M.) |
| 9 | Selection of Slide/Freeze Option and Online payment of admission fees by the selected students through SAMS [Student's Account] portal | 26 July 2024 (07.00 P.M.) to 28 July 2024 (11.45 P.M.) |
| 10 | Reporting of applicants at allotted institutions for taking admission (for Second Round Selection) | 29 July 2024 (09.00 A.M.) to 30 July 2024 (05.00 P.M.) |
| 11 | Data updation of admitted students in the e-space by the respective Institutions (for Second Round Admission) | 29 July 2024 (09.00 A.M.) to 30 July 2024 (07.00 P.M.) |
| 12 | Publication of Provisional Allotment of Setas (for Third Round Selection) along with waiting list in ratio (1:20) in existing vacancy | 05 August 2024 (04.00 P.M.) |
| 13 | Online payment of admission fees by the selected students through SAMS [Student's Account] portal | 05 August 2024 (07.00 P.M.) to 07 August 2024 (11.45 P.M.) |
| 14 | Reporting of applicants at allotted institutions for taking admission (for 3rd/Final Round Selection) | 06 August 2024 (09.00 A.M.) to 07 August 2024 (05.00 P.M.) |
| 15 | Data updation of admitted students in the e-space by the respective Institutions (for Third Round Admission) | 06 August 2024 (09.00 A.M.) to 07 August 2024 (07.00 P.M.) |
| 16 | Reporting of waitlisted applicants in HEI's | 09 August 2024 (09.00 A.M.) & 10 August 2024 (05.00 P.M.) |
| 17 | Publication of Merit List (among reported Waitlisted Applicant) in HEIs notice board | 14 August 2024 (05.00 P.M.) |
| 18 | Reporting of applicant and payment of admission fees in offline mode at the HEIs and Data updation of admitted students in the e-space by the respective Institutions | 16 August 2024 (09.00 A.M.) to 17 August 2024 (11.45 P.M.) |
| 19 | Commencement of 1st Year Classes | 20 August 2024 |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

**Sd./- Deputy Director, PTC Section**
**OIPR-11001/11/0012/2425**

## ODISHA PUBLIC SERVICE COMMISSION, CUTTACK

### NOTICE

**No.3182/P.S.C., Dt.20.6.24**
**1E-14-2023/24 (DR-III)**

**No.D-75:** During scrutiny of applications for recruitment to the post of Post Graduate Teachers in Group-B, for 50 Nos. of Government Higher Secondary Schools and 106 Nos. of upgraded Higher Secondary Schools of the State under the Department of School & Mass Education, pursuant to Advt. No. 25 of 2023-24, it has come to notice that candidates having PPSAN No. as mentioned below have applied in more than one discipline, which is improbable unless something is wrong while filling up the online application form.
So it has become mandatory to physically verify the certificates of those candidates in order to establish their genuine status as a legitimate candidate for the recruitment test.
The programme of verification is as indicated below:

**PROGRAMME FOR VERIFICATION OF ORIGINAL POST GRADUATE DEGREE CERTIFICATE & B.Ed./ M.Ed. CERTIFICATE etc.**

| Sl.No. | Date of Verification | Time of verification | PPSAN of candidates |
|---|---|---|---|
| 1 | 26.06.2024 | 10.30 A.M. | P240258423, P240268671, P230115263, P230126120 P240270963, P230155428, P240276871, P240236996 P240290838, P240240234, P230160709, P240294749 P240268319, P240255556, P240293258, P220058332 P220076979, P240256897, P240285086 & P240270684 = 20 Candidates |
| | | 2.30 P.M. | P240257155, P220060158, P220077942, P240293609 P240263581, P230149517, P240264657, P240259537 P240246236, P220072391, P240277070, P220024640 P230205019, P240277607, P240285639, P230164077 P230119318, P240291678&P240298469=19 Candidates |

**Sd./- Secretary**
**OIPR-12002/11/0035/2425**

## ODISHA CONSTRUCTION CORPORATION LIMITED
**BHUBANESWAR, ODISHA,**
**PIN-751012, Tel.No.(0674) 2562020,**
**e-Mail:theoccltd@odishaconstruction.com**
**GSTIN-21AAACO2571K2ZM**

**1ST CORRIGENDUM**
**"e"- Procurement Notice No.01/OCCL/2024-25 (Online)**

**No.CAD-288:** The period of completion, Bid Security & Division of the following Bid Identification Nos. invited vide e-Procurement notice No. 01/OCCL/2024-25 shall be read as follows:

| Sl. No. | Bid Identification No. | Name of Division | Bid Security | Period of Completion |
|---|---|---|---|---|
| 01 | OCCL-HQP/01/24-25 | Nimapada Irrigation Division | Rs.7,47,000/- | 9 (Nine) Calendar Months |
| 02 | OCCL-HQP/02/2024-25 | | Rs.6,51,000/- | 6 (Six) Calendar Months |
| 03 | OCCL-HQP/03/2024-25 | | Rs.6,51,000/- | |
| 04 | OCCL-HQP/04/2024-25 | Puri Irrigation Division | Rs.1,15,000/- | |
| 05 | OCCL- HQP/05/ 2024-25 | | Rs.2,30,000/- | |
| 06 | OCCL- HQP/06/ 2024-25 | | Rs.2,30,000/- | |
| 07 | OCCL-GMP/01/2024-25 | Berhampur Irrigation Division | Rs.11,42,000/- | 9 (Nine) Calendar Months |
| 08 | OCCL-GMP/02/2024-25 | Chikiti Irrigation Division | Rs.7,30,000/- | 6 (Six) Calendar Months |
| 09 | OCCL-GMP/03/2024-25 | Berhampur Irrigation Division | Rs.6,28,000/- | 9 (Nine) Calendar Months |
| 10 | OCCL-TSP/01/2024-25 | Upper Indravati Left Canal Division No-I, Kusumkhunti | Rs.2,30,000/- | 6 (Six Calendar Months) |
| 11 | OCCL-TSP/02/2024-25 | | Rs.2,28,000/- | |
| 12 | OCCL-TSP/03/2024-25 | | Rs.2,30,000/- | |
| 13 | OCCL-TSP/04/2024-25 | Left Canal Division, Kusumkhunti | Rs.2,28,000/- | |
| 14 | OCCL-TSP/05/2024-25 | | Rs.2,16,000/- | |
| 15 | OCCL-TSP/06/2024-25 | | Rs.2,28,000/- | |
| 16 | OCCL-TSP/07/2024-25 | Upper Indravati Left Canal Division No.II, Dharmagarh | Rs.2,16,000/- | |

**All other terms and conditions remain unaltered.**
**Further details can be seen from the e-Procurement portal: https://www.tendersodisha.gov.in.**

**Sd./- Managing Director**
OIPR-34176/11/0006/2425

No. L-03

## DEPARTMENT OF AGRICULTURE & FARMERS' EMPOWERMENT
## DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR

## EXPRESSION OF INTEREST (EOI)

### Engagement of Facilitating Agency at Cluster Level under Crop Diversification Programme in Mega Lift Irrigation Projects (CDP-MLIP) 2024-25 of Govt. of Odisha

Expression of Interest is invited by the Director of Agriculture & Food Production, Odisha, Bhubaneswar from the experienced and interested organizations for engagement as Facilitating Agencies for newly allotted clusters of Angul, Bargarh, Jajpur, Jharsuguda, Kalahandi, Malkangiri, Mayurbhanj, Nabarangpur, Sambalpur, Subarnapur, Koraput and Keonjhar districts under Crop Diversification Programme in Mega Lift Irrigation Projects (CDP-MLIP) 2024-25. Interested organizations/agencies are requested to submit the EoI in sealed envelope super scribed as ***Application for engagement as Facilitating Agency under Crop Diversification Programme in Mega Lift Irrigation Project of----------- district*** as per enclosed application format by registered/Speed post. Proposals in E-Mail would not be entertained in this regard. The EOI should be addressed to the Office of the Chief District Agriculture Officer of (....District Name...) from the above mentioned districts. Last date for receipt of EoI is **6th July 2024 up to 1:00 PM** and the same shall be opened on the same day at 3.30 PM in presence of authorized signatory and representatives. The application form and detail terms & conditions are available in the official website of ***www.agrisnetodisha.ori.nic.in & www.agriodisga.gov.in.***

The authority shall not be responsible for any sort of postal delay and the EoI received beyond scheduled date and time shall not be entertained and out right to be rejected. The authority reserves the right to cancel/reject any or all the EOI without assigning any reason thereof.

**Sd/-**
**Director of Agriculture & Food Production, Odisha**
**OIPR-01102/11/0001/2425**

# ମହିଳା ସଶକ୍ତୀକରଣ ଓ ଯୋଗ

ଯୋଗ ହେଉଛି ଏକଧରଣର ଐତିହ୍ୟବାହୀ ଶାରୀରବୃତ୍ତ ମାନସିକ ସାଧନ ପ୍ରଣାଳୀ। ଆମ ଦେଶ ଭାରତ ହିଁ ଯୋଗର ଜନ୍ମଭୂମି। 'ଯୋଗ' ଶବ୍ଦଟିର ଆକ୍ଷରିକ ଅର୍ଥ 'ଯୁକ୍ତ କରିବା' ବା ଐକବଦ୍ଧ କରିବା'।

ସମ୍ପ୍ରତି ଯୋଗ ସାରା ବିଶ୍ୱରେ ବେଶ୍ ଜନପ୍ରିୟ ହୋଇଉଠିଛି। ଯୋଗକୁ ଆହୁରି ବ୍ୟାପକ ଭାବରେ ବିଶ୍ୱରେ ପ୍ରତିଷ୍ଠିତ କରାଇବା ଉଦ୍ଦେଶ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ଡିସେମ୍ବରରେ ଜାତିସଂଘର ସାଧାରଣ ପରିଷଦ ବୈଠକରେ ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ 'ଅନ୍ତର୍ଜାତୀୟ ଯୋଗ ଦିବସ' ଭାବରେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ ୧୭୭ ରାଷ୍ଟ୍ର। ତେବେ ଏଥିପାଇଁ ଜୁନ୍ ୨୧କୁ ଚୟନ କରିବାର କାରଣ ହେଲା ଏହି ଦିନ ସୂର୍ଯ୍ୟ ଆକାଶରେ ସବୁଠାରୁ ଉତ୍ତରରେ କର୍କଟକ୍ରାନ୍ତି ଉପରେ ପହଞ୍ଚିଥାନ୍ତି ଓ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଏହି ଦିବସଟି ବର୍ଷରେ ଦୀର୍ଘତମ। ୨୦୧୫ରୁ ଜୁନ୍ ୨୧ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷ ଉକ୍ତ ଦିବସର ବାର୍ତ୍ତା ରହିଛି 'ମହିଳା ସଶକ୍ତୀକରଣ ପାଇଁ ଯୋଗ'। ଏହି ବାର୍ତ୍ତାର ତାତ୍ପର୍ଯ୍ୟ ହେଉଛି ଯୋଗ ମାଧ୍ୟମରେ ମହିଳାମାନଙ୍କର ଶାରୀରିକ ଓ ମନସ୍ତାତ୍ତ୍ୱିକ ସୁସ୍ଥତା ଲାଭ। ସେମାନଙ୍କର ଶାରୀରିକ, ମନସ୍ତାତ୍ତ୍ୱିକ, ଆବେଗିକ, ସାମାଜିକ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ପ୍ରାପ୍ତି ପାଇଁ ଯୋଗ ଏକ ବଳିଷ୍ଠ ମାଧ୍ୟମ। ମହିଳାମାନଙ୍କର ରହିଛି କେତେକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସମସ୍ୟା ଓ ସେହିସବୁ ସମସ୍ୟାର ଉପଶମ ପାଇଁ ଯୋଗ ବେଶ୍ ସହାୟକ ହୋଇପାରିବ।

### ଏ ବର୍ଷର ବାର୍ତ୍ତା

ଚଳିତ ବର୍ଷ ଉକ୍ତ ଦିବସର ବାର୍ତ୍ତା ରହିଛି 'ମହିଳା ସଶକ୍ତୀକରଣ ପାଇଁ ଯୋଗ'। ଏହି ବାର୍ତ୍ତାର ତାତ୍ପର୍ଯ୍ୟ ହେଉଛି ଯୋଗ ମାଧ୍ୟମରେ ମହିଳାମାନଙ୍କର ଶାରୀରିକ ଓ ମନସ୍ତାତ୍ତ୍ୱିକ ସୁସ୍ଥତା ଲାଭ। ସେମାନଙ୍କର ଶାରୀରିକ, ମନସ୍ତାତ୍ତ୍ୱିକ, ଆବେଗିକ, ସାମାଜିକ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ପ୍ରାପ୍ତି ପାଇଁ ଯୋଗ ଏକ ବଳିଷ୍ଠ ମାଧ୍ୟମ।





ମହିଳାମାନେ ପରିବାରର ମେରୁଦଣ୍ଡ ସଦୃଶ। ସେମାନଙ୍କର ସାମୂହିକ ଶକ୍ତି ମଧ୍ୟ ରାଷ୍ଟ୍ର ତଥା ବିଶ୍ୱର ମେରୁଦଣ୍ଡ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ମହିଳାମାନେ ସମାଜରେ ଅବହେଳିତ ହେଲେ ପରିବାରରେ ଶିଶୁ ବୃଦ୍ଧାବୃଦ୍ଧ, ରୋଗୀ ଓ ଅତିଥିମାନେ ଅବ ହେଳିତ ହୋଇପଡିବେ। ସୁତରାଂ ମହିଳାମାନେ ସୁସ୍ଥ ଏବଂ ସଶକ୍ତ ରହିବା ସମାଜ ତଥା ରାଷ୍ଟ୍ରର ସ୍ୱାର୍ଥ ପାଇଁ ଅପରିହାର୍ଯ୍ୟ।

ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯୋଗର ବିଭିନ୍ନ ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରେଇବା ଏବଂ ସୁସ୍ଥ ରହିବା ନିମନ୍ତେ ନିୟମିତ ଯୋଗ ବ୍ୟାୟାମ କରିବା ନିମିତ୍ତ ସେମାନଙ୍କୁ ଅନୁପ୍ରେରଣା ଦେବା।

ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଏବଂ ଆଧ୍ୟାତ୍ମିକତାର ବିକାଶ କରେଇବାରେ ଯୋଗର ଭୂମିକା ଅତୁଳନୀୟ ବୋଲି କୁହାଯାଇ ଆସୁଅଛି। କିନ୍ତୁ ଯୋଗ ବିଜ୍ଞାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଉଛି, ଏହା ଶାରୀରିକ ଓ ମନସ୍ତାତ୍ତ୍ୱିକ ଉଭୟ ସ୍ତରରେ ସନ୍ତୁଳନ ରକ୍ଷା କରିବା ପାଇଁ ସମର୍ଥ। ପୃଥିବୀରେ ସମ୍ପ୍ରତି ପରିଲକ୍ଷିତ ହେଉଛି ଦ୍ରୁତ ସାମାଜିକ ରୂପାନ୍ତର। ଫଳରେ ମାନବ ସମାଜ ଏବେ ଅସାଧାରଣ ଭାବେ ବିଭ୍ରାନ୍ତ। ମାତ୍ର ମାନସିକ ଓ ଶାରୀରିକ ସନ୍ତୁଳନ ଉପଭୋଗ କରିପାରିଲେ ଜୀବନର ଯାବତୀୟ ଝଡଝଞ୍ଜା ଅତିକ୍ରମ କରିଯିବା ସହଜସାଧ୍ୟ ହୋଇଥାଏ। ଏହି ଉଦ୍ଦେଶ୍ୟ ଚରିତାର୍ଥ କରିଥାଏ ଯୋଗ। ସମ୍ପ୍ରତି ବଢ଼ି ଚାଲିଛି ମାନସିକ ଚାପ, ଉତ୍କଣ୍ଠା, ଉଦ୍‌ବିଗ୍ନତା। ହେଲେ ହରମୋନଗୁଡିକର କ୍ଷରଣକୁ ପ୍ରଭାବିତ କରି ଯୋଗ ମନ ଓ ଶରୀର ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବାରେ ସହାୟକ ହୋଇଥାଏ। ନିୟନ୍ତ୍ରିତ ହୋଇ ରହେ ରକ୍ତଚାପ। ଅନୁକୂଳ ଭାବରେ ପ୍ରଭାବିତ ହୁଏ ମସ୍ତିଷ୍କ କାର୍ଯ୍ୟ ଏବଂ ଶରୀରର ପ୍ରତିରକ୍ଷା ତନ୍ତ୍ର ଉପରେ ପଡେ ସନ୍ତୋଷଜନକ ପ୍ରଭାବ। ନିଜ ଦୈନନ୍ଦିନ ଜୀବନଶୈଳୀରେ ଯୋଗକୁ ଏକ ଅବିଚ୍ଛେଦ୍ୟ ଅଙ୍ଗ ରୂପେ ଗ୍ରହଣ କରିନେଲେ ସମସ୍ତଙ୍କର ସ୍ୱାସ୍ଥ୍ୟ ଯେ ଅତୁଟ ରହିପାରିବ, ଏହା ନିଃସନ୍ଦେହ।



**-ଡା. ନିତ୍ୟାନନ୍ଦ ସ୍ୱାଇଁ,**
'ଅଭୀପ୍‌ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡାନାସୀ, କଟକ, ମୋ: ୮୩୨୮୯୭୫୧୧୮

## ଯୋଗ ଏକ କଳା

ସାମ୍ପ୍ରତିକ ସମୟରେ ମଣିଷର ଜୀବନଶୈଳୀ ଶାରୀରିକ ଓ ମନସ୍ତାତ୍ତ୍ୱିକ ସ୍ୱାସ୍ଥ୍ୟ ପାଇଁ ଆଦୌ ଅନୁକୂଳ ହୋଇପାରୁନାହିଁ। ଫଳରେ ମାନସିକ ଚାପ, ଉତ୍କଣ୍ଠା, ଉଦ୍‌ବେଗ ତଥା ଦୀର୍ଘକାଳୀନ ଅଣସଂକ୍ରାମକ ଜୀବନଶୈଳୀ ରୋଗମାନ ବଢ଼ି ବଢ଼ି ଚାଲିଛି। ଏଭଳି ସ୍ଥିତିରୁ ସୁରକ୍ଷିତ ରହିବା ନିମନ୍ତେ ଯୋଗ ହିଁ ପ୍ରଧାନ ବିକଳ୍ପ। ଜଣଙ୍କର ଯେତେ ଶାରୀରିକ ସାମର୍ଥ୍ୟ ଥିଲେ ମଧ୍ୟ ମାନସିକ ସ୍ତରରେ ସେ ସୁସ୍ଥ ରହିବା ନିହାତି ଜରୁରୀ। ଉଭୟ ମାନସିକ ଏବଂ ଶାରୀରିକ ସ୍ତରରେ ନିଜକୁ ସୁସ୍ଥ ରଖିବା ପାଇଁ ଏକ ସହଜ ତଥା ସରଳ ଉପାୟ ଅବଲମ୍ବନ କରିପାରନ୍ତି। କାରଣ ଏହି ଉପାୟଟି ବର୍ତ୍ତମାନ ବେଶ୍ ଆଦୃତ ହୋଇସାରିଛି। ତାହା ହେଲା ଯୋଗ। ଯୋଗର ରହିଛି ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ ପ୍ରଭାବ। ଯୋଗ ଏକ ବ୍ୟାୟାମ ନୁହେଁ, ଏହା ଏକ କଳା। ଏହା ଆବଶ୍ୟକ କରିଥାଏ ନିୟମିତ ଅଭ୍ୟାସ, ଧୈର୍ଯ୍ୟ ଏବଂ ସମୟ। ନିୟମିତ ଯୋଗ କରିଚାଲିଲେ ଧୀରେ ଧୀରେ ବିକାଶ ଲାଭ କରେ ମାନସିକ ସ୍ଥିରତା, ସନ୍ତୁଳନ, ଶ୍ୱାସକ୍ରିୟା ନିୟନ୍ତ୍ରଣ, ମନସ୍ତାତ୍ତ୍ୱିକ ସାମର୍ଥ୍ୟ, ଏକାଗ୍ରତା, ଶାରୀରିକ ଦକ୍ଷତା ଏବଂ ନମନୀୟତା ଇତ୍ୟାଦି।



## ସକାରାତ୍ମକ ମାନସିକତା ଓ ଯୋଗ

ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ନୀରୋଗ ରହିବାର ସହଜ ଉପାୟ

ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ। ରକ୍ତଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ଶୋଇ ପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ଏସବୁ ଠାରୁ ନିଜକୁ ଦୂରେଇ ରଖିବା ପାଇଁ ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

**ଫୁର୍‌ସତ**

# ସଙ୍ଗୀତର ଲୋକପ୍ରିୟତା ବଢ଼ାଉଛି ସୋସିଆଲ ମିଡିଆ

ଏବେ ଓଡ଼ିଆ ସଙ୍ଗୀତ କେବଳ ଓଡ଼ିଶାରେ ସୀମିତ ହୋଇନାହିଁ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବା ସହ ଲୋକଙ୍କ ହୃଦୟ ଜିଣୁଛି। ଗୀତକୁ ନ ବୁଝିଲେ ବି ଉପଭୋଗ କରୁଛନ୍ତି। ଏ କ୍ଷେତ୍ରରେ ସୋସିଆଲ ମିଡିଆ ବଡ଼ ଭୂମିକା ନେଉଛି। ବିଶେଷକରି ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ୍ ଓ ଫେସ୍‌ବୁକ୍ ରିଲ୍ସ ମାଧ୍ୟମରେ ରାଜ୍ୟ ତଥା ଦେଶବିଦେଶର ପ୍ରତିଷ୍ଠିତ ଇନଫ୍ଲୁଏନ୍ସର୍‌ମାନେ ଓଡ଼ିଆ ଗୀତକୁ ଭିନ୍ନଭିନ୍ନ ଢଙ୍ଗରେ ପରିବେଷଣ କରୁଛନ୍ତି। ଫଳରେ ଏହାର ଲୋକପ୍ରିୟତା ବଢ଼ିବା ସହ ଓଡ଼ିଶାର ଗୌରବ ବୃଦ୍ଧି ପାଉଛି। ସେହିପରି ଏବେ ଅନେକ ଓଡ଼ିଆ ଗୀତରେ ହିନ୍ଦୀ ଭାଷାର ପ୍ରୟୋଗ ବହୁତ କମ୍ ହେଉଛି। ଖାଣ୍ଟି ଓଡ଼ିଆ ଭାଷାରେ ପ୍ରସ୍ତୁତ ଗୀତ ବେଶି ଲୋକପ୍ରିୟତା ହାସଲ କରୁଛି। କହିବାକୁ ଗଲେ, ସୋସିଆଲ ମିଡିଆ ପାଇଁ ଓଡ଼ିଆ ସଙ୍ଗୀତ ଦୁନିଆରେ ପରିବର୍ତ୍ତନ ଆସିଛି। ମାତ୍ର ଏହାକୁ ନେଇ ବେଳେବେଳେ ବିତର୍କ ବି ହେଉଛି। ଶୁକ୍ରବାର ବିଶ୍ୱ ସଙ୍ଗୀତ ଦିବସ ପରିପ୍ରେକ୍ଷୀରେ ବର୍ତ୍ତମାନ ଓଡ଼ିଆ ସଙ୍ଗୀତର ସ୍ଥିତି ଓ ସୋସିଆଲ ମିଡିଆର ଭୂମିକାକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।

**- ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ**

### ଆଜି ବିଶ୍ୱ ସଙ୍ଗୀତ ଦିବସ



### ଭଲ ଗୀତର ତର୍ଜମା ହେଲେ ସଙ୍ଗୀତର ମାନ ଆହୁରି ବଢ଼ିବ



ପ୍ରତି ୨୫ବର୍ଷରେ ଥରେ ଟେକ୍ନୋଲୋଜିର ଆଖିଦୃଶିଆ ପରିବର୍ତ୍ତନ ଆସିଥାଏ। ତେଣୁ ଖୁସିର କଥା, ବର୍ତ୍ତମାନର ଟେକ୍ନୋଲୋଜି ପାଇଁ ଅନ୍ତତଃ ପକ୍ଷେ ଗୀତକୁ ସଂଗୃହୀତ କରି ରଖି ହେଉଛି, ଯାହା ଆଗରୁ ହୋଇପାରୁ ନ ଥିଲା। ସବୁ ଗୀତ ବାହାରେ ପହଞ୍ଚି ପାରୁନି। କେତେକ ପହଞ୍ଚୁଛି, ଯାହାର ଅଧିକ ଲୋକପ୍ରିୟତା ରହୁଛି ବୋଲି ଧରି ନେବାକୁ ହେବ। ମାତ୍ର ଅକ୍ଷୟ ମହାନ୍ତିଙ୍କ ପରେ ଓଡ଼ିଆ ସଙ୍ଗୀତ ଜଗତରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିବା ଆଜି ବି ସମ୍ଭବ ହୋଇପାରିନି। ଏହାର ଅର୍ଥ ଆମ ସଙ୍ଗୀତ ଜଗତ କହିଲେ, ସେହି ୮୦ ଦଶକକୁ ବୁଝାଉଛି। ସୋସିଆଲ ମିଡିଆରେ ଗୀତଟି ଖରାପ ହେଲେ ଯେତିକି ବିଶ୍ଳେଷଣ ହେଉଛି, ଭଲ ଲାଗିଲେ ଯଦି ତାହାର ତର୍ଜମା କରାଯାଆନ୍ତା ତା'ହେଲେ ସଙ୍ଗୀତର ମାନ ଆହୁରି ବୃଦ୍ଧି ପାଆନ୍ତା। ଆଜିକାଲିର ଗୀତ କହିଲେ, ଯୁବପିଢ଼ି ଇନ୍‌ଷ୍ଟାଗ୍ରାମ ରିଲ୍ସରେ ୩୦ରୁ ୯୦ ସେକେଣ୍ଡ ଭିତରେ ଆସୁଥିବା ଧାଡ଼ିଗୁଡ଼ିକୁ ବୁଝନ୍ତି। ମାତ୍ର ପୂରା ଗୀତ କେହି ଶୁଣିଥିବେ କି ନାହିଁ ସନ୍ଦେହ। ତେଣୁ ଗୀତଗୁଡ଼ିକ ସାମାଜିକ ଗଣମାଧ୍ୟମ ପରିପ୍ରେକ୍ଷୀ ନ ହୋଇ ଭାଷା, ସାହିତ୍ୟ ସହ ଜଡ଼ିତ ହେବା ସହ ସହଜ ଓ ସରଳ ହେଲେ ଶ୍ରୋତାଙ୍କ ମନକୁ ଆହୁରି ଛୁଇଁ ପାରିବ।

**- ସୁମିତ ପଣ୍ଡା, ଗୀତିକାର**

### ନବାଗତଙ୍କୁ ପ୍ଲାଟ୍‌ଫର୍ମ ଦେଇଛି ସୋସିଆଲ ମିଡିଆ



ସୋସିଆଲ ମିଡିଆର ପାୱାର୍ ବହୁତ ବଢ଼ିଯାଇଛି। ପୂର୍ବଠାରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରୁଛି। ହିଟ୍ ନ ହେବା ଗୀତ ବି ହିଟ୍ ହେଉଛି। ତେବେ ଏ କ୍ଷେତ୍ରରେ ନୂଆ ପିଢ଼ିଙ୍କୁ ସୁଯୋଗ ଦେବାର ଆବଶ୍ୟକତା ରହିଛି। ତା' ହେଲେ ଯାଇ ଓଡ଼ିଆ ଗୀତ ଆହୁରି ଭଲ ହୋଇପାରିବ। ସେମାନେ ଏବେ ଭଲ କାମ କରୁଛନ୍ତି। ସୋସିଆଲ ମିଡିଆ ସେମାନଙ୍କୁ ଏକ ପ୍ଲାଟଫର୍ମ ଦେଇଛି, ଯାହାର ଲାଭ ସେମାନେ ଉଠାଉଛନ୍ତି ଏବଂ ଓଡ଼ିଆ ସଙ୍ଗୀତ ଶିଳ୍ପ ମଧ୍ୟ ପରିବ୍ୟାପ୍ତ ହେଉଛି।

**- ପ୍ରଶାନ୍ତ ପାଢ଼ୀ, କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ**

### ଲୋକପ୍ରିୟତା ମିଳୁଛି, କିନ୍ତୁ ରିଲ୍ସ ଗୀତ ନିର୍ଦ୍ଦିଷ୍ଟ ସମୟସୀମାରେ ରହିଯାଉଛି



ସଙ୍ଗୀତର କିଛି ଭାଷାଗତ ପ୍ରତିବନ୍ଧକ ନ ଥାଏ। ଓଡ଼ିଆ ଗୀତର ସକ୍ଷମତା ସେତିକି ଅଛି ଯେ, ତାହା ଅନ୍ତର୍ଜାତୀୟ ସ୍ତରରେ ଶ୍ରୋତାଙ୍କୁ ବାନ୍ଧି ରଖିପାରିବ। ଇନ୍‌ଷ୍ଟାଗ୍ରାମରେ ଲାର୍ଜର ଅଡିଏନ୍ସ ରହୁଥିବାରୁ ଯେଉଁଗୀତ ଭଲ ଲାଗୁଛି, ତାହା ବାହାରେ ଭଲ ଲୋକପ୍ରିୟତା ପାଇପାରୁଛି। ମୋର ମଧ୍ୟ ବ୍ୟକ୍ତିଗତ ଅନୁଭବ କି ମୋତେ ଇନ୍‌ଷ୍ଟାଗ୍ରାମ ହିଁ ଗୋଟେ ପ୍ଲାଟଫର୍ମ ଦେଲା, ଯେଉଁଥିପାଇଁ ଆଜି ଶ୍ରୋତାଙ୍କୁ ମୋ ଗୀତ ଶୁଣାଇବାର ସୁଯୋଗ ପାଇପାରିଲି। ସାମାଜିକ ଗଣମାଧ୍ୟମ ହିଁ ଆଜି ଲୋକଙ୍କ ପାଖରେ ମୋତେ ପହଞ୍ଚାଇଛି। ଗୋଟେ କ୍ରିଏଟର୍ ସବୁବେଳେ ଚାହେଁ, ତା'ର କାମକୁ ପରିଶ୍ରମ ଅନୁସାରେ ଫଳ ମିଳୁ। ମାତ୍ର ରିଲ୍ସ ଦ୍ୱାରା ଅନେକ ସମୟରେ ଗୀତଗୁଡ଼ିକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ରହିଯାଉଛି।

**- ମୃଣ୍ମୟ ମନୋରଞ୍ଜନ ସୁନ୍ଦରରାୟ, କଣ୍ଠଶିଳ୍ପୀ**

### ଭବିଷ୍ୟତରେ ବଡ଼ ସମସ୍ୟା ଉପୁଜିପାରେ



ଯୁଗ ସହ ବଦଳୁଛି ସଙ୍ଗୀତ ଦୁନିଆ। ସୋସିଆଲ ମିଡିଆ ଆସିବା ପରେ ମ୍ୟୁଜିକର ଅନେକ ପରିବର୍ତ୍ତନ ଆସିଛି। ଏବେ ଶ୍ରୋତାଙ୍କ ପାଖେ ଗୀତ ପହଞ୍ଚାଇବା ବହୁତ ସହଜ ହୋଇଯାଇଛି। ଅନେକ ନୂଆ ପିଲା ସୁଯୋଗ ପାଉଛନ୍ତି। ଏଥିସହ ଯେଉଁ ଓଡ଼ିଆ ଗୀତ ରିଲ୍ସରେ ପପୁଲାର ହୋଇଯାଉଛି, ଶ୍ରୋତା ତା'ର ୟୁଟ୍ୟୁବ୍ ଲିଙ୍କକୁ ଯାଇ ବହୁତ ଭଲ ପାଇବା ଦେଉଛନ୍ତି। କିନ୍ତୁ ଏହା ଦ୍ୱାରା ଗୀତିକାରଙ୍କ ଉପରେ ପ୍ରଭାବ ପଡୁଛି। ଏଥିସହ ପ୍ରଯୋଜକ ବା ନିର୍ଦ୍ଦେଶକଙ୍କୁ ସେମିତି ଗୀତ ଅର୍ଡର ଆସୁଛି, ଯାହା ଭାଇରାଲ ହୋଇପାରୁଥିବ। ଫଳରେ ଭଲ ଗୀତଗୁଡ଼ିକର ଚାହିଦା କମିଯାଉଛି। ଏହା ଭବିଷ୍ୟତରେ ଏକ ବଡ଼ ସମସ୍ୟା ସାଜିପାରେ।

**- ସ୍ମିତ ପଟ୍ଟନାୟକ, ଗୀତିକାର**

# ଚିପ୍ସ ପ୍ୟାକେଟ୍‌ରେ ମଲା ବେଙ୍ଗ

**ଜାମନଗର:** ମୁମ୍ବାଇରେ ଏକ ଆଇସ୍‌କ୍ରିମରୁ ମଣିଷର ଆଙ୍ଗୁଠି ମିଳିବାର କିଛି ଦିନ ପରେ ଏକ ସମାନ ମାମଲା ଗୁଜରାଟରେ ଦେଖିବାକୁ ମିଳିଛି। ଜାମନଗର ସହରର ଏକ ଦୋକାନରୁ ଜସ୍ମିନ ପଟେଲ(୨୩) ନାମ୍ନୀ ଜଣେ ଯୁବତୀ ଓ ତାଙ୍କ ପୁତୁରା(୪) ବୁଧବାର ଏକ ଚିପ୍ସ ପ୍ୟାକେଟ୍ କିଣିଥିଲେ। ତେବେ ଘରକୁ ଯାଇ ଦେଖିବା ପରେ ଏହି ଚିପ୍ସ ପ୍ୟାକେଟ ମଧ୍ୟରେ ସେମାନେ ଏକ ମଲା ବେଙ୍ଗ ପଡ଼ିଥିବାର ଦେଖିବାକୁ ପାଇଥିଲେ। ଉକ୍ତ ମଲା ବେଙ୍ଗଟି ପ୍ୟାକେଟ ମଧ୍ୟରେ ସମ୍ପୂର୍ଣ୍ଣ ପଚି ଯାଇଥିବା ଜସ୍ମିନ କହିଛନ୍ତି। ପରେ ଯୁବତୀଙ୍କ ଅଭିଯୋଗ ପରେ ଗୁରୁବାର ଜାମନଗର ନଗର ନିଗମ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାକୁ ନେଇ ତଦନ୍ତ ଜାରି ରହିଛି ଓ ଜାମନଗର ନଗର ନିଗମ କମିଶନରଙ୍କ ପକ୍ଷରୁ ଉକ୍ତ ଆଳୁ ଚିପ୍ସ ଉତ୍ପାଦନକାରୀ କମ୍ପାନୀକୁ ନୋଟିସ ଜାରି ହୋଇଥିବା ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଡି.ବି. ପରମାର ସୂଚନା ଦେଇଛନ୍ତି।



# 'ମିର୍ଜାପୁର ୩' ଟ୍ରେଲର ରିଲିଜ୍

**ମୁମ୍ବାଇ:** ଅଭିନେତା ପଙ୍କଜ ତ୍ରିପାଠୀଙ୍କ ପ୍ରସିଦ୍ଧ ୱେବ୍ ସିରିଜ୍ 'ମିର୍ଜାପୁର ୩'କୁ ପ୍ରଶଂସକମାନେ ଅନେକ ଦିନ ଧରି ଅପେକ୍ଷା କରି ରହିଛନ୍ତି। ଗୁରୁବାର ଏହି ୱେବ୍ ସିରିଜ୍‌ର ଟ୍ରେଲର ରିଲିଜ୍ ହୋଇଛି। ଗତ ସିଜନ ଭଳି ଚଳିତ ସିଜନ୍‌ରେ ମଧ୍ୟ ମିର୍ଜାପୁରର ଚୌକି ପାଇଁ ଲଢ଼େଇ ଦେଖିବାକୁ ମିଳିବ ବୋଲି ଏହି ଟ୍ରେଲରରୁ ଜଣାପଡ଼ିଛି। ତେବେ ପୂରା ଟ୍ରେଲରରେ ପଙ୍କଜ ତ୍ରିପାଠୀ ଶେଷ କିଛି ସେକେଣ୍ଡ୍‌ରେ ନଜର ଆସିଛନ୍ତି। ଟ୍ରେଲରରେ ପଙ୍କଜଙ୍କ ଜବରଦସ୍ତ ଏଣ୍ଟ୍ରି ପ୍ରଶଂସକଙ୍କୁ ମତୁଆଲା କରିବାକୁ ସକ୍ଷମ ହୋଇଛି। ସେହିପରି ଏହି ଟ୍ରେଲରରେ ଜବରଦସ୍ତ ସଂଳାପ ମଧ୍ୟ ରହିଥିବା ଅନେକ ସିନେ ସମୀକ୍ଷକ କହିଛନ୍ତି।




'ମିର୍ଜାପୁର ୩'ରେ ଅଭିନେତା ଅଲି ଫଜଲଙ୍କୁ ଗତ ସିଜନଠାରୁ ଆହୁରି ଅଧିକ ଆକ୍ସନ ଅବତାରରେ ଦେଖିବାକୁ ମିଳିବ। ସେହିପରି ଚଳିତ ସିଜନରେ ଇଶା ତଲୱାର ଏବଂ ଅଞ୍ଜୁମ ଶର୍ମାଙ୍କ ଚରିତ୍ର ମଧ୍ୟ ଗତ ସିଜନଠାରୁ ଶକ୍ତିଶାଳୀ ରହିବ। ସେହିପରି ରସିକା ଦୁଗ୍ଗଲଙ୍କ ଚରିତ୍ର ମଧ୍ୟ ଏହି ସିରିଜର କାହାଣୀରେ ଅନେକ ମୋଡ଼ ଆଣିବାକୁ ଯାଉଛି। ଟ୍ରେଲର ଦେଖିବା ପରେ ଏହି ସିରିଜର କାହାଣୀରେ ଦେଖିବା ଅତ୍ୟନ୍ତ ମଜାଦାର ହେବ ବୋଲି ଅନେକ ପ୍ରଶଂସକ ଅନୁମାନ କରିଛନ୍ତି।

ପୂର୍ବରୁ ମିର୍ଜାପୁରର ଉଭୟ ସିଜନକୁ ପ୍ରଶଂସକମାନେ ବହୁତ ପସନ୍ଦ କରିଛନ୍ତି। ଉଭୟ ସିଜନରେ ଅଭିନେତା ଦିବ୍ୟେନ୍ଦୁ ଶର୍ମା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଥିଲେ। ତାଙ୍କ ଚରିତ୍ର ମୁନ୍ନା ଭୈୟା ପ୍ରଶଂସକଙ୍କୁ ଅପାର ମନୋରଞ୍ଜନର ଖୋରାକ ଯୋଗାଇଥିଲା। ତେବେ ମିର୍ଜାପୁରର ଦ୍ୱିତୀୟ ସିଜନର ଶେଷରେ ମୁନ୍ନା ଭୈୟାଙ୍କ ହତ୍ୟା ହୋଇଯାଇଥିବାରୁ ତୃତୀୟ ସିଜନରେ ଆଉ ଦିବ୍ୟେନ୍ଦୁ ଶର୍ମାଙ୍କୁ ଦେଖିବାକୁ ମିଳିବ ନାହିଁ। ତେଣୁ ଏହି ସିରିଜ୍‌ରେ ପ୍ରଶଂସକମାନେ ତାଙ୍କର ଅନୁପସ୍ଥିତିକୁ ଅନୁଭବ କରିବେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଅଭିନେତା ପଙ୍କଜ ତ୍ରିପାଠୀ ଚଳିତ ସିଜନରେ ଗତ ସିଜନ ଭଳି କାଲିନ୍ ଭୈୟା ଭୂମିକାରେ ନଜର ଆସିବେ। ପୁଣି ଥରେ ତାଙ୍କର ନିଖୁଣ ଅଭିନୟ ଦେଖିବାକୁ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଜୁଲାଇ ୫ରେ ଆମାଜନ ପ୍ରାଇମରେ ଷ୍ଟ୍ରିମିଂ ହେବାକୁ ଥିବା 'ମିର୍ଜାପୁର ୩' ୱେବ୍ ସିରିଜରେ ପଙ୍କଜ ତ୍ରିପାଠୀଙ୍କ ବ୍ୟତୀତ ଅଲି ଫଜଲ, ରସିକା ଦୁଗ୍ଗଲ, ଶିବ୍ ଚଢ଼ା, ରାଜେଶ ତୈଲାଙ୍ଗ, ବିଜୟ ବର୍ମା, ଶ୍ୱେତା ତ୍ରିପାଠୀ, ଇଶା ତଲୱାର ଏବଂ ଅଞ୍ଜୁ ଶର୍ମା ଭଳି ତାରକା ନଜର ଆସିବେ।

# ଜାତୀୟ ସନ୍ତରଣରେ ଓଡ଼ିଶାର ଚମକ

ଓଡ଼ିଶାରେ ଏବେ ବିଭିନ୍ନ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ। ଏହାର ଫଳ ସ୍ୱରୂପ ଏଠାରେ କ୍ରମାଗତଭାବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ମାନ ଆୟୋଜନ ହେଉଛି। କେବଳ ସେତିକି ନୁହେଁ ଏହି ଅତ୍ୟାଧୁନିକ ଭିତ୍ତିଭୂମିରେ ଅଭ୍ୟାସ କରିବାଦ୍ୱାରା ଓଡ଼ିଶା ଖେଳାଳିଙ୍କ ପ୍ରଦର୍ଶନରେ ମଧ୍ୟ ଉନ୍ନତି ଆସିଛି। ନିକଟରେ ଅନୁଷ୍ଠିତ ଜାତୀୟ ସନ୍ତରଣ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ରୁ ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି। ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମର ଆକ୍ୱାଟିକ୍ ସେଣ୍ଟରରେ ଜାତୀୟ ସନ୍ତରଣ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ର ୨ୟ ସଂସ୍କରଣ ୩ ଦିନଧରି ଜୁନ୍ ୧୦ରୁ ୧୨ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହାର ଅନେକ ଇଭେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ବାହାର ରାଜ୍ୟର ସନ୍ତରଣକାରୀଙ୍କୁ ଚ୍ୟାଲେଞ୍ଜ ଦେଇଥିଲେ। ଏଥିରୁ କେତେକରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଥିଲେ ଓଡ଼ିଶା କ୍ରୀଡ଼ାବିତ୍। ପ୍ରତିଯୋଗିତାରେ ଓଡ଼ିଶା ସନ୍ତରଣ ପ୍ରତିଭାଙ୍କୁ ମୋଟ ୧୭ଟି ପଦକ ମିଳିଥିଲା। ଏହା ମଧ୍ୟରେ ୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ସାମିଲ। କେବଳ ମହିଳା ସୁଇମରମାନେ ୧୫ଟି ପଦକ ଜିତି ନିଜ ପ୍ରତିଭାର ପ୍ରମାଣ ଦେଇଥିଲେ। ପୁରୁଷ ପ୍ରତିଯୋଗୀଙ୍କ ମଧ୍ୟରୁ ଅଭିନବ ସିଂଙ୍କୁ ୨ଟି ବ୍ରୋଞ୍ଜ ପଦକ ମିଳିଥିଲା।

ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରୁ ସ୍ୱର୍ଣ୍ଣ ପଦକ ଦୃଷ୍ଟିରୁ ଅଧିକ ସଫଳ ରହିଥିଲେ ସୃଷ୍ଟି ଉପାଧ୍ୟାୟ। ସେ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ମାତ୍ର ସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଗଲେ ସବୁଠାରୁ ଅଧିକ ପଦକ ହାସଲ କରିଥିଲେ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ। ସେ ୩ ରୌପ୍ୟ ଓ ୨ ବ୍ରୋଞ୍ଜ ଏହିପରି ମୋଟ ୫ ପଦକ ହାସଲ କରିଥିଲେ। ସ୍ୱର୍ଣ୍ଣିମ ସଫଳତାକୁ ବିଚାରକୁ ନେଲେ ମନ୍ନତା ମିଶ୍ର ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଓଡ଼ିଶାର ଅନ୍ତର୍ଜାତୀୟ ଅଭିଜ୍ଞତାସମ୍ପନ୍ନ ପ୍ରତ୍ୟାଶା ରାୟ ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ଜିତି ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। ସୋନିଆ ପଟେଲ ଗୋଟିଏ ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଥିଲେ।

ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୨୦୦ ମିଟର ବଟରଫ୍ଲାଏରେ ସୃଷ୍ଟି ଉପାଧ୍ୟାୟ ସ୍ୱର୍ଣ୍ଣ, ୧୮ ବର୍ଷରୁ କମ୍ ବାଳିକା ୨୦୦ ମିଟର ବଟରଫ୍ଲାଏରେ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ରୌପ୍ୟ, ୫୦ ମିଟର ବାଳିକା ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ରୌପ୍ୟ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ବ୍ରୋଞ୍ଜ ଏବଂ ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୨୦୦ ମିଟର ଫ୍ରି ଷ୍ଟାଇଲରେ ପ୍ରତ୍ୟାଶା ରାୟ ରୌପ୍ୟ ପଦକ ପାଇଥିଲେ। ଦ୍ୱିତୀୟ ଦିବସରେ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ସ୍ୱର୍ଣ୍ଣ, ୧୦୦ ମିଟର ବଟରଫ୍ଲାଏରେ ସୃଷ୍ଟି ଉପାଧ୍ୟାୟ ସ୍ୱର୍ଣ୍ଣ, ଦିବ୍ୟଙ୍କା ପ୍ରଧାନ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ରୌପ୍ୟ ଓ ୧୦୦ ମିଟର ବଟରଫ୍ଲାଏରେ ବ୍ରୋଞ୍ଜ, ୧୦୦ ମିଟର ଫ୍ରିଷ୍ଟାଇଲରେ ସୋନିଆ ପଟେଲ ଓ ୧୫୦୦ ମିଟର ଫ୍ରିଷ୍ଟାଇଲରେ ଅଭିନବ ସିଂ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ତୃତୀୟ ଦିବସରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ବାଳିକା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ସ୍ୱର୍ଣ୍ଣ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ରୌପ୍ୟ, ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୫୦ ମିଟର ବଟରଫ୍ଲାଏରେ ସୃଷ୍ଟି ଉପାଧ୍ୟାୟ ସ୍ୱର୍ଣ୍ଣ, ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା ରାୟ ରୌପ୍ୟ ଓ ୪୦୦ ମିଟର ଫ୍ରିଷ୍ଟାଇଲରେ ବ୍ରୋଞ୍ଜ ଏବଂ ୧୮ ବର୍ଷରୁ କମ୍ ବାଳକ ୪୦୦ ମିଟର ଫ୍ରିଷ୍ଟାଇଲରେ ଅଭିନବ ସିଂ ବ୍ରୋଞ୍ଜ ପଦକ ଜିତିଥିଲେ।





ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ


ସୃଷ୍ଟି ଉପାଧ୍ୟାୟ

**କଳିଙ୍ଗ ଷ୍ଟାଡିୟମରେ ଜାତୀୟ ସନ୍ତରଣ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ୧୭ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସ୍ୱର୍ଣ୍ଣିମ ସଫଳତା ଦୃଷ୍ଟିରୁ ସୃଷ୍ଟି ଉପାଧ୍ୟାୟ ଆଗରେ ରହିଥିବାବେଳେ ସଂଖ୍ୟା ଦୃଷ୍ଟିରୁ ୫ ପଦକ ଜିତି ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ। ମନ୍ନତା ମିଶ୍ର, ପ୍ରତ୍ୟାଶା ରାୟ, ସୋନିଆ ପଟେଲ ଓ ଅଭିନବ ସିଂ ମଧ୍ୟ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି**

–ପ୍ରସ୍ତୁତି: ତପନ କୁମାର ସ୍ୱାଇଁ

## କାହାକୁ କେତେ ପଦକ

**ସୃଷ୍ଟି ଉପାଧ୍ୟାୟ (୩ ସ୍ୱର୍ଣ୍ଣ)**
ମହିଳା ୨୦୦ ମିଟର ବଟରଫ୍ଲାଏ (୨:୨୬.୧୮ ସେକେଣ୍ଡ)
ମହିଳା ୧୦୦ ମିଟର ବଟରଫ୍ଲାଏ (୧:୦୩.୪୮ ସେକେଣ୍ଡ)
ମହିଳା ୫୦ ମିଟର ବଟରଫ୍ଲାଏ (୨୯.୩୨ ସେକେଣ୍ଡ)

**ମନ୍ନତା ମିଶ୍ର (୨ ସ୍ୱର୍ଣ୍ଣ, ୧ ରୌପ୍ୟ)**
୧୮ ବର୍ଷରୁ କମ୍ ବାଳିକା ୧୦୦ ମି. ବ୍ୟାକ୍‌ଷ୍ଟ୍ରୋକ୍ (୧:୧୪.୭୧ ସେକେଣ୍ଡ)
୧୮ ବର୍ଷରୁ କମ୍ ବାଳିକା ୨୦୦ ମି. ବ୍ୟାକ୍‌ଷ୍ଟ୍ରୋକ୍ (୨:୪୦.୩୮ ସେକେଣ୍ଡ)
୧୮ ବର୍ଷରୁ କମ୍ ବାଳିକା ୫୦ ମି. ବ୍ୟାକ୍‌ଷ୍ଟ୍ରୋକ୍ (୩୪.୬୫ ସେକେଣ୍ଡ)

**ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ (୩ ରୌପ୍ୟ, ୨ ବ୍ରୋଞ୍ଜ)**
୧୮ ବର୍ଷରୁ କମ୍ ବାଳିକା ୨୦୦ ମି. ବଟରଫ୍ଲାଏ (୨:୨୯.୪୫ ସେକେଣ୍ଡ)
୧୮ ବର୍ଷରୁ କମ୍ ବାଳିକା ୧୦୦ ମି. ବ୍ରେଷ୍ଟଷ୍ଟ୍ରୋକ୍ (୧:୧୬.୧୦ ସେକେଣ୍ଡ)
୧୮ ବର୍ଷରୁ କମ୍ ବାଳିକା ୨୦୦ ମି. ବ୍ରେଷ୍ଟଷ୍ଟ୍ରୋକ୍ (୨:୪୮.୪୪ ସେକେଣ୍ଡ)
୧୮ ବର୍ଷରୁ କମ୍ ବାଳିକା ୫୦ ମି. ବ୍ରେଷ୍ଟଷ୍ଟ୍ରୋକ୍ (୩୫.୦୯ ସେକେଣ୍ଡ)
୧୮ ବର୍ଷରୁ କମ୍ ବାଳିକା ୫୦ ମି. ବଟରଫ୍ଲାଏ (୧:୦୭.୧୧ ସେକେଣ୍ଡ)

**ପ୍ରତ୍ୟାଶା ରାୟ (୨ ରୌପ୍ୟ, ୧ ବ୍ରୋଞ୍ଜ)**
ମହିଳା ୨୦୦ ମିଟର ଫ୍ରିଷ୍ଟାଇଲ (୨:୧୪.୫୯ ସେକେଣ୍ଡ)
ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ (୧:୦୭.୦୨ ସେକେଣ୍ଡ)
ମହିଳା ୪୦୦ ମିଟର ଫ୍ରିଷ୍ଟାଇଲ (୪:୪୫.୩୪ ସେକେଣ୍ଡ)

**ଅଭିନବ ସିଂ (୨ ବ୍ରୋଞ୍ଜ)**
୧୮ ବର୍ଷରୁ କମ୍ ବାଳକ ୧୫୦୦ମି. ଫ୍ରିଷ୍ଟାଇଲ (୧୮:୪୨.୩୩ ସେକେଣ୍ଡ)
୧୮ ବର୍ଷରୁ କମ୍ ବାଳକ ୪୦୦ମି. ଫ୍ରିଷ୍ଟାଇଲ (୪:୪୧.୨୦ ସେକେଣ୍ଡ)

**ସୋନିଆ ପଟେଲ (୧ ବ୍ରୋଞ୍ଜ)**
ମହିଳା ୧୦୦ ମିଟର ଫ୍ରିଷ୍ଟାଇଲ (୧:୦୧.୭୩ ସେକେଣ୍ଡ)

# ପଦକ ବିଜୟିନୀଙ୍କ କ୍ୟାରିୟର

**ପ୍ରତ୍ୟାଶା ରାୟ:** ବିଶ୍ୱବିଦ୍ୟାଳୟସ୍ତରୀୟ ହେଉ କିମ୍ବା ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତ୍ୟାଶା ରାୟ ଓଡ଼ିଶା ସନ୍ତରଣରେ ଏକ ଚର୍ଚ୍ଚିତ ଚେହେରା। ଚାରୁଶ୍ରୀ ବେହୁରା ଓ ରଜତ କୁମାର ରାୟଙ୍କ କନ୍ୟା ପ୍ରତ୍ୟାଶା ରାଜ୍ୟ ସ୍ତରରେ ଚମକ ସୃଷ୍ଟି କରିବାପରେ ୨୦୧୪ରେ ଜାତୀୟ ପଦାର୍ପଣ କରିଥିଲେ। ଇନ୍ଦୋରରେ ଅନୁଷ୍ଠିତ ସବ୍-ଜୁନିୟର ନ୍ୟାଶନାଲ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ୫୦ ମିଟ୍ ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିବା ପରଠାରୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଜାତୀୟ ସ୍ତରରେ ଇତିମଧ୍ୟରେ ପାଖାପାଖି ଦୁଇ ଡଜନ ପଦକ ଜିତି ସାରିଥିବା ପ୍ରତ୍ୟାଶା ୨୦୧୬ରେ ଅନ୍ତର୍ଜାତୀୟ ପଦାର୍ପଣରେ ସଫଳ ହୋଇଥିଲେ। ସେ ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ସାଉଥ୍ ଏସିଆନ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତି ନିଜ ଅନ୍ତର୍ଜାତୀୟ ପଦାର୍ପଣକୁ ସ୍ମରଣୀୟ କରି ଦେଇଥିଲେ। ୨୦୨୩ରେ ବ୍ୟାଙ୍କକ୍‌ର ଆସୁମ୍ପସନ ୟୁନିଭର୍ସିଟି ଆକ୍ୱାଟିକ୍ ସେଣ୍ଟରରେ ଅନୁଷ୍ଠିତ ଥାଇଲାଣ୍ଡ ଏଜ୍‌ଗ୍ରୁପ୍ ସୁଇମିଂ ଚାମ୍ପିୟନଶିପ୍‌ର ୫୦ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ୨ଟି ରୌପ୍ୟ ପଦକ ଜିତି ସେ ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଛନ୍ତି। ବରଗଡ଼ ଜିଲା ସରବୁଲ ଗ୍ରାମ ବାସିନ୍ଦା ପ୍ରତ୍ୟାଶା ସମ୍ପ୍ରତି ପରିବାର ସହ ଭୁବନେଶ୍ୱରରେ ରହୁଛନ୍ତି ଏବଂ କଳିଙ୍ଗ ଷ୍ଟାଡିୟମସ୍ଥିତ ଜେଏସ୍‌ଡବ୍ଲ୍ୟୁ ସୁଇମିଂ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ଅଭ୍ୟାସ କରୁଛନ୍ତି।

**ସୃଷ୍ଟି ଉପାଧ୍ୟାୟ:** ପଶ୍ଚିମବଙ୍ଗ ରାଜ୍ୟର କୋଲକାତା ବାସିନ୍ଦା ସୃଷ୍ଟି ଉପାଧ୍ୟାୟ ସମ୍ପ୍ରତି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମସ୍ଥିତ ଜେଏସ୍‌ଡବ୍ଲ୍ୟୁ ସୁଇମିଂ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ଅଭ୍ୟାସ କରୁଥିବାରୁ ୨୦୨୧-୨୨ରୁ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଆସୁଛନ୍ତି। ତାଙ୍କ ମା'ଙ୍କ ନାମ ସଞ୍ଜୁକ୍ତା ଓ ବାପା ତରୁଣ କୁମାର ଉପାଧ୍ୟାୟ। ଏଚ୍‌ପିସିରେ ଟ୍ରେନିଂ ନେଇ ସେ ଇତିମଧ୍ୟରେ ଅନ୍ତର୍ଜାତୀୟ ପଦାର୍ପଣ ମଧ୍ୟ କରିସାରିଛନ୍ତି। ଏହି ପଦାର୍ପଣ ତାଙ୍କପାଇଁ ସ୍ମରଣୀୟ ମଧ୍ୟ ହୋଇଛି। ୨୦୨୩ ଏପ୍ରିଲ ୧୦ ଓ ୧୧ରେ ବ୍ୟାଙ୍କକ୍‌ର ଆସୁମ୍ପସନ ୟୁନିଭର୍ସିଟି ଆକ୍ୱାଟିକ୍ ସେଣ୍ଟରରେ ଅନୁଷ୍ଠିତ ଥାଇଲାଣ୍ଡ ଏଜ୍‌ଗ୍ରୁପ୍ ସୁଇମିଂ ଚାମ୍ପିୟନଶିପ୍‌ର ୫୦, ୧୦୦ ଓ ୨୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସେ ୩ଟି ବ୍ରୋଞ୍ଜ ପଦକ ଜିତି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। କେବଳ ସେତିକି ନୁହେଁ ସେ ସମସ୍ତ ୩ଟି ଯାକ ବଟରଫ୍ଲାଏ ଏବଂ ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେ ଇଭେଣ୍ଟରେ ଶ୍ରେଷ୍ଠ ଟାଇମିଂ ଦେବାରେ ମଧ୍ୟ ସକ୍ଷମ ହୋଇଥିଲେ। ଜାତୀୟ ସ୍ତରରେ ଡଜନରୁ ଊର୍ଦ୍ଧ୍ୱ ପଦକ ଜିତି ସାରିଥିବା ସୃଷ୍ଟି ୨୦୨୩ରେ ଗୋଆର ପଞ୍ଜିମଠାରେ ଅନୁଷ୍ଠିତ ୩୭ତମ ଜାତୀୟ କ୍ରୀଡ଼ାର ୧୦୦ ମିଟର ବଟରଫ୍ଲାଏରେ ବ୍ରୋଞ୍ଜ ପଦକ ଜିତି ରାଜ୍ୟପାଇଁ ଇତିହାସ ସୃଷ୍ଟି କରିଥିଲେ। ଜାତୀୟ କ୍ରୀଡ଼ାରେ ସୁଇମିଂ ଇଭେଣ୍ଟରେ ଓଡ଼ିଶାପାଇଁ ଏହାଥିଲା ସର୍ବପ୍ରଥମ ପଦକ। ସେ ସେଠାରେ ୪x୧୦୦ ମିଟର ମିଡ୍‌ଲେ ରିଲେରେ ମଧ୍ୟ ବ୍ରୋଞ୍ଜ ଜିତିଥିଲେ। ଏବେ ସେ ଭୁବନେଶ୍ୱର ଏବଂ ଓଡ଼ିଶା ପାଇଁ ବିଭିନ୍ନ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରୁଛନ୍ତି।

**ମନ୍ନତା ମିଶ୍ର:** ଭୁବନେଶ୍ୱରର ମନ୍ନତା ମିଶ୍ର ମଧ୍ୟ ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରଦର୍ଶନର ଛାପ ଛାଡ଼ିବାପରେ ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି। ୨୦୨୪ ଫେବୃୟାରୀରେ ସେ ନୂଆଦିଲ୍ଲୀର ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ଅନୁଷ୍ଠିତ ପ୍ରଥମ ବିଆଇଏମ୍‌ଏସ୍‌ଟିଇସି (ବେ ଅଫ୍ ବେଙ୍ଗଲ ଇନସିଏଟିଭ୍ ଫର ମଲ୍ଟି-ସେକ୍ଟରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେଶନ) ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଏହା ହେଉଛି ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ପ୍ରଥମ ପଦକ। ରାଜ୍ୟ ସ୍ତରରେ ଅନେକ ପ୍ରତିଯୋଗିତାରେ ଚମକ ଦେଖାଇଥିବା ମନ୍ନତା ଜାତୀୟ ପ୍ରତିଯୋଗିତାରେ ମଧ୍ୟ ପ୍ରଦର୍ଶନ ମାଧ୍ୟମରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମା' ସୋମା ମିଶ୍ର ଓ ବାପା ମନୋଜ ମିଶ୍ରଙ୍କ ଏହି ଲଳନା ୨୦୧୭ରେ ପ୍ରଥମେ ଜାତୀୟ ପ୍ରତିଯୋଗିତାରେ ପାଦ ଦେଇଥିଲେ। ୨୦୧୯ରେ ମଧ୍ୟପ୍ରଦେଶର ଭୋପାଳରେ ଅନୁଷ୍ଠିତ ସିବିଏସ୍‌ଇ ନ୍ୟାଶନାଲ ସୁଇମିଂ ଚାମ୍ପିୟନଶିପ୍‌ର ୧୯ ବର୍ଷରୁ କମ୍ ବାଳିକା ୫୦ ଓ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ଜିତି କ୍ୟାରିୟରକୁ ଆଗକୁ ବଢ଼ାଇଥିଲେ।

**ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ:** ଅନ୍ତର୍ଜାତୀୟ ସ୍ତରରେ ପାଦ ଥାପି ନ ଥିଲେ ମଧ୍ୟ ଭୁବନେଶ୍ୱରର ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ରାଜ୍ୟ ଏବଂ ଜାତୀୟ ସ୍ତରରେ ଜଣେ ପ୍ରତିଭାସମ୍ପନ୍ନ ସନ୍ତରଣକାରୀଭାବେ ବେଶ୍ ପରିଚିତ। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସନ୍ତରଣ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ରେ ସେ ଜାତୀୟ କ୍ୟାରିୟର ଆରମ୍ଭ କରିଛନ୍ତି। ପଦାର୍ପଣରେ ସେ ଚମକ ଦେଖାଇ ୫ ପଦକ ହାସଲ କରିଛନ୍ତି। ଖେଲୋ ଇଣ୍ଡିଆ ସମେତ ବିଭିନ୍ନ ଏଜ୍‌ଗ୍ରୁପ୍ ପ୍ରତିଯୋଗିତାରେ ସେ ସଫଳତା ହାସଲ କରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। ବର୍ତ୍ତମାନ ସେ କଳିଙ୍ଗ ଷ୍ଟାଡିୟମସ୍ଥିତ ଜେଏସ୍‌ଡବ୍ଲ୍ୟୁ ସୁଇମିଂ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ଅଭ୍ୟାସ କରୁଛନ୍ତି।

**ସୋନିଆ ପଟେଲ:** ସମ୍ବଲପୁରର ସୋନିଆ ପଟେଲ ହେଉଛନ୍ତି ରାଜ୍ୟର ଅନ୍ୟତମ ପରିଚିତ ସନ୍ତରଣ ପ୍ରତିଭା। ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳ ପ୍ରଦର୍ଶନ କରିବାପରେ ୨୦୨୩ରେ ଜାତୀୟ ପଦାର୍ପଣରେ ଗୋଆର ପଞ୍ଜିମଠାରେ ଅନୁଷ୍ଠିତ ୩୭ତମ ଜାତୀୟ କ୍ରୀଡ଼ାର ୪x୧୦୦ ମିଟର ମିଡ୍‌ଲେ ରିଲେରେ ବ୍ରୋଞ୍ଜ ପଦକ ଜିତି କ୍ୟାରିୟରକୁ ଆଗକୁ ବଢ଼ାଇଥିଲେ। ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ଭଲ ପ୍ରଦର୍ଶନ କରିଆସିଛନ୍ତି। ସେ ଏବେ କଳିଙ୍ଗ ଷ୍ଟାଡିୟମରେ ଏଚ୍‌ପିସିରେ ଟ୍ରେନିଂ ନେଉଛନ୍ତି।


ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ସୋନିଆ ପଟେଲ ଓ ସୃଷ୍ଟି ଉପାଧ୍ୟାୟ।

## ଇଚ୍ଛାଶକ୍ତି

ଆର୍ମେନିଆଠାରେ ଟାଇଟଲ ଜିତି
ଗ୍ରାଣ୍ଡମାଷ୍ଟର ଏରିଗାସି
ଆଭାଙ୍ଗାନ ମେମୋରିଆଲ ଚେସ୍‌ରେ
ମ୍ୟାଚ ଡ୍ର' କଲା ବସି
ପେଟ୍ରୋସ୍ୟାନ ଗଲା ଖସି
ସର୍ବୋଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି
ଏଠାରେ
ରେକର୍ଡ କରିଛି ହସି।



ଭାରତୀୟ ଜାଭେଲିନ
ଥ୍ରୋୟର ନୀରଜ
ଥୟ କରି ଦେହ ମୁଣ୍ଡ
ଫିନ୍‌ଲାଣ୍ଡ ପାଭୋ ନୁର୍ମି ଗେମ୍ସରେ
ଗୋଲ୍ଡେନ ପାଇ ସେ ଷଣ୍ଢ
ଓଡ଼ିଶା ପ୍ରତୀକ ଧଣ୍ଡ
ସୁନା ପୁଅ ବୋଲି ଚହଳ ପଡ଼ଇ
ସହରଠୁ ଗାଁ ଦାଣ୍ଡ।

ଟି୨୦ କ୍ରିକେଟ ବିଶ୍ୱକପରେ
ଉଗାଣ୍ଡା ମାରିଛି ବାଜି
ୱାର୍ଲ୍ଡ କପ୍‌ରେ ଏ ହିଷ୍ଟୋରିକାଲ ୱିନ୍
ଖେଳାଳି ଆଣିଲେ ଜୁଟି
ଇଚ୍ଛାଶକ୍ତି ବଳେ ଆଜି
ଶିକ୍ଷା ବୈଷୟିକ କ୍ରୀଡ଼ାରେ
ସେ ଲୋକ
ସଫଳତା ପାଏ ଭଜି।

–ସୁବାସ ଚନ୍ଦ୍ର ପ୍ରଧାନ




# ଭାରତର ପ୍ରଭାବୀ ବିଜୟ

**ବାର୍ବାଡୋସ୍,୨୦।୬(ପି.ଟି.)**

ସୂର୍ଯ୍ୟକୁମାର ଯାଦବଙ୍କ ଅର୍ଦ୍ଧଶତକ ଓ ଯଶପ୍ରୀତ୍ ବୁମ୍ରାଙ୍କ ଘାତକ ବୋଲିଂ ବଳରେ ଆଫଗାନିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ ସୁପର୍-୮ ମ୍ୟାଚକୁ ୪୭ ରନ୍‌ରେ ଜିତି ନେଇଛି ଭାରତ। ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୧ ରନ୍ ସ୍କୋର କରିଥିଲା। ଜବାବରେ ଆଫଗାନିସ୍ତାନ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୪ ରନ୍ କରିଥିଲା। ଉଭୟ ବ୍ୟାଟ ଓ ବଲ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଭାରତ ପ୍ରଭାବୀ ବିଜୟ ହାସଲ କରିଛି।

ଟସ୍ ଜିତି ଭାରତୀୟ ଅଧିନାୟକ

**ଟି୨୦ ବିଶ୍ୱକପ୍**

ରୋହିତ ଶର୍ମା ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ରୋହିତ ଶର୍ମା(୮) ଓ ବିରାଟ କୋହଲି(୨୪) ପୁଣି ଥରେ ଫ୍ଲପ ହୋଇଥିଲେ। ରିଷଭ ପନ୍ତ ତୃତୀୟ ସ୍ଥାନରେ ଆସି କିଛି ଆକର୍ଷଣୀୟ ଶଟ୍ ଖେଳିଥିଲେ। ୧୧ ବଲ୍‌ରୁ ୪ ଚୌକା ସହ ୨୦ ରନ୍ କରି ସେ ରନ୍ ଗତି ବଢାଇଥିଲେ। ଦଳୀୟ ସ୍କୋର ୫୪ରେ ପନ୍ତ ଆଉଟ ହୋଇଥିଲେ। ଏହାର ୨ ଓଭର ମଧ୍ୟରେ ୨୪ ବଲ୍‌ରୁ ୨୪ ରନ୍ କରିଥିବା ବିରାଟ ମଧ୍ୟ ପ୍ୟାଭିଲିୟନ ଫେରିଥିଲେ। ଟି୨୦ରେ ବିଶ୍ୱର ଏକ ନମ୍ବର ବ୍ୟାଟର ସୂର୍ଯ୍ୟକୁମାର କ୍ରମାଗତ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିବା ସହ ସେ ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଶିବମ ଦୁବେ(୧୦)ଙ୍କ ସହିତ ସେ ୨୮ ରନ୍ ଓ ହାର୍ଦ୍ଦିକ ପାଣ୍ଡ୍ୟା (୩୨)ଙ୍କ ସହ ସେ ୬୦ ରନ୍ ଯୋଡିଥିଲେ। ମାତ୍ର ୨୮ ବଲ୍ ଖେଳି ୫ ଚୌକା ଓ ୩ ଛକା ମାରି ସେ ସ୍କୋର କରିଥିଲେ ୫୩ ରନ୍। ଅନ୍ୟ ପକ୍ଷରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୨୪ ବଲ୍ ଖେଳି ୩୨ ରନ୍ କରିଥିଲେ। ରବୀନ୍ଦ୍ର ଜାଡେଜା ମାତ୍ର ୭ ରନ୍ କରି ଆଉଟ ହୋଇଥିବା ବେଳେ ଅନ୍ତିମ ଓଭରରେ ୬ ବଲ୍‌ରୁ ୧୨ ରନ୍ କରି ଭାରତୀୟ ସ୍କୋରକୁ ୧୮୧ରେ ପହଞ୍ଚାଇ ଥିଲେ। ଆଫଗାନିସ୍ତାନ ପକ୍ଷରୁ ସଫଳ ବୋଲର ଭାବରେ ଫଜଲ୍ଲକ ଫାରୁକି ଓ ରଶିଦ ଖାନ୍ ୩ଟି ଲେଖାଏ ନବୀନ ଉଲ ହକ୍ ଗୋଟିଏ ଉଇକେଟ ନେଇଥିଲେ।

୧୮୨ ରନ୍ ଜବାବରେ ଆଫଗାନିସ୍ତାନ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଅଜମତଉଲ୍ଲା ଓମାରଜାଇ ସର୍ବାଧିକ ୨୬ ରନ୍ କରିଥିବା ବେଳେ ନଜିବୁଲ୍ଲା ଜଦ୍ରାନ ୧୯ ଓ ଗୁଲବଦିନ ନାଇବ ୧୭ ରନ୍ କରିଥିଲେ। ଆଫଗାନିସ୍ତାନର ୫ ଜଣ ବ୍ୟାଟର ୨ ଅଙ୍କ ଛୁଇଁ ପାରି ନ ଥିଲେ। ଭାରତ ପକ୍ଷରୁ ଯଶପ୍ରୀତ ବୁମ୍ରା ଓ ଅର୍ଶଦୀପ ସିଂ ୩ଟି ଲେଖାଏ, କୁଲଦୀପ ଯାଦବ ଦୁଇଟି, ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୮୧/୮ (ସୂର୍ଯ୍ୟକୁମାର ଯାଦବ-୫୩, ହାର୍ଦ୍ଦିକ ପାଣ୍ଡ୍ୟା-୩୨, ବିରାଟ କୋହଲି-୨୪, ରଶିଦ୍ ଖାନ୍-୩/୨୬, ଫଜଲ୍ଲକ ଫାରୁକି-୩/୩୩, ନବୀନ ଉଲ୍ ହକ୍-୧/୪୦)। ଆଫଗାନିସ୍ତାନ ୨୦ ଓଭରରେ ୧୩୪/୧୦ (ଅଜମତଉଲ୍ଲା ଓମାରଜାଇ-୨୬, ନଜିବୁଲ୍ଲା ଜଦ୍ରାନ୍-୧୯, ଗୁଲବଦିନ ନାଇବ-୧୭, ଯଶପ୍ରୀତ୍ ବୁମରା-୩/୭, କୁଲଦୀପ ଯାଦବ-୨/୩୨, ଅର୍ଶଦୀପ ସିଂ-୩/୩୬।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ସୂର୍ଯ୍ୟକୁମାର ଯାଦବ।

# ସୁପର-୮ରେ ଇଂଲଣ୍ଡର ସହଜ ବିଜୟ

**ଗ୍ରସ୍ ଆଇଲେଟ୍, ୨୦।୬ (ପି.ଟି.)**

ଟି୨୦ ବିଶ୍ୱକପ୍‌ର ସୁପର-୮ରେ ଆୟୋଜକ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛି ଇଂଲଣ୍ଡ। ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌କୁ ଇଂଲଣ୍ଡ ୮ ଉଇକେଟରେ ଜିତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ୪ ଉଇକେଟ ହରାଇ ୧୮୦ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ୧୫ ବଲ୍ ବାକି ଥାଇ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଇଂଲଣ୍ଡ ପକ୍ଷରୁ ଫିଲ ସଲ୍ଟ ବିସ୍ଫୋରକ ବ୍ୟାଟିଂ କରି ଅପରାଜିତ ୮୭ ରନ୍ କରିଥିଲେ। ଅଳ୍ପକେ ସୁପର-୮ରେ ପ୍ରବେଶ କରିଥିବା ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ଗୁରୁବାର ବିଜୟ ସହ ଗ୍ରୁପ-୧ର ଶୀର୍ଷରେ ପହଞ୍ଚିଛି।

ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିଥିବା ବେଳେ ୱେଷ୍ଟଇଣ୍ଡିଜ୍ ୧୮୦ ରନ୍ କରିଥିଲା। ଜଣେ ବି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିବା ବେଳେ ଜନସନ୍ ଚାର୍ଲ୍ସ ସର୍ବାଧିକ ୩୮ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିକୋଲାସ ପୁରନ, ରୋଭମାନ ପାୱେଲ ୩୬ ରନ୍ ଲେଖାଏ କରିଥିଲେ। ଶେଷ ଭାଗରେ ଶର୍ଫେନ୍ ରଦରଫୋର୍ଡ ୧୫ ବଲ୍‌ରୁ ୨୮ ରନ୍ କରିଥିଲେ। ବ୍ରାଣ୍ଡନ କିଙ୍ଗ (୨୩) ଓ ଚାର୍ଲ୍ସ ଓପନିଂ କରିଥିଲେ। କିଙ୍ଗ ୨୩ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିବା ବେଳେ ଦଳୀୟ ସ୍କୋର ୯୪ରେ ପ୍ୟାଭିଲିୟନ ଫେରିଥିଲେ ଚାର୍ଲ୍ସ। ୩୪ ବଲ୍ ଖେଳି ୪ ଚୌକା ଓ ୧ ଛକା ସହ ସେ ୩୮ ରନ୍ କରିଥିଲେ। ପରେ ପୁରନ୍ ଓ ପାୱେଲ ଦଳୀୟ ସ୍କୋର ୧୪୧ରେ ପହଞ୍ଚାଇଥିଲେ। ମାତ୍ର ୪ ରନ୍ ବ୍ୟବଧାନରେ ଉଭୟ ବ୍ୟାଟର ଆଉଟ ହେବାରୁ ଘରୋଇ ଦଳ ସଙ୍କଟରେ ପଡିଥିଲା। ତେବେ ରଦରଫୋର୍ଡ ୧ ଚୌକା ଓ ୨ ଛକା ସହ ୧୫ ବଲ୍‌ରୁ ୨୮ ରନ୍ କରି ଦଳକୁ ୧୮୦ ରନ୍‌ରେ ପହଞ୍ଚାଇଥିଲେ। ଇଂଲଣ୍ଡ ପକ୍ଷରୁ ଲିଆମ୍ ଲିଭିଙ୍ଗଷ୍ଟୋନ, ମୋଇନ୍ ଅଲୀ, ଆଦିଲ ରଶିଦ୍ ଓ ଜୋଫ୍ରା ଆର୍ଚରେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଲ୍ଟଙ୍କ ବିସ୍ଫୋରକ ବ୍ୟାଟିଂ**



ଇଂଲଣ୍ଡ ପକ୍ଷରୁ ଫିଲ୍ ସଲ୍ଟ(୮୭) ଓ ଜୋସ୍ ବଟଲର(୨୫) ପ୍ରଥମ ଉଇକେଟରେ ୬୭ ରନ୍ ଯୋଡିଥିଲେ। ଅଷ୍ଟମ ଓଭରରେ ବଟଲର ୨୦ ବଲ୍‌ରୁ ୨୫ ରନ୍ କରି ରଷ୍ଟନ ଚେଜ୍‌ଙ୍କ ବଲ୍‌ରେ ଆଉଟ ହୋଇଥିଲେ। ପରବର୍ତ୍ତୀ ବ୍ୟାଟର ମୋଇନ୍ ଅଲୀ ମଧ୍ୟ ମାତ୍ର ୧୩ ରନ୍ କରି ପାରିଥିଲେ। ତେବେ ୮୪ ରନ୍‌ରେ ଦ୍ୱିତୀୟ ଉଇକେଟର ପତନ ପରେ ସଲ୍ଟଙ୍କ ସହ କ୍ରିଜ୍‌ରେ ଯୋଗ ଦେଇଥିଲେ ଜନି ବେୟାରଷ୍ଟୋ। ଉଭୟ ଖେଳାଳି ଅବିଭାଜିତ ୯୭ ରନ୍ ଯୋଡିବା ସହ ଇଂଲଣ୍ଡକୁ ବିଜୟୀ କରିଥିଲେ। ସଲ୍ଟ ୪୭ ବଲ୍ ଖେଳି ୭ ଚୌକା ଓ ୫ ଛକା ସହ ୮୭ ରନ୍ କରିଥିଲେ। ଅନ୍ୟପକ୍ଷରେ ବେୟାରଷ୍ଟୋ ୨୬ ବଲ୍ ଖେଳି ୫ ଚୌକା ଓ ୨ ଛକା ମାରି ୪୮ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ରଷ୍ଟନ ଚେଜ୍ ଓ ଆନ୍ଦ୍ରେ ରସେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୧୮୦/୪(ଜନ୍‌ସନ୍ ଚାର୍ଲ୍ସ-୩୮, ନିକୋଲାସ ପୁରନ-୩୬, ରୋଭମାନ ପାୱେଲ-୩୬, ମୋଇନ୍ ଅଲୀ-୧/୧୫, ଲିଆମ୍ ଲିଭିଙ୍ଗଷ୍ଟୋନ-୧/୨୦, ଆଦିଲ ରଶିଦ୍-୧/୨୧)। ଇଂଲଣ୍ଡ ୧୭.୩ ଓଭରରେ ୧୮୧/୨(ଫିଲିପ୍ ସଲ୍ଟ-୮୭*, ଜନି ବେୟାରଷ୍ଟୋ-୪୮*, ଜୋଶ ବଟଲର-୨୫, ରଷ୍ଟନ ଚେଜ୍-୧/୧୯, ଆନ୍ଦ୍ରେ ରସେଲ୍-୧/୨୧)।

**ଟି୨୦ ବିଶ୍ୱକପ**

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ବାଂଲାଦେଶ**
ସ୍ଥାନ: ଆଣ୍ଟିଗୁଆ
ସମୟ: ସକାଳ ୬ଟା

**ଇଂଲଣ୍ଡ ବନାମ ଦ.ଆଫ୍ରିକା**
ସ୍ଥାନ: ସେଣ୍ଟ ଲୁସିଆ
ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ପ୍ୟାରିସ୍ ଅଲିମ୍ପିକ୍ସ**

# ୨୭ ଜଣିଆ ସମ୍ଭାବ୍ୟ ହକି ଦଳ

**ବେଙ୍ଗାଲୁରୁ,୨୦।୬(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଗୁରୁବାର ଭାରତୀୟ ସମ୍ଭାବ୍ୟ ହକି ଦଳ ଘୋଷଣା କରାଯାଇଛି। ୨୭ ଜଣିଆ ଦଳରୁ ଷ୍ଟ୍ରାଇକର ଦିଲପ୍ରୀତ ଏକମାତ୍ର ଖେଳାଳି ଭାବରେ ବାଦ ପଡିଛନ୍ତି। ବେଙ୍ଗାଲୁରୁ ସାଇ ସେଣ୍ଟରରେ ଜୁନ୍ ୨୧ରୁ ଆରମ୍ଭ ହେବାକୁ ଥିବା ହକି କ୍ୟାମ୍ପ ଜୁଲାଇ ୮ ଯାଏ ଚାଲିବ। ଅଲିମ୍ପିକ୍ସ ପାଇଁ ଭାରତ କଷ୍ଟସାଧ୍ୟ ଗ୍ରୁପ୍ ବିରେ ସ୍ଥାନ ପାଇଛି। ଭାରତ ସହିତ ବେଲଜିୟମ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ଏହି ଗ୍ରୁପରେ ସ୍ଥାନ ପାଇଛନ୍ତି। ଭାରତୀୟ ଦଳ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳି ସାରି ପ୍ରତ୍ୟାବର୍ତ୍ତନ କରିଛି। ଭାରତ ୧୬ ମ୍ୟାଚ୍ ଖେଳି ୨୪ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି।

**ଭାରତୀୟ ଦଳ:**

ଗୋଲକିପର: କ୍ରିଷନ୍ ବାହାଦୂର ପାଠକ, ପି.ଆର. ଶ୍ରୀଜେସ୍, ସୁରଜ କାର୍କେରା।

ଡିଫେଣ୍ଡର: ହରମନ୍‌ପ୍ରୀତ୍ ସିଂ, ଜରମନ୍‌ପ୍ରୀତ୍ ସିଂ, ଅମିତ ରୋହିଦାସ, ଯୁଗରାଜ ସିଂ, ସଞ୍ଜୟ, ଅମୀର ଅଲୀ।

ମିଡଫିଲ୍ଡର: ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ସୁମିତ, ସମଶେର ସିଂ, ନୀଲକାନ୍ତ ଶର୍ମା, ରାଜକୁମାର ପାଲ, ବିଷ୍ଣୁକାନ୍ତ ସିଂ, ଆକାଶଦୀପ ସିଂ, ମହମ୍ମଦ ରାହିଲ ମୌସିନ୍।

ଫରୱାର୍ଡ: ମନଦୀପ୍ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଦୀଲପ୍ରିତ ସିଂ, ସୁଖଜିତ ସିଂ, ଗୁରୁଜନ୍ତ ସିଂ, ବବି ସିଂ ଧାମି, ଅରାଇଜିତ ସିଂ ହୁଣ୍ଡାଲ।

# ସାର୍ଥକଙ୍କ ଦ୍ୱିଶତକ: ପ୍ରୀତମ, ପ୍ରୟାନଙ୍କ ଶତକ

**ଭୁବନେଶ୍ୱର, ୨୦।୬ (ବିଜୟ ରଣା)**

କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ପ୍ରିମିୟର ଲିଗ୍ ୨୦୨୪ର ଗୁରୁବାର ଖେଳାଯାଇଥିବା ମ୍ୟାଚ୍ ଗୁଡ଼ିକରେ ଖୋର୍ଦ୍ଧା, ବାଲେଶ୍ୱର, ବରଗଡ଼ ସମ୍ବଲପୁର କେଉଁଝର, ଢେଙ୍କାନାଳ ବିଜୟୀ ହୋଇଛନ୍ତି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖୋର୍ଦ୍ଧ ୭ ଉଇକେଟରେ ରାଉରକେଲାକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୪୮.୧ଓଭରରେ ୧୩୮ରନ କରି ଅଲଆଉଟ ହୋଇଯାଇଥିଲା। ନିମପୁର ଗ୍ରାଉଣ୍ଡରେ ପାରାଦୀପ ବିପକ୍ଷରେ ବାଲେଶ୍ୱର ୧ଉଇକେଟରେ ରୋମାଞ୍ଚକ ବିଜୟ ହାସଲ କରିଛି। ଏଥିରେ ପାରାଦୀପ ୪୭.୫ ଓଭରରେ ୨୨୩ ରନ କରି ଅଲଆଉଟ ହୋଯାଇଥିଲା। ବାଲେଶ୍ୱର ୪୬.୫ ଓଭରରେ ୯ ଉଇକେଟ ବିନିମୟରେ ୨୨୪ ରନ କରି ମ୍ୟାଚ ଜିତି ନେଇଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ବରଗଡ଼ ୫ ଉଇକେଟରେ ବିଜୟ ଲାଭ କରିଛି। ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନବରଙ୍ଗପୁର ୨୮ ଓଭରରେ ମାତ୍ର ୯୨ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ଜବାବରେ ବରଗଡ଼ ୨୦.୩ ଓଭରରେ ୫ଉଇକେଟ ବିନିମୟରେ ୯୩ ରନ କରି ମ୍ୟାଚ ଜିତି ନେଇଥିଲା। ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ସମ୍ବଲପୁର 'ଏ' ୫୮ରନରେ କଟକ 'ବି'କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର 'ଏ' ୪୪.୪ ଓଭରରେ ୨୨୦ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ କଟକ 'ବି' ୩୮.୪ ଓଭରରେ ୧୬୨ ରନ କରି ଅଲଆଉଟ ହୋଇଯାଇଥିଲା। ବିଡାନାସୀ ଗ୍ରାଉଣ୍ଡରେ କନ୍ଧମାଳ ବିପକ୍ଷରେ କେଉଁଝର ୨୪୬ ରନରେ ବିପୁଳ ବିଜୟ ହାସଲ କରିଛି। କେଉଁଝର ପ୍ରଥମେ ବ୍ୟାଟିଂ କରି ପ୍ଲେୟର ଅଫ୍ ମ୍ୟାଚ ସାର୍ଥକ ଏ. ପ୍ରକାଶଙ୍କ ଦ୍ୱିଶତକ ୨୦୧ରନ ସହାୟତାରେ ୪୯.୦ ଓଭରରେ ୭ଉଇକେଟ ବିନିମୟରେ ୪୧୮ ରନ କରିଥିଲା। ଜବାବରେ କନ୍ଧମାଳ ପ୍ରୀତମ କେ. ସାମଲଙ୍କ ଶତକ (୧୦୫) ସହାୟତାରେ ୪୪.୫ ଓଭରରେ ୧୭୨ ରନ କରି ଅଲଆଉଟ ହୋଯାଇଥିଲା।

ସନ୍‌ସାଇନ ଗ୍ରାଉଣ୍ଡରେ ଢେଙ୍କାନାଳ ୧୬୮ ରନରେ ପୁରୀକୁ ପରାସ୍ତ କରିଛି। ଢେଙ୍କାନଳ ପ୍ରଥମେ ବ୍ୟାଟିଂ କରି ପ୍ଲେୟର ଅଫ୍ ଦି ମ୍ୟାଚ ପ୍ରୟାନ ଏସ୍. ସାମଲଙ୍କ ଶତକ (୧୧୭) ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୬ଉଇକେଟ ବିନିମୟରେ ୨୯୮ରନ କରିଥିଲା। ଜବାବରେ ପୁରୀ ୨୬.୧ ଓଭରରେ ୧୩୦ ରନ କରି ଅଲଆଉଟ ହୋଇଯାଇଥିଲା।


ପୁଣେରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଜାତୀୟ ମହିଳା ରଗ୍‌ବୀରେ ରନର୍ ଅପ୍ ଓଡ଼ିଶା ଦଳ। ଫାଇନାଲରେ ଓଡ଼ିଶା ୦-୧୭ରେ ବିହାର ନିକଟରୁ ହାରିଥିଲା।

# ସମ୍ବିତଙ୍କୁ ୬ ଉଇକେଟ



**ଭୁବନେଶ୍ୱର,୨୦।୬ (ସରୋଜ ଜେନା)**

କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ କଳାହାଣ୍ଡି କପ୍ ଫାଇନାଲରେ ୬ ଉଇକେଟ ହାସଲ କରିଛନ୍ତି ଭୁବନେଶ୍ୱର-ଏ ର ସମ୍ବିତ ବରାଳ। ସମ୍ବିତ ୬ ଉଇକେଟ ନେଇଥିବା ବେଳେ ରେଷ୍ଟ ଅଫ ଓଡ଼ିଶା-ସି ପ୍ରଥମ ଦିନରେ ମାତ୍ର ୧୩୪ ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଭୂଷଣ ବିହାରୀ ୫୧ ରନ୍ କରିଥିବା ବେଳେ ଦେବବ୍ରତ ପ୍ରଧାନ ୩୧ ରନ୍ କରିଥିଲେ। ସମ୍ବିତଙ୍କ ବ୍ୟତୀତ ସୁମନ ଦାସ ୧ ଉଇକେଟ ନେଇଥିଲେ। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଭୁବନେଶ୍ୱର ୧ ଉଇକେଟ ହରାଇ ୩୦ ରନ୍ କରିଛି। ସାଇ ଶୁଭମ ୧ ରନ୍ କରିଥିବା ବେଳେ ଦେବବ୍ରତ ଦାସ ୧ ଉଇକେଟ ନେଇଛନ୍ତି।

# ଭାରତୀୟ ଟିମ୍‌ର କାର୍ଯ୍ୟସୂଚୀ ଘୋଷଣା

**ନୂଆଦିଲ୍ଲୀ,୨୦।୬(ପି.ଟି.)**

ଭାରତୀୟ କ୍ରିକେଟ୍ ଦଳର କାର୍ଯ୍ୟସୂଚୀ ଗୁରୁବାର ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି। ସେପ୍ଟେମ୍ବର ୧୯ରୁ ଫେବୃଆରୀ ୧୨ ମଧ୍ୟରେ ଭାରତୀୟ ଦଳ ୫ଟି ଟେଷ୍ଟ, ୮ ଟି୨୦ ଓ ୩ ଦିନିକିଆ ମ୍ୟାଚ୍ ଖେଳିବ। ଏହି ସମୟ ମଧ୍ୟରେ ବାଂଲାଦେଶ, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ଦଳ ଭାରତ ଗସ୍ତ କରିବେ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ(ଡବ୍ଲ୍ୟୁଟିସି) ଅଧୀନରେ ବାଂଲାଦେଶ ଏହାର ଦୁଇଟି ଟେଷ୍ଟ ମ୍ୟାଚ୍ ଚେନ୍ନାଇ ଓ କାନପୁରରେ ଖେଳିବ। ସେହିପରି ନ୍ୟୁଜିଲାଣ୍ଡ ଏହାର ୩ଟି ଯାକ ମ୍ୟାଚ୍ ବେଙ୍ଗାଲୁରୁ , ପୁଣେ ଓ ମୁମ୍ବାଇରେ ଖେଳିବ। ଏହି ୫ ଟେଷ୍ଟ ମ୍ୟାଚ୍ ବ୍ୟତୀତ ଭାରତ ୮ ଟି୨୦ ଓ ୩ ଦିନିକିଆ ମ୍ୟାଚ୍ ଖେଳିବ। ବାଂଲାଦେଶ ସହିତ ୩ ଟି୨୦ ମ୍ୟାଚ୍‌ର ସିରିଜ୍ ଖେଳାଯିବାକୁ ଥିବା ବେଳେ ଇଂଲଣ୍ଡ ବିପକ୍ଷରେ ୫ ଟି୨୦ ଓ ୩ ଦିନିକିଆ ମ୍ୟାଚ୍ ଖେଳିବ ଭାରତ। ଇଂଲଣ୍ଡ ସିରିଜ୍ ଜାନୁଆରୀ ୨୨ରୁ ଫେବୃଆରୀ ୧୨ ମଧ୍ୟରେ ଖେଳାଯିବ। ଏହା ସମାପ୍ତ ହେବା ପରେ ଭାରତ ଚାମ୍ପିୟନ୍ସ ଟ୍ରଫି ଖେଳିବା ପାଇଁ ଗସ୍ତ କରିବ।

**ଭାରତୀୟ ଦଳର କାର୍ଯ୍ୟସୂଚୀ:**

**ବାଂଲାଦେଶ-**

ପ୍ରଥମ ଟେଷ୍ଟ: ଚେନ୍ନାଇ(ସେପ୍ଟେମ୍ବର ୧୯-୨୩)
ଦ୍ୱିତୀୟ ଟେଷ୍ଟ: କାନପୁର(ସେପ୍ଟେମ୍ବର ୨୭- ଅକ୍ଟୋବର ୧)
ପ୍ରଥମ ଟି୨୦: ଧର୍ମଶାଳା, ଅକ୍ଟୋବର ୬
ଦ୍ୱିତୀୟ ଟି୨୦: ଦିଲ୍ଲୀ, ଅକ୍ଟୋବର ୯
ତୃତୀୟ ଟି୨୦: ହାଇଦ୍ରାବାଦ, ଅକ୍ଟୋବର ୧୨

**ନ୍ୟୁଜିଲାଣ୍ଡ-**

ପ୍ରଥମ ଟେଷ୍ଟ: ବେଙ୍ଗାଲୁରୁ (ଅକ୍ଟୋବର ୧୬-୨୦)
ଦ୍ୱିତୀୟ ଟେଷ୍ଟ: ପୁଣେ(ଅକ୍ଟୋବର ୨୪-୨୮)
ତୃତୀୟ ଟେଷ୍ଟ: ମୁମ୍ବାଇ(ନଭେମ୍ବର ୧-୫)।

**ଇଂଲଣ୍ଡ**

ପ୍ରଥମ ଟି୨୦: ଚେନ୍ନାଇ, ଜାନୁଆରୀ ୨୨
ଦ୍ୱିତୀୟ ଟି୨୦: କୋଲକାତା, ଜାନୁଆରୀ ୨୫
ତୃତୀୟ ଟି୨୦: ରାଜକୋଟ, ଜାନୁଆରୀ ୨୮
ଚତୁର୍ଥ ଟି୨୦: ପୁଣେ, ଜାନୁଆରୀ ୩୧
ପଞ୍ଚମ ଟି୨୦: ମୁମ୍ବାଇ, ଫେବୃଆରୀ ୨
ପ୍ରଥମ ଦିନିକିଆ: ନାଗପୁର, ଫେବୃଆରୀ ୬
ଦ୍ୱିତୀୟ ଦିନିକିଆ: କଟକ, ଫେବୃଆରୀ ୯
ତୃତୀୟ ଦିନିକିଆ: ଅହମଦାବାଦ, ଫେବୃଆରୀ ୧୨।

# ଆପାର୍ଟମେଣ୍ଟରୁ ଖସିପଡ଼ି ପୂର୍ବତନ ଭାରତୀୟ ପେସରଙ୍କ ମୃତ୍ୟୁ

**ବେଙ୍ଗାଲୁରୁ,୨୦।୬(ପି.ଟି.)**

ଭାରତର ପୂର୍ବତନ ପେସ୍ ବୋଲର ଡେଭିଡ ଜନସନ ତାଙ୍କ ଆପାର୍ଟମେଣ୍ଟର ୪ର୍ଥ ମହଲା ବାଲ୍‌କୋନୀ ଉପରୁ ଖସି ପଡ଼ି ମୃତ୍ୟୁ ବରଣ କରିଛନ୍ତି। ଏହା ଏକ ଆତ୍ମହତ୍ୟା ଘଟଣା କି ନା ତାହା ପୋଲିସ ତଦନ୍ତ କରି ଦେଖୁଛି। ୫୨ ବର୍ଷୀୟ ଏହି ପୂର୍ବତନ କ୍ରିକେଟର ତାଙ୍କ ସ୍ତ୍ରୀ ଓ ଦୁଇ ପିଲାଙ୍କୁ ଛାଡ଼ି ଚାଲିଯାଇଛନ୍ତି। ଖବର ଅନୁସାରେ ଜନସନ ତାଙ୍କ ଘର ପାଖରେ ଏକ କ୍ରିକେଟ ଏକାଡେମୀ ଚଳାଉଥିଲେ। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଆପାର୍ଟମେଣ୍ଟର ଚତୁର୍ଥ ମହଲା ଉପରୁ ଖସିପଡ଼ିବା ପରେ ଜନସନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ(କେଏସ୍‌ସିଏ)ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ଜଣେ ପୋଲିସ ଅଫିସିଆଲ କହିଛନ୍ତି, କୋଣ୍ଠାନପୁର କନକ ଶ୍ରୀ ଲେଆଉଟସ୍ଥିତ ଏହି ଆପାର୍ଟମେଣ୍ଟ ଉପରୁ ଜନସନ ଯେପରି ଭାବେ ଖସିପଡ଼ିଛନ୍ତି, ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଜନସନ ତାଙ୍କ କ୍ୟାରିୟରରେ ଦୁଇଟି ଟେଷ୍ଟ ଏବଂ ୩୯ ପ୍ରଥମଶ୍ରେଣୀ ମ୍ୟାଚ ଖେଳିଛନ୍ତି। ସେ ତାଙ୍କ ସମୟରେ ଅନିଲ କୁମ୍ବଲେ, ଜାଭାଗଲ ଶ୍ରୀନାଥ, ଭେଙ୍କଟେଶ ପ୍ରସାଦ ଓ ଡୁଡା ଗଣେଶଙ୍କୁ ନେଇ ଗଠିତ କର୍ନାଟକ ବୋଲିଂ ୟୁନିଟ୍‌ର ଅନ୍ୟତମ ସଦସ୍ୟ ଥିଲେ।


ଡେଭିଡ ଜନସନ

# ବିଜୟ ସହ ଶୀର୍ଷରେ ଜର୍ମାନୀ

**ଡସେଲଡର୍ଫ,୨୦।୬(ପି.ଟି.)**

ଜର୍ମାନୀରେ ଅନୁଷ୍ଠିତ ୟୁରୋ କପ୍ ଫୁଟବଲ ୨୦୨୪ରେ ଗୁରୁବାର ଜର୍ମାନୀ ବିଜୟୀ ହୋଇଥିବା ବେଳେ ସ୍କଟଲାଣ୍ଡ, ସୁଇଜରଲାଣ୍ଡ, ସ୍ଲୋଭେନିଆ ଓ ସର୍ବିୟା ପଏଣ୍ଟ ବାଣ୍ଟିଛନ୍ତି। ଆୟୋଜକ ଜର୍ମାନୀ ବୁଧବାର ରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ହଙ୍ଗେରୀକୁ ୨-୦ରେ ପରାସ୍ତ କରିଥିଲା। ସ୍ଲୋଭେନିଆ ୧-୧

**ୟୁରୋ କପ୍ ୨୦୨୪**

ଗୋଲରେ ସର୍ବିୟାକୁ ହରାଇଥିବା ବେଳେ ସ୍କଟଲାଣ୍ଡ ଓ ସୁଇଜରଲାଣ୍ଡ ମ୍ୟାଚ୍ ୧-୧ରେ ଡ୍ର ରହିଥିଲା।

ଏମ୍ଏଚ୍‌ପି ଆରେନାରେ ଖେଳାଯାଇଥିବା ହଙ୍ଗେରୀ ବିପକ୍ଷ ମ୍ୟାଚ୍‌ରେ ଜର୍ମାନୀ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଜମାଲ ମୁସାଇଲା(୨୨) ଓ ଇଲକେ ଗୁଣ୍ଡୋଗାନ(୬୭) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଜର୍ମାନୀ ମ୍ୟାଚ୍‌ରେ ୭୦ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ଦଳ ୧୧ଟି କର୍ନର ପାଇଥିବା ବେଳେ ୨ ମ୍ୟାଚ୍‌ରୁ ୨ ବିଜୟ ସହ ୬ ପଏଣ୍ଟ ଅର୍ଜନ କରି ପ୍ରଥମ ସ୍ଥାନରେ ରହିଛି। ପ୍ରଥମ ମ୍ୟାଚ୍‌ରେ ସ୍କଟଲାଣ୍ଡକୁ ଦଳ ୫-୧ରେ ହରାଇଥିଲା।

ଅନ୍ୟ ଏକ ମ୍ୟାଚ୍‌ରେ ସ୍ଲୋଭେନିଆ ୧-୧ ଗୋଲରେ ସର୍ବିୟା ସହ ପଏଣ୍ଟ ବାଣ୍ଟିଥିଲା। ସ୍ଲୋଭେନିଆ ପକ୍ଷରୁ ଜ୍ୟାନ୍ କାର୍ନିକନିକ୍ ୬୯ ତମ ମିନିଟରେ ଏକମାତ୍ର ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ଷ୍ଟପେଜ୍ ଟାଇମରେ ସର୍ବିୟା ପକ୍ଷରୁ ଲୁକା ଜୋଭିକ୍ ୯୦+୫ ମିନିଟରେ ଏକ ଗୋଲ ଦେଇଥିଲେ। ଶକ୍ତିଶାଳୀ ଦଳ ସର୍ବିୟା ମ୍ୟାଚ୍‌ର ୬୧ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ସ୍ଲୋଭେନିଆ ୨ ମ୍ୟାଚ ଡ୍ର ରଖି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ସର୍ବିୟା ଅନ୍ତିମ ସ୍ଥାନରେ ରହିଛି।

ସୁଇଜରଲାଣ୍ଡ ଓ ସ୍କଟଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ମଧ୍ୟ ୧-୧ରେ ଶେଷ ହୋଇଥିଲା। ସ୍କଟ୍ ମ୍ୟାକ୍ ଟୋମିନେଇ୧୩ ତମ ମିନିଟରେ ସ୍କଟଲାଣ୍ଡ ପକ୍ଷରୁ ଗୋଟିଏ ଗୋଲ ଦେଇଥିବା ବେଳେ ୨୬ ତମ ମିନିଟରେ ଜେର୍ଦାନ ଶାକିରି ସୁଇଜରଲାଣ୍ଡ ପକ୍ଷରୁ ଗୋଲ ପରିଶୋଧ କରିଥିଲେ।



ଗୋଲ୍ ସ୍କୋର ପରେ ଉଲ୍ଲସିତ ଜମାଲ ମୁସାଇଲା।



ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ରାଜ୍ୟ ଶକ୍ତି ଉତ୍ତୋଳନ ସଂଘର କ୍ରୀଡାବିତ।

# ପଣ୍ଡା ସିଷ୍ଟର୍ସଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍

**ଭୁବନେଶ୍ୱର,୨୦।୬ (ସରୋଜ ଜେନା)**

ଭାରତୀୟ ବ୍ୟାଡମିଣ୍ଟନ ତାରକା ତଥା ଓଡ଼ିଆ ଝିଅ ପଣ୍ଡା ସିଷ୍ଟର୍ସ ସେମାନଙ୍କ କ୍ୟାରିୟରର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ହାସଲ କରିଛନ୍ତି। ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ପ୍ରଥମ ଥର ପାଇଁ ମହିଳା ଡବଲ୍ସ ର୍‍ୟାଙ୍କିଙ୍ଗରେ ଶ୍ରେଷ୍ଠ ୫୦ ମଧ୍ୟରେ ସାମିଲ ହୋଇଛନ୍ତି। ଓଡ଼ିଶାର ପ୍ରଥମ ଖେଳାଳି ଭାବେ ଉଭୟ ଏପରି ରେକର୍ଡ କରିଥିବା ବେଳେ ତାଙ୍କର ବର୍ତ୍ତମାନ ର୍‍ୟାଙ୍କିଙ୍ଗ ୪୭ ରହିଛି। ଉଭୟ ବର୍ତ୍ତମାନ୍ କିଟ୍‌ରେ ପାଠ ପଢୁଥିବା ବେଳେ ଉଭୟଙ୍କୁ ଆର୍ଥିକ ସହାୟତା ମଧ୍ୟ ମିଳିଥାଏ। ରତପର୍ଣ୍ଣା ୨୦୨୧ରେ ନିଜର ବିବିଏ ସାରି ବର୍ତ୍ତମାନ ଏମ୍‌ବିଏ କରୁଛନ୍ତି। ଅନ୍ୟ ପକ୍ଷରେ ଶ୍ୱେତପର୍ଣ୍ଣା ୨୦୨୩ରେ ବିବିଏ ପାଠ୍ୟକ୍ରମରେ ନାମ ଲେଖାଇଛନ୍ତି।୨୦୧୮ରୁ ପଣ୍ଡା ସିଷ୍ଟର୍ସଙ୍କୁ କିଟ୍ ପକ୍ଷରୁ ସ୍କୋଲାରଶିପ୍ ମିଳୁଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଅଚ୍ୟୁତ ସାମନ୍ତଙ୍କ ସହ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା।

# ମହିଳା କ୍ରିକେଟ ଦଳରେ ଶବ୍‌ନମ ଶକିଲ

**ମୁମ୍ବାଇ, ୨୦।୬ (ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ଚଳିତ ଘରୋଇ ସିରିଜ ପାଇଁ ମିଡିୟମ ପେସ୍ ବୋଲର ଶବନମ ଶକିଲଙ୍କୁ ଭାରତୀୟ ମହିଳା କ୍ରିକେଟ ଦଳରେ ପ୍ରଥମ ଥର ସୁଯୋଗ ମିଳିଛି। ଦଳର ଅବଶିଷ୍ଟ ସଦସ୍ୟ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ୧୬ ବର୍ଷୀୟ ଏହି ଖେଳାଳିଙ୍କୁ ସମସ୍ତ ତିନୋଟି ଫର୍ମାଟ ପାଇଁ ଦଳରେ ନିଆଯାଇଛି। ବେଙ୍ଗାଲୁରୁରେ ଖେଳାଯିବାକୁ ଥିବା ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ଅନ୍ତର୍ଭୁକ୍ତ। ଦୁଇ ଦଳ ମଧ୍ୟରେ ଚାଲିଥିବା ୩ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୨-୦ରେ ଅଗ୍ରଣୀ ଲାଭ କରିଛି। ରବିବାର ତୃତୀୟ ଦିନିକିଆ ଶେଷ ହେବା ପରେ ଅବଶିଷ୍ଟ ମ୍ୟାଚ ଖେଳିବା ପାଇଁ ଦୁଇ ଦଳ ଚେନ୍ନାଇ ଗସ୍ତ କରିବେ। ସେଠାରେ ଏକମାତ୍ର ଟେଷ୍ଟ ମ୍ୟାଚ ଜୁନ୍ ୨୮ରୁ ଜୁଲାଇ ୧ ପର୍ଯ୍ୟନ୍ତ ଖେଳାଯିବାକୁ ଥିବାବେଳେ ଜୁଲାଇ ୫, ୭ ଓ ୯ରେ ତିନୋଟି ଅନ୍ତର୍ଜାତୀୟ ଟି୨୦ ଖେଳାଯିବ।

**ଅପ୍‌ଡେଟେଡ ଭାରତୀୟ ଦିନିକିଆ ଦଳ:** ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧାନା(ଉପଅଧିନାୟିକା), ଶେଫାଳୀ ବର୍ମା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ (ଉଇକେଟକିପର), ଉମା ଚେତ୍ରୀ (ଉଇକେଟକିପର), ଦୟାଲାନ ହେମଲତା, ରାଧା ଯାଦବ, ଆଶା ଶୋଭନା, ଶ୍ରେୟଙ୍କା ପାଟିଲ, ସାଇକା ଇଶାକ୍, ପୂଜା ବସ୍ତ୍ରାକାର, ରେଣୁକା ସିଂ ଠାକୁର, ଅରୁନ୍ଧତୀ ରାୟ, ପ୍ରିୟା ପୁନିଆ ଓ ଶବନମ ଶକିଲ।

**ଅପ୍‌ଡେଟେଡ ଭାରତୀୟ ଟେଷ୍ଟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳୀ ବର୍ମା, ଶୁଭା ସତୀଶ, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ (ଉଇକେଟକିପର), ଉମା ଚେତ୍ରୀ, ଦୀପ୍ତି ଶର୍ମା, ସ୍ନେହ ରାଣା, ସାଇକା ଇସାକ୍, ରାଜେଶ୍ୱରୀ ଗାଏକ୍ୱାଡ, ପୂଜା ବସ୍ତ୍ରାକାର, ଅରୁନ୍ଧତୀ ରେଡ୍ଡୀ, ରେଣୁକା ସିଂ ଠାକୁର, ମେଘନା ସିଂ, ପ୍ରିୟା ପୁନିଆ ଓ ଶବନମ ଶକିଲ।

Hero

ବେଷ୍ଟ, ଏବେ ଆହୁରି ବି ଉତ୍କୃଷ୍ଟ

NEW Splendor+ XTEC 2.0



Summer CARNIVAL

ଅଫର କେବଳ 30 ଜୁନ୍ ପର୍ଯ୍ୟନ୍ତ ମାନ୍ୟ

₹ 3,000˜ ପର୍ଯ୍ୟନ୍ତ କ୍ୟାଶ ଡିସ୍କାଉଣ୍ଟ




73 km/l ଅଦ୍ଭୁତ ମାଇଲେଜ୍**

କମ ଡାଉନ ପେମେଣ୍ଟ ₹ 4999^ | କମ୍ ସୁଧ ହାର @ 6.99%^ | କୌଣସି ହାଇପୋଥିକେସନ୍ ନାହିଁ^ | ଆଧାର ଆଧାରିତ^ ଲୋନ୍ ଏବଂ କ୍ୟାଶ୍ EMI

Exchange Powered By Wheels of Trust# ସର୍ବୋତ୍ତମ ରିସେଲ୍ ମୂଲ୍ୟ ପାଇଁ ସ୍କାନ୍ କରନ୍ତୁ

INDIA'S FIRST 5 YEAR WARRANTY* *Conditions apply

6000^^ km OR 6 Months ସର୍ଭିସ୍ ଇଣ୍ଟରଭାଲ

କଲ ଟୋଲ-ଫ୍ରି 1800 266 0018

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354|. Accessories and features shown may not be a part of standard fitment. Always wear a helmet while riding a two-wheeler. **Mileage of Splendor xtec 2.0 as per internal testing under standard conditions and may vary as per road & riding conditions. ˜Offer amount & combination of offers may vary for model/variant & states and applicable on select models & valid till 30th June 2024 only. ^Finance offer is at the sole discretion of the financier, subject to its respective T&Cs. ^^Terms & conditions apply. #Based on offers from empaneled dealers on Wheels of Trust platforms. ˜Offer applicable in Orissa only. For more details, visit https://www.heromotocorp.com/ or visit your nearest Hero MotoCorp dealership. Hero MotoCorp reserves the rights to modify or withdraw any or all the offers without prior notice.

**Authorized Dealers: Bhubaneswar: Rohan Hero,** Ph: 9289922474, **Bharat Hero,** Ph: 9289922180, **DD Hero,** Ph: 0674-2747448 / 9439650824, **Arundhati Hero,** Ph: 9289923183, **Cuttack: JMG Hero,** Ph: 9289922178, **Sunny Hero,** Ph: 9289922697, **Essen Hero,** Ph: 9289923078, **Angul: Parbati Hero,** Ph: 9289922902, **Balasore: Neelam Hero,** Ph: 9289922519, **Baripada: Aditya Hero,** Ph: 7799766370, **Bhadrak: Sanjib Hero,** Ph: 9289922608, **Chandikhol: S. K. Hero,** Ph: 9289922900, **Jajpur Road: Soumik Hero,** Ph: 9289922611, **Jaleswar: Sai Hero,** Ph: 9289922844, **Jatni: Vishal Hero,** Ph: 9289922984, **Keonjhar: Supreme Hero,** Ph: 9289922182, **Nayagarh: Bhagabati Hero,** Ph: 9289922687, **Puri: Sanjib Hero,** Ph: 9289923107, **Behrampur: Lakshmi Motors, Dharma Nagar,** Ph: 9289923187, **Lakshmi Automotives, Gajapati Nagar,** Ph: 9289922184, **Jeypore: Supreme Hero,** Ph: 9289922183, **Phulbani: Narayani Hero,** Ph: 9289922991, **Raygada: Ajit Hero,** Ph: 9289922819, **Bargarh: Aakash Hero,** Ph: 9289922181, **Bhawanipatna: Arundhati Hero,** Ph: 9289922837, **Bolangir: Arundhati Hero,** Ph: 9289923033, **Jharsuguda: Vijaylaxmi Hero,** Ph: 9289922595, **Rourkela: Dua Hero,** Ph: 9289922179, **Sambalpur: Sri Shyam Hero,** Ph: 9289922484, **Sonepur: Jai Jawan Hero,** Ph: 9289922800, **Sundergarh: Robotech Hero,** Ph: 9289923063, **Dhenkanal: Som Hero,** Ph: 9289922614, **Talcher: Tarini Hero,** Ph: 9289922736; **Authorized HeroSure Dealers: Bhubaneshwar:** Arundhati Motobikes, Ph- 7682841658, **Rourkela:** Dua Motors, Ph- 6372753989, **Jeypore:** Supreme Sales, Ph- 8144822656.

VML.5733.2024ORI

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ